# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୦/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, July 10/2023 | Page 14 | ₹ 7.00

୪୯ଶ ଭାଗ ୨୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 225 | ମୂଲ୍ୟ ₹୭/-




## ଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ
ଇଂଲଣ୍ଡ ପେସ୍ ବୋଲର ମାର୍କ ଉଡ୍ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଆଶେସ ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୪

୦୨

## ୨୧ରେ ଭାରତ ଆସିବେ ଶ୍ରୀଲଙ୍କା ରାଷ୍ଟ୍ରପତି
ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ଆସନ୍ତା ୨୧ରେ ଦୁଇଦିନିଆ ଭାରତ ଗସ୍ତରେ ଆସିବେ।





ପ୍ରବଳ ବର୍ଷା ଯୋଗୁ ନୂଆଦିଲ୍ଲୀର ରବୀନ୍ଦ୍ର ନଗର ଅଞ୍ଚଳ ଜଳାର୍ଣ୍ଣବ।

# ଉତ୍ତର ଭାରତରେ ବର୍ଷା ବିପ୍ରାତ: ୧୯ ମୃତ

**ନୂଆଦିଲ୍ଲୀ, ୯।୭**

ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ପବନ ସାଙ୍ଗକୁ ଭୂସ୍ଖଳନ ଯୋଗୁ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ଦିଲ୍ଲୀର ଯମୁନା ନଦୀ ସମେତ ବିଭିନ୍ନ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ରାସ୍ତା ବୁଡ଼ିଯିବାରୁ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଯିବାରୁ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ଦିଲ୍ଲୀରେ ବର୍ଷା ୪୧ ବର୍ଷର ରେକର୍ଡ ଭାଙ୍ଗିଛି। ଏହା ପୂର୍ବରୁ ୧୯୮୨ ଜୁଲାଇରେ ଗୋଟିଏ ଦିନରେ ସର୍ବାଧିକ ବର୍ଷା ହୋଇଥିଲା। ରବିବାର ସକାଳ ୮ଟା ୩୦ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ୧୫୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଯମୁନା ନଦୀ ଜଳସ୍ତର ମଙ୍ଗଳବାର ବିପଦ ସଙ୍କେତ ଟପିବ ବୋଲି କୁହାଯାଇଛି। ଜାତୀୟ ରାଜଧାନୀ ଏବଂ ଗୁରୁଗ୍ରାମରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ବର୍ଷା ଯୋଗୁ ଟ୍ରେନ୍ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ନର୍ଦ୍ଦର୍ନ ରେଲୱେ ୧୭ ଟ୍ରେନ୍ ବାତିଲ କରିବା ସହ ୧୨ଟିର ରୁଟ୍ ପରିବର୍ତ୍ତନ କରିଛି।

### ଦିଲ୍ଲୀରେ ୪୧ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳପ୍ରଦେଶ ଏବଂ ଦିଲ୍ଲୀରେ ବର୍ଷା ଲାଗିରହିଥିବାବେଳେ ହିମାଚଳପ୍ରଦେଶର ୩ଟି ସ୍ଥାନରେ ଭୂସ୍ଖଳନ ଯୋଗୁ ୫ ଜଣଙ୍କ ଜୀବନ ଯାଇଛି। ଶିମଲା ଜିଲାର କୋଟଗଡ଼ ଅଞ୍ଚଳରେ ଭୂସ୍ଖଳନ ଯୋଗୁ ଘର ଭୁଶୁଡ଼ି ପରିବାରର ୩ ଜଣଙ୍କ ଜୀବନ ଯାଇଥିବାବେଳେ କୁଲୁ ଏବଂ ଚାମ୍ବା ଜିଲାରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ହିମାଚଳରେ ଗତ ୩୬ ଘଣ୍ଟା ମଧ୍ୟରେ ୧୪ଟି ଭୂସ୍ଖଳନ ଏବଂ ୧୩ଟି ସ୍ଥାନରେ ବର୍ଷାଜନିତ ଆକସ୍ମିକ ବନ୍ୟା ସୃଷ୍ଟି ହୋଇଛି। ଉତ୍ତରାଖଣ୍ଡର ଋଷିକେଶ-ବଦ୍ରିନାଥ ଜାତୀୟ ରାଜପଥର ଗୁଲାର ନିକଟରେ ଭୂସ୍ଖଳନ ଯୋଗୁ ଏକ ଜିପ୍ ଗଙ୍ଗାନଦୀକୁ ଖସିପଡ଼ିବାରୁ ୩ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩ ଜଣ ନିଖୋଜ ଅଛନ୍ତି। ଜିପ୍‌ରେ ୧୧ ଯାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ☞ପୃଷ୍ଠା-୪

# ଅଭିଜିତ୍‌ଙ୍କୁ ଆଇବି, ମହାରାଷ୍ଟ୍ର ଏଟିଏସ୍‌ର ଜେରା

### ଓଡ଼ିଶାରୁ ଆଇଏସ୍ଆଇକୁ ଓଟିପି ଶେୟାରିଂ ମାମଲା

### ପାକିସ୍ତାନୀ ଗୋଇନ୍ଦା ଅଧିକାରୀଙ୍କୁ ଭାରତର ମିଲିଟାରୀ ମ୍ୟାପ୍ ଓ ତଥ୍ୟ ପ୍ରଦାନ କରିଥିବା ସନ୍ଦେହ

**ଭୁବନେଶ୍ୱର, ୯।୭ (ସତ୍ୟଜିତ୍ ରାଉତ)**

ପାକିସ୍ତାନ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ ପୁଣେରୁ ଗିରଫ ହୋଇ ଜେଲରେ ଥିବା ଅଭିଜିତ ସଞ୍ଜୟ ଜମ୍ବୁରେଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରୁଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଜେରା ପ୍ରକ୍ରିୟା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ତେବେ ଆତଙ୍କବାଦୀ ଲିଙ୍କ୍‌ରେ ରବିବାରଠାରୁ ମହାରାଷ୍ଟ୍ର ଆଣ୍ଟି ଟେରରିଜମ୍ ସ୍କ୍ୱାଡ୍ (ଏଟିଏସ୍) ଓ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ତଦନ୍ତକାରୀ ସଂସ୍ଥା 'ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)'ର ଏକ ମିଳିତ ଟିମ୍ ଅଭିଜିତ୍‌ଙ୍କୁ ଜେରା କରୁଛନ୍ତି। ଆଇବିର ୨ ଜଣିଆ ଓ ଏଟିଏସ୍‌ର ୩ ଜଣିଆ ଟିମ୍ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଅଭିଜିତ୍‌ଙ୍କଠାରୁ ଆତଙ୍କବାଦୀ ଲିଙ୍କ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି। ଅଭିଜିତ୍ ଆଇଏସ୍ଆଇ ଅଧିକାରୀ ଅବଦୁଲ ହମିଦ ଓରଫ ଖୁରାମ୍‌ଙ୍କୁ ଭାରତର ମିଲିଟାରୀ ମ୍ୟାପ୍ ଓ ସେନାବାହିନୀର ବିଭିନ୍ନ ମୌଳିକ ତଥ୍ୟ ପ୍ରଦାନ କରିଥିବା ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି। ଏଥିସହ ଅଭିଜିତ୍ ପୂର୍ବରୁ ଓଡ଼ିଶାରୁ ଗିରଫ ହୋଇଥିବା ପଠାଣି ସାମନ୍ତ ଲେଙ୍କାଙ୍କଠାରୁ ଏକାଧିକ ତଥ୍ୟ ନେଇ ଖୁରାମ୍‌ଙ୍କୁ ଦେଇଥିବା ଏବଂ ଏକ୍ଷେତ୍ରରେ ଓଡ଼ିଶାର ସିମ୍ କାର୍ଡ ବ୍ୟବହାର ହୋଇଥିବା ☞ପୃଷ୍ଠା-୪


ବାହାନଗା ଷ୍ଟେଶନ ମାଷ୍ଟରଙ୍କୁ ସିବିଆଇ ସମନ୍

କୁଲଡିହା ଅଭୟାରଣ୍ୟ: ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଗୁରୁତର

୪

ଆଜିର ସମ୍ପାଦକୀୟ

ଜଣେ ହେଉ ବା ୩୫


# ଦିନିକିଆ କ୍ରିକେଟ ବିଶ୍ୱକପ୍: ବର୍ଜନ ଧମକ ଦେଲେ ପାକିସ୍ତାନ କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ, ୯।୭**

ଏସିଆ କପ୍ ଓ ଦିନିକିଆ ବିଶ୍ୱକପ୍ କ୍ରିକେଟ ଖେଳିବା ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ବିବାଦ ଥମିବାର ନାଁ ନେଉନାହିଁ। ଉଭୟ ଟୁର୍ନାମେଣ୍ଟକୁ ନେଇ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଥିବା ବେଳେ ପାକିସ୍ତାନ କ୍ରୀଡ଼ାମନ୍ତ୍ରୀ ଏହଶାନ ମଜାରି ରବିବାର ଦିନିକିଆ କ୍ରିକେଟ ବିଶ୍ୱକପ୍ ବର୍ଜନ ଧମକ ଦେଇଛନ୍ତି। ଭାରତ ଯଦି ଏସିଆ କପ୍ କ୍ରିକେଟ୍ ଖେଳିବାକୁ ପାକିସ୍ତାନ ନ ଯାଏ, ତେବେ ପାକିସ୍ତାନ ମଧ୍ୟ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଖେଳିବାକୁ ଭାରତ ଯିବ ନାହିଁ ବୋଲି ମଜାରି ଇଣ୍ଡିଆନ୍ ଏକ୍ସପ୍ରେସ୍‌କୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ଶନିବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ☞ପୃଷ୍ଠା-୪

# ମୋତେ ଭାରତରେ ରହିବାକୁ ଦିଅ

## ୟୁପି, କେନ୍ଦ୍ର ସରକାରଙ୍କୁ ପାକିସ୍ତାନୀ ମହିଳାଙ୍କ ଆକୁଳ ନିବେଦନ

**ଲକ୍ଷ୍ନୌ, ୯।୭**

ଅନ୍‌ଲାଇନ୍ ଗେମିଂ ଆପ୍ ପବ୍‌ଜିରେ ସାକ୍ଷାତ। କିଛିବର୍ଷର ଭାବ ବିନିମୟ ପରେ ପ୍ରେମ। ତା'ପରେ ସରହଦ ଡେଇଁ ଭାରତକୁ ଆସିଲେ ପାକିସ୍ତାନୀ ମହିଳା ସୀମା ହାଇଦର। ୪ ପିଲାଙ୍କ ମା' ୩୦ ବର୍ଷୀୟା ସୀମା ଆଉ ପାକିସ୍ତାନ ଫେରିବାକୁ ଚାହୁଁନାହାନ୍ତି। ଉତ୍ତର ପ୍ରଦେଶର ଗ୍ରେଟର ନଏଡାରେ ନିଜ ପ୍ରେମିକ ସଚିନ ମୀଣାଙ୍କ ସହ ସବୁଦିନ ରହିବା ପାଇଁ ୟୁପିର ଯୋଗୀ ସରକାରଙ୍କୁ ଅନୁମତି ମାଗିଛନ୍ତି। ସେ ହିନ୍ଦୁଧର୍ମ ଗ୍ରହଣ କରିଥିବାରୁ ପାକିସ୍ତାନ ଫେରିଲେ ସେଠାକାର ଲୋକେ ତାଙ୍କୁ ପଥରରେ ଛେଚି ମାରିଦେବେ। ତେଣୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ ପୂର୍ବକ ଏଠାରେ ରହିବାକୁ


ସୀମା ହାଇଦର ଓ ସଚିନ ମୀଣା

ଦିଅନ୍ତୁ ବୋଲି ସୀମା ଅନୁରୋଧ କରିଛନ୍ତି।

୨୦୧୯ରେ ପାକିସ୍ତାନୀ ମହିଳା ସୀମା ହାଇଦର ଓ ସଚିନ ମୋବାଇଲ ଆପ୍ ପବ୍‌ଜି ଜରିଆରେ ପରସ୍ପରକୁ ଭେଟିଥିଲେ। ସମୟ

### ପବ୍‌ଜିରେ ପ୍ରେମ, ନେପାଳରେ ବିବାହ, ପାକ୍ ଫେରିଲେ ହତ୍ୟା ଭୟ

ଗଡ଼ିଚାଲିବା ସହ ଦୁହିଁଙ୍କ ମଧ୍ୟରେ ନିବିଡ଼ତା ବଢ଼ିଚାଲିଥିଲା। ଶେଷରେ ଦୁହେଁ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଲେ। ନିଜଠାରୁ ୫ ବର୍ଷ ସାନ ଜଣେ ଭାରତୀୟ ଯୁବକଙ୍କ ପ୍ରେମ ସୀମାଙ୍କୁ ସୀମା ଅତିକ୍ରମ କରିବାକୁ ଆକର୍ଷିତ କରିଥିଲା। ଗତ ମାର୍ଚ୍ଚରେ ସୀମା ପାକିସ୍ତାନରୁ ଓ ସଚିନ ଭାରତରୁ ନେପାଳ ଯାଇ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। କାଠମାଣ୍ଡୁରେ ସେମାନେ ୭ ଦିନ ବିତାଇବା ଭିତରେ ମାର୍ଚ୍ଚ ୧୩ରେ ବିବାହ କରିଥିଲେ। ଏଥିସହ ଭବିଷ୍ୟତରେ ପୁଣି ସାକ୍ଷାତ ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ☞ପୃଷ୍ଠା-୪


# ଉଦାହରଣ ସୃଷ୍ଟି କଲେ ସଂଜୟ ହଂସ

## ଠିକ୍ ସମୟରେ କର ଦାଖଲ ପାଇଁ ସିବିଆଇସିର ପ୍ରଶଂସା

ସଂପ୍ରତି ସରକାରଙ୍କ ଧ୍ୟାନ ବିକାଶମୂଳକ ପଦକ୍ଷେପ ଏବଂ ଦୁର୍ନୀତି ନିରୋଧି ଅଭିଯାନ ଉପରେ ରହିଛି। ରାଷ୍ଟ୍ର ନିର୍ମାଣର ଏହି ଉତ୍ସାହ ଏବେ ସାରା ଦେଶରେ ଦେଖିବାକୁ ମିଳୁଛି। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ଯାଇନାହିଁ।

ଏହି ଉତ୍ସାହ ବିଭିନ୍ନ ଭାବରେ ପ୍ରତିଫଳିତ ହେଉଛି।

ଏହାର ଏକ ଉତ୍ତମ ଉଦାହରଣ ହେଉଛି, ଲାଲ୍‌ଚାନ୍ଦ୍ ଗ୍ରୁପର ପ୍ରତିଷ୍ଠାତା ସଂଜୟ ହଂସଙ୍କୁ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଇଣ୍ଡାଇରେକ୍ଟ ଟାକ୍ସେସ୍ ଆଣ୍ଡ୍ କଷ୍ଟମ୍‌ସ୍ (ସିବିଆଇସି) ତରଫରୁ ମିଳିଥିବା ପ୍ରଶଂସାପତ୍ର।

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ, ସମ୍ମାନିତ ତଥା ପ୍ରତିଭାଶାଳୀ ଉଦ୍ୟୋଗୀମାନଙ୍କ ମଧ୍ୟରୁ ଶ୍ରୀ ହଂସ ଏହି ପ୍ରଶଂସାପତ୍ର ଗ୍ରହଣ କରିଥିଲେ। ଏଥିରେ ଥିବା ସନ୍ଦେଶରେ ଲେଖାଅଛି - "୨୦୨୨-୨୩ ଆର୍ଥିକ ବର୍ଷରେ ତୁରନ୍ତ ରିଟର୍ଣ୍ଣ ଦାଖଲ ଓ ଦ୍ରବ୍ୟ ଏବଂ ସେବା ଟିକସ ଦେୟ ପଇଠ କରି ଏକ ଶକ୍ତିଶାଳୀ ଏବଂ ସ୍ଥାୟୀ ରାଷ୍ଟ୍ର ଗଠନରେ ସହଯୋଗ କରିଥିବାରୁ ସିବିଆଇସି ତରଫରୁ ଶ୍ରୀ ସଂଜୟ ହଂସଙ୍କୁ ପ୍ରଶଂସା"।


ଲାଲ୍‌ଚାନ୍ଦ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ସଂଜୟ ହଂସ

ଶ୍ରୀ ହଂସ କହିଲେ- "ଅତି କମ୍‌ରେ ମୁଁ ଏତିକି ତ କରିପାରେ! ଯଦି ଆମେ ଗଣତନ୍ତ୍ର ପାଇଁ ଗର୍ବିତ, ଯେଉଁଠି ସରକାର ଲୋକମାନଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପୂରଣ କରିପାରିବେ।"

"ପ୍ରମାଣପତ୍ର ସହିତ ମୋତେ ସମ୍ମାନିତ କରିଥିବାରୁ ମୁଁ ସିବିଆଇସିର ଅଧ୍ୟକ୍ଷ ଶ୍ରୀ ବିବେକ ଜୋହରିଙ୍କୁ ଗଭୀର କୃତଜ୍ଞତା ଜଣାଇବାକୁ ଚାହୁଁଛି। ମୁଁ ଏହାକୁ ଖୁବ୍ ଆନନ୍ଦର ସହିତ ସାଇତି ରଖିବି।"

ସେ ଆହୁରି କହିଲେ ଯେ-"ମୁଁ ମଧ୍ୟ ଆନ୍ତରିକତାର ସହ ଆଶା କରୁଛି ଯେ ଭାରତର ସମସ୍ତ ଟିକସ ଯୋଗ୍ୟ ନାଗରିକମାନେ ଯେ କୌଣସି କ୍ଷେତ୍ରରେ କାର୍ଯ୍ୟ କରନ୍ତୁ ନା କାହିଁକି, ଠିକ୍ ସମୟରେ ଟିକସ ଦିଅନ୍ତୁ । ତା'ହେଲେ ସେଦିନ ଆଉ ଦୂର ନୁହେଁ ଯେବେ ଆମେ ବିଶ୍ୱର ସବୁଠୁ ବିକଶିତ ରାଷ୍ଟ୍ରର ମାନ୍ୟତା ହାସଲ କରିବୁ।"

ସବୁବେଳେ ଦୃଷ୍ଟାନ୍ତ ରହିଛି ଯେ, ସଚ୍ଚୋଟ ଓ ପରିଶ୍ରମୀ ଲୋକମାନେ ହିଁ ରାଷ୍ଟ୍ରକୁ ମହାନ କରିଥାନ୍ତି।


6 YEARS OF GST
G20
1 NATION TAX MARKET

Government of India
Ministry of Finance

CERTIFICATE OF APPRECIATION

*The Central Board of Indirect Taxes and Customs conveys its appreciation to* SUNJOY HANS *having GST registration number* 21ABCPH4008G1ZG *for their prompt filing of returns and payment of Goods and Services Tax during the financial year 2022-23, thereby substantially contributing to building a strong and resilient nation.*

Vivek Johri
Chairman

आज़ादी का अमृत महोत्सव

ଏକ ସାମାଜିକ, ରାଜନୈତିକ ସଚେତନ ତଥା ଆର୍ଥିକ ଦାୟିତ୍ୱବାନ ନାଗରିକ ଭାବରେ ଶ୍ରୀ ହଂସ ଜାଣନ୍ତି ଯେ, ଦେଶର ପ୍ରଗତି ପାଇଁ ଠିକ ସମୟରେ ଟିକସ ପଇଠ କରିବା କେତେ ଗୁରୁତ୍ୱପୂର୍ଣ୍ଣ।

ପାଇଁ, ସେଠାରେ ନାଗରିକ ଭାବେ ଆମେ ଆମର ଭୂମିକା ନିର୍ବାହ କରିବା ନିହାତି ଆବଶ୍ୟକ। ସରକାରଙ୍କୁ ସହଯୋଗ କରିବା ଦରକାର। ଯାହାଫଳରେ ସରକାର ଦେଶକୁ ଆଗକୁ ବଢ଼ାଇବାପାଇଁ ଦେଇଥିବା ପ୍ରତିଶୃତିକୁ

LALCHND
Trusted Brand Since 1948

## ସଂକ୍ଷେପରେ

### ୫ ବର୍ଷର ଶିଶୁଙ୍କୁ ଗୁଳିକରି ହତ୍ୟା

**ପାଟନା, ୯।୭:** ବିହାରର ସମସ୍ତିପୁର ଜିଲା ବିଥାନ ଥାନା ଅନ୍ତର୍ଗତ ସାମା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ୫ ବର୍ଷର ଶିଶୁକୁ ଗୁଳିକରି ହତ୍ୟା କରାଯାଇଛି। ଶିଶୁଟିର ପରିବାର ସଦସ୍ୟ ଓ ସେମାନଙ୍କ ପଡ଼ୋଶୀଙ୍କ ମଧ୍ୟରେ ଜମିଜମା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ମୃତ ଆର୍ଯ୍ୟନ କୁମାର ହେଉଛନ୍ତି ବିପିନ କୁମାରଙ୍କ ପୁଅ। ଆର୍ଯ୍ୟନଙ୍କ ହତ୍ୟା ନେଇ ତାଙ୍କ ପରିବାର ପଡୋଶୀ ଛୋଟୁ ଯାଦବ (୧୮)ଙ୍କ ବିରୋଧରେ ଥାନାରେ ଏତଲା ଦେଇଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ତାଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଛୋଟୁକୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଥିବା ଏସ୍‌ଡିପିଓ କହିଛନ୍ତି।

### ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ୬ ମୃତ

**ଇସ୍‌ଲାମାବାଦ, ୯।୭(ପି.ଟି.):** ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ୩ ମହଲା ହୋଟେଲ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଝେଲୁମ୍ ଅନ୍ତର୍ଗତ ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍‌ରେ ଅବସ୍ଥିତ ହୋଟେଲର କିଚେନ୍‌ରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭଗ୍ନାବଶେଷ ତଳେ ଆଉ ୪/୫ ଜଣ ରହିଥିବା ଆଶଙ୍କା କରାଯାଉଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ୩ ପଡ଼ୋଶୀଙ୍କୁ ହାତୁଡ଼ିରେ ପିଟି ହତ୍ୟା

**ଲୁଧିଆନା, ୯।୭:** ପଞ୍ଜାବର ଲୁଧିଆନା ଅନ୍ତର୍ଗତ ସାଲେମ ଟାବ୍ରି ଅଞ୍ଚଳରେ ଗୋଟିଏ ପରିବାରର ୩ ବରିଷ୍ଠ ବ୍ୟକ୍ତିଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଥିବା ପଡୋଶୀଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ୪୬ ବର୍ଷୀୟ ରବିନ ଓରଫ ମୁନ୍ନା ଜଣେ ଇ-ରିକ୍ସା ଡ୍ରାଇଭର। ତାଙ୍କର ପିଲା ଜନ୍ମକୁ ନେଇ ପଡୋଶୀ ବୃଦ୍ଧା ସୁରିନ୍ଦର କୌର ସବୁବେଳେ ତାଙ୍କୁ ଚିଡ଼ାଉଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ମୁନ୍ନା ଗୁରୁବାର ସକାଳେ ୭୦ ବର୍ଷୀୟ କୌର, ତାଙ୍କ ସ୍ୱାମୀ ଚମନ ଲାଲ୍(୭୫) ଏବଂ ୯୦ ବର୍ଷୀୟା ଶାଶୁଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଥିଲେ। ଗିରଫ ହେବା ପରେ ମୁନ୍ନା ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଛନ୍ତି। ଏହାକୁ ଦୁର୍ଘଟଣା ରୂପ ଦେବା ପାଇଁ ସେ ସେମାନଙ୍କ ଗ୍ୟାସ ସିଲିଣ୍ଡର ଖୋଲିଦେବା ସହ ଧୂପବତି ଲଗାଇଦେଇଥିଲେ, ଯେପରି ଘର ଜଳିଯିବ। ପୋଲିସ ଘଟଣାସ୍ଥଳରୁ ରକ୍ତଲଗା ହାତୁଡ଼ି ଜବତ କରିଛି।

### ମଣିପୁର ହିଂସାବେଳେ ୧୨୦୦ ପୋଲିସ ଡ୍ୟୁଟିରୁ ନିଖୋଜ ଥିଲେ

**ଇମ୍ଫାଲ, ୯।୭:** ମଣିପୁରରେ ଦୁଇମାସରୁ ଉର୍ଦ୍ଧ୍ୱ ହିଂସାକାଣ୍ଡ ଲାଗିରହିଥିବାବେଳେ ଗତ ମାସରେ ବରିଷ୍ଠ ଆଇପିଏସ୍ ଅଫିସର ରାଜୀବ ସିଂ ପୋଲିସ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସେ ପୋଲିସ କର୍ମଚାରୀମାନଙ୍କୁ ଏକଜୁଟ୍ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ମଣିପୁରରେ ୪୫ ହଜାର ପୋଲିସ ଥିବାବେଳେ ଜାତିଆଣ ସଂଘର୍ଷ ବେଳେ ସେମାନଙ୍କ ମଧ୍ୟରୁ ମେଇତି ସମ୍ପ୍ରଦାୟର ପୋଲିସ କର୍ମଚାରୀମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ଇମ୍ଫାଲ ଉପତ୍ୟକାକୁ ଏବଂ କୁକି ସମ୍ପ୍ରଦାୟର ପୋଲିସ କର୍ମଚାରୀଙ୍କୁ ପାର୍ବତ୍ୟାଞ୍ଚଳକୁ ପଠାଯାଇଥିଲା। ସିଂ ଡିଜି ଭାବେ ଦାୟିତ୍ୱ ନେବା ପରେ ପାଖାପାଖି ୧,୨୦୦ ପୋଲିସ କର୍ମଚାରୀ ଡ୍ୟୁଟିରେ ନ ଥିବା ଜାଣିବାକୁ ପାଇଥିଲେ। ସେମାନଙ୍କୁ ଚିହ୍ନଟ କରିବା ସହ ଡ୍ୟୁଟିକୁ ଫେରାଇ ଆଣିବା ସିଂଙ୍କ ପ୍ରଥମ କାର୍ଯ୍ୟ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧,୧୫୦ କର୍ମଚାରୀ ଡ୍ୟୁଟିକୁ ଫେରିଲେଣି ବୋଲି ଜଣେ ଅଧିକାରୀ କହିଛନ୍ତି।

### ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଗିରଫ


ଓ.ପି. ସୋନି

**ଚଣ୍ଡିଗଡ଼, ୯।୭:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବରିଷ୍ଠ କଂଗ୍ରେସ ନେତା ତଥା ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଓ.ପି. ସୋନିଙ୍କୁ ରବିବାର ରାଜ୍ୟ ଭିଜିଲାନ୍ସ ବିଭାଗ ଗିରଫ କରିଛି। ୨୦୧୬ରୁ ୨୦୨୨ କଂଗ୍ରେସ କ୍ଷମତାରେ ଥିବାବେଳେ ସୋନିଙ୍କ ସମ୍ପତ୍ତି ଅତ୍ୟଧିକ ବଢ଼ିଥିଲା। ୨୦୨୨ ଅକ୍ଟୋବର ୧୦ରେ ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତକାରୀ ସଂସ୍ଥା ସୂଚନା ଅନୁଯାୟୀ ୨୦୧୬ ଏପ୍ରିଲ ୧ରୁ ୨୦୨୨ ମାର୍ଚ୍ଚ ୩୧ ମଧ୍ୟରେ ସୋନି ଓ ତାଙ୍କ ପରିବାରର ଆୟ ୪.୫ କୋଟି ଟଙ୍କା ଏବଂ ବ୍ୟୟ ୧୨.୫ କୋଟି ଟଙ୍କା ଦର୍ଶାଯାଇଥିଲା।

# ୧୭ ବର୍ଷୀୟାଙ୍କୁ ଅର୍ଥ ଦେଇ ନ୍ୟୁଡ୍ ଫଟୋଶୁଟ୍

**ବିବିସିର ଜଣାଶୁଣା ଉପସ୍ଥାପକ ଗ୍ରାହାମ୍ ନର୍ଟନ ପର୍ନ ଫଟୋଶୁଟ୍ ପାଇଁ ଜଣେ ସ୍ୱଳ୍ପବୟସ୍କାଙ୍କୁ ବିପୁଳ ଅର୍ଥ ଦେଇଥିବା ଅଭିଯୋଗ ଆସିଛି। ଏହା ଉପରେ ସମ୍ପ୍ରତି ଇଣ୍ଟରନେଟ୍‌ରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ଏନେଇ ମୁହଁ ଖୋଲିବା ପାଇଁ ବ୍ରିଟେନ୍‌ର ହାଇପ୍ରୋଫାଇଲ୍ ସେଲିବ୍ରିଟିମାନେ କୁଣ୍ଠାବୋଧ କରୁଛନ୍ତି। ଏପରି କି ସମ୍ଭାବ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଭୟରେ ଅନେକ ଗଣମାଧ୍ୟମ ଗ୍ରାହାମ୍‌ଙ୍କ ନାମ ମଧ୍ୟ ପ୍ରକାଶ କରୁନାହାନ୍ତି।**

ଲଣ୍ଡନ, ୯।୭
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

## ବିବାଦରେ ବିବିସି ଉପସ୍ଥାପକ



ଗ୍ରାହାମ୍ ନର୍ଟନ

ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି)ର ଜଣେ ବରିଷ୍ଠ ଉପସ୍ଥାପକଙ୍କ ଅନୈତିକ କାର୍ଯ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି ହୋଇଛି। ଲୋକପ୍ରିୟ କାର୍ଯ୍ୟକ୍ରମ 'ଦି ଗ୍ରାହାମ୍ ନର୍ଟନ ଶୋ'ର ହୋଷ୍ଟ ଗ୍ରାହାମ୍ ନର୍ଟନ ଜଣେ ସ୍ୱଳ୍ପବୟସ୍କାଙ୍କୁ ଅଶ୍ଳୀଳ ଫଟୋ ପାଇଁ ଅର୍ଥ ଦେଇଥିବା ଅଭିଯୋଗ ଆସିବା ପରେ ବ୍ରିଟେନ୍‌ର ବରିଷ୍ଠ ରାଜନେତାମାନେ ରବିବାର ଏହାର ତ୍ୱରିତ ତଦନ୍ତ ପାଇଁ ଟିଭି ଚ୍ୟାନେଲକୁ ତାଗିଦ କରିଛନ୍ତି। ସଂସ୍କୃତି ସଚିବ ଲୁସି ଫ୍ରାଜର ଦେଶର ଏହି ଜାତୀୟ ଗଣମାଧ୍ୟମର ମହାନିର୍ଦ୍ଦେଶକ ଟିମ୍ ଡାଭିଏଙ୍କ ସହ ଜରୁରୀ ଆଲୋଚନା କରିଛନ୍ତି। ସୋସିଆଲ ମିଡିଆରେ ଫ୍ରାଜର କହିଛନ୍ତି, ଏହା ଅତ୍ୟନ୍ତ ଗମ୍ଭୀର ବିଷୟ। ସମ୍ବେଦନଶୀଳ ଭାବେ ଅଭିଯୋଗର ତତ୍କାଳ ତଦନ୍ତ ଜରୁରୀ। ବିରୋଧୀ ଲେବର ପାର୍ଟିର ଅର୍ଥନୀତି ମୁଖପାତ୍ର ରାଚେଲ୍ ରିଭେସ୍ କହିଛନ୍ତି, ବିବିସି ତଦନ୍ତ ପ୍ରକ୍ରିୟାକୁ ତ୍ୱରିତ କରିବା ଏବଂ ନିଜ ଘର ସଜାଡ଼ିବା ଆବଶ୍ୟକ।

୬୦ ବର୍ଷୀୟ ଆୟର୍ଲାଣ୍ଡ ନାଗରିକ ଗ୍ରାହାମ ୱିଲିୟମ୍ ୱାକର ଏକାଧାରରେ ଜଣେ ଅଭିନେତା, କମେଡିଆନ୍, ଲେଖକ ଓ ଟେଲିଭିଜନ ଉପସ୍ଥାପକ। ନିଜ ଉଚ୍ଚକୋଟୀର ଉପସ୍ଥାପନା ପାଇଁ ସେ ୫ ଥର ବାଫ୍ଟା ପୁରସ୍କାର ସମେତ ଅନେକ ସମ୍ମାନ ପାଇଛନ୍ତି। ବ୍ରିଟେନରେ ଗ୍ରାହାମ୍ ନର୍ଟନ ନାମରେ ପରିଚିତ ଏହି ବ୍ୟକ୍ତିଙ୍କ ନାମରେ ଆସିଛି ସାଂଘାତିକ ଅଭିଯୋଗ। ୨୦୨୦ରେ ଜଣେ ୧୭ ବର୍ଷୀୟାଙ୍କୁ ଗ୍ରାହାମ୍ ୩୫,୦୦୦ ପାଉଣ୍ଡ (୪୫,୦୦୦ ଆମେରିକୀୟ ଡଲାର) ଦେଇ ବିବସ୍ତ୍ର ହେବାକୁ କହିଥିଲେ ଏବଂ ତାଙ୍କ ଖୋଲାଦେହର ଫଟୋ ଉଠାଇଥିଲେ। ଏହି ଧାରା ଅନେକ ଦିନ ଧରି ଚାଲିଥିଲା। ବ୍ରିଟେନ୍‌ରେ ଯୌନ ସମ୍ପର୍କ ପାଇଁ ସହମତି ବୟସ ୧୬ ହୋଇଥିଲେ ହେଁ ୧୮ ବର୍ଷରୁ କମ୍ ବୟସର କୌଣସି ବ୍ୟକ୍ତିଙ୍କ ଅଶ୍ଳୀଳ ଫଟୋ ଉଠାଇବା/ରଖିବା ଏକ ଅପରାଧ। 'ଦି ସନ୍'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ସ୍ୱଳ୍ପବୟସ୍କା ପୀଡ଼ିତାଙ୍କ ମା' ଏନେଇ ଗତ ମେ'ରେ ବିବିସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଗ୍ରାହାମଙ୍କ ବିରୋଧରେ ବିବିସି କି କାର୍ଯ୍ୟାନୁଷ୍ଠାନ ନେଇଛି ତାହା ଜଣାପଡ଼ିନାହିଁ। କିନ୍ତୁ ଜଣେ ଉପସ୍ଥାପକଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ ହୋଷ୍ଟ ଜଣକ ଗ୍ରାହାମ ହୋଇଥାଇପାରନ୍ତି ବୋଲି କୁହାଯାଉଛି।

ବିବିସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଆମେ ସବୁ ପ୍ରକାର ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀରତା ସହ ନେଇଥାଉ ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଛୁ। କୌଣସି ସମୟରେ ନୂଆ ତଥ୍ୟ ସାମ୍ନାକୁ ଆସିଲେ କିମ୍ବା ଆମକୁ ଦିଆଗଲେ ତତ୍ପରତା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବ୍ରିଟେନ୍ ଗଣମାଧ୍ୟମଗୁଡ଼ିକରେ କୁହାଯାଇଛି ଯେ, ଏହି ଉପସ୍ଥାପକ (ଗ୍ରାହାମ୍)ଙ୍କୁ ନିକଟ ଭବିଷ୍ୟତରେ କୌଣସି ଟିଭି ଚ୍ୟାନେଲରେ ଦେଖିବାକୁ ମିଳିବ ନାହିଁ। କିନ୍ତୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।

କମର୍ସିଆଲ ବ୍ରଡ୍‌କାଷ୍ଟର (ବ୍ୟବସାୟିକ ପ୍ରସାରଣକାରୀ ଚ୍ୟାନେଲ) ଆଇଟିଭି ନିକଟରେ ଏକ ସ୍କାଣ୍ଡାଲରେ ଫସିଥିଲା। ଏହାର ସବୁଠୁ ପୁରୁଣା ହୋଷ୍ଟ ଫିଲିପ୍ ସ୍କୋଫିଲ୍ଡ ନିଜଠୁ ବୟସରେ ବହୁ ସାନ ଜଣେ ସହକର୍ମୀଙ୍କ ସହ ସମ୍ବନ୍ଧ ରଖିଥିବା ବିଷୟରେ ପୂର୍ବରୁ ମିଛ କହିଥିବା ଗତ ମେ'ରେ ସ୍ୱୀକାର କରିଥିଲେ। ଆଇଟିଭିର ଏକ 'ବିଷାକ୍ତ' କାର୍ଯ୍ୟ ସଂସ୍କୃତି ରହିଆସିଛି ଏବଂ ନିଜ ଷ୍ଟାର୍‌ମାନଙ୍କ ଅପକର୍ମକୁ ସଂସ୍ଥା ପକ୍ଷରୁ ଘଷି ଘୋଡ଼ାଯାଉଛି। ଏହାର ଜବାବ ଦେବା ପାଇଁ ଆଇଟିଭି ଏକ୍ସିକ୍ୟୁଟିଭ୍‌ମାନଙ୍କୁ ପାର୍ଲାମେଣ୍ଟକୁ ସମନ୍ କରାଯାଇଥିଲା। ବ୍ରିଟେନ୍‌ର ଟିକସଦାତାମାନଙ୍କ ଅର୍ଥରେ ପରିଚାଳିତ ହେଉଥିବାରୁ ବିବିସିରେ ଅନ୍ୟ ବ୍ରଡ୍‌କାଷ୍ଟରଗୁଡ଼ିକ ତୁଳନାରେ କଡ଼ା ନିୟମ ରହିଛି ଏବଂ ନିରପେକ୍ଷ ଖବର ପରିବେଷଣ ପାଇଁ ଏହି ସଂସ୍ଥା ପ୍ରତିଶ୍ରୁତିବଦ୍ଧ। ଏହାସତ୍ତ୍ୱେ ଗ୍ରାହାମ୍‌ଙ୍କ ବିରୋଧରେ ଆଗତ ଅଭିଯୋଗକୁ ନେଇ ଅଦ୍ୟାବଧି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଜଣା ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।



"ଏହା ଏକ ଅତ୍ୟନ୍ତ ଗମ୍ଭୀର ବିଷୟ। ସମ୍ବେଦନଶୀଳ ଭାବେ ଅଭିଯୋଗର ତତ୍କାଳ ତଦନ୍ତ ଜରୁରୀ।
-ଲୁସି ଫ୍ରାଜର, ବ୍ରିଟେନ୍ ସଂସ୍କୃତି ସଚିବ

### ପୀଡ଼ିତାଙ୍କୁ ନ୍ୟାୟ ମିଳୁ

ଯଦିଓ ସାମାଜିକ ଗଣମାଧ୍ୟମ ବିତର୍କ ଓ ବାକ୍ ସ୍ୱାଧୀନତା ପାଇଁ ଏକ ମଞ୍ଚ ସୃଷ୍ଟି କରିଥାଏ, ତଥାପି ଏହା ମାଧ୍ୟମରେ ବିନା ପ୍ରମାଣରେ ଜଣଙ୍କ ସମ୍ମାନହାନି ହେବା ଭଳି ଅଭିଯୋଗ ଅଣାଯିବା ଅନୁଚିତ। ମିଥ୍ୟା ଅଭିଯୋଗ ଶେୟାର କରିବା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନର ଅପୂରଣୀୟ କ୍ଷତି ସାଧିତ ହୋଇଥାଏ। ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟାରେ ଅଭିଯୋଗ ପ୍ରମାଣିତ ନ ହେବା ଯାଏ ସେ ନିରୀହ ବୋଲି ଧରାଯାଏ। ସମ୍ଭବତଃ ଏହି କାରଣରୁ ଗଣମାଧ୍ୟମ ଓ ଇଣ୍ଟରନେଟ୍ କମ୍ୟୁନିଟି ଲୋକପ୍ରିୟ ଟେଲି ପ୍ରେଜେଣ୍ଟର ଗ୍ରାହାମ୍ ନର୍ଟନଙ୍କ ନାମ ପ୍ରକାଶ କରୁନାହାନ୍ତି। ଗ୍ରାହାମ୍ ମଧ୍ୟ ନିଜ ବିରୋଧରେ ଆଗତ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇନାହାନ୍ତି। ଅନ୍ୟପକ୍ଷେ ଏହି ସ୍କାଣ୍ଡାଲ ନ୍ୟୁଜ୍ ଓ ମନୋରଞ୍ଜନ ଶିଳ୍ପରେ ହଇଚଇ ସୃଷ୍ଟି କରିଛି। ବହୁ ଲୋକ ଗ୍ରାହାମ୍‌ଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ଗୁଗଲରେ ସର୍ଚ୍ଚ କରୁଥିବାବେଳେ ତଦନ୍ତର ପରିଣାମକୁ ସାଧାରଣ ଜନତା ଅପେକ୍ଷା କରିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ମିଳୁ ବୋଲି ଅନେକେ କହିଛନ୍ତି।

# ଦିଗ୍‌ବିଜୟ ସିଂଙ୍କ ନାଁରେ ଏତଲା

**ଆର୍‌ଏସ୍‌ଏସ୍ ପୂର୍ବତନ ମୁଖ୍ୟଙ୍କ ବିରୋଧରେ ବିବାଦୀୟ ପୋଷ୍ଟ**

ଭୋପାଳ, ୯।୭

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ପୂର୍ବତନ ମୁଖ୍ୟ ମାଧବ ସଦାଶିବ ଗୋଲୱାଲକର(ଗୁରୁଜୀ)ଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କ ବିରୋଧରେ ଇନ୍ଦୋରର ତୁକୋଗଞ୍ଜ ଥାନାରେ ଏତଲା ଦାଏର ହୋଇଛି। ତାଙ୍କ ବିରୋଧରେ ଆଇପିସିର ଦଫା ୧୫୩ଏ, ୪୬୯, ୫୦୦ ଏବଂ ୫୦୫ରେ ମାମଲା ରୁଜୁ ହୋଇଛି। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ଶନିବାର ଟୁଇଟ୍ କରିଥିବା ଏକ ପୋଷ୍ଟରରେ କ୍ୟାପ୍‌ଶନ ରଖିଥିଲେ, 'ଦଳିତ, ପଛୁଆ ବର୍ଗ ଓ ମୁସଲମାନ ଏବଂ ଜାତୀୟ ଜଳ, ଜଙ୍ଗଲ ଓ ଜମି ଅଧିକାର ଉପରେ ଗୋଲୱାଲକରଙ୍କ ବିଚାରଧାରା କ'ଣ ଥିଲା ଜାଣନ୍ତୁ।' ଦଳିତ, ପଛୁଆ ବର୍ଗ ଏବଂ ମୁସଲମାନଙ୍କୁ ସମାନ ଅଧିକାର ଦିଆଯିବା ଅପେକ୍ଷା ସେ ବ୍ରିଟିଶ ଶାସନରେ ରହିବାକୁ ପସନ୍ଦ କରିବେ ବୋଲି ଗୋଲ୍‌ୱାଲକର କହୁଥିବା ସେଥିରେ ଲେଖାଯାଇଛି। ଏହାର ଜବାବରେ ଆର୍‌ଏସ୍‌ଏସ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁନୀଲ ଆମ୍ବେଡ୍‌କର ଲେଖିଛନ୍ତି, ଗୁରୁଜୀଙ୍କ ବିଷୟରେ ହୋଇଥିବା ଟୁଇଟ୍‌ର କୌଣସି ସତ୍ୟତା ନାହିଁ। ଏହା ସାମାଜିକ ସଦ୍‌ଭାବ ନଷ୍ଟ କରିବ। ସଂଘ ଭାବମୂର୍ତ୍ତି ନଷ୍ଟ କରିବା ଉଦ୍ଦେଶ୍ୟରେ ଏହି ମିଥ୍ୟା ଫଟୋଶପ୍ ହୋଇଥିବା ଛବି ପୋଷ୍ଟ କରାଯାଇଛି। ଗୁରୁଜୀ କଦାପି ଏଭଳି କଥା କହି ନ ଥିବେ। ସାମାଜିକ ଭେଦଭାବ ଦୂର କରିବାରେ ସେ ସାରା ଜୀବନ ଉତ୍ସର୍ଗ କରିଥିଲେ ବୋଲି ସୁନୀଲ କହିଛନ୍ତି। ଆଇନଜୀବୀ ରାଜେଶ ଜୋଷୀ ଦିଗ୍‌ବିଜୟଙ୍କ ବିରୋଧରେ ଏତଲା ଦେଇଛନ୍ତି।


କଂଗ୍ରେସ ନେତା ଦିଗ୍‌ବିଜୟ ସିଂ


ଖରାପ ପାଗ ଯୋଗୁ ଅମରନାଥ ଯାତ୍ରାକୁ କ୍ରମାଗତ ତୃତୀୟ ଦିନ ଧରି ବନ୍ଦ କରାଯାଇଥିବାବଳେ ଜମ୍ମୁରେ ଭକ୍ତମାନେ ନିଜ ନାମ ପଞ୍ଜୀକରଣ ପାଇଁ ଅପେକ୍ଷା କରିଛନ୍ତି।

# ଖଲିସ୍ତାନୀ ରାଲିକୁ ଭାରତ ସପକ୍ଷବାଦୀଙ୍କ ବିରୋଧ



ଟରଣ୍ଟୋରେ ଖଲିସ୍ତାନୀ ସମର୍ଥକଙ୍କ ରାଲି ବିରୋଧରେ ଭାରତ ସପକ୍ଷବାଦୀମାନେ ତ୍ରିରଙ୍ଗା ଧରି ବିକ୍ଷୋଭ କରୁଛନ୍ତି।

ଟରଣ୍ଟୋ, ୯।୭

କାନାଡ଼ାର ଟରଣ୍ଟୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ବାହାରେ ରବିବାର ଖଲିସ୍ତାନୀ ସମର୍ଥକମାନଙ୍କ ରାଲି ଫିକା ପଡ଼ିଯାଇଛି। କାରଣ ଉକ୍ତ ସ୍ଥାନରେ ବହୁସଂଖ୍ୟାରେ ଭାରତ ସପକ୍ଷବାଦୀମାନେ ଜାତୀୟ ପତାକା ଧରି ରୁଣ୍ଡ ହୋଇଥିଲେ। ସେମାନେ 'ଖଲିସ୍ତାନୀ ଶିଖ୍ ନୁହଁନ୍ତି' ଉଲ୍ଲେଖ ଥିବା ପ୍ଲାକାର୍ଡ ଧରି

**ଖଲିସ୍ତାନୀ ଶିଖ୍ ନୁହଁନ୍ତି**

'ଭାରତ ମାତା କୀ ଜୟ', 'ବନ୍ଦେ ମାତରଂ' ଏବଂ 'ଲଙ୍ଗ୍ ଲିଭ୍ ଇଣ୍ଡିଆ' ସ୍ଲୋଗାନ ଦେଇଥିଲେ। ଭାରତ ସପକ୍ଷବାଦୀଙ୍କ ତୁଳନାରେ ଖଲିସ୍ତାନୀ ସମର୍ଥକଙ୍କ ସଂଖ୍ୟା ଯଥେଷ୍ଟ କମ୍ ଥିଲା। ସୂଚନାଯୋଗ୍ୟ, ଚଳିତ ମାସ ଆରମ୍ଭରେ ଖଲିସ୍ତାନୀ ସ୍ୱାଧୀନତା ରାଲି ନାମରେ ପୋଷ୍ଟର ଲଗାଯାଇଥିଲା, ଯେଉଁଥିରେ ଓଟ୍ଟାୱାରେ ଭାରତର ହାଇକମିଶନର ସଞ୍ଜୟ କୁମାର ବର୍ମା ଏବଂ ଟରଣ୍ଟୋରେ ଥିବା ଭାରତର କନ୍‌ସୁଲେଟ୍ ଜେନେରାଲ ଅପୂର୍ବା ଶ୍ରୀବାସ୍ତବଙ୍କୁ ଖଲିସ୍ତାନୀ ଟାଇଗର ଫୋର୍ସ ମୁଖ୍ୟ ହରଦୀପ ସିଂ ନିଜ୍ଜାରଙ୍କ ହତ୍ୟାକାରୀ ବୋଲି ଲେଖାଯାଇଥିଲା। ଏହାକୁ ନେଇ ଭାରତରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ଜୈନ ସନ୍ଥଙ୍କୁ ହତ୍ୟା

ବେଲଗାଭି, ୯।୭

କର୍ଣ୍ଣାଟକର ବେଲଗାଭି ଜିଲାରେ ଜଣେ ଜୈନ ସନ୍ଥଙ୍କୁ ହତ୍ୟା କରାଯାଇ ତାଙ୍କ ଶରୀରକୁ ଖଣ୍ଡଖଣ୍ଡ କରି ଏକ ବୋର୍‌ୱେଲରେ ଫିଙ୍ଗିଦିଆଯାଇଥିଲା। ଚିକୋଡି ତାଲୁକ୍‌ର ଏକ ବୋର୍‌ୱେଲରୁ ମୃତଦେହର ବିଭିନ୍ନ ଅଙ୍ଗ ମିଳିବା ପରେ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏକ ତଦନ୍ତକାରୀ ଟିମ୍ ଗଠନ କରି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଏମ୍‌ଏସ୍ ଏଜୁକେଶନ ଏକାଡେମୀର ନାରାୟଣ ବାସପ୍ପା ମାଦି ଏବଂ ହାସନ ଦଲାୟଥଙ୍କୁ ଗିରଫ କରାଯାଇଛି। ମୃତ ସନ୍ଥ ଆଚାର୍ଯ୍ୟ ଶ୍ରୀ କାମକୁମାର ନନ୍ଦୀ ମହାରାଜ ୧୫ ବର୍ଷ ହେଲା ନନ୍ଦୀ ପର୍ବତ ଜୈନ ବସାଦିରେ ରହୁଥିଲେ। ଗତ ୬ ତାରିଖରେ ଜୈନ ମୁନି ନିଖୋଜ ହୋଇଯାଇଥିବା ବସାଦିର ପରିଚାଳକ ଥାନାରେ ଏତଲା ଦେଇଥିଲେ। ଦିଗମ୍ବର ସମ୍ପ୍ରଦାୟର ଏହି ସନ୍ଥ ଟଙ୍କା ସୁଧରେ ଲଗାଉଥିଲେ। ସନ୍ଦିଗ୍ଧମାନେ ତାଙ୍କଠାରୁ ଟଙ୍କା କରଜ ନେଇଥିଲେ। ଏହି ଟଙ୍କା ଫେରାଇବାକୁ କହିବାରୁ ସେମାନେ ସନ୍ଥଙ୍କୁ ହତ୍ୟା କରିଥିବା ପୋଲିସ କହିଛି।

**ବୋର୍‌ୱେଲରୁ ମିଳିଲା ଅଙ୍ଗପ୍ରତ୍ୟଙ୍ଗ**


ଆଚାର୍ଯ୍ୟ ଶ୍ରୀ କାମକୁମାର ନନ୍ଦୀ ମହାରାଜ

# ୨୧ରେ ଭାରତ ଆସିବେ ଶ୍ରୀଲଙ୍କା ରାଷ୍ଟ୍ରପତି

କଲମ୍ବୋ, ୯।୭

ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ଆସନ୍ତା ୨୧ରେ ଦୁଇଦିନିଆ ଭାରତ ଗସ୍ତରେ ଆସିବେ। ଏହି ଅବସରରେ ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଭେଟିବା ଆଶା କରାଯାଉଛି। ସେ ଶ୍ରୀଲଙ୍କାରେ ବିଭିନ୍ନ ଭାରତୀୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ଆଲୋଚନା କରିବା ସହ ସାମୁଦ୍ରିକ ପ୍ରସଙ୍ଗରେ ଆଲୋଚନା କରିପାରନ୍ତି। ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟକୁ ନେଇ ଦୀର୍ଘଦିନ ଆନ୍ଦୋଳନ ଲାଗିରହିବା ପରେ ଗତବର୍ଷ ଜୁଲାଇରେ ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତି ପଦରୁ ଓହରିଯାଇଥିଲେ। ପରେ ୱିକ୍ରମସିଂଘେ ଦେଶର ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ। ଏହି ନିଯୁକ୍ତି ପରେ ସେ ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସୁଛନ୍ତି। ଭାରତର ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା ଆସନ୍ତା ସପ୍ତାହରେ ଶ୍ରୀଲଙ୍କା ଯାଇ ୱିକ୍ରମସିଂଘେଙ୍କ ନୂଆଦିଲ୍ଲୀ ଗସ୍ତର ଆୟୋଜନ ସମ୍ପର୍କରେ ବ୍ୟବସ୍ଥା କରିବେ। ରାଷ୍ଟ୍ରପତିଙ୍କ ସହ ଆଉ କେତେଜଣ ମନ୍ତ୍ରୀ ଭାରତ ଗସ୍ତରେ ଆସିବେ।


ରାନିଲ ୱିକ୍ରମସିଂଘେ

# ପଶ୍ଚିମବଙ୍ଗ ନିର୍ବାଚନୀ ହିଂସା ପ୍ରତିବାଦରେ ବିକ୍ଷୋଭ

କୋଲକାତା, ୯।୭

ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବେଳେ ଶନିବାର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୧୫ ଜଣଙ୍କ ମୃତ୍ୟୁ ଘଟଣାର ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ସମର୍ଥକମାନେ ରବିବାର ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି)ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିର୍ବାଚନ କର୍ତ୍ତୃପକ୍ଷ ଭୋଟ ପରିଚାଳନାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ନିର୍ବାଚନ ବେଳେ କେନ୍ଦ୍ରୀୟ ବଳକୁ ଜାଣିଶୁଣି ମୁତୟନ କରା ନ ଯିବାରୁ ହିଂସାକାଣ୍ଡ ଘଟିଲା। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ କେନ୍ଦ୍ରୀୟ ବଳ ନିୟୋଜିତ ହୋଇଥିଲେ ଏତେ ପରିମାଣରେ ହିଂସା ଘଟି ନ ଥାନ୍ତା ବୋଲି ଭାଜପା ଉପାଧ୍ୟକ୍ଷ ଦିଲୀପ ଘୋଷ କହିଛନ୍ତି। କେନ୍ଦ୍ରୀୟ ବଳକୁ ସମ୍ବେଦନଶୀଳ ଅଞ୍ଚଳ ଓ ପୋଲିଂ ବୁଥ୍‌ରେ ନିୟୋଜିତ କରା ନ ଯାଇ ସେମାନଙ୍କୁ ଜାତୀୟ ରାଜପଥ ପାଟ୍ରୋଲିଂରେ କିମ୍ବା ଥାନାରେ ରଖାଗଲା ବୋଲି ଘୋଷ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ କେନ୍ଦ୍ରୀୟ ବଳକୁ ମୁତୟନ କରାଯାଇଥିଲେ ହିଂସା ହୋଇ ନ ଥାନ୍ତା, ଏହାର କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ଶାସକ ଟିଏମ୍‌ସି କହିଛି। ରାଜ୍ୟରେ ୬୧ ହଜାର ପୋଲିଂ ବୁଥ୍‌ରୁ ମାତ୍ର ୬୦ଟିରେ ହିଂସାକାଣ୍ଡ ଘଟିଥିବା ଟିଏମ୍‌ସି ମୁଖପାତ୍ର କୁନାଲ ଘୋଷ କହିଛନ୍ତି।

ପୂର୍ବ ମେଦିନିପୁର ଜିଲାର ହଳଦିଆ-ମେଚେଡ଼ା ରାଜ୍ୟ ରାଜପଥକୁ ଭାଜପା କର୍ମୀମାନେ ନନ୍ଦକୁମାରଠାରେ ଅବରୋଧ କରି ବାଲଟ ବାକ୍ସ ଟ୍ୟାମ୍ପରିଂ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରୀୟ ବଳ ସୁରକ୍ଷା ମଧ୍ୟରେ ପୁନଃ ମତଦାନ ଲାଗି ସେମାନେ ଦାବି କରିଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିଲା। ସେହିପରି ନିର୍ବାଚନୀ ହିଂସା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ମାଲ୍‌ଦାର ରଥବାରିଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ।


ଷ୍ଟ୍ରଙ୍ଗ୍‌ରୁମରେ ଥିବା ବାଲଟ ବକ୍ସଗୁଡ଼ିକୁ ସୁରକ୍ଷାବଳ ଜଗି ରହିଛନ୍ତି।

# କଳାକ୍ଷେତ୍ରରେ ନୂଆ ଡିଜାଇନ୍ ପାଇଁ ଉଦ୍ୟମ ଆବଶ୍ୟକ



ଅତିଥିମାନଙ୍କ ଗହଣରେ ସବାଇ ଘାସ କଳାକାରମାନେ। (ଫଟୋ: ବିକାଶ ନାୟକ)

## ସବାଇ ଘାସ ଉତ୍ପାଦରେ ଓଡ଼ିଆ ଅକ୍ଷର 'ବାଥୁଡି' ଓ 'ସବାଇ' ସ୍ଥାନିତ

**ଭୁବନେଶ୍ୱର,୯।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ବେଲଗାଡିଆ ପ୍ୟାଲେସ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ୍ ଡିଜାଇନ ଷ୍ଟୁଡିଓ 'ବିଦ୍ଧ' ପକ୍ଷରୁ ରବିବାର ସବାଇ ଘାସ ଉପରେ ଏକ ପ୍ରଦର୍ଶନୀ ପ୍ରେସ୍ କ୍ଲବଠାରେ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ମୟୂରଭଞ୍ଜ ଜିଲାର ସବାଇ ଘାସ କଳାକାରଙ୍କୁ ନେଇ ପ୍ରଥମ କରି ଘାସ ଉପରେ ଓଡ଼ିଆ ଅକ୍ଷରକୁ ନେଇ କିଛି ନୂଆ ଉତ୍ପାଦ ତିଆରି ହୋଇଥିବା ଦେଖିବାକୁ ମିଳିଥିଲା। 'ବାଥୁଡି' ଓ 'ସବାଇ' ଶବ୍ଦକୁ କଳାକାରମାନେ ସବାଇ ଘାସରେ ଲେଖି ବେଶ୍ ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଯେବେ କଳାର କଥା ପଡ଼େ, ଆମେ ନିଜକୁ ଏହି ଦିଗରେ ଅଶିକ୍ଷିତ ବୋଲି ଭାବିଥାଉ। କିନ୍ତୁ କଳା କ୍ଷେତ୍ରରେ ହେଉଥିବା କାର୍ଯ୍ୟକ୍ରମକୁ ଆସିଲେ ହିଁ ଆମକୁ ବହୁତ କିଛି ଶିଖିବାକୁ ମିଳିଥାଏ। ସବାଇ ଘାସ କହିଲେ, ଆମେ ଖାଲି ଏଥିରେ ପ୍ରସ୍ତୁତ ରଶିକୁ ହିଁ ବୁଝିଥାଉ। କିନ୍ତୁ ଏହି କାର୍ଯ୍ୟକ୍ରମକୁ ଆସିବା ପରେ ସବାଇ ଘାସରେ ଯେ ଏତେସବୁ କରାଯାଇପାରିବ ସେ କଥା ଜାଣିବାକୁ ମିଳିଲା। ଓଡ଼ିଶାରେ କଳା କ୍ଷେତ୍ରରେ ଏହିଭଳି ନୂଆ ନୂଆ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ତଥାଗତ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଆଇପିସିଏ ମ୍ୟାନେଜିଙ୍ଗ କମିଟିର ଚେୟାରପର୍ସନ ପଞ୍ଚମୀ ମାନୋ ଉକିଲ ଯୋଗଦେଇ କହିଛନ୍ତି, କଳାକାରଙ୍କୁ ଉପଯୁକ୍ତ ଶିକ୍ଷା ମିଳିଲେ ସେମାନେ ବହୁତ କିଛି କରିପାରିବେ। ମୟୂରଭଞ୍ଜ ରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ କହିଛନ୍ତି, କଳାକାରଙ୍କୁ ନୂଆ ନୂଆ ଉପାୟ କହିଲେ ସେମାନେ ତାହା ଉପରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସବାଇ ଘାସରେ ପ୍ରସ୍ତୁତ ଏହି ଡିଜାଇନ୍‌ରେ ଥିବା ମୁଖ୍ୟ କଳାକାର ଉଷାରାଣୀ କହିଛନ୍ତି, ପ୍ରଶିକ୍ଷଣ ପରେ ନୂଆ ଡିଜାଇନ ଶିଖିବାକୁ ମିଳିଲା। ତା'ପରେ ମନକୁ ମନ ଡିଜାଇନ ଆସିଗଲା। ଶିଖିବା ବେଳେ ବହୁତ ଅସୁବିଧା ହୋଇଛି। ଆମେ ଅଶିକ୍ଷିତ ବୋଲି ଓଡ଼ିଆ ଲେଖିବା ମଧ୍ୟ ସମ୍ଭବ ହେଉ ନ ଥିଲା। କିନ୍ତୁ ସମୟକ୍ରମେ ଲେଖା ଶିଖିଲୁ। ନୂଆ ଡିଜାଇନ୍ ପାଇଁ ଆମକୁ ଏବେ ଅଧିକ ଅର୍ଡର ଆସୁଛି। କ୍ୟୁରେଟର ଶିବ୍‌ଦାସ ସେନ୍‌ଗୁପ୍ତା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି କଳାତ୍ମକ ସୃଜନଶୀଳ ପ୍ରକ୍ରିୟାଗୁଡ଼ିକୁ ପୁନଃ ନିର୍ମାଣ କରିବା, ନୂତନ ଚିନ୍ତାଧାରା ଅନୁସନ୍ଧାନ କରିବା ଏବଂ ସହଯୋଗକୁ ବୃଦ୍ଧି କରିବା। ଅନ୍ୟତମ କ୍ୟୁରେଟର ଜୁଲିୟସ ଦାସ କହିଛନ୍ତି, କଳାରେ ଆମେ ଆଞ୍ଚଳିକ କଥାକୁ ଦେଖାଇପାରିବା, ଯାହା ବାହାରେ ମଧ୍ୟ ଲୋକପ୍ରିୟ ହୋଇପାରିବ। କଳା କ୍ଷେତ୍ରରେ ସୃଜନଶୀଳତାକୁ ପ୍ରଜ୍ୱଳିତ କରିବା, ବିବିଧତା ପାଳନ କରିବା ଏବଂ ନୂତନ ସମ୍ଭାବନା ପାଇଁ ରାସ୍ତା ଖୋଜିବା ଆମର ଲକ୍ଷ୍ୟ। ବିଦ୍ଧର ମାର୍କେଟିଙ୍ଗ ନିର୍ଦ୍ଦେଶିକା ପ୍ରଜ୍ଞା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସନ୍ଦୀପ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ ମହାନ୍ତି ଧନ୍ୟବାଦ ଜଣାଇଥିଲେ।



## ୧୨ରେ ମୌନ ସତ୍ୟାଗ୍ରହ କରିବ କଂଗ୍ରେସ

**ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)**

ପୂର୍ବତନ ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କ ସାଲିସ ବିହୀନ ଲଢ଼େଇକୁ ସମର୍ଥନ ଜଣାଇ କଂଗ୍ରେସ ଭବନ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ 'ମୌନ ସତ୍ୟାଗ୍ରହ' କରାଯିବ। ଏହା ଆସନ୍ତା ୧୨ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଓଡ଼ିଶା ପ୍ରଭାରୀ ଚେଲ୍ଲା କୁମାର ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ରାହୁଲ ଗାନ୍ଧୀଙ୍କ ଉପରେ ଅନ୍ୟାୟ ଭାବେ ଦଣ୍ଡାଦେଶ ଏବଂ ତାଙ୍କୁ ଏମ୍‌ପି ପଦରୁ ଅଯୋଗ୍ୟ ଘୋଷଣା କରିବା ଘଟଣାକୁ ସାରା ଦେଶରେ ନିନ୍ଦା କରାଯାଉଛି। କୋଟି କୋଟି ଭାରତୀୟ ରାହୁଲ ଗାନ୍ଧୀଙ୍କ ସହିତ ଛିଡ଼ା ହେବାକୁ ଦୁର୍ବାର ନିଷ୍ପତ୍ତି ନେଇଛନ୍ତି। ରାହୁଲ ଗାନ୍ଧୀ ନିର୍ଭୀକ ଭାବେ ଲଗାତର ମୋଦି–ଆଦାନୀଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ପଚାରି ଚାଲିଛନ୍ତି, ଯଦ୍ୱାରା ଦୁହିଁଙ୍କ ସମ୍ପର୍କ ପର୍ଦ୍ଦାଫାଶ ହୋଇପାରିଛି। ଅନୁଷ୍ଠିତ ହେବାକୁ ଥିବା 'ମୌନ ସତ୍ୟାଗ୍ରହ'ରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ପ୍ରଦେଶ କଂଗ୍ରେସର ସମସ୍ତ କର୍ମକର୍ତ୍ତା, ନେତୃବୃନ୍ଦ, ଏଆଇସିସି ସଭ୍ୟ, ପିସିସି ସଭ୍ୟ, ଏମ୍‌ପି, ବିଧାୟକ, ଛାମୁଆ ସଙ୍ଗଠନକୁ ଶରତ ଆହ୍ୱାନ କରିଛନ୍ତି।

## ଗୋପବନ୍ଧୁ ନଗରରେ ବାଘ ଆତଙ୍କ

**ଗୋପବନ୍ଧୁ ନଗର,୯।୭ (ଶାନ୍ତନୁ କୁମାର ମଣ୍ଡୁଆଲ)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ବରଡିହି ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। ରବିବାର ଅପରାହ୍ନରେ ସ୍ଥାନୀୟ ଦେବଗାଁ ଶିବ ମନ୍ଦିର ନିକଟକୁ କେତେଜଣ ସ୍ତ୍ରୀ ଲୋକ ପାଣି ପାଇଁ ଆସିଥିବା ବେଳେ ଏକ ବାଘକୁ ଦେଖି ଦୌଡ଼ି ପଳାଇଥିଲେ। ପରେ ଗାଁ ଲୋକେ ପହଞ୍ଚି କୋଳାହଳ କରିବାରୁ ବାଘଟି ସୋନ ନଦୀ କୂଳରେ ଥିବା ଘଞ୍ଚ ଲଟାବୁଦା ମଧ୍ୟରେ ଲୁଚି ଯାଇଥିଲା। ଖବରପାଇ ବନ କର୍ମଚାରୀମାନେ ଉକ୍ତ ଗାଁରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ବାଘର କୌଣସି ସନ୍ଧାନ ମିଳି ନ ଥିବା କୁଆମରା ଫରେଷ୍ଟର କେ.ଏଲ. ସୋରେନ କହିଛନ୍ତି। ତେବେ ଗାଁ ଭିତରକୁ ମହାବଳ ପଶି ଆସିଥିବା ଗ୍ରାମବାସୀ କହୁଥିବା ବେଳେ ସତ୍ୟତା ନେଇ ସ୍ପଷ୍ଟ ସୂଚନା ମିଳିନାହିଁ।




## ଯୁବତୀଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ, ହତ୍ୟା ସନ୍ଦେହ

**ପୋଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଜାରି**

**ଭବାନୀପାଟଣା,୯।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅନ୍ତର୍ଗତ ପଞ୍ଚାୟତ ବାଞ୍ଜିପଦର ଓ ସାବୁନଭା ମଧ୍ୟରେ ଥିବା ନାଳ ପାଖରୁ ରବିବାର ଅପରାହ୍ନରେ ୨ ଯୁବତୀଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ଉଭୟେ ଗତ ୩୦ ତାରିଖରୁ ଗାଁରୁ ନିଖୋଜ ଥିଲେ ବୋଲି ଜଣାପଡ଼ିଛି। ମୃତା ଯୁବତୀଙ୍କ ନାମ ଜେମାମଣି ପଟେଲ (୧୮) ଓ ଯୁବକଙ୍କ ନାମ ସୁନୀଲ ପଟେଲ (୨୨)। ଉଭୟଙ୍କ ଘର ଧର୍ମଗଡ ଥାନା ବାଞ୍ଜିପଦର ଗାଁରେ ବୋଲି ସୂଚନା ମିଳିଛି। ମୃତଦେହ ଦେଖିଲେ ଏହା ହତ୍ୟା ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ରବିବାର ଅପରାହ୍ନରେ ସ୍ଥାନୀୟ କେତେଜଣ ଛେଳି ଚରାଳି ସାବୁନିଭା ଓ ବାଞ୍ଜିପଦର ଗ୍ରାମ ମଧ୍ୟରେ ଥିବା ନାଳ ନିକଟରେ ଦୁଇଜଣଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ଗ୍ରାମବାସୀ ଧର୍ମଗଡ ପୋଲିସକୁ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ଧର୍ମଗଡ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୨ ଅଧାପୋଡା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ଦୁହେଁ ପ୍ରେମୀ ଯୁଗଳ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବାବେଳେ ଉଭୟ ସମ୍ପର୍କରେ କକା ଝିଆରୀ ବୋଲି ଜଣାପଡିଛି।




# 'ଲିସା' ପ୍ରଥମ ଓଡ଼ିଆ ଏଆଇ ନ୍ୟୁଜ୍ ଆଙ୍କର



ଏଆଇ ନ୍ୟୁଜ୍ ଆଙ୍କର ଲିସା

**ଓଟିଭିର ଅଭିନବ ପଦକ୍ଷେପ**

**ଭୁବନେଶ୍ୱର,୯।୭ (ଅଭୟ ଦାଶ)**



ଖବରଦାତା ସମ୍ମିଳନୀରେ (ବାମରୁ) ଓଟିଭି ଡିଜିଟାଲ ୟୁନିଟ୍‌ର ସିବିଡିଓ ଲିଟିସା ମଙ୍ଗତ ପଣ୍ଡା, ଓଟିଭିର ସିଇଓ ଜାଗୀମଙ୍ଗତ ପଣ୍ଡା ଓ ସମ୍ପାଦକ ରାଧାମାଧବ ମିଶ୍ର।

ରାଜ୍ୟର ପ୍ରମୁଖ ଘରୋଇ ଓଡ଼ିଆ ସାଟେଲାଇଟ୍ ନ୍ୟୁଜ୍ ଚ୍ୟାନେଲ 'ଓଟିଭି' ଏକ ଅଭିନବ ପଦକ୍ଷେପ ସ୍ୱରୂପ ଟେଲିଭିଜନ ବ୍ରଡ୍‌କାଷ୍ଟିଂରେ ପ୍ରଥମ ଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର କରିବାକୁ ଯାଉଛି। ଓଡ଼ିଶା ଝିଅ ଲିସା ଓଡ଼ିଆରେ ଏଆଇ ଜରିଆରେ ନ୍ୟୁଜ୍ ପଢ଼ିବେ ବୋଲି ଓଟିଭି ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଲିସା ପ୍ରଥମ ଓଡ଼ିଆ ଏଆଇ ନ୍ୟୁଜ୍ ଆଙ୍କର ଭାବେ କାର୍ଯ୍ୟ କରିବା ସହିତ ଟେଲିଭିଜନ ଦୁନିଆରେ ଏକ ଅବିଶ୍ୱସନୀୟ ପରିଚୟ ସୃଷ୍ଟି କରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଓଟିଭି ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଓଟିଭିର ପ୍ରତିଷ୍ଠାତା ସଦସ୍ୟ ତଥା ସିଇଓ ଜାଗୀମଙ୍ଗତ ପଣ୍ଡା, ସମ୍ପାଦକ (ଏଡିଟର) ରାଧାମାଧବ ମିଶ୍ର ଏବଂ ଓଟିଭି ଡିଜିଟାଲ ୟୁନିଟ୍‌ର ଚିଫ୍ ବିଜ୍‌ନେସ୍ ଡେଭଲପ୍‌ମେଣ୍ଟ ଅଫିସର (ସିବିଡିଓ) ଲିଟିସା ମଙ୍ଗତ ପଣ୍ଡା ଯୋଗଦେଇ ଉଭୟ ଲିସା ଓ ଏଆଇ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନେଇ ଟିଭି ଓ ଡିଜିଟାଲ ଖବର ପ୍ରସାରଣ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି, ସେଥିରେ ଓଟିଭି ଏବଂ ଏହାର ଏଆଇ ଆଙ୍କର ଲିସାଙ୍କ ଯୋଗଦାନ ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ବିଷୟ ହେବ ବୋଲି ଓଟିଭି ପକ୍ଷରୁ ଆଶା କରାଯାଉଛି। ଅପରପକ୍ଷରେ ଭାରତର ଦେୟମୁକ୍ତ ଆଞ୍ଚଳିକ ଟେଲିଭିଜନ ପ୍ରସାରଣ କ୍ଷେତ୍ରରେ ଲିସା ପ୍ରଥମ ଏଆଇ ଆଙ୍କର ହୋଇଛନ୍ତି।

## ଭୁରୁଷିଖମାର ଅଞ୍ଚଳରେ ମାଓବାଦୀ ପୋଷ୍ଟର

**ମୁନିଗୁଡ଼ା,୯।୭(ରାଧେଶ୍ୟାମ ଅଗ୍ରୱାଲ)**

ମୁନିଗୁଡ଼ା ଥାନା ଅନ୍ତର୍ଗତ ଭୁରୁଷିଖମାର ଛକରେ ମାଓବାଦୀ ବ୍ୟାନର ଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ସେଥିରେ ଶେରକାପାଡିରୁ ନିୟମଗିରି ପାହାଡ଼କୁ ଯାଉଥିବା ରାସ୍ତା ନିର୍ମାଣ କାମ ବନ୍ଦ କରିବାକୁ ଉଲ୍ଲେଖ ରହିଛି। ସରକାର ଆଦିବାସୀଙ୍କଠାରୁ ଜଙ୍ଗଲ ଜମି ଛଡ଼ାଇ ପୁଞ୍ଜିପତିଙ୍କ ହାତକୁ ଟେକି ଦେଉଛନ୍ତି। ତେଣୁ ସରକାରଙ୍କୁ ବିରୋଧ କରନ୍ତୁ ବୋଲି ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି। ନିୟମଗିରି ଓ ଶାଶୁବହୁମାଳି ପର୍ବତରେ ବୁଲୁଥିବା ଦଲାଲମାନେ ସାବଧାନ ରହିବାକୁ ଚେତାବନୀ ଦିଆଯାଇଛି। ଏଥିସହିତ ମେ ୧୫ରେ ବନ୍ଦକୁ ଯେଉଁମାନେ ବିରୋଧ କରି ପୋଷ୍ଟର ଲୁଚାଇଛନ୍ତି ସେମାନଙ୍କୁ ପ୍ରଜା କୋର୍ଟରେ ଦଣ୍ଡ ଦିଆଯିବ ବୋଲି ଉଲ୍ଲେଖ ରହିଛି। କେତେଜଣ ଖବରଦାତା ପୋଲିସ ଓ ପ୍ରଶାସନ ସପକ୍ଷରେ ରହି ଗରିବ ଲୋକଙ୍କୁ ସହଯୋଗ କରୁନାହାନ୍ତି ବୋଲି ଲେଖା ଯାଇଛି। ପୋଷ୍ଟର ଓ ବ୍ୟାନରରେ ସିପିଆଇ (ମାଓବାଦୀ) ବଂଶଧାରା–ଘୁମୁସର–ନାଗାବଳୀ ଡିଭିଜିନାଲ କମିଟି ଲେଖାଯାଇଛି।

## ପଥର ଖସି ୨ ଶ୍ରମିକଙ୍କ ମୃତ୍ୟୁ

**ଭବାନୀପାଟଣା,୯।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ଡଙ୍ଗରୀରୁ ହଠାତ ଏକ ପଥର ଖସିଯିବାରୁ ତଳେ ବସିଥିବା ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଲାଭଟା ଗ୍ରାମର ମୁକୁନ୍ଦ ପରାଭୋଇ (୫୫) ଓ ରାଜକୁମାରୀ ନାଏକ (୩୦)। ବର୍ଷା ଯୋଗୁ ଡଙ୍ଗରୀ ସାରା ଓଦାଳିଆ ହୋଇଥିବା ବେଳେ ଅପରାହ୍ନରେ ହଠାତ ଏକ ବଡ଼ପଥର ତଳକୁ ଖସି ପଡିଥିଲା। ଡଙ୍ଗରୀ ତଳେ ବସିଥିବା ମୁକୁନ୍ଦ ଓ ରାଜକୁମାରୀଙ୍କ ଉପରେ ପଥର ପଡିବାରୁ ଉଭୟଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଚୋରା ବନ୍ଧୁକ କାରବାର: ୬ ଗିରଫ

**ସମ୍ବଲପୁର,୯।୭(ଶୁଭାଶିଷ ପାଢୀ)**



ଜବତ ବନ୍ଧୁକ, ଗୁଳି, ନଗଦ ଟଙ୍କା।

- **୮ ଦେଶୀ ବନ୍ଧୁକ, ୨୨ ରାଉଣ୍ଡ ଗୁଳି ଜବତ**
- **ବିହାର, ୟୁପିରୁ ଆସୁଥିଲା ବନ୍ଧୁକ**

ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତ ୬ ଅପରାଧୀଙ୍କୁ ସମ୍ବଲପୁର ପୋଲିସ ରବିବାର ଭିନ୍ନ ଭିନ୍ନ ଥାନା ଅଞ୍ଚଳରୁ ଗିରଫ କରିଛି। ସେମାନଙ୍କଠାରୁ ୮ଟି ଦେଶୀ ବନ୍ଧୁକ, ୨୨ ରାଉଣ୍ଡ ଗୁଳି, ୬ଟି ମୋବାଇଲ ଫୋନ, ଗୋଟିଏ ବୁଲେଟ୍, ଖଣ୍ଡା, ଗୋଟିଏ ସ୍କୁଟି ଓ ଗୋଟିଏ କାର୍ ସହ ୧ ଲକ୍ଷ ୨୦ ହଜାର ୮୫୦ ନଗଦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ମୋତିଝରଣ ଅଞ୍ଚଳର ମହମ୍ମଦ ସମସେର, ମହମ୍ମଦ ମୋସିମ, ଝାରସୁଗୁଡା ସଦର ଥାନା ଅଞ୍ଚଳର ମୁନୁ ପାଣ୍ଡେ, ଝାରସୁଗୁଡା ଡବଲିଂ କଲୋନୀର ମୋହିତ ପାଶୱାନ, ଅଇଁଠାପାଲି ଥାନା ଅଞ୍ଚଳର ସନ୍ତୋଷ ମହାରଣା, ବରଗଡ଼ ଜିଲା ଅତାବିରା ଅଞ୍ଚଳର ମହମ୍ମଦ ଅହମ୍ମଦ। ଏମାନେ ରାଜ୍ୟ ବାହାରୁ ବିଶେଷକରି ଉତ୍ତରପ୍ରଦେଶ ଓ ବିହାର ଅଞ୍ଚଳରୁ ବନ୍ଧୁକ ଆଣି ବିକ୍ରି କରିବା ସହ ଆପରାଧିକ କାର୍ଯ୍ୟରେ ବ୍ୟବହାର କରୁଥିଲେ ବୋଲି ଏସ୍‌ପି ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି। ସେ ଆହୁରି କହିଛନ୍ତି, ଚୋରା ବନ୍ଧୁକ କାରବାର ନେଇ ସୂଚନା ଆସିବା ପରେ ପୋଲିସ ଟିମ୍ ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରିଥିଲା। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅପରାଧ ନିୟନ୍ତ୍ରଣ ପାଇଁ ଜିଲା ପୋଲିସ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। ଆଗକୁ ମଧ୍ୟ ଏହା ଜାରି ରହିବ। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ। ଅଭିଯୁକ୍ତ ମହମ୍ମଦ ସମସେରଙ୍କ ନାମରେ ପୂର୍ବରୁ ଧନୁପାଲି, ଟାଉନ, ଠେଲକୋଲି ଥାନାରେ ୧୧ଟି ମାମଲା ରହିଛି। ସେହିପରି ମୁନୁ ପାଣ୍ଡେଙ୍କ ନାଁରେ ଝାରସୁଗୁଡ଼ା ଓ ବଡ଼ମାଲ ଥାନାରେ ୩ଟି ମାମଲା ରହିଛି ବୋଲି ସେ କହିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜୁଲାଇ, ୨୦୨୩

**ଆଜିର ମନ୍ତବ୍ୟ**

ବେଙ୍ଗାଲୁରୁରେ ଜୁଲାଇ ୧୭-୧୮ରେ ହେବାକୁ ଥିବା ବିରୋଧୀ ବୈଠକକୁ ନେଇ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚିନ୍ତିତ ହୋଇପଡ଼ିଛନ୍ତି। ତାମିଲନାଡୁର ଡିଏମ୍‌କେ ସରକାର ଭାଜପାକୁ ବିରୋଧ କରୁଥିବାରୁ କୌଣସି ବଡ଼ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଭୟଭୀତ ହେବାର ନାହିଁ। **-ଏମ୍.କେ.ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚନ୍ଦନ ବୃକ୍ଷରେ ମାଛି ନ ବସଇ**
**ମାର୍ଜାର ନ ଖାଏ ଗୁଡ଼**
**ଜ୍ଞାନୀ ହେଲେ ସିନା ଜ୍ଞାନୀକୁ ଚିହ୍ନିବ**
**କାହୁଁ ଚିହ୍ନିବେ ମୂର୍ଖ ମୂଢ଼।**

ଯେମିତି ଚନ୍ଦନ ବୃକ୍ଷର ମହତ୍ତ୍ୱକୁ ବୁଝି ନ ପାରି ମାଛି ଭଳି ସାମାନ୍ୟ ଜୀବଟିଏ ଏହାକୁ ସ୍ପର୍ଶ କରି ନ ଥାଏ, ଠିକ୍ ସେମିତି ଗୁଡ଼ର ମଧୁରତା ବିଷୟରେ ଜାଣି ନ ପାରି ବିରାଡ଼ି ମଧ୍ୟ ଏହାକୁ ଖାଇ ନ ଥାଏ। ସେହିପରି ଭାବେ ମୂର୍ଖ ବା ଅଜ୍ଞାନ ଲୋକ ଜ୍ଞାନୀ ଲୋକଙ୍କର ଗୁଣ ଓ ଗରିମାକୁ ବୁଝି ନ ପାରି ତାଙ୍କଠାରୁ ଦୂରେଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚଇତା**
**ଦି' ମାଇପରେ ଘଇତା**
**ତବତ ଖାଇବୁ କି ପଖାଳ ଖାଇବୁ**
**ବେଳ ଥାଉ ଥାଉ କହିଥା।**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେନେଇ ମଣିଷ ହରଡ଼ଘଣାରେ ପଡ଼ିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଷ୍ଟେଶନ ମାଷ୍ଟରଙ୍କୁ ସିବିଆଇ ସମନ

## ବାହାନଗା ଟ୍ରେନ୍ ଦୁର୍ଘଟଣା: ଗିରଫ ୩ ଅଭିଯୁକ୍ତଙ୍କୁ ତୃତୀୟ ଦିନ ଜେରା

ଭୁବନେଶ୍ୱର,୯।୭(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ଗିରଫ ହୋଇଥିବା ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ୍ ପପୁ କୁମାରଙ୍କୁ ମାରାଥନ୍ ଜେରା କରୁଛି ସିବିଆଇ। ଅଭିଯୁକ୍ତଙ୍କଠାରୁ ଦୁର୍ଘଟଣା ପଛର ପ୍ରକୃତ ସତ ଜାଣିବା ପାଇଁ ସିବିଆଇ ଟିମ୍ ପ୍ରୟାସ ଜାରି ରଖିଛି। ରବିବାର ରିମାଣ୍ଡର ତୃତୀୟ ଦିନରେ ମଧ୍ୟ କିଛି ନୂଆ ତଥ୍ୟ ମିଳିଛି। ଏହି ଆଧାରରେ ବାହାନଗା ଷ୍ଟେଶନ ମାଷ୍ଟରଙ୍କୁ ପଚରାଉଚରା ପାଇଁ ସିବିଆଇ ସମନ୍ କରିଥିବା ସୂଚନା ମିଳିଛି। ଆସନ୍ତା ୧୧ ତାରିଖ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସିବିଆଇ ଆଞ୍ଚଳିକ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଥିବା ଜଣାପଡ଼ିଛି। ପୂର୍ବରୁ ସିଆର୍‌ଏସ୍ ତଦନ୍ତ ରିପୋର୍ଟରେ ଷ୍ଟେଶନ ମାଷ୍ଟର ଟେକ୍ନିକାଲ୍ ତ୍ରୁଟିକୁ ଅଣଦେଖା କରିଥିବା ନେଇ ଦର୍ଶାଯାଇଥିଲା। ତେଣୁ ସିବିଆଇ ତାଙ୍କୁ ପଚରାଉଚରା କରିବା ସହ ୩ ଅଭିଯୁକ୍ତଙ୍କ ସହ ସାମ୍ନାସାମ୍ନି ଜେରା କରି ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣା ମାମଲାରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଆଶା ରଖିଛି। ସେଭଳି ଦୃଢ଼ ପ୍ରମାଣ ପାଇଲେ ସିବିଆଇ ତାଙ୍କ ଉପରେ ପଦକ୍ଷେପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ରବିବାର ୩ ଅଭିଯୁକ୍ତଙ୍କୁ ଚନ୍ଦକା ଥାନାରେ ମଧ୍ୟ ସିବିଆଇ ମାରାଥନ୍ ଜେରା କରିଥିଲା। ହେଲେ ଅଭିଯୁକ୍ତମାନେ ଗଣମାଧ୍ୟମ ସାମ୍ନାରେ କିଛି ବି ମୁହଁ ଖୋଲି ନ ଥିଲେ। ତେବେ ଅଭିଯୁକ୍ତମାନଙ୍କ ନାମରେ ପ୍ରାଥମିକ ତଦନ୍ତ ଆଧାରରେ ଆଇପିସି ଦଫା ୩୦୪ (ହତ୍ୟା ଉଦ୍ଦେଶ୍ୟ ନ ଥାଇ ମରଣ ମୁହଁକୁ ଠେଲି ଦେବା), ୨୦୧ (ପ୍ରମାଣ ନଷ୍ଟ) ଏବଂ ୧୫୩ ରେଲ୍‌ୱେ ଆକ୍ଟ ଲାଗିଛି। ତେବେ ତଦନ୍ତ ଶେଷରେ ଅଭିଯୁକ୍ତମାନେ ଏହି ଦୁର୍ଘଟଣା ଜାଣିଜାଣି କରିଥିବା ଜଣାପଡ଼ିଲେ ସେମାନଙ୍କ ବିରୋଧରେ ଲାଗିଥିବା ଦଫା ବଦଳାଯାଇପାରେ। ଏପରିକି କୋର୍ଟରେ ଚାର୍ଜଶିଟ୍ ଦାଖଲବେଳେ ଆଇପିସିର ହତ୍ୟା ଦଫା ସହ ଭାରତୀୟ ରେଳର ସମ୍ପତ୍ତି ନଷ୍ଟ ଲାଗି ମଧ୍ୟ କଡ଼ା ଦଫା ଲାଗିପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ୫ଦିନିଆ ରିମାଣ୍ଡର ଆଉ ଦୁଇଦିନ ବାକିଥିବା ବେଳେ ଅଭିଯୁକ୍ତମାନଙ୍କୁ ମୁହାଁମୁହିଁ ଜେରା କରି ଘଟଣା ପଛରେ ଲୁଚି ରହିଥିବା ପ୍ରକୃତ କାରଣର ଦୃଢ଼ ପ୍ରମାଣ ଯୋଗାଡ଼ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଜୁନ ୨ ସନ୍ଧ୍ୟାରେ ଘଟିଥିବା ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୯୩ ଛୁଇଁଥିବାବେଳେ ଏବେବି ଅନେକ ଆହତ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

# ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଗୁରୁତର

### ଶିମିଳିପାଳ ପରେ ଏବେ କୁଲଡିହା ଅଭୟାରଣ୍ୟ

ନୀଳଗିରି, ୯।୭(ପ୍ରଶାନ୍ତ ବିଶ୍ୱାଳ)

ଶିମିଳିପାଳ ପରେ ଏବେ କୁଲଡିହା ଅଭୟାରଣ୍ୟରେ ବଢ଼ିଚାଲିଛି ଶିକାରୀଙ୍କ ପ୍ରାଦୁର୍ଭାବ। ବନବିଭାଗର ବାରମ୍ବାର ପାଟ୍ରୋଲିଂ ଯୋଗୁ ଶିକାରୀମାନେ ପ୍ରତିଶୋଧପରାୟଣ ହୋଇ ବନ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ପଛାଉନାହାନ୍ତି। ଫେରାର ଥିବା ଜଣେ ଶିକାରୀଙ୍କ ଆକ୍ରମଣରେ କୁଲଡିହା ବନ ବିଭାଗର ସବୁଜବାହିନୀ କର୍ମଚାରୀ ଗୁରୁତର ହୋଇ ନୀଳଗିରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଗତ ମାର୍ଚ୍ଚରେ କୁଲଡିହା ଅଭୟାରଣ୍ୟ ବାବନ୍ଧ ବିଟ ଅଧୀନ କଳମାଚଟୁରୀଠାରେ ଦନ୍ତା ହାତୀ ଗଳିତ ଶବ ଉଦ୍ଧାର ହୋଇଥିଲା। ଏହି ଦନ୍ତା ହାତୀର ଦୁଇଟି ଦାନ୍ତକୁ ଶିକାରୀ ନେଇଯାଇଥିଲେ। ବନବିଭାଗ ଚଢ଼ାଉ ପରେ ଦନ୍ତାର ଦୁଇଟି ଦାନ୍ତ ଉଦ୍ଧାର ହୋଇଥିବା ବେଳେ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ୩ଜଣ ଫେରାର ଥିଲେ। ଗତ ୮ତାରିଖ ଶନିବାର ସନ୍ତରାଗଡିଆ ଫରେଷ୍ଟ ବିଟ୍‌ରେ କାର୍ଯ୍ୟରତ ସବୁଜବାହିନୀ କର୍ମଚାରୀ ବୁଦ୍ଧିଆ ସିଂ (୪୦) ସନ୍ଧ୍ୟାରେ ଡ୍ୟୁଟି ସାରି ଘରକୁ ଫେରିଥିବା ବେଳେ ଘର ସାମ୍ନାରେ ଫେରାରଙ୍କ ମଧ୍ୟରୁ ଖୁମଖୁଟ ଗ୍ରାମର ବସନ୍ତ ସିଂ (୩୦) ତାଙ୍କୁ ଅଟକାଇ


ଆହତ ସବୁଜ ବାହିନୀ କର୍ମଚାରୀ ବୁଦ୍ଧିଆ ସିଂ।

ଗାଲିଗୁଲଜ କରିବା ସହିତ ବନ୍ଧୁକ ନ ଫେରାଇଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲା। ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ଓ କଥା କଟାକଟି ହେବାରୁ ବସନ୍ତ ସିଂ ବୁଦ୍ଧିଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବୁଦ୍ଧିଆଙ୍କୁ ଗୁରୁତର ଅବସ୍ଥାରେ ଈଶ୍ୱରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୀଳଗିରି ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିଲା। ଶନିବାର ରାତିରେ ଉଭୟ ବନବିଭାଗ ଓ ପୋଲିସ ଚଢ଼ାଉ କରି ମଧ୍ୟ ରାତିରେ ଅଭିଯୁକ୍ତ ବସନ୍ତଙ୍କୁ ଗିରଫ କରିଥିଲା। ଏନେଇ କୁଲଡ଼ିହା ବନବିଭାଗ ପକ୍ଷରୁ ରବିବାର ଓ.ଆର. କେସ୍ ନଂ. ୩୬ କେ ୨୦୨୨-୨୩ରେ କୋର୍ଟଚାଲାଣ କରାଯାଇଛି।

# ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟ କରିବ ପେନ୍‌ସନ୍ ସେଲ୍

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ଉଚ୍ଚଶିକ୍ଷା ବିଭାଗରେ ଉତ୍ସର୍ଗୀକୃତ ଭାବେ ଏକ ପେନ୍‌ସନ୍ ସେଲ୍ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ସ୍ୱଚ୍ଛତା ଓ ଆନ୍ତରିକତା ପାଳନପୂର୍ବକ କାର୍ଯ୍ୟ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥି। କର୍ମଚାରୀମାନେ ଅବସର ନେବା ଦିନ ଯେପରି ପେନ୍‌ସନ୍ ପାଇବେ ଏବଂ ସମସ୍ତ ବାକିଥିବା ପେନ୍‌ସନ୍ ମାମଲାଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଫଇସଲା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମହାବିଦ୍ୟାଳୟଗୁଡ଼ିକରେ ଅଧ୍ୟାପିକା/ଅଧ୍ୟାପକ ପଦବୀ ଓ ଶିକ୍ଷାଦାନ ବ୍ୟତୀତ ଅନ୍ୟାନ୍ୟ ପଦବୀ ପୂରଣ ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସରକାରୀ/ସରକାରୀ ଅନୁଦାନପ୍ରାପ୍ତ/ଜି.ଆଇ.ଏ. ମହାବିଦ୍ୟାଳୟଗୁଡ଼ିକର ବିଭିନ୍ନ ବିଭାଗରେ ଥିବା ପଦବୀଗୁଡ଼ିକ ନିମନ୍ତେ ଡାଟାବେସ୍ ପ୍ରସ୍ତୁତି ଓ ଖାଲିଥିବା ପଦବୀଗୁଡ଼ିକୁ ନିରୀକ୍ଷଣ ଏବଂ ଯୁକ୍ତିଯୁକ୍ତ କରିବା ଉପରେ ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ମନୋରଞ୍ଜନ ସକାଶେ ଆନୁଷଙ୍ଗିକ ବ୍ୟବସ୍ଥା କରିପାରନ୍ତି। କିନ୍ତୁ ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବହୁତ ଲାଭବାନ ହେବେ। ପ୍ରଶାସନିକ କ୍ଷେତ୍ର ଓ ରାଜନୈତିକ ସ୍ଥିତି ବହୁତ ଭଲ ରହିବ।

**ବୃଷ**
କର୍ମ କ୍ଷେତ୍ରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଆଜି ସନ୍ଧ୍ୟା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ବନ୍ଧୁଙ୍କୁ କୌଣସି ଘରୋଇ ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ। ତଥାପି କୃତ୍ତିକା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**
ବିଳମ୍ବରେ କାମ ସମ୍ପନ୍ନ ହେବାରୁ କେତେକ ଅସୁବିଧାର ସମ୍ମୁଖୀନ ହେବେ। ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ସାମାଜିକ ସ୍ତରରେ ଦୀର୍ଘ ଦିନର ଅଭିଳାଷ ପୂରଣ ପାଇଁ କୌଣସି ନୂତନ ଯୋଜନା କରିପାରନ୍ତି। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି।

**କର୍କଟ**
ଆଜି ବିଭିନ୍ନ ଉନ୍ନତମାନର ଯୋଜନାକୁ କାର୍ଯ୍ୟକାରୀ କରିବେ। ପାରିବାରିକ ସ୍ତରରେ ଅର୍ଥାଭାବଜନିତ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ସୁବିଧାବାଦୀ ଗୁଣରେ ଶୋଷଣ କରିବେ। କଳା, ସାହିତ୍ୟ, ସଙ୍ଗୀତ ସନ୍ଧ୍ୟା, ପ୍ରବଚନ କାର୍ଯ୍ୟକ୍ରମ ତଥା ଭଜନ ସମାରୋହରେ ଯୋଗ ଦେଇପାରନ୍ତି।

**ସିଂହ**
ସାମାନ୍ୟ କଥାକୁ କେନ୍ଦ୍ର କରି ପରିବାରଠାରୁ ଦୂରେଇ ରହିବାକୁ ମନ ବଳାଇବେ। ଭାଇ, ଭଉଣୀ କିମ୍ବା ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କରିପାରନ୍ତି। ଉପରିସ୍ଥଙ୍କ ସମ୍ମୁଖରେ ମନୋଭାବ ପ୍ରକାଶ କରିବାରେ ପଛେଇ ଯିବେ। ଧାତୁ ଅଳଙ୍କାରାଦି କାରବାର, ପରିବହନ, ଷ୍ଟେସନେରି ଦୋକାନୀ ବିଶେଷ ଲାଭବାନ ହେବେ।

**କନ୍ୟା**
କାମଗୁଡ଼ିକୁ ଯେତେଟା ସହଜ ଓ ସୁବିଧାରେ କାମ କରିବା ପାଇଁ ଭାବୁଥିଲେ ସେମିତି କିଛି ହୋଇପାରିବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। ଭଲକଥା କହିଲେ ମଧ୍ୟ ଅନ୍ୟମାନେ ତାହାକୁ ଭୁଲବୁଝିବେ। ଅବହେଳା ଓ ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**
ଆଜି ପର୍ଯ୍ୟନ୍ତ ଖୋଜି ଖୋଜି ଯାହା ପାଇପାରି ନ ଥିଲେ ଆଜି ତାହା ଆକସ୍ମିକ ଭାବରେ ପାଇପାରିବେ। ଚତୁରତାର ସହ ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ସଭାସମିତି କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ବିଛା**
ଅଟକି ରହିଥିବା କାମ ଶୀଘ୍ର କରିବା ସକାଶେ ମନ ବଳାଇବେ। ପୂର୍ବ ଶତ୍ରୁତାରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆକସ୍ମିକ କୌଣସି ସମସ୍ୟା ମନଟାକୁ ଗୋଳମାଳିଆ କରିଦେବାର ସମ୍ଭାବନାକୁ ଏଡିହେବ ନାହିଁ। ପ୍ରଶାସନ, ପ୍ରକାଶନ ତଥା ପରିବହନ କ୍ଷେତ୍ରରେ ନୂତନ ଯୋଜନାକୁ କାର୍ଯ୍ୟକାରି କରିପାରନ୍ତି।

**ଧନୁ**
ଭାବପ୍ରବଣତାରେ ଭାସିଯାଇ ବିବାଦୀୟ ମନ୍ତବ୍ୟ ଦେଲେ ସମସ୍ୟାକୁ ନିମନ୍ତ୍ରଣ କରିବେ। ବନ୍ଧୁମାନଙ୍କ ସହ ଭ୍ରମଣ, କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ କରିବେ। ପୂର୍ବାଷାଢା ନକ୍ଷତ୍ରର ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ସାମୟିକ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ମକର**
ଚେଷ୍ଟା କରୁଥିବା କାମଟି ସଫଳ ହେବାରେ ଜଣେ ପୁରୁଣା ବନ୍ଧୁ କିମ୍ବା ସହକର୍ମୀ ସାହାଯ୍ୟ କରିବେ। ପ୍ରଶାସନିକ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖ ପ୍ରକାଶ କରିପାରନ୍ତି। ଆର୍ଥିକସ୍ଥିତି ପ୍ରାୟତଃ ପୂର୍ବପରି ରହିବ।

**କୁମ୍ଭ**
ଆଜି ଠିକ୍ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। ସଙ୍ଗୀତ, କଳା, ସାହିତ୍ୟ, ସାମ୍ବାଦିକତା, ଯୋଗାଯୋଗରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ମାତ୍ର ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ।

**ମୀନ**
ଆଜି ଦିନଟିରେ ଶ୍ରୁତିରୋଚକ କଥା ଓ ଆକର୍ଷଣୀୟ ବ୍ୟବହାର ଦ୍ୱାରା ପ୍ରତ୍ୟେକ ପରିସ୍ଥିତିକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପାରିବାରିକ ଆର୍ଥିକ ଅନଟନକୁ ସୁଧାରିବା ସକାଶେ ଆଜି ହଠାତ୍ ଧାର ସୂତ୍ରରେ ଅର୍ଥ ପାଇବେ। ନିଜ ମନ ପସନ୍ଦର ଜିନିଷ କିଣିବାର ସୁଯୋଗ ଲାଭକରି ଖୁସି ରହିବେ।

ଆଜି ଶ୍ରାବଣ କୃଷ୍ଣ ଅଷ୍ଟମୀ ସୋମବାର, ଜୁଲାଇ ୧୦ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୪୮ ଗତେ, ଘ.୧୦।୩୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୫୬ ଗତେ, ଘ.୦୮।୩୪ ମଧ୍ୟେ ରାହୁକାଳ।

# ଓଡ଼ିଶାରେ ନିଅଣ୍ଟିଆ ବର୍ଷା ଚିନ୍ତା ବଢ଼ାଇଛି

### ଆଜି ୭ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ମୌସୁମୀ ନିମ୍ନ ଚାପ ରେଖା ରବିବାର ରାଜସ୍ଥାନର ଜୈସେଲମେରରୁ ବାହାରି ଆଜମେର, ଶିବପୁରୀ, ସିଦ୍ଧି, ଡାଲଟାନଗଞ୍ଜ ଦେଇ ପଶ୍ଚିମବଙ୍ଗର ଶାନ୍ତିନିକେତନରୁ ପୂର୍ବଦିଗରେ ମଣିପୁର ପର୍ଯ୍ୟନ୍ତ ବାୟୁମଣ୍ଡଳର ୧.୫କିମି ଉଚ୍ଚତା ଯାଏଁ ସକ୍ରିୟ ରହିଛି। ଏଥିଯୋଗୁ ଉତ୍ତର ଓ ଉତ୍ତର-ପୂର୍ବ ଭାରତରେ ପ୍ରବଳ ବର୍ଷା ଜାରି ରହିଛି। କିନ୍ତୁ ଓଡ଼ିଶା ରହିଛି ନିଅଣ୍ଟିଆ ବର୍ଷା ସ୍ଥିତି। ଦେଶର ଗୋଟିଏ ଭାଗରେ ଜଳପ୍ରଳୟ ଦେଖିବାକୁ ମିଳୁଥିବାବେଳେ ସମାନ ସମୟରେ ଅନ୍ୟତ୍ର ବର୍ଷା ଅଭାବରୁ ତଳି ପୋଡ଼ିଗଲାଣି। ବିଳମ୍ବରେ ମୌସୁମୀ ଓଡ଼ିଶା ପ୍ରବେଶ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ଭଲ ବର୍ଷା ହୋଇନାହିଁ। ଫଳରେ ସାରା ରାଜ୍ୟରେ ବର୍ଷାକୁ ନେଇ ଉତ୍କଟ ସ୍ଥିତି ଉପୁଜିଛି। ଅଧିକାଂଶ ସ୍ଥାନରେ ଚାଷ ପ୍ରଭାବିତ ହୋଇଥିବା ବେଳେ ଅନ୍ୟ କିଛି ସ୍ଥାନରେ ଚାଷ କାମ ଆରମ୍ଭ ହୋଇପାରୁନାହିଁ। ୧୫ଟି ଜିଲାରେ ନିଅଣ୍ଟିଆ ବର୍ଷା ଓ ଗୋଟିଏ ଜିଲାରେ ଅତି ନିଅଣ୍ଟିଆ ବର୍ଷା ହୋଇଛି। ଏବେ ରାଜ୍ୟରେ ବର୍ଷା ଜାରି ରହିଥିଲେ ମଧ୍ୟ, ବିଶେଷ ପ୍ରଭାବ ନାହିଁ। ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ ବୋଲି ସୂଚନା ମିଳିଛି। ଆସନ୍ତା ୧୯ ତାରିଖରେ କେନ୍ଦ୍ରୀୟ ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଥିଲେ ମଧ୍ୟ ତାହା ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବ। ଫଳରେ ଓଡ଼ିଶାରେ ବିଶେଷ ବର୍ଷା ହେବନି ବୋଲି ପାଣିପାଗ ବିଶେଷଜ୍ଞଙ୍କ ମତ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୩.୫ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୯.୨ ମିମି ତୁଳନାରେ ୬୨ପ୍ରତିଶତ କମ୍ ରହିଛି। ଚଳିତ ମୌସୁମୀ ଋତୁରେ ୧ ଜୁନରୁ ୯ ଜୁଲାଇ ମଧ୍ୟରେ ମୋଟ ୨୨୦.୭ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୨୯୫ ମିମି ତୁଳନାରେ ୨୫ ପ୍ରତିଶତ କମ୍ ରହିଛି। ଏହି ଅବଧି ମଧ୍ୟରେ ଦେବଗଡ଼ ଜିଲାରେ ସର୍ବାଧିକ ୪୩୭.୩ ମିମି ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ବର୍ଷା ୨୯୨.୫ ମିମି ତୁଳନାରେ ୫୦ ପ୍ରତିଶତ ଅଧିକ ରହିଛି। ସେହିପରି କଳାହାଣ୍ଡି ଜିଲାରେ ୧୨୩.୫ ମିମି ସହ ସବୁଠାରୁ କମ୍ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି। ଏହା ସ୍ୱାଭାବିକ ବର୍ଷା ତୁଳନାରେ ୬୫ ପ୍ରତିଶତ କମ ରହିଛି। ଅନ୍ୟପଟେ ସୋମବାର ମାତ୍ର ୭ଟି ଜିଲାରେ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ସମ୍ପୃକ୍ତ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ଅନୁଗୋଳ,ଢେଙ୍କାନାଳ ଓ କେନ୍ଦୁଝର ଜିଲା ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଉତ୍ତର ଭାରତରେ ବର୍ଷା...

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ଭୂସ୍ଖଳନ ଯୋଗୁ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ଡୋଗ୍ରା ନାଲାରେ ଆକସ୍ମିକ ବନ୍ୟା ଆସିବା ଯୋଗୁ ଦୁଇ ଯବାନ ଭାସିଯାଇଥିଲେ। ପୁଞ୍ଛ ଜିଲାରୁ ସେମାନଙ୍କ ମୃତଦେହ ମିଳିଛି। ଜମ୍ମୁ-କଶ୍ମୀର ଏବଂ ଲଦାଖର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବାବେଳେ ପ୍ରବଳ ବର୍ଷା ହେବା ନେଇ କଠୁଆ ଏବଂ ସାମ୍ବା ଜିଲାରେ ରେଡ୍ ଆଲର୍ଟ ଜାରି ହୋଇଛି।

ହିମାଚଳପ୍ରଦେଶର ଚନ୍ଦ୍ରତାଲରେ ଆକସ୍ମିକ ବନ୍ୟା ଯୋଗୁ ୨୦୦ ଲୋକ ଜଳବନ୍ଦୀ ରହିଛନ୍ତି। ବେଆସ୍ ନଦୀରେ ବନ୍ୟା ଆସିବାରୁ ଚଣ୍ଡିଗଡ଼-ମନାଲି ଜାତୀୟ ରାଜପଥର କେତେକ ସ୍ଥାନ ଧୋଇଯାଇଛି। ଭୂସ୍ଖଳନ ଏବଂ ବନ୍ୟାରେ ରାସ୍ତା ଧୋଇଯିବା ଯୋଗୁ ଉତ୍ତରାଖଣ୍ଡ ପାର୍ବତ୍ୟାଞ୍ଚଳର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ମନାଲିରେ କେତେକ ଦୋକାନ ଭାସିଯାଇଥିବାବେଳେ କୁଲ୍ଲୁ, କିନ୍ନଉର ଏବଂ ଚାମ୍ବାର ଛୋଟ ନଦୀଗୁଡ଼ିକରେ ବନ୍ୟା ଆସି କେତେକ ଗାଡ଼ି ଭାସିଯାଇଛି। ପଞ୍ଜାବ ଓ ହରିୟାଣାରେ ପ୍ରବଳ ମୌସୁମୀ ବର୍ଷା ଯୋଗୁ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପ୍ରଭାବିତ ଅଞ୍ଚଳ ଗସ୍ତ କରି ଲୋକଙ୍କୁ ସହାୟତା କରିବା ଲାଗି ପଞ୍ଜାବ ସରକାର ଏହାର ମନ୍ତ୍ରୀ, ଉପକମିଶନର, ବରିଷ୍ଠ ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହରିୟାଣାର ମାର୍କଣ୍ଡ, ଘାଗର ଏବଂ ଟାଙ୍ଗ୍ରି ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଥିବାରୁ ସରକାର ବନ୍ୟା କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି। ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା ଲାଗିରହିଥିବାବେଳେ ରବିବାର କୌଶମ୍ବିରେ ଗଛ ଡାଳ ପଡ଼ି ୧୦ ବର୍ଷର ବାଳିକା ପ୍ରାଣ ହରାଇଛନ୍ତି। ଶନିବାର ବାଲିଆରେ ବଜ୍ରପାତ ଯୋଗୁ ୨ ଜଣଙ୍କ ମୃତ୍ୟୁ ହେବା ସହ ୩ ଆହତ ହୋଇଥିଲେ। ରାଜସ୍ଥାନର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ଝୁନ୍‌ଝୁନୁରେ ରବିବାର ସକାଳ ସୁଦ୍ଧା ସର୍ବାଧିକ ୧୨ ସେଣ୍ଟିମିଟର ବର୍ଷା ହୋଇଛି। ଜୁଲାଇ ମାସର ପ୍ରଥମ ୮ ଦିନର ଭଲ ବର୍ଷା ସାରା ଦେଶରେ ବର୍ଷା ନିଅଣ୍ଟକୁ ଭରଣା କରିଥିବା ପାଣିପାଗ ବିଭାଗ କହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ଦିଲ୍ଲୀ ଏବଂ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳଙ୍କ ସହ ବର୍ଷା ସ୍ଥିତିକୁ ନେଇ ଫୋନ୍‌ରେ କଥା ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁ ୩ ଦିନ ହେଲା ଅମରନାଥ ଯାତ୍ରା ବନ୍ଦ ରହିଥିବାବେଳେ ଏନେଇ ଶାହା ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କଠାରୁ ସବିଶେଷ ତଥ୍ୟ ବୁଝିଥିଲେ।

### ଦିଲ୍ଲୀରେ ସୋମବାର ସ୍କୁଲ ବନ୍ଦ

ଦୁଇଦିନ ହେଲା ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଜଳମଗ୍ନ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବାବେଳେ ସୋମବାର ଦିଲ୍ଲୀର ସମସ୍ତ ସ୍କୁଲ୍ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରିଛନ୍ତି। ରବିବାର ପ୍ରବଳ ବର୍ଷା ଯୋଗୁ ଏକ ସରକାରୀ ସ୍କୁଲ୍‌ର ପାଚେରି ଭୁଶୁଡ଼ି ପଡ଼ିଛି। ସବୁ ସରକାରୀ ସ୍କୁଲ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବାକୁ ଦିଲ୍ଲୀ ମନ୍ତ୍ରୀ ଅତିଶି ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ, ସ୍କୁଲ୍ ପ୍ରିନ୍ସିପାଲ ଓ ଭାଇସ୍ ପ୍ରିନ୍ସିପାଲମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହିମାଚଳପ୍ରଦେଶ ସରକାର ମଧ୍ୟ ମଙ୍ଗଳବାର ପର୍ଯ୍ୟନ୍ତ ସ୍କୁଲ୍ ଛୁଟି ଘୋଷଣା କରିଛନ୍ତି।

## ଦିନିକିଆ କ୍ରିକେଟ ବିଶ୍ୱକପ୍...

ବିଶ୍ୱକପ୍ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବାକୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାର ଦିନକ ପରେ କ୍ରୀଡ଼ାମନ୍ତ୍ରୀ ମଜାରି ଏଭଳି ବୟାନ ଦେଇଛନ୍ତି।

ପୂର୍ବରୁ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି) ଓ ପାକିସ୍ତାନ ହାଇବ୍ରିଡ୍ ମଡେଲରେ ଏସିଆ କପ୍ ଆୟୋଜନକୁ ଗ୍ରହଣ କରି ନେଇଥିଲେ। ତେବେ ମଜାରିଙ୍କ ଏଭଳି ମନ୍ତବ୍ୟ ପରେ ପୁଣି ବିବାଦ ମୁଣ୍ଡ ଟେକିଛି। ସାକ୍ଷାତକାର ସମୟରେ ମଜାରି କହିଛନ୍ତି, କ୍ରୀଡ଼ା ମନ୍ତ୍ରଣାଳୟ ମୋ ଅଧୀନରେ ଆସୁଛି। ତେଣୁ ଭାରତ ଯଦି ଏସିଆ କପ୍ ପାଇଁ ନିରପେକ୍ଷ ଭେନ୍ୟୁ ଦାବି କରିବ ପାକିସ୍ତାନ ମଧ୍ୟ ଦିନିକିଆ ବିଶ୍ୱକପ ପାଇଁ ସମାନ ଦାବି ରଖିବ। ଶନିବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀ ଏହି କମିଟିର ମୁଖ୍ୟ ରହିଥିବାବେଳେ ମଜାରିଙ୍କ ସମେତ ୧୧ ଜଣ ମନ୍ତ୍ରୀ ଏହି କମିଟିରେ ରହିଛନ୍ତି। ଏହି କମିଟି ଭାରତ- ପାକିସ୍ତାନ ସମ୍ପର୍କର ସମସ୍ତ ଦିଗରୁ ବିଚାର ଆଲୋଚନା କରିବ। ଖେଳାଳି, ଅଫିସିଆଲ, ସମର୍ଥକ ଏବଂ ମିଡିଆ ପାଇଁ ଭାରତରେ ବର୍ତ୍ତମାନର ସ୍ଥିତିକୁ ନେଇ ଆଲୋଚନା ପରେ କମିଟି ଏହାର ସୁପାରିସ ଶରିଫଙ୍କ ନିକଟରେ ଉପସ୍ଥାପନ କରିବ। ପ୍ରଧାନମନ୍ତ୍ରୀ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ପାଟ୍ରନ୍-ଇନ୍-ଚିଫ୍ ରହିଥିବାରୁ କମିଟିର ରିପୋର୍ଟ ଆଧାରରେ ସେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ମଜାରି। ଏହା ସହିତ ପାକିସ୍ତାନରେ ଖେଳିବା ପାଇଁ ଭାରତ କାହିଁକି ଅନିଚ୍ଛା ପ୍ରକାଶ କରୁଛି ତାହା ସେ ବୁଝିବାକୁ ଅସମର୍ଥ ବୋଲି ସେ କହିଛନ୍ତି। ଭାରତ କ୍ରୀଡ଼ା ସହିତ ରାଜନୀତିକୁ ମିଶାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଭାରତରୁ ବେସ୍ ବଲ, ବ୍ରିଜ୍ (ତାସ୍) ଦଳ ଏଠାକୁ ଆସି ଖେଳୁଛନ୍ତି, ମାତ୍ର କ୍ରିକେଟ ଦଳ ପଠାଇବାରେ କ'ଣ ସମସ୍ୟା ରହିଛି ବୋଲି ସେ ପ୍ରଶ୍ନ ମଧ୍ୟ କରିଛନ୍ତି। ମଜାରି ଆହୁରି ମଧ୍ୟ କହିଛନ୍ତି, ନିକଟରେ ପାକିସ୍ତାନରେ ଏକ ବ୍ରିଜ୍(ତାସ) ଚାମ୍ପିୟନଶିପ୍ ହୋଇଥିଲା। ଏଥିରେ ଭାରତରୁ ୬୦ ଜଣିଆ ଦଳ ଅଂଶଗ୍ରହଣ କରିଥିଲେ ଓ ମୁଁ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରହିଥିଲି। ପାକିସ୍ତାନର ଫୁଟ୍‌ବଲ, ହକି ଓ ଚେସ୍ ଦଳ ଭାରତ ଗସ୍ତ କରୁଛି। ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତରେ ଆସିଥିବାବେଳେ ସେମାନଙ୍କୁ ରାଷ୍ଟ୍ରପତିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ଭାରତୀୟ ଦଳ ଅନେକ ଥର ପାକିସ୍ତାନ ଗସ୍ତରେ ଆସିଥିବାବେଳେ ଦଳକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାକିସ୍ତାନ ସୁପର ଲିଗ୍‌ରେ ଅନେକ ବିଦେଶୀ ଖେଳାଳି ଅଛନ୍ତି, ଯେଉଁମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଉଛି। ତେଣୁ ଭାରତ ମଧ୍ୟ ଏହାର କ୍ରିକେଟ ଦଳ ପଠାଇବା ଉଚିତ ବୋଲି ମଜାରି କହିଛନ୍ତି। ଅନ୍ୟପକ୍ଷରେ ଆଇସିସି ପକ୍ଷରୁ ପାକିସ୍ତାନକୁ ରିମାଇଣ୍ଡର ଦିଆଯାଇଛି। ପାକିସ୍ତାନ ବିଶ୍ୱକପ୍ ଖେଳିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିବା ସମ୍ପର୍କରେ ଏହାକୁ ଚିଠି ଜରିଆରେ ଆଇସିସି ଜଣାଇଛି।

ଉଲ୍ଲେଖଯୋଗ୍ୟ, ୨୦୦୯ରେ ଶ୍ରୀଲଙ୍କା ଦଳ ପାକିସ୍ତାନ ଗସ୍ତରେ ଥିବାବେଳେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଶ୍ରୀଲଙ୍କାର ଇନ୍‌ଫର୍ମ ଖେଳାଳି ଥିଲନ ସମରୱିରାଙ୍କ ଦେହରେ ଗୁଳି ବାଜିଥିବାବେଳେ ଜଣେ ବ୍ରିଟିଶ ସହକାରୀ କୋଚ୍ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ପରେ ସମଗ୍ର ବିଶ୍ୱ ପାକିସ୍ତାନରେ କ୍ରିକେଟ ଖେଳିବା ଉପରେ କଟକଣା ଜାରି କରିଥିଲା।

## ଅଭିଜିତ୍‌ଙ୍କୁ ଆଇବି...

ଜଣାପଡ଼ିଛି। ତେବେ ଆତଙ୍କବାଦୀ ଲିଙ୍କ୍‌ରେ ପ୍ରମାଣ ପାଇବା ପରେ ମହାରାଷ୍ଟ୍ର ଏଟିଏସ୍ ଅଭିଜିତ୍‌ଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇପାରେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଅଧିକ ପଚରାଉଚରା ପାଇଁ ସୋମବାର ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ୍ ଏଜେନ୍ସି (ଏନ୍‌ଆଇଏ)ର ଟିମ୍ ଓଡ଼ିଶା ପହଞ୍ଚି ଅଭିଜିତ୍‌ଙ୍କୁ ଜେରା କରିବ ବୋଲି ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି। ସୂଚନାଯୋଗ୍ୟ, ଅଭିଜିତ୍ ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ ଯୋଗାଯୋଗରେ ରହୁଥିଲେ। ୨୦୧୮ରେ ସେ ଫେସ୍‌ବୁକ ମେସେଞ୍ଜର ମାଧ୍ୟମରେ ପାକିସ୍ତାନର ଦାନିଶ୍ ଓରଫ ସୟଦ୍ ଦାନିଶ ଅଲ୍ଲୀ ନାଗ୍ୱିଙ୍କ ସହ ପରିଚିତ ହୋଇଥିଲେ। ଅଭିଜିତ୍ ଆମେରିକାର ଏକ ଶିକ୍ଷା ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ଚେଗ୍'ରେ ଜଣେ ଫ୍ରିଲାନ୍ସର ଭାବେ କାମ କରୁଛନ୍ତି ବୋଲି ଦାନିଶଙ୍କୁ କହିଥିଲେ। ଏହାପରେ ଅଭିଜିତ ତାଙ୍କ ୟୁଜର୍ ଆଇଡି ଏବଂ ପାସ୍‌ୱାର୍ଡକୁ ଦାନିଶଙ୍କୁ ଦେଇଥିଲେ। ଫଳରେ ଅଭିଜିତଙ୍କ ନାମରେ ଦାନିଶ ଉକ୍ତ କମ୍ପାନୀରେ ମଧ୍ୟ କାମ କରୁଥିଲେ। ସେଥିରୁ ମିଳୁଥିବା ଟଙ୍କା ଅଭିଜିତ୍‌ଙ୍କ ଆକାଉଣ୍ଟକୁ ଆସୁଥିଲା। ଏଥିସହ ଆଇଏସ୍‌ଆଇରେ କାମ କରୁଥିବା ଖୁରାମ୍ ଓରଫ ଅବଦୁଲ ହମିଦଙ୍କ ସହ ଅଭିଜିତ୍‌ଙ୍କୁ ଦାନିଶ ପରିଚୟ କରାଇଥିଲେ। ଖୁରାମ୍‌ଙ୍କ ନିର୍ଦ୍ଦେଶରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ କାମ କରୁଥିବା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଅଭିଜିତ୍ ପାଉଥିବା ସାଲାରି ଟଙ୍କାରୁ କିଛି ପ୍ରତିଶତ ପଠାଉଥିଲେ। ଓଡ଼ିଶାରୁ ଗିରଫ ହୋଇଥିବା ପଠାଣି ସାମନ୍ତଙ୍କ ସମେତ ଅନ୍ୟ ୫ଜଣ ବିଭିନ୍ନ ଲୋକଙ୍କ ନାମରେ ସିମ୍ କାର୍ଡ ଆଣି ବିଭିନ୍ନ ଆପରାଧିକ ବା ଦେଶଦ୍ରୋହ କାର୍ଯ୍ୟରେ ବ୍ୟବହାର ଲାଗି ଓଟିପିକୁ ଶେୟାର କରୁଥିଲେ। ତେବେ ଏହି ମାମଲାରେ ଅଭିଜିତ୍‌ଙ୍କ ସମେତ ମୋଟ ୬ଜଣଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାକୁ ଏଭଳି ଖୋଳତାଡ଼ ଜାରି ରଖିଛି।

## ମୋତେ ଭାରତରେ ...

ସୀମା ନେପାଳ ଦେଇ ଭାରତରେ ଅନୁପ୍ରବେଶ କରିଥିଲେ। ସୀମା ଓ ସଚିନ ଜଣେ ଓକିଲଙ୍କୁ ବିବାହ ପଞ୍ଜୀକରଣ ପାଇଁ ଅନୁରୋଧ କରିଥିଲେ। ଓକିଲ ଏନେଇ ଥାନାରେ ଜଣାଇବା ପରେ ଜୁଲାଇ ୪ରେ ହରିୟାଣାର ବଲ୍ଲଭଗଡ଼ରେ ପୋଲିସ ସୀମାଙ୍କ ସହ ତାଙ୍କୁ ବେଆଇନ ଭାବେ ଅନୁପ୍ରବେଶ କରାଇବାରେ ସହଯୋଗ ଅଭିଯୋଗରେ ସଚିନ ଓ ତାଙ୍କ ବାପାଙ୍କୁ ମଧ୍ୟ ଗିରଫ କରିଥିଲା। ସେତେବେଳେ ଦୁହେଁ ଗଣମାଧ୍ୟମ ଓ ପୋଲିସ ଆଗରେ ନିଜ ପ୍ରେମ କାହାଣୀ ଶୁଣାଇ ଚର୍ଚ୍ଚିତ ହୋଇଥିଲେ। ୩ ଜଣଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ସେମାନେ ଶନିବାର ଜାମିନରେ ମୁକୁଳିଛନ୍ତି। ଭାରତରେ ସ୍ୱାମୀ ସ୍ତ୍ରୀ ଭାବେ ରହିବାକୁ ଅନୁମତି ପ୍ରଦାନ ଲାଗି ଉଭୟେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ସାଉଦି ଆରବରେ ରହି କାମ କରୁଥିବା ସୀମାଙ୍କ ପୂର୍ବତନ ସ୍ୱାମୀ ଗୁଲାମ ହାଇଦର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ଜାରି କରିଛନ୍ତି। ନିଜ ସ୍ତ୍ରୀ ଓ ପିଲାଙ୍କୁ ପାକିସ୍ତାନକୁ ଫେରାଇ ଦେବା ପାଇଁ ସେ ଏଥିରେ ଅନୁରୋଧ କରିଛନ୍ତି। ସୀମାଙ୍କୁ ପବ୍‌ଜି ଜରିଆରେ ପ୍ରଲୋଭନ ଦେଖାଇ ଭାରତକୁ ଅଣାଯାଇଥିବା ଗୁଲାମ ଅଭିଯୋଗ କରିଛନ୍ତି। ଅପ୍ରତ୍ୟାଶିତ ସମର୍ଥନ ପାଇଁ ଭାରତୀୟ ଗଣମାଧ୍ୟମକୁ ଗୁଲାମ କୃତଜ୍ଞତା ଜଣାଇଛନ୍ତି। ଗଣମାଧ୍ୟମ ଯୋଗୁ ହିଁ ସେ ନିଜ ସ୍ତ୍ରୀ ଓ ପିଲାଙ୍କୁ ଠାବ କରିପାରିଥିବା ଉକ୍ତ ଭିଡିଓରେ କହିଛନ୍ତି। ଏହାର ଜବାବରେ ସୀମା କହିଛନ୍ତି, ଗୁଲାମ ତାଙ୍କୁ ମାଡ଼ ମାରି ନିର୍ଯାତନା ଦିଅନ୍ତି। ଏପରି କି ତାଙ୍କ ମୁହଁରେ ଲଙ୍କାଗୁଣ୍ଡ ମଧ୍ୟ ଦିଅନ୍ତି। ଅକଥନୀୟ ନିର୍ଯାତନା ସହି ନ ପାରି ସେ ଗତ ୪ ବର୍ଷ ହେଲା ସ୍ୱାମୀ ଗୁଲାମ ହାଇଦରଠାରୁ ଅଲଗା ରହୁଛନ୍ତି। ଦୁହିଁଙ୍କ ମଧ୍ୟରେ ଆଉ କୌଣସି ସମ୍ପର୍କ ନାହିଁ। ଭାରତରେ ରହିବାକୁ ଦିଆଗଲେ ସଚିନ ତାଙ୍କର ୪ ପିଲାଙ୍କୁ ଆପଣାଇନେବେ। କିନ୍ତୁ ପାକିସ୍ତାନ ଫେରିଲେ ବଞ୍ଚି ରହିବା ଅସମ୍ଭବ। ସେ ହିନ୍ଦୁଧର୍ମ ଗ୍ରହଣ କରିଥିବାରୁ ସେମାନେ ତାଙ୍କୁ ମାରିଦେବେ ବୋଲି ଏଠାରେ ରହିବାକୁ ଅନୁମତି ପ୍ରଦାନ ସକାଶେ ସୀମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗଣମାଧ୍ୟମ ଜରିଆରେ ଆକୁଳ ନିବେଦନ କରିଛନ୍ତି। ଗ୍ରେଟର ନଏଡାର ରବୁପୁରାସ୍ଥିତ ସଚିନଙ୍କ ପୈତୃକ ଘରଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଯୋଡ଼ି ଏବେ ରହୁଛନ୍ତି।

# ଖରାରେ ସିଝିଲେ ଶ୍ରଦ୍ଧାଳୁ

■ ମହାପ୍ରଭୁଙ୍କ ଦର୍ଶନ ପାଇଁ ଗହଳି
■ ଶ୍ରୀମନ୍ଦିର ଭିତର କାଠ ନିକଟରେ ନାବାଳିକା ଅଣନିଃଶ୍ୱାସୀ

ପୁରୀ, ୯।୭(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ପୁରୀରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ବିଶେଷ କରି ବଡ଼ଦାଣ୍ଡ ଓ ସମୁଦ୍ରକୂଳ ଅଞ୍ଚଳରେ ଲୋକଙ୍କ ଭିଡ଼ ଲାଗିରହିଥିଲା। ଘୋଷଯାତ୍ରା ସମ୍ପନ୍ନ ପରେ ଏବେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ତେଣୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ୨ୟ ଶନିବାର ଓ ରବିବାର ଛୁଟିଦିନ ଥିବାରୁ ଭିଡ଼ ହୋଇଥିଲା। ଅନେକ ଶ୍ରଦ୍ଧାଳୁ ବହୁ ସମୟ ଖରାରେ ଲମ୍ବାଧାଡ଼ିରେ ଛିଡ଼ାହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ରବିବାର ଶ୍ରୀମନ୍ଦିର ଭିତରକାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ ଚାଲିଥିବାବେଳେ ଜଣେ ନାବାଳିକା ଅଣନିଃଶ୍ୱାସୀ ହୋଇ ପଡ଼ିଥିଲେ। ସେ ହେଲେ ଖୋର୍ଦ୍ଧା ଜିଲାର ସରସ୍ୱତୀ ପରିଡ଼ା(୧୩)। ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଶ୍ରୀମନ୍ଦିର ସମ୍ମୁଖରୁ ଅସ୍ଥାୟୀ ଶେଡ୍‌କୁ ଖୋଲି ଦିଆଯାଇଥିଲା। ବର୍ତ୍ତମାନ ଶ୍ରୀମନ୍ଦିର ସମ୍ମୁଖରେ ରଥତ୍ରୟ ରହିଥିବାରୁ ଅସ୍ଥାୟୀ ଶେଡ୍ ଲଗାଯାଇନାହିଁ। ଫଳରେ ଭକ୍ତଙ୍କୁ ଖରାରେ ସିଝିବାକୁ ପଡୁଛି। ତେବେ ଯେପରି ଭକ୍ତଙ୍କ ପାଦ ନ ତାତିବ ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ସିଞ୍ଚନ କରାଯାଉଛି। ବଡ଼ ଆଖଡ଼ା ମଠ ପାର୍ଶ୍ୱରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଏକ ଷ୍ଟିଲରେ ବ୍ୟାରିକେଡ୍ କରାଯାଇଛି। ସେହି ବ୍ୟାରିକେଡ୍ ଦେଇ ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରୁଥିବାବେଳେ ମହାପ୍ରଭୁଙ୍କ ଦର୍ଶନ ସାରି ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ସେହିଭଳି ଉକ୍ତ ଷ୍ଟିଲ ବ୍ୟାରିକେଡ ଉପରେ ଛାମୁଣ୍ଡିଆ କରାଯାଇଛି। ତେବେ ପ୍ରଶାସନ ଭକ୍ତଙ୍କ ପାଇଁ ଯେତିକି ବ୍ୟବସ୍ଥା କରିଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଭକ୍ତମାନେ କହିଛନ୍ତି। କାରଣ ବହୁସଂଖ୍ୟକ ଭକ୍ତ ଆସୁଥିବା ବେଳେ ବ୍ୟାରିକେଡ୍‌ର ଓସାର କମ୍ ରହୁଛି। ଫଳରେ ଠେଲାପେଲା ସ୍ଥିତି ଉପୁଜୁଛି। ଅନେକ ଭକ୍ତଙ୍କୁ ଖରାରେ ରାସ୍ତାରେ ଠିଆ ହେବାକୁ ପଡୁଛି। ସେହିପରି ମହାପ୍ରସାଦ ଓ ଦୈନିକ ଦର୍ଶନ ପାଇଁ ଯାଉଥିବା ପୁରୀ ସହର ବାସିନ୍ଦା ଏତେ ଲମ୍ବା ଧାଡ଼ିରେ ଠିଆ ହୋଇ ଯିବାକୁ ନାପସନ୍ଦ କରୁଛନ୍ତି। ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। ମାତ୍ର ବର୍ତ୍ତମାନ ଭକ୍ତଙ୍କୁ ସିଂହଦ୍ୱାର ଦେଇ ପ୍ରବେଶ କରିବାକୁ ଅନୁମତି ରହିଛି। ଗୋଟିଏ ଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରୁଥିବାରୁ ଭିଡ଼ ହେଉଛି। ତେଣୁ ଭକ୍ତଙ୍କ ପାଇଁ ୪ ଦ୍ୱାର ଖୋଲାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।



ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଖରାରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଶ୍ରୀନଅର ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବାଧାଡ଼ି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ସୀମାନ୍ତରୁ ମାଓବାଦୀ ଗିରଫ


ଗିରଫ ମାଓବାଦୀ

**ମାଲକାନଗିରି,୯।୭(ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ପୋଲିସ ରବିବାର ଜଣେ ମାଓବାଦୀଙ୍କୁ ଗିରଫ କରିଛି। ମାଓବାଦୀମାନେ ଥିବା ଖବର ପାଇ ସୁକୁମା ଜିଲା ଡିଆରଜି, ସିଆରପିଏଫ ଓ କୋବ୍ରା ବାହିନୀ ସର୍ଚ୍ଚିଂ ଅପରେଶନ କରିବାକୁ ବାହାରି ଥିଲେ। ଏହି ସମୟରେ ଗଛନପଲ୍ଲୀ ଜଙ୍ଗଲରୁ ଜଣେ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଗଛନପାଲ୍ଲୀ ଗ୍ରାମର ମିଲିସିଆ ପ୍ଲାଟୁନ କମାଣ୍ଡର କୁଞ୍ଜାମ ବୀରା। ତାଙ୍କୁ ଧରିଲେ ୧ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ ବୋଲି ଛତିଶଗଡ ରାଜ୍ୟ ଘୋଷଣା କରିଥିଲା। ତାଙ୍କ ନିକଟରୁ ଡିଟୋନେଟର, କୋଡେକ୍ସ ତାର ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ପୋଲିସର ପ୍ରାଥମିକ ସୂଚନାରୁ ଜଣାପଡିଛି, କୁଞ୍ଜାମ ୨୦୦୯ରେ ସଂଗମ ସଦସ୍ୟଭାବେ ମାଓବାଦୀ ସଂଗଠନରେ କାମ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ମିଲିସିଆ ପ୍ଲାଟୁନ କମାଣ୍ଡର ଭାବେ କାର୍ଯ୍ୟରତ ଥିଲେ। ଜିଲାର ପିଡମେଲ ଗ୍ରାମରେ ମାଓବାଦୀଙ୍କ ଦ୍ୱାରା ହୋଇଥିବା ଆକ୍ରମଣରେ ସେ ସାମିଲ ଥିଲେ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକୁମା ପୋଲିସ ସୂଚନା ଦେଇଛି।

# କ୍ରଶରରେ ବ୍ଲାଷ୍ଟିଂ, ଥରିଲା ଗାଁ

ପାଟଣା, ୯।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଟାଙ୍ଗରପଡ଼ା ଆରଆଇ ସର୍କଲ ଅଧୀନ ଅଙ୍କୁରା ସ୍କୁଲସାହି ତଥା ହୁଡ଼ି ସାହିରେ ଥିବା ଏକ କ୍ରଶରରେ ରବିବାର ବ୍ଲାଷ୍ଟିଂ ବେଳେ ହଠାତ୍ ଗାଁ ଥରି ଉଠିଥିଲା। ବଡ଼ ବଡ଼ ପଥରଖଣ୍ଡ ପାଖ ଘର ଉପରେ ପଡ଼ିଥିଲା। ପ୍ରଚଣ୍ଡ ଶବ୍ଦ ପ୍ରଭାବରେ ୬ରୁ ଊର୍ଦ୍ଧ୍ୱ ଘରର କାନ୍ଥ ଫାଟିବା ସହ ସ୍କୁଲ ଘର ଟାଇଲ ମଧ୍ୟ ଭାଙ୍ଗିଯାଇଛି। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ କ୍ରଶର ଉଚ୍ଛେଦ ଲାଗି ଅଡି ବସିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଗାଁରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାରେ କ୍ରଶରର ୨ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ବେଳେ ଗାଁଠାରୁ ୩ ଶହ ମିଟର ଦୂରରେ ଥିବା କ୍ରଶରରେ ଡିନାମାଇଟ ଲଗାଇ ବ୍ଲାଷ୍ଟିଂ ହୋଇଥିଲା। ବ୍ଲାଷ୍ଟିଂରେ ଗାଁ ଥରି ଉଠିବାରୁ ଲୋକେ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ। ଗ୍ରାମର ଲତା ମହାରଣା ଘରେ ଶୋଇଥିବା ବେଳେ ଟାଇଲ ଘର ଭାଙ୍ଗି ଏକ ବିରାଟ ପଥର ଖଣ୍ଡ ଘର ଭିତରେ ପଡ଼ିଥିଲା। ଫଳରେ ଖଟ ଭାଙ୍ଗିଯାଇଛି। ଅଳ୍ପକେ ଲତା ଆସନ୍ନ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ଗ୍ରାମର ରମେଶ ମହାରଣା, ରାଜକିଶୋର ନାଏକ, ସମ୍ପତ୍ତି ନାଏକ, ନରତ୍ତୋମ ନାଏକ ଓ ଝୁନୁ ନାଏକଙ୍କ ଛାତ, ଆଜବେଷ୍ଟସ ସହ ଘର କାନ୍ଥ ଫାଟି ଯାଇଛି। ଅଙ୍କୁରା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡି ଗୃହ କାନ୍ଥ, ସ୍କୁଲ ଗୃହ ଛାତ, ଟାଇଲ ଭାଙ୍ଗିବା ସହ କାନ୍ଥ ଫାଟିଯାଇଛି। ଘଟଣା ପରେ ଉତ୍ତ୍ୟକ୍ତ ମହିଳା ପୁରୁଷ ଠେଙ୍ଗାବାଡ଼ି ଧରି କ୍ରଶର ଅଭିମୁଖେ ଯାଇଥିଲେ। ଫଳରେ କ୍ରଶର ପରିସରରେ ଥିବା ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଭୟଭୀତ ହୋଇ ସ୍ଥାନ ଛାଡ଼ି ପଳାଇଥିଲେ। ଖବର ପାଇ ପାଟଣା ଥାନା ଏସ୍ଆଇ ମନୋରମା ସ୍ୱାଇଁ, ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦା, ଏଏସ୍ଆଇ ପଦ୍ମାବତୀ ବିଶ୍ୱାଲଙ୍କ ସହ ଥାନା କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗାଁରୁ କ୍ରଶର ଉଚ୍ଛେଦ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରଭାବିତଙ୍କ ସହ ବିପିନ ବିହାରୀ ପାତ୍ର, ତପନ ମହାରଣା, ସଞ୍ଜୟ ନାଏକ, ପ୍ରଦୀପ ନାଏକ, ସୁବ୍ରତ ନାଏକ, ମୁନା ନାଏକ, ବାପୁନ ନାଏକ, ରଜତ ନାଏକ ପ୍ରମୁଖ ଦାବି କରିଛନ୍ତି। ଉତ୍ତେଜନାକୁ ଆଖି ଆଗରେ ରଖି ଘଟଗାଁ ଏସ୍‌ଡିପିଓ ଆଲୋକ ଜେନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି।


ଘର ଭିତରେ ଥିବା ଖଟରେ ଏକ ପଥର ଖଣ୍ଡ ପଡି ଭାଙ୍ଗିଯାଇଛି।


ଉତ୍ତେଜିତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## ଫାଟିଲା କାନ୍ଥ, ଭାଙ୍ଗିଲା ଟାଇଲ

■ ଘର ଉପରେ ପଡ଼ିଲା ପଥର, ଅଳ୍ପକେ ବର୍ତ୍ତିଲେ ମହିଳା
■ ଗାଁରେ ଉତ୍ତେଜନା, ପୋଲିସ ଫୋର୍ସ ମୁତୟନ

# ସେବା ଲକ୍ଷ୍ୟରେ ଡାକ୍ତର ଦମ୍ପତିଙ୍କ ମାଗଣା କ୍ଲିନିକ

ସମ୍ବଲପୁର,୯।୭(ଶୁଭାଶିଷ ପାଢୀ)

ସେବା ଲକ୍ଷ୍ୟ ନେଇ ସମ୍ବଲପୁର ମହାନଗର ନିଗମ ସର୍ଲାକାନି (ସମଲେଇ ପଦର)ରେ ରହୁଥିବା ବୁର୍ଲା ଭିମ୍ସାରର ଡାକ୍ତର ଦମ୍ପତି ସଞ୍ଜୀବ ମିଶ୍ର ଓ ଗୀତାଞ୍ଜଳି ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ସେମାନେ ନିଜ ଘର ପାଖରେ ଆରୋଗ୍ୟ ନାମକ ଏକ ମାଗଣା କ୍ଲିନିକ ଖୋଲିଛନ୍ତି। ବରଗଡ ଏମ୍‌ପି ସୁରେଶ ପୂଜାରୀ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର ମିଶ୍ର କହିଛନ୍ତି, ଏକ ମାଗଣା କ୍ଲିନିକ ଖୋଲି ସେବା କରିବାକୁ ବହୁଦିନରୁ ଇଚ୍ଛା ଥିଲା। ଭିମ୍ସାର ସମୟ ବାହାରେ ଏହି କ୍ଲିନିକରେ ଲୋକଙ୍କୁ ଚିକିତ୍ସା ଦେବା ଲକ୍ଷ୍ୟ ରହିଛି। ଆମ ପଡ଼ା ସହିତ ଆଖପାଖ ଅଞ୍ଚଳରେ ଅଧିକ ବସ୍ତିବାସିନ୍ଦା ବସବାସ କରୁଛନ୍ତି। ସେମାନେ ଦିନ ମଜୁରି ଲାଗି ପରିବାର ପ୍ରତିପୋଷଣ କରନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ସେମାନେ ଡାକ୍ତରଖାନା ଯାଇ ଖର୍ଚ୍ଚାନ୍ତ ହୋଇଥାନ୍ତି। ସମୟ ମଧ୍ୟ ନଷ୍ଟ ହୋଇଥାଏ। ତେଣୁ ବସ୍ତିବାସିନ୍ଦାଙ୍କୁ ପ୍ରାଥମିକତା ଦେଇ ଏହି କ୍ଲିନିକ ଖୋଲାଯାଇଛି। ସେବା ଦେଲେ ସେମାନଙ୍କ ସମୟ ବଞ୍ଚିବା ସହ ଖର୍ଚ୍ଚାନ୍ତ ହେବେ ନାହିଁ। ସୋମବାରଠାରୁ ଶନିବାର ପ୍ରତିଦିନି ସନ୍ଧ୍ୟା ସାଢେ ୬ଟାରୁ ୮ଟା ପର୍ଯ୍ୟନ୍ତ କ୍ଲିନିକ ଖୋଲା ରହିବ। ଭିମ୍ସାରରୁ ଡ୍ୟୁଟି ସାରି ଆସିବା ପରେ ରୋଗୀସଂଖ୍ୟା ବୃଦ୍ଧି ହେଲେ ସମୟ ସୀମାରେ ମଧ୍ୟ ବୃଦ୍ଧି କରାଯିବ। ସୁଲଭ ମୂଲ୍ୟରେ ମିଳୁଥିବା ଔଷଧ ଖାଇବାକୁ ପରାମର୍ଶ ଦିଆଯିବ ବୋଲି ସେ କହିଥିଲେ।


ଆରୋଗ୍ୟ କ୍ଲିନିକ ଉଦ୍‌ଘାଟନ କରାଯାଉଛି।

# ଅନାଥ ଉତ୍କଳିକାଙ୍କ ହାତ ଧରିଲେ ଜୟକୃଷ୍ଣ

## ଭିଡିଓ କଲ୍‌ରେ ବାହାଘର ଦେଖିଲେ ଜିଲାପାଳ


ଉତ୍କଳିକା ଓ ଜୟକୃଷ୍ଣଙ୍କ ବିବାହ।

ଭଦ୍ରକ, ୯।୭(ସନାତନ ରାଉତ)

ଭଦ୍ରକ ଚରମ୍ପା ନିକଟସ୍ଥ ଏରେଇଁସ୍ଥିତ ନିଖିଳ ଉତ୍କଳ ହରିଜନ ସେବାସଂଘ ଦ୍ୱାରା ପରିଚାଳିତ ଉଜ୍ଜ୍ୱଳା ପୁନଃ ଥଇଥାନ କେନ୍ଦ୍ରରେ ଅନାଥ ଝିଅ ଉତ୍କଳିକାଙ୍କ ବାହାଘର ରବିବାର ସମ୍ପନ୍ନ ହୋଇଛି। ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁରର ଲକ୍ଷ୍ମଣ ବିନ୍ଧାଣୀଙ୍କ ପୁଅ ଜୟକୃଷ୍ଣ ଉତ୍କଳିକାଙ୍କ ହାତ ଧରିଛନ୍ତି। ବୈଦିକ ରୀତିରେ ସେମାନଙ୍କ ବିବାହ ଅନୁଷ୍ଠିତ ହୋଇଛି। ସେଠାରେ ଉପସ୍ଥିତ ଥିବା ମହିଳା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁଙ୍କ ମୋବାଇଲକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଭିଡିଓ କଲ୍ କରି ବାହାଘର ଦେଖିବା ସହ ବରକନ୍ୟାଙ୍କୁ ଆଶୀର୍ବାଦ କରିଥିଲେ।

ଉତ୍କଳିକା ଜଣେ ମୂକ ଝିଅ ହୋଇଥିବା ବେଳେ ୨୦୧୭ରେ ଭଦ୍ରକ ସହରରେ ବୁଲୁଥିବା ସମୟରେ ତତ୍କାଳୀନ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ତାଙ୍କୁ ଉଦ୍ଧାର କରି ଉଜ୍ଜ୍ୱଳା କେନ୍ଦ୍ରକୁ ହସ୍ତାନ୍ତର କରିଥିଲେ। ଏବେ ତାଙ୍କ ବୟସ ୨୩ ବର୍ଷ। ସେ ବିବାହ ପାଇଁ ଇଚ୍ଛା ପ୍ରକାଶ କରିବାରୁ କେନ୍ଦ୍ରର ସଭାପତି ରମେଶ ଚନ୍ଦ୍ର ଦୀକ୍ଷିତ ବରପାତ୍ର ଯୋଗାଡ଼ କରି ଜିଲା ପ୍ରଶାସନକୁ ଜଣାଇବା ପରେ ବାହାଘର କରାଇଥିବା କହିଛନ୍ତି। କନ୍ୟାପିତା ଭାବେ ଉଜ୍ଜ୍ୱଳା ହୋମ୍‌ର ହରେକୃଷ୍ଣ ବେହେରା ଦାୟିତ୍ୱ ତୁଲାଇଥିଲେ। ମହିଳା ସୁରକ୍ଷା ବିଭାଗର ସୁପରଭାଇଜର ରଶ୍ମିତା ନାୟକ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ ଓ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ। କେନ୍ଦ୍ରର ଇନ୍‌ଚାର୍ଜ ଉଷାରାଣୀ ବେହେରା, ହରେକୃଷ୍ଣ ବେହେରା, ଗୌରାଙ୍ଗ ଚନ୍ଦ୍ର ମହାରଣା ପ୍ରମୁଖ ବାହାଘରରେ ସହଯୋଗ କରିଥିଲେ। ଏହି ବାହାଘରକୁ ନେଇ ଉତ୍କଳିକାଙ୍କ ସମେତ କେନ୍ଦ୍ରର ଅନ୍ତେବାସିନୀମାନେ ଖୁସିବ୍ୟକ୍ତ କରିଛନ୍ତି।

## ସିନେମାଟୋଗ୍ରାଫର ଫାଲ୍‌ଗୁ ଶତପଥୀ

# ନିଜର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଚାହେଁ

ଧରିତ୍ରୀ ଆଳାପ

**ଚଳଚ୍ଚିତ୍ର 'ରଜା ଝିଅ ସଙ୍ଗେ ହେଇଗଲା ଭାବ'ରୁ ଆରମ୍ଭ ହୁଏ ତାଙ୍କର ନିର୍ଦ୍ଦେଶନାର ଯାତ୍ରା। ପରେ ଜଣେ ସିନେମାଟୋଗ୍ରାଫର ଭାବେ ପାଇଲେ ନୂଆ ପରିଚୟ। ସାଧବ ବୋହୂ ସିଜନ ୨, ସିଜନ ୩, ଭଏସ ଅଫ୍ ଓଡ଼ିଶା, ସାରେ ଗାମା ପା, ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ, ସେଫ୍ ନମ୍ବର ୧ ଭଳି ଅନେକ ଧାରାବହିକକୁ ସେ ତାଙ୍କ କ୍ୟାମେରା ଲେନ୍ସରେ ତୋଳି ଧରିଛନ୍ତି। ଚଳଚ୍ଚିତ୍ର ସପନର ପଥେ ପଥେ, ଲଭ ୟୁ ଜେସିକା, ଦିୱାନା ଦିୱାନି, ହ୍ୟାଲୋ ଇନ୍ ଲଭ୍‌ରେ ସେ ନିଜ ସିନେମାଟୋଗ୍ରାଫିର ଯାଦୁ ଦେଖାଇଛନ୍ତି। କେବଳ ସେତିକି ନୁହେଁ, ବଲିଉଡ ଚଳଚ୍ଚିତ୍ର ମେରା ଫୌଜି କଲିଙ୍ଗ, ଶିକ୍ଷା ମଣ୍ଡଳ ୱେବ୍ ସିରିଜରେ ସେ ନିଜର ପାରଦର୍ଶିତା ଦେଖାଇଛନ୍ତି। ସିନେମା ହେଉ କି ଧାରାବହିକ, ଏହାକୁ ଏକ ସୁନ୍ଦର ରୂପରେଖ ଦେବାକୁ ସେ ସବୁବେଳେ ଚେଷ୍ଟା କରିଥାନ୍ତି। ଆଗକୁ ମୁକ୍ତିଲାଭ କରିବାକୁ ଥିବା ବଡ଼ବଜେଟ ଚଳଚ୍ଚିତ୍ର 'ପୁଷ୍କରା'ରେ ମଧ୍ୟ ସେ ସମ୍ପୂର୍ଣ୍ଣ ଭାବେ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଓଲିଉଡ୍ ଚଳଚ୍ଚିତ୍ର ଜଗତର ବେଶ୍ ଜଣାଶୁଣା ସିନେମାଟୋଗ୍ରାଫର ଫାଲ୍‌ଗୁ ଶତପଥୀଙ୍କ ସହ ଏଥରର ଧରିତ୍ରୀ ଆଳାପ।**

ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର



**■ ମହିଳା ସିନେମାଟୋଗ୍ରାଫର ପରିଚୟ କେତେ ଖୁସି ଦେଇଛି?**

– ନିହାତି ଭାବେ ବହୁତ ଖୁସି ଲାଗେ। ମୁଁ ଭାଗ୍ୟ ଉପରେ ବିଶ୍ୱାସ କରେ। ଛୋଟବେଳୁ ସିନେମାକୁ ନେଇ ମନରେ ଆଗ୍ରହ ଥିଲା। କିନ୍ତୁ ମହିଳା କି ପୁରୁଷ ଏହି ପ୍ରତିବନ୍ଧକତା ନ ରହିବା ଉଚିତ। ଜଣେ ଯେତେବେଳେ ସିନେମା ଦେଖୁଛି ସେ କ'ଣ ଖୋଜନ୍ତି ସିନେମାଟୋଗ୍ରାଫର ପୁରୁଷ କି ମହିଳା। ସିନେମା କେତେ ଭଲ ହୋଇଛି ତାହା ସମସ୍ତେ ଦେଖନ୍ତି। ପୁରୁଷ କି ମହିଳାର କଥା ଆସିଗଲେ ଦର୍ଶକ ବିଚାର କରିବା ଆରମ୍ଭ କରିଦେବେ। ଆରେ ଝିଅ ଟା କରିଛି ନିହାତି ବହୁତ କଷ୍ଟ ହୋଇଥିବ, ପୁଅଟା କରିଛି ଆଉ ଟିକେ ଭଲ ହୋଇପାରିଥାନ୍ତା। ତେଣୁ ଏଥିରେ ପୁରୁଷ କି ମହିଳା ଟ୍ୟାଗ୍ ଲଗା ନ ଯାଉ।

**■ କ୍ୟାରିୟର ଆରମ୍ଭରୁ ଏପର୍ଯ୍ୟନ୍ତ ଯାତ୍ରାର ଅନୁଭୂତି?**

– ଯେବେ ମୁଁ ପାଠ ପଢ଼ି ସାରି ନୂଆ କରି କାମକୁ ଯାଇଥିଲି, ସେତେବେଳେ ଯେମିତି ମନରେ ନର୍ଭସ୍‌ନେସ୍ ଥିଲା, କ'ଣ କରିବି, କେମିତି କରିବି, ଭଲ ହୋଇପାରିବ କି ନାହିଁ, ଆଜି ପର୍ଯ୍ୟନ୍ତ ସେମିତି ବି ରହିଛି। କାରଣ ଭଲ ହେବା ନିହାତି ଦରକାର। କେମିତି ଆଗକୁ ବଢ଼ିବି, ଅଧିକ ଭଲ କରିବି ସବୁବେଳେ ମନରେ ରହିଛି। ଆଉ ମୁଁ ଭାବୁଛି ଏହି କଥା ମୁଣ୍ଡରେ ରହିଲେ ହିଁ ଭଲ।

**■ ଚଳଚ୍ଚିତ୍ର ସହ ରହିଛନ୍ତି, କେବେ ଅଭିନେତ୍ରୀ ହେବାକୁ ଇଚ୍ଛା ହୋଇନି?**

– ମୁଁ ଛୋଟବେଳେ ନାଟକରେ ଅଭିନୟ କରୁଥିଲି। ସେବେ ଭାବୁଥିଲି ଅଭିନୟରେ ହିଁ ଯିବି। କିନ୍ତୁ ସମୟକ୍ରମେ ଯେବେ ମୁଁ ସିନେମାକୁ ଜାଣିବାକୁ ଲାଗିଲି, ସେବେ ଅନୁଭବ କଲି ପରଦା ପଛରେ ଅନେକ ଅଛନ୍ତି, ଯେଉଁମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ମୋ ଉପରେ ପ୍ରଭାବ ପକାଇଥିଲା।

**■ ଓଡ଼ିଶୀ ନୃତ୍ୟ ବି କରନ୍ତି?**

– ଓଡ଼ିଶୀ ଡ୍ୟାନ୍ସ କରେ। ମଣିଷ ଜୀବନରେ କେତୋଟି ଜିନିଷ ଥାଏ ଯାହାକୁ ନିଜ ଖୁସି ବା ଶାନ୍ତି ପାଇଁ କରାଯାଇଥାଏ। ଓଡ଼ିଶୀ ମୋ ପାଇଁ ଠିକ୍ ସେମିତି। ଯଦିଓ ଏହାକୁ ମୁଁ ବୃତ୍ତି ଭଳି ନେଇନାହିଁ, କିନ୍ତୁ ଏହା ମୋତେ ଖୁସି ଆଣିଦିଏ।

**■ ଅନ୍ୟ କେଉଁଥିରେ ରୁଚି ରହିଛି?**

– ବୁଲିବା ମୋତେ ବହୁତ ପସନ୍ଦ। ସେମିତି ନୁହେଁ କି କୁଆଡ଼େ ଯାଇ ଖାଲି ବୁଲି ଆସିବି। ନୂଆ ନୂଆ ଜାଗା ବୁଲିବା ସହ ଏହାର ସଂସ୍କୃତି, ସେଠାକାର ଲୋକଙ୍କ ସହ ମିଶିବା, ଏମିତି କିଛି ଜିନିଷ ଯାହା ଆମଠି ନାହିଁ କି ଆମଠୁ ଅଲଗା, ସେସବୁ ଏକ୍ସପ୍ଲୋର୍ କରିବାକୁ ଭଲ ଲାଗେ।

**■ ପରଦା ପଛର ନାୟିକା/ନାୟକଙ୍କ ପ୍ରାପ୍ୟ ଓ ସମ୍ମାନକୁ ନେଇ କ'ଣ କହିବେ?**

– ସିନେମାଟୋଗ୍ରାଫର ହେଉ କି ପରଦା ପଛରେ ରହି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଅନ୍ୟ କେହି ଆର୍ଟିଷ୍ଟ, ସେମାନେ ହେଉଛନ୍ତି ସିନେମାର ମସ୍ତିଷ୍କ। ସିନେମାକୁ ସୁନ୍ଦର କରିବାରେ ସେମାନଙ୍କ ଚିନ୍ତା ଅଧିକ। ଆଉ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ, ସମ୍ମାନ ମିଳିଲେ ହିଁ ସେମାନେ ଖୁସିରେ କାମ କରିବେ, ସିନେମା ଭଲ ହେବ।

**■ ଭବିଷ୍ୟତ ଲକ୍ଷ୍ୟ ବା ଯୋଜନା ସମ୍ପର୍କରେ...?**

– ନିର୍ଦ୍ଦେଶନା କ୍ଷେତ୍ରରେ ଆଗ୍ରହ ଥିଲା। କିନ୍ତୁ କଟକରେ ନିର୍ଦ୍ଦେଶନା ଦିଗରେ ପଢ଼ିବାକୁ ସୁବିଧା ନ ଥିଲା। ସେଥିପାଇଁ ସିନେମାଟୋଗ୍ରାଫି ପଢ଼ିଲି। ସିନେମାରେ କାମ କଲା ପରେ ନିର୍ଦ୍ଦେଶନା ଦିଗରେ ଅଭିଜ୍ଞତା ଆସିଛି। ମୁଁ କିଛି ନୂଆ କରିବାକୁ ଚାହୁଁଛି, ଯାହାକୁ ସମସ୍ତେ ପ୍ରଶଂସା କରିବେ ସମସ୍ତେ ମନେ ରଖିବେ। ଏବେ ଯାହା କାମ କରୁଛି ଆଗକୁ କେମିତି ଭଲ କରିବି ସେ ନେଇ ସବୁବେଳେ ଚେଷ୍ଟା କରୁଛି। କହିବାକୁ ଗଲେ ମୁଁ ନିଜର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଚାହେଁ।

**■ କେଉଁ ପରିଚୟ ଖୁସି ଲାଗିବ, ସିନେମାଟୋଗ୍ରାଫର ନା ଅଭିନେତା ହର ରଥଙ୍କ ସ୍ତ୍ରୀ ?**

– ଉଭୟ। ତାଙ୍କ ପରିଚୟରେ କେହି ମୋତେ ପରିଚୟ ଦେଲେ ବି ଖୁସି ଲାଗେ। ୨ଟା ଯାକ ଟ୍ୟାଗ୍ ନେବାକୁ ଚାହିଁବି।

“ ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା’ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ । –ଶ୍ରୀମା



# ଜଣେ ହେଉ ବା ୩୫

ଆଧୁନିକ ନିର୍ବାଚନ ରାଜନୀତିରେ ହିଂସା ଦୀର୍ଘବର୍ଷରୁ ଚାଲିଆସିଛି । ବିଧିବଦ୍ଧ ଭାବରେ ଜରୁରିକାଳୀନ ପରିସ୍ଥିତି ବେଳେ ସଞ୍ଜୟ ଗାନ୍ଧୀ ବିଭିନ୍ନ ରାଜ୍ୟରେ ଗୁଣ୍ଡାଶ୍ରେଣୀୟ ଓ ଅସାମାଜିକ ବ୍ୟକ୍ତିମାନଙ୍କୁ କଂଗ୍ରେସ ଦଳରେ ନିମନ୍ତ୍ରଣ ଦେଇ ସଭ୍ୟ କରାଉଥିଲେ । ତାହା ଖୋଲି ଦେଇଥିଲା ଏହିଭଳି ଲୋକଙ୍କ ପାଇଁ ରାଜନୀତିର ଦ୍ୱାର । ଏହା ୯୦ ଦଶନ୍ଧିରେ ବୃଦ୍ଧି ପାଇ ଅନ୍ୟସବୁ ଦଳକୁ ଗ୍ରାସ କରିଥିଲା । ସେତେବେଳେ ବିହାର, ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଅସାମାଜିକ ବ୍ୟକ୍ତିମାନଙ୍କୁ ନେତାମାନେ ପୋଷି ନିଜ ଲକ୍ଷ୍ୟ ପୂରଣ କଲେ । ଯେତେବେଳେ ଗୁଣ୍ଡାମାନେ ଜାଣିଲେ ଯେ ସେମାନଙ୍କ ବଳ ନେତାଙ୍କୁ ବିଜୟ ଆଣିଦେଉଛି ସେତେବେଳେ ସେମାନେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେଇ ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହେଲେ । ବିହାରର ମହମ୍ମଦ ଶାହାବୁଦ୍ଦିନ ଓ ପପୁ ଯାଦବଙ୍କ ନାମ ଅପରାଧୀ ରାଜନେତା ଭାବେ ଜଣାଶୁଣା । କିନ୍ତୁ ତାହା ସେମାନଙ୍କ ଅଞ୍ଚଳ ଭିତରେ ସୀମିତ ଥିଲା । ଏବର ସ୍ଥିତିରେ ହିଂସାର ଧାରା ବଦଳିଯାଇଛି । ଏହି ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନକୁ ଦେଖିଲେ ୮ ଜୁଲାଇରେ ନିର୍ବାଚନୀ ହିଂସାରେ ଗୋଟିଏ ଦିନରେ ୧୮ ଜଣଙ୍କ ମୃତ୍ୟୁ ଘଟିଯାଇଛି । ଏମାନଙ୍କ ମଧ୍ୟରେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରୁ ୧୦ ଜଣ ହୋଇଥିବାବେଳେ ଭାଜପାରୁ ୩, ସିପିଆଇ(ଏମ୍)ରୁ ୨, କଂଗ୍ରେସରୁ ୩ କର୍ମୀ ରହିଛନ୍ତି । ଏଥିରୁ ବୁଝାପଡ଼େ ଯେ, ଶାସକ ଟିଏମ୍‌ସି ଗୁଣ୍ଡାମିର ଶିକାର ମଧ୍ୟ ହୋଇଥାଇପାରେ । ତେବେ ହିଂସାଜନିତ ମୃତକଙ୍କ ସଂଖ୍ୟା ଅଧିକ ହେବ ବୋଲି ବେସରକାରୀ ଭାବେ କୁହାଯାଉଛି । ଯଦି ଜୁନ୍ ୮ର ପଞ୍ଚାୟତ ନିର୍ବାଚନ ବିଜ୍ଞପ୍ତି ଦିନରୁ ହିସାବ କରାଯାଏ ସରକାରୀ ଭାବେ ୩୫ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏଭଳି ହିଂସାକାଣ୍ଡ ପଛରେ ଟିଏମ୍‌ସି, ଭାଜପା, କଂଗ୍ରେସ ଓ ବାମଦଳର ସମ୍ପୃକ୍ତି ରହିଥିବା ସାମାଜିକ ଗଣମାଧ୍ୟମରେ କୁହାଯାଉଛି ।

ପଶ୍ଚିମବଙ୍ଗରେ ଶାସକ ଟିଏମ୍‌ସି ପଞ୍ଚାୟତ ଭୋଟ ବେଳେ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିବା ଆଶଙ୍କାରେ କେନ୍ଦ୍ର ସରକାର ସେଠାରେ ଅର୍ଦ୍ଧସାମରିକ ବାହିନୀ ମୁତୟନ କରିବା ଲାଗି ନିଷ୍ପତ୍ତି ନେଇଥିଲା । ଏକ ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ଅନୁମତି ନ ନେଇ କେନ୍ଦ୍ର ସରକାର ମନମାନି କରୁଥିବା ଅଭିଯୋଗ ଆଣି ମମତା ବାନାର୍ଜୀ ସରକାର ଭାଜପାକୁ ସମାଲୋଚନା କରିଥିଲା । ଏହି ବିଷୟ କାଲ୍‌କାଟା ହାଇକୋର୍ଟକୁ ଯାଇଥିଲା । ଅର୍ଦ୍ଧସାମରିକ ବାହିନୀକୁ ପଞ୍ଚାୟତ ନିର୍ବାଚନରେ ନିୟୋଜିତ କରାଯିବା ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭର୍ତ୍ସନା କରିଥିଲେ । ସେହି ଅନୁଯାୟୀ ରାଜ୍ୟର ସମୁଦାୟ ୬୧ ହଜାର ବୁଥ୍‌ରେ କେନ୍ଦ୍ରୀୟ ବାହିନୀର ୧୫ ହଜାର ଯବାନଙ୍କୁ ମୁତୟନ କରାଯାଇଥିବା ସୂଚନା ମିଳିଛି । ସଂଖ୍ୟାକୁ ଦେଖିଲେ ନିଶ୍ଚିତ ଭାବେ ପ୍ରତି ବୁଥ୍‌ରେ କେନ୍ଦ୍ରୀୟ ବାହିନୀର ଉପସ୍ଥିତି ନ ଥିବ । ଏହାଛଡ଼ା ସାଧାରଣତଃ ଦେଖାଯାଇଥାଏ ଯେ, ରାଜ୍ୟ ପୋଲିସ ସହ ଅର୍ଦ୍ଧସାମରିକ ବାହିନୀର ତାଳମେଳ ରହେ ନାହିଁ । ଏଥିସହିତ ମନେରଖିବାକୁ ହେବ ଯେ, କେନ୍ଦ୍ରରୁ ସଶସ୍ତ୍ର ବାହିନୀ ଆସିଗଲେ ନିର୍ବାଚନ ନିରପେକ୍ଷ ହେବ ବୋଲି କୁହାଯାଇପାରିବ ନାହିଁ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଏହିଭଳି କେନ୍ଦ୍ରୀୟ ବାହିନୀ ମୁତୟନ ହୋଇଥିଲା । ପରବର୍ତ୍ତୀ ସମୟରେ ଜଣାପଡ଼ିଲା ଯେ, କେବଳ ଟିଏମ୍‌ସି କର୍ମୀମାନଙ୍କୁ ଗୁଳିକରି ହତ୍ୟା କରାଯାଇଛି । କେନ୍ଦ୍ରୀୟ ବାହିନୀର କମାଣ୍ଡରମାନଙ୍କୁ ନିରପେକ୍ଷ ହେବା ପାଇଁ ପ୍ରୋତ୍ସାହନ ଦିଆଯାଏ ନାହିଁ । ଅପରପକ୍ଷରେ କେନ୍ଦ୍ରରେ ଯେଉଁ ଦଳ ଶାସନ କରୁଥାଏ, ତାହାର ରାଜ୍ୟ ଶାଖାକୁ ସମର୍ଥନ କରିବାର ଦାୟିତ୍ୱ ଏହି କେନ୍ଦ୍ରୀୟ ପୋଲିସ ବାହିନୀ ନିଜ ହାତକୁ ନେଲାଭଳି ମନେହୁଏ ।

ଦେଖିବାକୁ ଗଲେ ସ୍ଥାନୀୟ ପୋଲିସର ନିଜ ଅଞ୍ଚଳ ଉପରେ ଯଥେଷ୍ଟ ଧାରଣା ଥିବାରୁ ଗଣ୍ଡଗୋଳ ରୋକିବା ଲାଗି ସେମାନଙ୍କ ପାଇଁ ସହଜ ହୋଇଥାଏ । ଅନ୍ୟପକ୍ଷରେ କେନ୍ଦ୍ରୀୟ ବାହିନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯବାନମାନେ ସ୍ଥାନୀୟ ଚାହିଦାକୁ ମେଣ୍ଟାଇବା କଷ୍ଟକର ବ୍ୟାପାର । ଟିଏମ୍‌ସି ମୁଖପାତ୍ର କୁନାଲ ଘୋଷ କହିଛନ୍ତି, ହିଂସାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଶାସକ ଦଳର ଅଧିକାଂଶ ରହିଛନ୍ତି । କେନ୍ଦ୍ର କୌଶଳ କରି ଅର୍ଦ୍ଧସାମରିକ ବାହିନୀକୁ ପଞ୍ଚାୟତ ନିର୍ବାଚନରେ ନିୟୋଜିତ କଲା । ତଥାପି ଆଇନ ଶୃଙ୍ଖଳା ବଜାୟ ରଖିବାରେ ଏହା ବିଫଳ ହୋଇଛି ।

୨୦୨୪ରେ ଲୋକ ସଭା ନିର୍ବାଚନ ଥିବାରୁ ଏବେଠାରୁ ପ୍ରତ୍ୟେକ ରାଜନୈତିକ ଦଳ ଅଧିକ ଆସନ କିଭଳି ଜିତିବେ ସେଥିଲାଗି ରଣକୌଶଳ ଅନୁସରଣ କରୁଛନ୍ତି । ଭୋଟ ନିର୍ବାଚନରେ ଦଳଗୁଡ଼ିକ ଉଚ୍ଚାକାଂକ୍ଷା ରଖିବା ସ୍ୱାଭାବିକ । କିନ୍ତୁ ହିଂସାତ୍ମକ କାଣ୍ଡ ଉପୁଜାଇବା ସହ ଭୋଟରଙ୍କୁ ଭୟଭୀତ କରି ନିର୍ବାଚନ ଜିତିବାକୁ ଚାହୁଁଥିବା ଦଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇଥାଏ । କୁହାଯାଉଛି, ଯିଏ ଯେଉଁଠାରେ କ୍ଷମତାରେ ରହିଛନ୍ତି ସେହି ଦଳ ହାତରେ ପୋଲିସ ଓ ପ୍ରଶାସନିକ କଳ ଥିବାରୁ ସେସବୁର ଅପବ୍ୟବହାର କରି ଫାଇଦା ନେବାକୁ ଚାହିଁଥାଆନ୍ତି । ଏହା ସତ୍ତ୍ୱେ ଅନେକ କ୍ଷେତ୍ରରେ ଶାସକ ଦଳ ହାରି ନୂଆ ଦଳ କ୍ଷମତାକୁ ଆସିଥାଆନ୍ତି । ରାଜନୈତିକ ହିଂସା ଦେଖିବାକୁ ଗଲେ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଦେଶବ୍ୟାପୀ ଅଧିକ ହିଂସା ଏବଂ ଦ୍ୱେଷ ଭିଆଉଛି । ଜଣେ ହେଉ ବା ୩୫ ଲୋକଙ୍କ ଜୀବନ ଯିବା ଓ ହିଂସା ଭିଆଇବା କାର୍ଯ୍ୟ ମଧ୍ୟ ସବୁ ଦଳ କରୁଛନ୍ତି । ଏଥିରେ କେହି ଗୋଟେ ସନ୍ଥ ବୋଲି କହିହେବ ନାହିଁ ।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଜୁଲାଇ ୧୯୯୮**

- କ୍ୟୁସୁ ଦ୍ୱୀପର କାଗୋସୀମା ଉତ୍‌କ୍ଷେପଣ କେନ୍ଦ୍ରରୁ ମଙ୍ଗଳଗ୍ରହକୁ ଜାପାନୀ ମହାକାଶଯାନ ‘ପ୍ଲାନେଟ–ବି’ ସଫଳତାର ସହ ପ୍ରେରଣ ।
- ୧୦ ଦଫା ଦାବି ଉପସ୍ଥାପନ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଡାକ କର୍ମଚାରୀଙ୍କ ଦେଶବ୍ୟାପୀ ଧର୍ମଘଟ ।
- ସମତା ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ପଦରୁ ବ୍ରିଶେନ ପଟେଲଙ୍କ ଇସ୍ତଫା ପ୍ରଦାନ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | 9 | 5 |
| | | | 6 | | | 3 | | |
| | | 9 | | | | | | |
| | 5 | | 1 | | 9 | 4 | | 6 |
| | 9 | | | | 7 | | | |
| | 3 | 6 | | | | | | |
| | | | | | 2 | | | 1 |
| | | 4 | | | | 5 | | |
| 5 | 1 | 7 | | | | 6 | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 5 | 7 | 8 | 3 | 6 | 9 | 2 |
| 3 | 6 | 7 | 2 | 9 | 5 | 1 | 8 | 4 |
| 9 | 8 | 2 | 6 | 1 | 4 | 5 | 3 | 7 |
| 6 | 2 | 9 | 3 | 7 | 1 | 8 | 4 | 5 |
| 7 | 5 | 4 | 8 | 6 | 9 | 3 | 2 | 1 |
| 8 | 1 | 3 | 4 | 5 | 2 | 9 | 7 | 6 |
| 4 | 9 | 6 | 1 | 3 | 7 | 2 | 5 | 8 |
| 2 | 3 | 1 | 5 | 4 | 8 | 7 | 6 | 9 |
| 5 | 7 | 8 | 9 | 2 | 6 | 4 | 1 | 3 |

ଗତକାଲିର ଉତ୍ତର

# ମତ୍ସ୍ୟସମ୍ପଦ ସମୃଦ୍ଧ ଓଡ଼ିଶା



ପ୍ରକାଶ ତ୍ରିପାଠୀ

ଜୁଲାଇ ୧୦ରେ ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ଏକ ଉଲ୍ଲେଖନୀୟ ସଫଳତା ମିଳିଥିଲା ଓ ଏହା ଓଡ଼ିଶା ମାଟିରେ ସମ୍ପନ୍ନ ହୋଇଥିଲା । ୧୯୫୭ ଜୁଲାଇ ୧୦ ଦିନ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା । ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ.ଏଚ୍. ଆଲିକୁନି ଏବଂ ଡ. ହୀରାଲାଲ ଚୌଧୁରୀଙ୍କ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା । ଉକ୍ତ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ । ଦେଶର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ମରଣ କରାଯିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ । ଏକ ସହନଶୀଳ ମାଛବଂଶ ବୃଦ୍ଧି ସହ ସୁସ୍ଥ ପାରିବେଶିକ ଜଳସମ୍ପଦର ସୁରକ୍ଷା ଓ ଏଥିସହ ସମ୍ପୃକ୍ତ ପରିବାରଙ୍କ ଆର୍ଥିକ ବିକାଶକୁ ଗୁରୁତ୍ୱ ପ୍ରଦାନ ଏହି ଦିବସ ପାଳନର ଯଥାର୍ଥତାକୁ ପ୍ରତିପାଦନ କରିଥାଏ ।

୭.୦୪ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୪୮୦ କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶା ମତ୍ସ୍ୟ ସମ୍ପଦ ସମୃଦ୍ଧ । ଏବେ ପ୍ରାୟ ଦଶଟି ପ୍ରଜାତିର ମାଛ ଚାଷ ହେଉଥିବା ବେଳେ ତିନି ଦଶନ୍ଧି ପୂର୍ବରୁ ମାଛଚାଷ କହିଲେ କେବଳ ରୋହି, ଭାକୁର ଓ ମିରିକାଳୀ ମାଛଚାଷକୁ ବୁଝାଯାଉଥିଲା । ଏହି ତିନି ଜାତିର ମାଛକୁ ସାଧାରଣତଃ କାର୍ପ ମାଛ କୁହାଯାଇଥାଏ । କୃତ୍ରିମ ପ୍ରଜନନ ମାଧ୍ୟମରେ ମାଛ ଯାଆଁଳ ଉତ୍ପାଦନ ହେବା ପୂର୍ବରୁ ନଦୀ ସ୍ରୋତରୁ ମାଛ ଯାଆଁଳ ସଂଗ୍ରହ କରାଯାଇ ଚାଷୀମାନଙ୍କୁ ମାଛଚାଷ ନିମନ୍ତେ ଯୋଗାଇ ଦିଆଯାଉଥିଲା । ସାଧାରଣତଃ କାର୍ପ ଜାତୀୟ ମାଛମାନେ ସ୍ଥିର ଜଳରେ ଅଣ୍ଡା ଦିଅନ୍ତି ନାହିଁ । ପ୍ରବହମାନ ନଦୀର ଧାରରେ ସେମାନେ ବର୍ଷାଋତୁ ଆଗମନରେ ପ୍ରଜନନ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ବାହ୍ୟ ଗର୍ଭାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଅଣ୍ଡାଗୁଡ଼ିକ ନଦୀଜଳର ସ୍ରୋତରେ ଭାସିବୁଲନ୍ତି ଓ କ୍ରମେ ଏଥିରୁ ମାଛ ଯାଆଁଳଗୁଡ଼ିକ ସୃଷ୍ଟି ହୋଇଥାନ୍ତି । ଏହି କ୍ଷୁଦ୍ର ମାଛ ଯାଆଁଳକୁ ସଂଗ୍ରହ କରାଯାଇ ମତ୍ସ୍ୟଚାଷୀଙ୍କୁ ବିତରଣ କରାଯାଉଥିଲା । ନଦୀଜଳରୁ ସଂଗୃହୀତ ଏହି ମାଛ ଯାଆଁଳକୁ ନେଇ ଚାଷ କରୁଥିବା ମାଛଚାଷୀମାନେ ବିଶେଷ ଲାଭବାନ ହେଉ ନ ଥିଲେ । କାରଣ ଏଥିରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ରହୁଥିଲା ଓ ସବୁ ଯାଆଁଳ ଉନ୍ନତ ବା ରୋଗମୁକ୍ତ ନ ଥିଲେ । ମାଛଚାଷୀମାନଙ୍କୁ କିପରି ଉନ୍ନତ, ସ୍ୱାସ୍ଥ୍ୟକର ଓ ନୀରୋଗ ଯାଆଁଳ ଯୋଗାଇ ଦିଆଯାଇପାରିବ ସେଥିପାଇଁ ମତ୍ସ୍ୟବିଜ୍ଞାନୀମାନେ ଗବେଷଣା ଆରମ୍ଭ କରିଥିଲେ । ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ(ହ୍ୟାଚେରି) ପ୍ରଭାବିତ ପ୍ରଜନନ ପ୍ରକ୍ରିୟାରେ ଅଧିକ ଅମଳକ୍ଷମ ଓ ଲୋକପ୍ରିୟ ମାଛ ରୋହି, ଭାକୁର ଓ ମିରିକାଳୀ ମାଛ ଯାଆଁଳ ଉତ୍ପାଦନ ପାଇଁ ଗବେଷଣାକୁ ତ୍ୱରାନ୍ୱିତ କରାଯାଇଥିଲା । କୃତ୍ରିମ ପ୍ରଜନନ ହେଉଛି ମାଛଙ୍କ ଦେହରେ ଏକ ନିର୍ଦ୍ଦିଷ୍ଟ ହରମୋନ ପ୍ରୟୋଗ କରାଯାଇ, କୃତ୍ରିମ ଉପାୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଜନନ ଅନୁକୂଳ ପରିବେଶ ସୃଷ୍ଟିକରି ଅଣ୍ଡାଦାନ ପ୍ରକ୍ରିୟାକୁ ସମ୍ପନ୍ନ କରିବା । ମାଛଙ୍କଠାରେ ପିଟୁଇଟାରୀ ଗ୍ରନ୍ଥିରୁ ସଂଗୃହୀତ ରସ ମାଧ୍ୟମରେ କୃତ୍ରିମ ପ୍ରଜନନ ପରୀକ୍ଷା ଆରମ୍ଭ ହୁଏ ଅର୍ଜେଣ୍ଟିନାରେ ୧୯୩୦ରେ ଜୀବବିଜ୍ଞାନୀ ବି.ଏ. ହୁସେଙ୍କ ଦ୍ୱାରା । ପରେ ୧୯୩୪ରେ ଏହା ଉପରେ ସଫଳତା ମିଳେ ବ୍ରାଜିଲକୁ । ଭାରତରେ କୃତ୍ରିମ ପ୍ରଜନନ କାର୍ଯ୍ୟ ଆରମ୍ଭହୁଏ ୧୯୩୭ରେ । ବୈଜ୍ଞାନିକ ହାମିଦ ଖାନ୍ ମିରିକାଳୀ ମାଛ ଉପରେ ଏହାକୁ ପ୍ରୟୋଗ କରିଥିଲେ । ୧୯୫୫ରେ ଡ. ହୀରାଲାଲ ଚୌଧୁରୀ ଦଣ୍ଡକିରି ମାଛରେ ଏହା ପ୍ରୟୋଗ କରିଥିଲେ । ଇତିମଧ୍ୟରେ ଅନେକ ଦଶକ ବିତିଯାଇଛି ଓ ମାଛର କୃତ୍ରିମ ପ୍ରଜନନରେ ଅନେକ ଉନ୍ନତୀକରଣ ଓ ପାରଦର୍ଶିତା ହାସଲ କରାଯାଇପାରିଛି । ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ଉନ୍ନତ ମାଛ ଯାଆଁଳର ଆବଶ୍ୟକତା ରହିଛି ଓ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଅନେକ ପଦକ୍ଷେପ ନେଇଛନ୍ତି । କେବଳ ବର୍ଷାଋତୁ ନୁହେଁ, ତା ପୂର୍ବରୁ ଓ ବର୍ଷ ସାରା ସରକାରୀ ତଥା ଘରୋଇ ଫାର୍ମରୁ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗପୂର୍ବକ ମାଛ ଯାଆଁଳ ଉତ୍ପାଦନ କରାଯାଇ ମାଛଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି । ବିଗତ ଚାରି ବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪.୭୨ କୋଟିରୁ ୨୭୮.୬୩ କୋଟିରେ ପହଞ୍ଚିଛି ।

**ଜାତୀୟ ମତ୍ସ୍ୟଚାଷୀ ଦିବସ ଉପଲକ୍ଷେ**



ଆମ ରାଜ୍ୟରେ ମାଛ ଉତ୍ପାଦନ ପ୍ରାୟ ୪୦% ବୃଦ୍ଧି ପାଇ ୨୦୧୮–୧୯ରେ ୭.୫୯ ଲକ୍ଷ ମେଟ୍ରିକ ଟନ୍‌ରୁ ୨୦୨୨–୨୩ରେ ୧୦.୫୨ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି । ୨୦୦୧ରେ ମତ୍ସ୍ୟ ଉତ୍ପାଦନରେ ଅଷ୍ଟମ ସ୍ଥାନରେ ଥିବା ଓଡ଼ିଶା ଏବେ ଦେଶରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଛି ।

ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ । ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଓ ନିଷ୍ଠାପର ମନୋଭାବ ଯୋଗୁ ଆମ ରାଜ୍ୟ ମାଛ ଉତ୍ପାଦନରେ କ୍ରମାଗତ ପ୍ରଗତି ହାସଲ କରିଚାଲିଛି । ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟି ପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଓଡ଼ିଶା ନିଜକୁ ପ୍ରତିଷ୍ଠିତ କରିପାରିଛି । ଓଡ଼ିଶାରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ଜାତୀୟ ହାରଠାରୁ ଢେର ଅଧିକ । ଜାତୀୟ ସ୍ତରରେ ଏହା ବାର୍ଷିକ ୬.୩୧ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ୧୭.୭୩ କିଲୋଗ୍ରାମ ଅଛି । ବୈଦେଶିକ ମୁଦ୍ରା ଅର୍ଜନରେ ମଧ୍ୟ ଓ ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି । ବିଦେଶକୁ ସାମୁଦ୍ରିକ ଖାଦ୍ୟ ରପ୍ତାନି ଗତ ୪ ବର୍ଷ ମଧ୍ୟରେ ୫୩ % ବୃଦ୍ଧି ପାଇ ୨୦୧୮–୧୯ରେ ୨୯୬୯ କୋଟି ଟଙ୍କାରୁ ୨୦୨୨–୨୩ରେ ୪୮୦୭ କୋଟି ଟଙ୍କାରେ ପହଞ୍ଚିଛି ।

ନୂତନ ପୋଖରୀ ଖନନ କରି ଉଭୟ ମଧୁରଜଳ ମାଛ ଓ ଖାରିଜଳ ମାଛ/ ଚିଙ୍ଗୁଡ଼ିଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀକୁ ଦୀର୍ଘମିଆଦୀ ସୂତ୍ରରେ ଲିଜ ପ୍ରଦାନ ପୂର୍ବକ ମାଛ ଚାଷ ପାଇଁ ସୁଯୋଗ ଦିଆଯାଉଛି । ଏହାଦ୍ୱାରା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂର ଓ ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରାଯାଇପାରୁଛି । ଉନ୍ନତ ଜ୍ଞାନକୌଶଳ ଯୁକ୍ତ ଜଳଭଣ୍ଡାରରେ ପଞ୍ଜୁରି ମଧ୍ୟରେ ମାଛଚାଷ, ବାୟୋଫ୍ଲକ ପଦ୍ଧତିରେ ମାଛଚାଷ, ପଲିଥିନ ଆସ୍ତରଣ ଯୁକ୍ତ ପୋଖରୀରେ ଚିଙ୍ଗୁଡ଼ିଚାଷ, ପୁନଃ ସଞ୍ଚାଳନ ପଦ୍ଧତିରେ ମାଛ ଚାଷ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଏଥିରେ ସାବଲମ୍ବୀ ହେବାର ଦୃଢ଼ ସମ୍ଭାବନା ସୃଷ୍ଟି କରିଛି । ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ ସେମାନଙ୍କ ପରିବାରଙ୍କୁ ବୀମାଭୁକ୍ତ କରିବା, ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚତର ଶିକ୍ଷା ପାଇଁ ମେଧା ବୃତ୍ତି ପ୍ରଦାନ, ମାଛଧରା କଟକଣା ସମୟରେ ଜୀବିକା ସହାୟତା ପ୍ରଦାନ, ମତ୍ସ୍ୟ ପରିବହନ ପାଇଁ ଭିତ୍ତିଭୂମି ଯୋଗାଣ, ବରଫକଳ ପ୍ରତିଷ୍ଠା, ମାଛ/ ଚିଙ୍ଗୁଡ଼ି ହାଚେରୀ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ, ମତ୍ସ୍ୟଜୀବୀ ସୋସାଇଟିର ଦୃଢ଼ୀକରଣ, ମତ୍ସ୍ୟ ଅବତରଣ କେନ୍ଦ୍ର/ ମତ୍ସ୍ୟ ବନ୍ଦରଗୁଡ଼ିକର ଆଧୁନିକୀକରଣ, ଆଧୁନିକ ମତ୍ସ୍ୟ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା, ନଦୀ ଓ ଜଳଭଣ୍ଡାରଗୁଡ଼ିକରେ ମାଛ ବଂଶ ବୃଦ୍ଧି ତଥା ଏହା ଉପରେ ନିର୍ଭର କରିଚାଲୁଥିବା ମତ୍ସ୍ୟଜୀବୀଙ୍କ ରୋଜଗାର ବୃଦ୍ଧି ପାଇଁ ଅଙ୍ଗୁଳିକା ମାଛ ଯାଆଁଳ ଛାଡ଼ିବା ଆଦି ସରକାରଙ୍କର ବିଭିନ୍ନ ପଦକ୍ଷେପ ରାଜ୍ୟର ମତ୍ସ୍ୟସମ୍ପଦ କ୍ଷେତ୍ରକୁ ସୁଦୃଢ଼ କରିଛି । ରାଜ୍ୟର ଅଗଣିତ ମତ୍ସ୍ୟ ଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀମାନଙ୍କ ପ୍ରଗାଢ଼ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ରାଜ୍ୟକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା । ଗତ ୨୦୨୦ ବର୍ଷ ପାଇଁ ଓଡ଼ିଶାକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ଓ କଳାହାଣ୍ଡି ଜିଲାକୁ ଶ୍ରେଷ୍ଠ ଆଭ୍ୟନ୍ତରୀଣ ଜିଲା ଓ ୨୦୨୧ରେ ବାଲେଶ୍ୱରକୁ ଶ୍ରେଷ୍ଠ ସାମୁଦ୍ରିକ ଜିଲା ଭାବେ ଜାତୀୟ ସ୍ତରରେ ପୁରସ୍କାର ମିଳିବା ଆମ ପାଇଁ ଗୌରବର ବିଷୟ ।

ମୋ– ୯୪୩୭୨୩୨୪୬୩

# ଖାଦ୍ୟ ଉତ୍ପାଦନ ଓ ଆମ ପରିବେଶ



ଅରୁଣ କୁମାର ତ୍ରିପାଠୀ

ବିଶ୍ୱର ଭବିଷ୍ୟତକୁ ଆଖି ଆଗରେ ରଖି ୧୯୮୭ ମସିହାରେ ମିଳିତ ଜାତିସଂଘର ସହଯୋଗୀ ସଂସ୍ଥା ପରିବେଶ ଓ ବିକାଶ ଆୟୋଗ ତରଫରୁ ଏକ ଜ୍ଞାନ ଯଜ୍ଞ ଆହୂତ କରାଯାଇଥିଲା । ବଡ଼ ବଡ଼ ଯଜ୍ଞ ନିମନ୍ତେ ପୂର୍ବ ପ୍ରସ୍ତୁତି କରାଗଲା ଭଳି ଏଥିନିମନ୍ତେ ବହୁ ପୂର୍ବରୁ ପ୍ରୟାସ ଜାରି କରାଯାଇଥିଲା । ଯଜ୍ଞ ଶେଷରେ ଚରୁ ଉତ୍ପାଦନ ଭଳି ଏଥିରୁ ଏକ ସଂଜ୍ଞା ବାହାରିଥିଲା, ଯାହା ଆଜି ବି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଅୟମାରମ୍ଭ ସମୟରେ ଆଖି ଆଗରେ ରଖିବାକୁ ହୁଏ । ସେହି ସଂଜ୍ଞାଟି ହେଉଛି, ‘‘ବର୍ତ୍ତମାନ ପିଢ଼ିର ଆବଶ୍ୟକତାଗୁଡ଼ିକୁ ନ୍ୟାୟ ପ୍ରଦାନ କରିବା ସହ ଭବିଷ୍ୟତ ପିଢ଼ିର ସମ୍ଭାବନାକୁ ସଙ୍କୁଚିତ କରିବା ନାହିଁ ।’’ ଇଂଲିଶରେ ଏହାକୁ ସଷ୍ଟେନେବଲ ଡେଭଲପମେଣ୍ଟ କହନ୍ତି ।

ଆମ ଭବିଷ୍ୟତର ପିଢ଼ିଙ୍କୁ ଏକ ଉନ୍ନତ ପୃଥିବୀ ଯୋଗାଇବା, ପରିବେଶ ସୁରକ୍ଷା ଅବା ପ୍ରାକୃତିକ ସମ୍ପଦ କ୍ଷୟ ନ କରି ଅର୍ଥନୈତିକ ବିକାଶ କରିବା । ତେବେ ପ୍ରଶ୍ନ ଉଠେ କାହିଁକି ଏହି ସବୁ ପ୍ରୟାସ । ପରିବାରର ମାଆ ସମସ୍ତ ଅଳି ଅର୍ଦ୍ଦଳି ସହିଯା’ନ୍ତି, ସଦସ୍ୟଙ୍କ କଠୋର ବ୍ୟବହାରକୁ ମଧ୍ୟ ସେ ଭ୍ରୂକ୍ଷେପ ନ କରି କେବଳ ସ୍ନେହ ବିତରଣ କରନ୍ତି । କିନ୍ତୁ ଥରେ ତାଙ୍କ ଦେହ ଖରାପ ହୋଇଗଲେ ପରିବାର ସଦସ୍ୟ ସମସ୍ତେ ହଇରାଣ ହୁଅନ୍ତି । ସେହିଭଳି ଆମ ଧରଣୀ ରାଣୀ ସମସ୍ତ ଦେଶରେ ରହୁଥିବା ଜନସାଧାରଣଙ୍କ ସମସ୍ତ କୁକର୍ମକୁ ସହିଯା’ନ୍ତି । ପୃଥିବୀ ଯଦି ନିଜର ଦୁଃଖ କଥାରେ ପରିପ୍ରକାଶ କରିପାରନ୍ତା, ତେବେ ସେତେଟା ଅସୁବିଧା ହୁଅନ୍ତା ନାହିଁ । ଯେମିତି ଆମେ ଜଗନ୍ନାଥଙ୍କୁ ନିଜକୁ ନିଜେ ଘଣ୍ଟ ଘୋଡ଼େଇ ରଖ ବୋଲି ଅଣସର ସମୟରେ ଦୁଇ ହାତ ଟେକି ନିବେଦନ କରୁ, ସେହିଭଳି ପୃଥିବୀ ନିଜର ଅସୁବିଧାମାନ ପରିସଂସ୍ଥାରେ ପରିବର୍ତ୍ତନ କରି ସଙ୍କେତ ମାଧ୍ୟମରେ ଦର୍ଶାଏ । ଛୋଟିଆ କ୍ଷତଟିକୁ ଅଣଦେଖା କଲେ, ତାହା ଭବିଷ୍ୟତରେ ପ୍ରାଣଘାତୀ କର୍କଟ ଯେ ନ ସାଜିବ ତାହା କେହି କହିପାରିବେ ନାହିଁ । ପୂର୍ବ ପାଠ୍ୟଖସଡ଼ାର ନବମ ଶ୍ରେଣୀ ସାହିତ୍ୟ ବହିରେ ଥିବା ପାଠ ‘ପୃଥିବୀକୁ ଜ୍ୱର ଆସୁଛି’କୁ ନିରିଖେଇ ଦେଖିଲେ, ଭବିଷ୍ୟତରେ ଆସୁଥିବା ସମସ୍ୟାଗୁଡ଼ିକୁ ଆଡ଼େଇ ଦିଆଯାଇ ନ ପାରେ ।

ପୃଥିବୀର ୨୯% ସ୍ଥଳ ଏବଂ ୭୧% ଜଳ । ଏହି ଅଣତିରିଶ ପ୍ରତିଶତକୁ ଯଦି ୧୦୦ ବୋଲି ଧରିନେବା, ତେବେ ଏଥିରୁ ୧୦% ଗ୍ଲେସିୟର, ୧୪% ସ୍ୱଳ୍ପ ବା ଲଟାବୁଦା, ଏବଂ ୩୮%ଜଙ୍ଗଲ ଭୂମି । ଯେଉଁ ବଳକା ୪୬% ରହୁଅଛି ତାହାକୁ ଯଦି ୧୦୦ ବୋଲି ଧରିବା ସେଥିରୁ ୭୭% ପଶୁପାଳନରେ ବ୍ୟବହୃତ ହେଉଛି ତଥା କେବଳ ୨୩% ଚାଷଜମି ରହିଅଛି ।

ଭାରତର ସ୍ୱାଧୀନତା ପରେ ଅନେକ ପଞ୍ଚବାର୍ଷିକ ଯୋଜନା ହୋଇଅଛି । ପ୍ରଥମେ ନିର୍ଦ୍ଦେଶ ସହକାରେ ଏହି ଯୋଜନା ମାନ ରାସାୟନିକ ସାର ପ୍ରୟୋଗ କରି ଅଧିକ ପରିମାଣରେ ଖାଦ୍ୟଶସ୍ୟ ଉତ୍ପାଦନ ସହ ଭାରତକୁ ସ୍ୱାବଲମ୍ବୀ କରିପାରିଥିଲା, ବିଦେଶକୁ ରପ୍ତାନି କରିବା ନିମିତ୍ତ ବଳକା ଶସ୍ୟ ମଧ୍ୟ ଯୋଗାଡ଼ କରିଦେଇଥିଲେ । ଯଦିଓ ଅମଳ ବର୍ଷାର ପରିମାଣ,



ସୂର୍ଯ୍ୟାଲୋକ, ମେଘ, ଦୁଇଟି ଚାଷ ମଧ୍ୟରେ ବିରାମ, ଘାସ ବଛା, ପୋଷକ ପରିଚାଳନା ତଥା ରୋଗପୋକ ଦମନ ଉପରେ ନିର୍ଭର କରେ, କିନ୍ତୁ ଏବେ ରାସାୟନିକ ସାର ତଥା ଉନ୍ନତ ଅମଳକ୍ଷମ ବିହନ ପ୍ରୟୋଗ କରି ଆଖିଦୃଶିଆ ଉତ୍ପାଦନ କରାଯାଉଅଛି । ଯେମିତି ଅଧିକ ଛୁଆ ଜନ୍ମ କଲେ ମାଆ ରୋଗିଣା ହୁଏ, ଷ୍ଟେରଏଡ୍ ବ୍ୟବହାର ଯଦିଓ ସାମୟିକ ଶକ୍ତି ପ୍ରଦାନ କରେ, କିନ୍ତୁ ତାହା ନପୁଂସକତା ଏବଂ ହୃଦ୍‌ଘାତକୁ ଆମନ୍ତ୍ରଣ କରିବା ଭଳି ଆମ ଚାଷ ଜମି ଆସ୍ତେ ଆସ୍ତେ ନିଜସ୍ୱ ଗୁଣ ହରାଉଛି । କିଛି ପରିସଂଖ୍ୟାନ ମାଧ୍ୟମରେ ଆମେ ଯୁକ୍ତିକୁ ପୁଷ୍ଟ କରିପାରିବା । ଚାଇନାରେ ପୃଥିବୀରେ ଉତ୍ପାଦିତ ଧାନର ୨୮.୧୪ ପ୍ରତିଶତ ହେଉଥିବାବେଳେ ଭାରତରେ ପ୍ରାୟତଃ ୨୧ ପ୍ରତିଶତ ଅମଳ ହୁଏ । ଭାରତୀୟ ରାଜ୍ୟଗୁଡ଼ିକର ତୁଳନା ଯଦି କରିବା ତେବେ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ମିଳିତ ଭାବେ ୩୬ ପ୍ରତିଶତ ଧାନ ଉତ୍ପାଦନ ଦିଅନ୍ତି । ଏହି ରାଜ୍ୟଗୁଡ଼ିକରେ ଯଦି ଏକର ପିଛା ଧାନ ଆଦାୟକୁ ଦେଖିବା ତେବେ ଉତ୍ତରପ୍ରଦେଶରେ ୩୦ କୁଇଣ୍ଟାଲ, ପଞ୍ଜାବରେ ୨୬ କୁଇଣ୍ଟାଲ ତଥା ପଶ୍ଚିମବଙ୍ଗରେ ପଞ୍ଜାବ ପାଖାପାଖି ନ ହେଲେ ମଧ୍ୟ ସାମଗ୍ରିକ ଭାବେ ଅଧିକ ଧାନ ଆଦାୟ ହୁଏ । ଏହି ରାଜ୍ୟଗୁଡ଼ିକ ତୁଳନାରେ ଅନ୍ୟ ରାଜ୍ୟକୁ ଯଦି ତଉଲିବା ସେଠି ଏକର ପିଛା ଅମଳ ୧୫ରୁ ୧୮ କୁଇଣ୍ଟାଲ ହେଉଅଛି । ଅର୍ଥନୀତିରେ ପଢ଼ା ହେଉଥିବା ରିକାର୍ଡୋଙ୍କ ଅଧିଶେଷ ତତ୍ତ୍ୱ ଯଦି ଦେଖିବା, କ୍ରମାନ୍ୱୟରେ ଚାଷ କରିଚାଲିଲେ ଜମିର ଉତ୍ପାଦିକତା ଶକ୍ତି ଆସ୍ତେ ଆସ୍ତେ ହ୍ରାସ ପାଏ । ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଚାଷର ଉନ୍ନତି କରିବା ମନା ନାହିଁ, କିନ୍ତୁ ଦୀର୍ଘକାଳ ବା ଲଙ୍ଗ୍‌ରନରେ ଏହାର ଭୟାବହତା ସମସ୍ତ ରାଜ୍ୟଗୁଡ଼ିକ ଭାଗବାଣ୍ଟି ନେବେ, କାରଣ ଗୋଟିଏ ସ୍ଥାନରେ ଅଣବିକଶିତ ଅବସ୍ଥା ଅନ୍ୟସ୍ଥାନରେ ବିକାଶକୁ ପ୍ରଭାବିତ କରେ । ଏହାକୁ ଆଖିଆଗରେ ରଖି ବର୍ତ୍ତମାନ ଜୈବିକ ସାରର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଅଛି । ଟିକିଏ ଅଧିକ ଦାମ୍ ପଡ଼ିଲେ ମଧ୍ୟ ସଚେତନ ନାଗରିକ ତାହାର ବ୍ୟବହାର ଅଧିକ କରୁଛନ୍ତି । ଭବିଷ୍ୟତରେ ଡାକ୍ତରଙ୍କୁ ପୋଷିବା ଅପେକ୍ଷା ବର୍ତ୍ତମାନର ଦିନଚର୍ଯ୍ୟାକୁ ଉପଯୁକ୍ତ ନିୟନ୍ତ୍ରିତ କରିପାରିଲେ, ଜୀବନ ସୁଖମୟ ହେବ ।

ଯଦି ଆମେ ନିରନ୍ତର ଖାଦ୍ୟ ଉତ୍ପାଦନ ଅବାରିତ ରଖିବାକୁ ଚାହୁଁଛେ, ତେବେ ଆମ୍ଭଙ୍କୁ ପରିବେଶ ସନ୍ତୁଳନ ରଖିବା ସହ ଚାଷ ଜମିର ସୁରକ୍ଷା ଏବଂ ଏହାର ଗୁଣବତ୍ତା ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ । ଯେଉଁଭଳି ସହରୀକରଣ ଦ୍ୱାରା ଚାଷଜମି ଲୋପପାଉଛି, ଆମ୍ଭେ କିଛି ପ୍ରୟାସ ମାଧ୍ୟମରେ ଭୂଭାଗ ଅଞ୍ଚଳଗୁଡ଼ିକୁ ଚାଷଜମିରେ ପରିବର୍ତ୍ତନ କରିପାରିବା । ସମାଜର ଭବିଷ୍ୟତ କେବେ ମଧ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦେଖାଯାଇ ନ ପାରେ । ତାହାକୁ ଯଦି ସମ୍ଭାଳିବାର ଅଛି ତେବେ ସମଗ୍ର ଦେଶରେ ଗୋଟିଏ ନିୟମ କଡ଼ାକଡ଼ି ଭାବେ ପ୍ରଣୟନ ଏବଂ ଅନୁପାଳନ ବିଧେୟ । ସମସ୍ତେ ଚାଷଜମିର ହ୍ରାସ ପାଉଥିବା ପରିସଂଖ୍ୟାନକୁ ଆଖିଆଗରେ ରଖି ନାଗରିକ ନିଜର କର୍ତ୍ତବ୍ୟ ସାଧନ କରିବା ସମୟର ଆହ୍ୱାନ । ସମସ୍ତଙ୍କ ମିଳିତ ପ୍ରୟାସରେ ବସୁଧା ପୁଣି ବୈଭବଶାଳୀ, ସମ୍ପଦ ବର୍ଦ୍ଧନୀ, ସମୃଦ୍ଧିବନ୍ତ ହେଉ । ସମସ୍ତ ସ୍ଥାନରୁ ଉନ୍ନତ ଚିନ୍ତାଧାରା ମାନ ଆମ୍ଭ ନିକଟକୁ ଆସୁ ।

ଜୟପୁର, ମୋ– ୯୦୭୮୮୩୮୬୨୭

## ଏଇ ଭାରତରେ

ଗ୍ରାମାଞ୍ଚଳରେ ବନ୍ୟା ସମୟରେ ଜୀବନ ରକ୍ଷାକାରୀ ଜ୍ୟାକେଟ ବ୍ୟବହାର କରିବା ସାଧାରଣ ଲୋକଙ୍କ ପକ୍ଷରେ ଅସମ୍ଭବ । କାରଣ ଏହାର ମୂଲ୍ୟ ଅଧିକ ଓ ଏହା ଅଧିକ ପରିମାଣରେ ଉପଲବ୍ଧ ହୋଇପାରେ ନାହିଁ । ଏବେ କିନ୍ତୁ ବିହାରର ୧୮ ବର୍ଷ ବୟସ୍କା ଅନୁଶ୍ୱେତା ଦେବ ଓ ତାଙ୍କ ବନ୍ଧୁ ପୂଜା ଦାସ ତିଆରି କରିଥିବା ଲାଇଫ୍ ଜ୍ୟାକେଟ ଭାରତର ଗ୍ରାମୀଣ ଅଞ୍ଚଳରେ ବନ୍ୟା ସମୟରେ ଜୀବନ ରକ୍ଷା କରିବାରେ ସହାୟକ ହୋଇପାରିବ । ସେମାନେ ପ୍ଲାଷ୍ଟିକ ବ୍ୟାଗ କିମ୍ବା ଅଖା ଓ ବର୍ଜ୍ୟ ପ୍ଲାଷ୍ଟିକ ବୋତଲ ବ୍ୟବହାର କରି ଏଭଳି ଜ୍ୟାକେଟ ତିଆରି କରିଛନ୍ତି । ସେମାନେ ୨୦୨୨ ବନ୍ୟାରେ ୨୦୦ ଜ୍ୟାକେଟ ମାଗଣାରେ ବଣ୍ଟିଥିଲେ । ଏହି ଜ୍ୟାକେଟ ତିଆରି କରିବାରେ ସେମାନେ ୪୦୦ ପ୍ଲାଷ୍ଟିକ ବ୍ୟାଗ ଓ ୧,୦୦୦ ପ୍ଲାଷ୍ଟିକ ବୋତଲ ବ୍ୟବହାର କରିଥିଲେ । ତିନି ପ୍ରକାର ଜ୍ୟାକେଟ ସେମାନେ ତିଆରି କରୁଛନ୍ତି । ଗୋଟିଏ ଛୋଟ ଜ୍ୟାକେଟ ଲାଗି ୬ଟି ୧ ଲିଟରର ବୋତଲ, ମଧ୍ୟମ ପାଇଁ ୮ଟି ଓ ବଡ଼ ସକାଶେ ୧୦ଟି ପ୍ଲାଷ୍ଟିକ ବୋତଲ ଦରକାର ହେଉଛି । ଏହି ଜ୍ୟାକେଟ ତିଆରି କରିବାରେ ୧୫୦ ଟଙ୍କା ଖର୍ଚ୍ଚ ହେଉଛି ଓ ଏହା ୧୧୦ କେ.ଜି. ଓଜନ ସମ୍ଭାଳି ପାରୁଛି ।

## ଚିରନ୍ତନୀ

ବିରହ ରତି ନୁହଇ ଆନ
କେବଳ ଦେହ–ତାପ ।
ଭାବର ଜାଲେ ରହଇ ସେ ତ ଲୁଚି
ନୀତିର ନାମେ ଏ ଧରାଧାମେ
ଚଳଇ ଯଥା ପାପ
ଅନୀତି ଯଥା ହୁଅଇ ଏଥି ଶୁଚି !
(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଦୃଷ୍ଟି ଦେବେ କି

ମହାଶୟ,

ବିଏମ୍‌ସି ଅଧୀନରେ ଥିବା ମଧୁସୂଦନ ଯୋଗ ମଣ୍ଡପରେ ଶେଡ୍ ନିର୍ମାଣ କରାଯାଉ, ଫଳରେ ବରିଷ୍ଠ ନାଗରିକ ଓ ଯୋଗ ସାଧନ ବ୍ୟକ୍ତି ଯୋଗ ପ୍ରାଣାୟାମ କରିପାରିବେ । କେତେକ ପାର୍କରେ ଏ ବ୍ୟବସ୍ଥା ରହିଛି । କିନ୍ତୁ ପୋଖରୀପୁଟ ମଧୁସୂଦନ ବଡ଼ ପାର୍କରେ ଯୋଗ ମଣ୍ଡପ ଥିଲେ ମଧ୍ୟ ଉପରେ ଛାତ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଯୋଗ ପ୍ରାଣାୟାମ ହୋଇପାରୁନାହିଁ । ଏ ସମ୍ପର୍କରେ ବିଡିଏ ଉପାଧ୍ୟକ୍ଷଙ୍କ ନଜରକୁ ଅଣାଯାଇଥିଲେ ମଧ୍ୟ ଗତ ୬ ମାସ ମଧ୍ୟରେ କାର୍ଯ୍ୟ ହୋଇପାରିଲା ନାହିଁ । ବିଏମ୍‌ସି ଲକ୍ଷ ଲକ୍ଷ ଟଙ୍କା ପାର୍କ ଉନ୍ନୟନରେ ବିନିଯୋଗ କରୁଥିବାବେଳେ ଯୋଗମଣ୍ଡପଗୁଡ଼ିକରେ ଉନ୍ନତି ହୋଇପାରୁନାହିଁ । ମଣ୍ଡପଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି । ବର୍ଷାଋତୁରେ ଯୋଗ ପ୍ରାଣାୟାମ କରିବା ସମ୍ଭବ ହେଉନାହିଁ । ସରକାର ଯୋଗ ପ୍ରାଣାୟାମକୁ ଗୁରୁତ୍ୱ ଦେଉଥିବାବେଳେ ମଧୁସୂଦନ ପାର୍କ ପ୍ରତି ଦୃଷ୍ଟି ନ ପଡ଼ିବା ଦୁଃଖର ବିଷୟ । ଯୋଗମଣ୍ଡପର ପୁନରୁଦ୍ଧାର ହେବା ସଙ୍ଗେ ସଙ୍ଗେ ଶେଡ୍ ନିର୍ମାଣ କରିବାକୁ ୫–ଟି ସଚିବଙ୍କୁ ଅନୁରୋଧ ।

– ନିର୍ମଳ ଚନ୍ଦ୍ର ସାମଲ,
ସାମାଜିକକର୍ମୀ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ବାର୍ଷିକ ଅଧିବେଶନ

ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ): ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ ରବିବାର ଭୁବନେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଉପସଭାପତି ଡ. ଜୟନ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ମାଟ୍ରିକ ପରୀକ୍ଷାରେ ଭିଏସ୍ଏସ୍ ନଗର ଉଚ୍ଚ ବିଦ୍ୟାଳୟର ସବୁଠାରୁ ଅଧିକ ନମ୍ବର ରଖିଥିବା ଛାତ୍ର ପରିତୋଷ ପାଢ଼ୀ ଓ ଛାତ୍ରୀ ରଶ୍ମିତା ପଲେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଉନ୍ନୟନ ପରିଷଦର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏହି ଅବସରରେ ବୈଠକରେ ସୈନିକ ସ୍କୁଲ ପାଖରେ ଅଳିଆ ଗଦାକୁ ତୀବ୍ର ବିରୋଧ କରାଯିବା ସହିତ ବାଣୀବିହାର ଗେଟରେ ପାଚେରି ନିର୍ମାଣ, ଲକ୍ଷ୍ମୀବିହାର- ଭିଏସ୍ଏସ୍ ନଗର ରାସ୍ତା ନିର୍ମାଣ, ହାଟ ପାଖ ଓ ଓଭରବ୍ରିଜ ପାଖ ରାସ୍ତା ନିର୍ମାଣ, ହାଟ ଦିନ ରାସ୍ତା ଭିଡ ହେବା ଭଳି ବହୁ ବିଷୟରେ ଆଲୋଚନା କରାଯାଇଥିଲା। ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ବୈଠକରେ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥିକ ବିବରଣୀ ପାଠ କରିଥିଲେ। ବୈଠକରେ ଯୁଗ୍ମ-ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ନିମାଇଁ ଚରଣ ଦାସ, ରାମ ଚନ୍ଦ୍ର ସାମଲ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ। ଇଂ. ସୁରେଶ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ।

### ଗଣ ସଫେଇ କଲେ ବିଏମ୍ସି କର୍ତ୍ତୃପକ୍ଷ

ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ): ବିଏମ୍ସି ପକ୍ଷରୁ ରବିବାର ଟଙ୍କପାଣି ରୋଡସ୍ଥିତ ଜଗନ୍ନାଥ ଆଶ୍ରମ ସମ୍ମୁଖରୁ ଗଣସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, କର୍ପୋରେଟର ନମିତା ମହାପାତ୍ର, ମୀନୁଶ୍ରୀ ଖୁଣ୍ଟିଆ, ଅଜିତ୍ ବେହେରା, ସନ୍ତୋଷ ସିଂଙ୍କ ସମେତ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହାନଗର ନିଗମାଞ୍ଚଳରେ ସଫେଇ ଏବଂ ସବୁଜୀକରଣକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏଠାରେ ବିଜ୍ଞାନ ସମ୍ମତ ବର୍ଜ୍ୟ ପରିଚାଳନା କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ଏହି ଅନୁଯାୟୀ ବିଏମ୍ସି ତରଫରୁ ପ୍ରତ୍ୟେକ ୱାର୍ଡରୁ ପୃଥକୀକୃତ ବର୍ଜ୍ୟ ସଂଗ୍ରହକୁ ଗୁରୁତ୍ୱ ଦିଆଯାଇ ନିୟମିତ ବର୍ଜ୍ୟ ସଂଗ୍ରହ କରାଯାଉଛି। ଭୁବନେଶ୍ୱର ନାଗରିକ ବିଶେଷକରି ମହିଳାମାନେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ଅଲଗା ଅଲଗା କରି ଦେବା ସହ ପରିବେଶକୁ ପରିଷ୍କାର ରଖିବା ଏବଂ ଗୁରୁବାର ଓ ଶନିବାର ସମସ୍ତେ ଡ୍ରାଏ ଡେ' ପାଳନ କରିବା ଉପରେ ମେୟର ଗୁରୁତ୍ୱାରୋପ କରିଥିଲେ। ସେହିପରି ନିଜ ଘରେ କମ୍ବା ଆଖପାଖରେ ପଡିଥିବା ଟାୟାର, ଭଙ୍ଗା ବା ଅବ୍ୟବହୃତ ପାତ୍ର, ପଇଡ ଆଦି ଯେଉଁଥିରେ ପାଣି ଜମି ରହୁଛି, ସେଗୁଡିକୁ ପରିଷ୍କାର କରିବା ସହ ମଶା ବଂଶ ହ୍ରାସ କରିବାକୁ କମିଶନର ଆହ୍ୱାନ ଦେଇଥିଲେ।

# କମିଶନରେଟ୍ ପୋଲିସ ପଞ୍ଝାରେ ୫ ଜଣିଆ ଡକାୟତି ଗ୍ୟାଙ୍ଗ

ଭୁବନେଶ୍ୱର,୯।୭ (ସତ୍ୟଜିତ୍ ରାଉତ)

- ଆଇପିଏସ୍ ସାଗରିକା ନାଥଙ୍କ ବାପା, ମା'ଙ୍କୁ ଲୁଟ୍ ଉଦ୍ୟମ କରିଥିଲେ
- ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୧ ମାମଲା


ଗିରଫ ୫ ଅଭିଯୁକ୍ତ। ଜବତ ସୁନା ଅଳଙ୍କାର, ମୋବାଇଲ୍ ଓ ଅନ୍ୟ ସାମଗ୍ରୀ।

ରାଜଧାନୀରେ ଗତ କିଛିମାସ ହେବ ଡକାୟତି, ଚୋରି ଓ ଲୁଟ୍ ଆଦି ଅପରାଧ ଘଟାଇ ଆତଙ୍କ ସୃଷ୍ଟି କରୁଥିବା ଏକ ଗ୍ୟାଙ୍ଗ କମିଶନରେଟ ପୋଲିସ ହାତରେ ଧରାପଡ଼ିଛି। ଚନ୍ଦ୍ରଶେଖରପୁର ଓ ଭରତପୁର ଥାନା ପୋଲିସ ପୃଥକ ଭାବେ ଗ୍ୟାଙ୍ଗ୍‌ର ୫ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ବିଶ୍ୱଜିତ ଦାସ ଓରଫ ବିଟୁ (୩୪), ଜଗତ୍‌ସିଂପୁର ଜିଲା ପାରାଦୀପ ଲକ୍ ଥାନା ଅଞ୍ଚଳର ଶୁଭକାନ୍ତ ବେହେରା ଓରଫ ମେଧ (୩୨), ଖୋର୍ଦ୍ଧା ଜିଲା ଟାଙ୍ଗି ଅଞ୍ଚଳର ଦୀପଙ୍କର କୁଲୁ ଓରଫ କୁଲୁ(୩୪), ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଦଳୀଗୋଦାମ ବସ୍ତିର ଗଣେଶ ସାହୁ (୩୪) ଓ ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ବିପିନ ପୃଷ୍ଟି (୪୧)। ସେମାନଙ୍କଠାରୁ ପୋଲିସ ୪୫ ଗ୍ରାମର ସୁନା, ୧୦ଟି ସୁନାଚେନ, ୮ଟି ମୋବାଇଲ ଫୋନ୍, ଦୁଇଟି ବାଇକ, ନଗଦ ୪୦ ହଜାର ଟଙ୍କା, ୩ଟି ଫେକ୍ ନମ୍ବର ପ୍ଲେଟ୍, ଦୁଇଟି ହେଲମେଟ ଓ ଘର ତାଲା ଭାଙ୍ଗିବା ପାଇଁ ସ୍କ୍ରୁ ଡ୍ରାଇଭର, ରଡ୍ ଆଦି ଜବତ କରିଛି। ଅଭିଯୁକ୍ତ ବିପିନ୍ ଚୋରି ସୁନା ଅଳଙ୍କାରକୁ ଅନ୍ୟମାନଙ୍କଠାରୁ ନେଇ ବିକ୍ରି କରିଥାନ୍ତି। ତାଙ୍କ ନାମରେ ଭୁବନେଶ୍ୱର ୟୁପିଡିର ବିଭିନ୍ନ ଥାନାରେ ୨୧ଟି ମାମଲା ରହିଛି। କୁଲୁ ଓ ବିପିନ୍‌ଙ୍କୁ ଚନ୍ଦ୍ରଶେଖରପୁର ଥାନା ଓ ଅନ୍ୟ ୩ଅଭିଯୁକ୍ତଙ୍କୁ ଭରତପୁର ଥାନା ପକ୍ଷରୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବିଟୁ ଓ ଶୁଭଙ୍କର ପେସାଦାର ଲୁଟେରା। ଉଭୟଙ୍କ ନାମରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂପୁରରେ ଅନେକ ମାମଲା ରହିଛି। ଗଣେଶ ଓ କୁଲୁ ସେମାନଙ୍କ ସହଯୋଗୀ। ଅଭିଯୁକ୍ତମାନେ ୬ ମାସ ହେଲା ଭୁବନେଶ୍ୱରରେ ଡକାୟତି, ଚୋରି, ଲୁଟ୍ ଆଦି କରି ଆତଙ୍କ ରଚୁଥିଲେ। ଜୁଲାଇ ୧୬ ରାତିରେ ନୀଳାଦ୍ରିବିହାରସ୍ଥିତ ପ୍ଲଟ୍ ନଂ. ଡି/୩୨ରେ ରହୁଥିବା ରୋହିତ୍ ସିଂହଦେଓଙ୍କ ଭଉଣୀଙ୍କ ଘରୁ ଅଭିଯୁକ୍ତମାନେ ସୁନା ଅଳଙ୍କାର ଓ ୧ ଲକ୍ଷ ଟଙ୍କା ଚୋରି କରିଥିଲେ। ଆଇପିଏସ୍ ଅଫିସର ସାଗରିକା ନାଥଙ୍କ ବାପା ପ୍ରଦୀପ କୁମାର ନାଥ ଓ ତାଙ୍କ ମା'ଙ୍କଠାରୁ ୨ ଅଭିଯୁକ୍ତ ଗତ ୧ ତାରିଖ ସନ୍ଧ୍ୟାରେ ଲୁଟ୍ ଉଦ୍ୟମ କରି ବିଫଳ ହୋଇଥିଲେ। ଏପରିକି ଦମ୍ପତିଙ୍କ ପ୍ରତିରୋଧ ଫଳରେ ଅଭିଯୁକ୍ତଦ୍ୱୟ ତାଙ୍କ ବାଇକ ଛାଡ଼ି ପଳାଇ ଯାଇଥିଲେ। ସେହିଭଳି ଜୁଲାଇ ୩ରେ ନୀଳାଦ୍ରିବିହାରସ୍ଥିତ ପ୍ଲଟ୍ ନଂ.ଏ/୫୬ରେ ରହୁଥିବା ଅବସରପ୍ରାପ୍ତ ଡାକ୍ତର ଶରତ କୁମାର ପାଇକରାୟ ମଧ୍ୟାହ୍ନରେ ଘର ବନ୍ଦ କରି ନିକଟ ପାର୍କକୁ ଯାଇଥିଲେ। ଏହି ସମୟରେ ୩ ଅଭିଯୁକ୍ତ ତାଙ୍କ ଘର ତାଲା ଭାଙ୍ଗି ଆଲମାରିରେ ଥିବା ୪୫୦ ଗ୍ରାମର ସୁନା ଅଳଙ୍କାର ଓ ୧୫ ହଜାର ଟଙ୍କା ଚୋରିକରି ନେଇଯାଇଥିଲେ। ଏହି ୩ ମାମଲାକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

# ଆଜିଠୁ ବେଗୁନିଆ ବନ୍ଦ

ବେଗୁନିଆ,୯।୭ (ହର ପ୍ରସନ୍ନ ପଣ୍ଡା)

### ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ଦାବିରେ ସୋମବାରଠାରୁ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ଦୋକାନ ବଜାର ବନ୍ଦ କରାଯିବ। ଏଥିସହ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ। ଫଳରେ ଯାତାୟାତ କରିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଆୟୋଜକ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ, ଆଇନଜୀବୀ ସୁଶାନ୍ତ କୁମାର ରାୟ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ଓ ସାମାଜିକକର୍ମୀ ଶିବ ମୁନି କହିଛନ୍ତି।

ସୂଚନାଥାଉ କି, ବେଗୁନିଆ ସଦର ମହକୁମାରେ ଥିବା ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ଦୀର୍ଘ ୩୦ବର୍ଷ ହେବ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଏପରିକି ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିବ ବୋଲି ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା। ହେଲେ ମାନ୍ୟତା ମିଳିବା ବଦଳରେ ତାଲିକାରୁ ବାଦ୍ ଦିଆଯାଇଛି। ଏହାର ପ୍ରତିବାଦରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ମେ'୨୨ରୁ ସତ୍ୟାଗ୍ରହ ଜାରି ରହିଛି। ଏହି ସତ୍ୟାଗ୍ରହକୁ ରବିବାର ୪୯ ଦିନ ପୂରଣ ହୋଇଛି। ଅନ୍ୟପକ୍ଷରେ ୪୯ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୫୦ ଦିନ ତଥା ୧୦ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆ ବନ୍ଦ ରହିବ ବୋଲି ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ ପ୍ରଶାସନ, ବିଭାଗୀୟ ଅଧିକାରୀ, ସଚିବ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ତେବେ ବନ୍ଦକୁ ସଫଳ କରିବା ପାଇଁ ମହିଳା ଗୋଷ୍ଠୀ, ବିଭିନ୍ନ ଯୁବ ଅନୁଷ୍ଠାନ, ବଣିକ ସଂଘ, ଅନେକ ସଙ୍ଗଠନର ସଭ୍ୟଙ୍କଠାରୁ ଆରମ୍ଭ କରି ଆଞ୍ଚଳିକ ଯୁବ ଗୋଷ୍ଠୀ ସହଯୋଗର ହାତ ବଢ଼ାଇଛନ୍ତି।


ବିଏମ୍ସି ପକ୍ଷରୁ ରବିବାର ଟଙ୍କପାଣି ରୋଡସ୍ଥିତ ଜଗନ୍ନାଥ ଆଶ୍ରମ ସମ୍ମୁଖରେ ଗଣସଫେଇ କାର୍ଯ୍ୟକ୍ରମ ଅବସରରେ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

## 'ଯୋଗ ଶରୀରକୁ ସୁସ୍ଥ ରଖିଥାଏ'

ବାଲିପାଟଣା,୯।୭(ଅଭିମନ୍ୟୁ ନାୟକ)

ହରପାର୍ବତୀ ଯୋଗ ପ୍ରତିଷ୍ଠାନ ପକ୍ଷରୁ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ବନମାଳୀପୁରସ୍ଥିତ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ମୁରଲୀଧର ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ସୋଆ ବିଶ୍ୱବିଦ୍ୟାଳୟର ଯୋଗ ଅଧ୍ୟାପକ ଅଖିଳ ଚନ୍ଦ୍ର ରଣା ଯୋଗଦେଇ ଯୋଗ ସୁସ୍ଥ ଓ ନିରାମୟ ଜୀବନଯାପନର ମୂଳମନ୍ତ୍ର ବୋଲି କହିଥିଲେ। ଅତିଥିଭାବେ ଯୋଗଗୁରୁ ପ୍ରଶାନ୍ତ କୁମାର ପ୍ରଧାନ କହିଥିଲେ, ଯୋଗ ଶରୀରକୁ ସୁସ୍ଥ ରଖିଥାଏ। ଶ୍ରୀମା ଅରବିନ୍ଦ କେନ୍ଦ୍ର ମାର୍ଗଦର୍ଶକ ବସନ୍ତ କୁମାର ସାହୁ ଓ ହରପାର୍ବତୀ ଯୋଗ ପ୍ରତିଷ୍ଠାନ ସଭାପତି ଦୈତାରୀ ମାଣିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭୋରୁ ବନମାଳୀପୁର ଅଞ୍ଚଳ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଭଦ୍ରକ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୯।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଭଦ୍ରକ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ରବିବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ନୀହାର ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭଦ୍ରକର କସ୍ତୁରୀ ପଣ୍ଡା ଓ ଶୁଭାଙ୍ଗୀ ଖୁଣ୍ଟିଆ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ଅର୍ଜନ କରିଥିବାରୁ ସେମାନଙ୍କୁ ମୁଖ୍ୟ ଉପଦେଷ୍ଟା କବି ଡ. ରବିନାରାୟଣ ସେନାପତି ଓ ମୁଖ୍ୟ ଅତିଥି ମନୋଜ କୁମାର ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବର୍ଷା କି ବାତ୍ ଆସର ଆୟୋଜିତ ହୋଇଥିଲା। ଏଥିରେ ଗୋବିନ୍ଦ ବାରିକ ଅଧ୍ୟକ୍ଷତା କରିଥିବା ବେଳେ କବି ସୁରେନ୍ଦ୍ର ପାଣିଗ୍ରାହୀ, କବୟିତ୍ରୀ ବିମଳା ସିଂ, ସବିତାରାଣୀ ବେହେରା ସଂଯୋଜନା କରିଥିଲେ। କବିତା ଆସରରେ କବି, କବୟିତ୍ରୀମାନେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ପ୍ରମୁଖ ନିଶାକର ରାଉତ, ବିଜୟ କୁମାର ବହଳି, ଅଭିରାମ ଜେନା ସ୍ୱରଚିତ କବିତା ପାଠ କରିଥିଲେ। ସମ୍ମିଳନୀର ସାଧାରଣ ସମ୍ପାଦକ ବଂଶୀଧର ଭୋଇ ବିବରଣୀ ପାଠ କରିଥିଲେ। ସହ ସାଧାରଣ ସମ୍ପାଦକ ନୀରୋଦ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।


ଭଦ୍ରକ ସମ୍ମିଳନୀ ପକ୍ଷରୁ ବୁଦ୍ଧ ମନ୍ଦିରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ।

# ଆତ୍ମହତ୍ୟା ଘଟଣା ରିପୋର୍ଟିଂରେ ନୈତିକ ଦାୟିତ୍ୱ ରହିଛି

ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ)

ୱାନ୍ ହେଲ୍‌ଥ ଫାଉଣ୍ଡେଶନ (ଓଏଚ୍‌ଏଫ୍‌ଓ) ଏବଂ ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରଭେନ୍‌ଶନାଲ ସାଇକିଆଟ୍ରି ବିହେଭିଅରାଲ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ (ବିଆଇଆଇପିବିଏସ୍ଏଆର୍) ପକ୍ଷରୁ 'ଆତ୍ମହତ୍ୟା ନିବାରଣ ଓ ନୈତିକ ଗଣମାଧ୍ୟମ ରିପୋର୍ଟିରେ ଭୂମିକା' ଶୀର୍ଷକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କର୍ମଶାଳାରେ ଡା. ଅଭିପ୍ସା ଦାସ ଯୋଗଦେଇ ଆତ୍ମହତ୍ୟା ନିବାରଣର ଅତ୍ୟାବଶ୍ୟକ ଦିଗ ଉପରେ ଆଲୋଚନା କରିଥିଲେ। ଆତ୍ମହତ୍ୟା ହାରକୁ ପ୍ରଭାବିତ କରୁଥିବା ସାମାଜିକ–ସାଂସ୍କୃତିକ କାରଣଗୁଡ଼ିକୁ ବୁଝିବା ଓ ଏଭଳି ଘଟଣାକୁ ରିପୋର୍ଟିଂ କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥିବା ମତପ୍ରକାଶ ପାଇଥିଲା। ସେହିପରି ଗଣମାଧ୍ୟମରେ ଆତ୍ମହତ୍ୟା ମାମଲା ରିପୋର୍ଟିଂ କରିବା ପାଇଁ ନୈତିକ ବିଚାର, ନିର୍ଦ୍ଦେଶାବଳୀ ଏବଂ ସର୍ବୋତ୍ତମ ଅଭ୍ୟାସ ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଓଏଚଏଫଓ ଏବଂ ବିଆଇଆଇପିବିଏସ୍ଏଆର୍‌ର ପ୍ରତିଷ୍ଠାତା ସଦସ୍ୟ ଡା. ଉଦିତ କୁମାର ପଣ୍ଡା ଏବଂ ଡ. ଜିଜ୍ଞାସା ଇପ୍ସିତା ପଟ୍ଟନାୟକ ଯୋଗଦେଇ ଆତ୍ମହତ୍ୟା ଘଟଣାକୁ କିଭଳି ଭାବେ ବୁଝାଯାଇ ପାରିବ ସେ ନେଇ ବିବରଣୀ ପ୍ରଦାନ କରିଥିଲେ। ଗଣମାଧ୍ୟମ ପ୍ରତିନିଧି ସୁରେଶ ଚନ୍ଦ୍ର ମନ୍ତ୍ରୀ ନୈତିକ ଗଣମାଧ୍ୟମ ରିପୋର୍ଟିଂ କ୍ଷେତ୍ରରେ ଥିବା ଆହ୍ୱାନ ଉପରେ ନିଜର ଅଭିଜ୍ଞତାତ୍ମକ ମନ୍ତବ୍ୟ ପ୍ରଦାନ କରିଥିଲେ। କିମ୍ସର ଡା. ସ୍ୱୟଂକା ସାମନ୍ତରାୟ, ଡା. ଆଲୋକ ଜ୍ୟୋତି ସାହୁ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡା. ଜୟପ୍ରକାଶ ରସେଲ ରିପୋର୍ଟିଂ ଓ ଗଣମାଧ୍ୟମ କର୍ମଚାରୀଙ୍କୁ ସହାୟତା ପ୍ରଦାନର ସୂକ୍ଷ୍ମତା ସମ୍ପର୍କରେ ଆଲୋଚନା କରିଥିଲେ।


କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ

ପୁରୁଣା ଭୁବନେଶ୍ୱର,୯।୭ (ସୁବାସ ଚନ୍ଦ୍ର ପ୍ରଧାନ)

ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଭୁବନେଶ୍ୱର ବ୍ଲକ ଅଧୀନ ଜୟପୁର ଗ୍ରାମରେ ଏକ ବନୀକରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀ ଶତାଧିକ ଫଳ ଚାରାରୋପଣ କରି ବୃକ୍ଷକୁ ସୁରକ୍ଷା ଦେବାକୁ ବାଡ଼ ବନ୍ଧେଇ କରିଥିଲେ। ପରେ ପରେ ପରିବେଶ ସୁରକ୍ଷାରେ ବୃକ୍ଷରାଜିର ଭୂମିକାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ରୂପେ ମୁମ୍ବାଇ ଓଡ଼ିଆ ମହାସଂଘ ସଭାପତି ତଥା ପରିବେଶବିତ୍ ଡ. ବିପିନ ବିହାରୀ ମିଶ୍ର, ସାମାଜିକ କର୍ମୀ ରବୀନ୍ଦ୍ର ରାଉତରାୟ, ବାଳକୃଷ୍ଣ ରାଉତ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ପାଇଁ ଗ୍ରାମବାସୀ ପରିଷଦକୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦ ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ଉପସଭାପତି ଅକ୍ଷୟ ସ୍ୱାଇଁ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବନୀକରଣ କାର୍ଯ୍ୟକ୍ରମ ଅବସରରେ ଆଞ୍ଚଳିକ ବିକାଶ ପରିଷଦର କର୍ମକର୍ତ୍ତା ଓ ଗ୍ରାମବାସୀ।

# ଷଣ୍ଢ ଆକ୍ରମଣରେ ଲହୁଲୁହାଣ ହେଲେ ଯୁବତୀ

ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ)

- ବିଏମ୍ସିର ଷଣ୍ଢମୁକ୍ତ ସହର ଘୋଷଣା ଧୂଆଁବାଣ
- ରାସ୍ତାରୁ ଗୋରୁ ଉଠାଇବା ଭୁଲିଗଲା ବିଏମ୍ସି


ଷଣ୍ଢ ଆକ୍ରମଣରେ ଆହତ ଯୁବତୀ।

ରାଜଧାନୀ ଭୁବନେଶ୍ୱରରେ ଉତ୍ପାତ କରୁଛନ୍ତି ବୁଲା ଗୋରୁ। ସହରର ଗଳିକନ୍ଦି ଓ ମୁଖ୍ୟ ରାସ୍ତାରେ ଅବାଧରେ ବିଚରଣ କରି ଦୁର୍ଘଟଣା ଘଟାଇବା ସହ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଆଉ ଏସବୁ ଦେଖି ନିଦାବିଷ୍ଟ ସାଜିଛି ବିଏମ୍ସି। ନାମକୁ ମାତ୍ର କେଇଟା ଗୋରୁ ଉଠାଇ ଦାୟିତ୍ୱ ସାରୁଛନ୍ତି ଅଧିକାରୀ। ରବିବାର ସନ୍ଧ୍ୟାରେ ୱାର୍ଡ ନଂ. ୫୭ ଅନ୍ତର୍ଗତ ବଡ଼ଗଡ଼ ବ୍ରିଟ୍ କଲୋନୀରେ ଷଣ୍ଢ ଆକ୍ରମରେ ଜଣେ ଯୁବତୀ ଲହୁଲୁହାଣ ହେବା ସହ ଗୁରୁତର ଆହତ ହୋଇଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଘଟଣା ଅନୁଯାୟୀ, ରବିବାର ବ୍ରିଟ୍ କଲୋନୀ ଚାରିଛକ ନିକଟରେ ଥିବା ବିଡିଏ ପାର୍କକୁ ଜଣେ ଯୁବତୀ ତାଙ୍କ ସାଙ୍ଗଙ୍କ ସହ ବୁଲିବାକୁ ଆସିଥିଲେ। ବୁଲିବା ପରେ ସମ୍ପୃକ୍ତ ଯୁବତୀ ରାସ୍ତା କଡ଼ରେ ଚାଲି ଚାଲି ଘରକୁ ଫେରୁଥିଲେ। ଏହି ସମୟରେ ଏକ ଷଣ୍ଢ ସାମ୍ନା ପଟରୁ ଆସି ତାଙ୍କୁ ଶିଙ୍ଘରେ ଟେକି ଫୋପାଡି ଦେଇଥିଲା। ଏଥିରେ ସମ୍ପୃକ୍ତ ଯୁବତୀଙ୍କ ଜଙ୍ଘରେ ଗଭୀର ଆଘାତ ଲାଗିବା ସହ ସେ ତଳେ ପଡି ଯାଇଥିଲେ। ସଙ୍ଗେସଙ୍ଗେ ସେଠାରେ ଉପସ୍ଥିତ ଥିବା ଲୋକମାନେ ତାଙ୍କୁ ଉଠାଇବା ସହ ଷଣ୍ଢ କବଳରୁ ରକ୍ଷା କରିଥିଲେ। ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହିତ ଏପରି ଘଟଣା ଘଟିଛି। ସହର ସାରା ଗୋରୁ ଅବାଧରେ ବୁଲୁଥିବାବେଳେ ବିଏମ୍ସି ଏହାର ସ୍ଥାୟୀ ସମାଧାନ ନ କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ୨୦୨୨ ଡିସେମ୍ବର ୩୦ ସୁଦ୍ଧା ରାଜଧାନୀ ରାସ୍ତାକୁ ଷଣ୍ଢମୁକ୍ତ କରିବାକୁ ବିଏମ୍ସି ଦେଇଥିବା ପ୍ରତିଶ୍ରୁତି ଶେଷରେ ଧୂଆଁବାଣରେ ପରିଣତ ହୋଇଛି। ବିଏମ୍ସିର ଜାମୁକୋଳି ଗୋଶାଳା ଭର୍ତ୍ତି ହେବାପରେ ଜଟଣୀସ୍ଥିତ ଗୋଶାଳାକୁ ଗୋରୁ ପଠା ଯାଉଥିଲା। ଦୁଇଟି ଯାକ ଗୋଶାଳା ଭର୍ତ୍ତି ହେବା ପରେ ପୁରୀସ୍ଥିତ ଏକ ଗୋଶାଳାକୁ ଗୋରୁ ପଠାଇବା ପାଇଁ ବିଏମ୍ସି ଅଣ୍ଟା ଭିଡିଥିଲା। ମାତ୍ର ପୁରୀରେ ଥିବା ଗୋଶାଳାକୁ ଭଲ ରାସ୍ତା ନ ଥିବାରୁ ସେଠାକୁ ଗୋରୁଙ୍କୁ ପଠାଯାଇ ପାରୁନାହିଁ। ରାସ୍ତାରୁ ବୁଲା ଗୋରୁ ଉଠାଇବା ପାଇଁ ୩ଟି ସଂସ୍ଥାକୁ ନିୟୋଜିତ କରାଯାଇଥିଲା। ତେବେ ଅଧିକାଂଶ ସମୟରେ ଏଜେନ୍ସି ଗୋରୁ ଉଠାଉ ଥିବାବେଳେ ସାଧାରଣ ଲୋକଙ୍କ ଆକ୍ରୋଶର ଶିକାର ହେଉଥିବାରୁ ସେମାନେ ମଧ୍ୟ ଠିକ୍ ଭାବେ କାମ କରୁ ନାହାନ୍ତି। ଅପରପକ୍ଷେ ଜାମୁକୋଳି ନିକଟରେ ନୂତନ ଗୋଶାଳା ପାଇଁ ଜାଗା ଚିହ୍ନଟ ହୋଇଥିବାବେଳେ କାର୍ଯ୍ୟ ଆଗେଇ ପାରିନାହିଁ। ଫଳରେ ବିଏମ୍ସି କର୍ତ୍ତୃପକ୍ଷ ଗୋରୁ ଉଠାଇବା ନେଇ ଗୁରୁତ୍ୱ ଦେଉ ନାହାନ୍ତି।

# ଓଡିଏଫ୍ ପ୍ଲସ୍ ମାନ୍ୟତା ସତ୍ତ୍ୱେ ବାହ୍ୟମଳମୁକ୍ତ ହୋଇ ପାରୁନି ଭୁବନେଶ୍ୱର

ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ)

### ରାସ୍ତାଘାଟ ପାଲଟିଛି ଶୌଚାଳୟ

ରାଜଧାନୀ ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳ ଏବେ ମୁକ୍ତାକାଶ ଶୌଚାଳୟ ପାଲଟିଛି। ସହରରେ ୨୦୦ରୁ ଊର୍ଦ୍ଧ୍ୱ ପବ୍ଲିକ ଟଏଲେଟ ଓ କମ୍ୟୁନିଟି ଟଏଲେଟ ନିର୍ମାଣ କରାଯାଇଛି। ଲୋକଙ୍କ ସୁବିଧା ପାଇଁ ସେଗୁଡିକୁ ଦେୟମୁକ୍ତ ମଧ୍ୟ କରାଯାଇଛି। ମାତ୍ର ଏହାସତ୍ତ୍ୱେ ଜନସାଧାରଣ ଖୋଲାରେ ଶୌଚ କରୁଥିବା ନଜିର ରହିଛି। ଯାହାକି ପରିବେଶକୁ ଅପରିଷ୍କାର କରିବା ସହ ସହରର ଚିତ୍ରକୁ ମଳିନ କରୁଛି। ବାହାରେ ମଳତ୍ୟାଗ କଲେ ୨ଶହ ଟଙ୍କା ଏବଂ ପରିସ୍ରା କଲେ ୧୫୦ଟଙ୍କା ଜରିମାନା ଆଦାୟ ହେବା ନେଇ ୨୦୧୯ ନଭେମ୍ବର ୧୬ରେ ବିଏମ୍ସି ପକ୍ଷରୁ ଘୋଷଣା ହୋଇଥିଲା। ବିଭିନ୍ନ ସ୍ଥାନରେ ଯାଞ୍ଚ କରିବାକୁ ସ୍କ୍ୱାଡ୍ ମଧ୍ୟ ଗଠନ ହୋଇଛି। ହେଲେ ଦିନେ ଦୁଇ ଦିନ ଯାଞ୍ଚ ପରେ ସବୁ ଠପ୍। ବାହ୍ୟ ମଳମୁକ୍ତ ସହର ଭାବେ ୨୦୨୧ରେ ବିଏମ୍ସିକୁ ଓଡିଏଫ ପ୍ଲସ୍ ମାନ୍ୟତା ମିଳିଥିଲା। ଅର୍ଥାତ୍ ସହରରେ କେହି ବାହାରେ ମଳ, ମୂତ୍ର ତ୍ୟାଗ କରୁ ନାହାନ୍ତି। ସମସ୍ତଙ୍କ ଘରେ ଶୌଚାଳୟ ରହିଛି। ବାସ୍ତବରେ ସହରର ସ୍ଥିତି କିଛି ଭିନ୍ନ ରହିଛି। ଯେଉଁଠି ଟିକେ ଖୋଲା ସ୍ଥାନ ମିଳୁଛି କିମ୍ବା, ପାଚେରି କଡ, ଡ୍ରେନ କଡ ଆଦିରେ ଲୋକମାନେ ପରିସ୍ରା କରୁଥିବା ଦେଖିବାକୁ ମିଳୁଛି। ଏପରିକି ଏଠାରେ ପରିସ୍ରା କରନ୍ତୁ ନାହିଁ, ନଚେତ୍ ଜରିମାନା ଦେବାକୁ ପଡିବ ବୋଲି ଲେଖା ହୋଇଥିଲେ ବି ତାକୁ କେହି ମାନୁ ନାହାନ୍ତି। ବିଏମ୍ସି ମଧ୍ୟ ଏ ନେଇ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ଲୋକମାନେ ନିୟମ ମାନୁ ନାହାନ୍ତି। ଅପରପକ୍ଷେ ସହରରେ ଥିବା କେତେକ ଇ–ଟଏଲେଟ୍‌ରେ ତାଲା ଝୁଲୁଥିବାବେଳେ ଆଉ କେତେକ ଅଚଳ ଅବସ୍ଥାରେ ରହିଛି। ତେଣୁ କାଗଜପତ୍ରରେ ବିଏମ୍ସି କର୍ତ୍ତୃପକ୍ଷ ଭୁବନେଶ୍ୱରକୁ ଯେମିତି ସ୍ୱଚ୍ଛ ଓ ମଳମୁକ୍ତ ସହର ଭାବେ ଦେଖାଉଛନ୍ତି ବାସ୍ତବରେ ତାହା ନାହିଁ। ଯୋଜନାବଦ୍ଧ ଭିତ୍ତିଭୂମି ଅଭାବ ଏବଂ ନିୟମକୁ କଡାକଡି ଭାବେ ଲାଗୁ କରାଯାଉ ନ ଥିବାରୁ ଭୁବନେଶ୍ୱର ସ୍ୱଚ୍ଛ ସହରରେ ପରିଣତ ହୋଇ ପାରୁନାହିଁ।

ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଓଡିଏଫ ପ୍ଲସ୍‌ର ନିୟମାବଳୀ ଅନୁସାରେ, ସର୍ବସାଧାରଣରେ ଶୌଚାଳୟ ସେବା ମିଳିବା ସହ ସହର ବାହ୍ୟ ମଳମୁକ୍ତ ହୋଇଥିବ। ସେହିପରି ବିଜ୍ଞାନସମ୍ମତ ମଳ ପରିଚାଳନା, ବ୍ୟକ୍ତିଗତ ଘରୋଇ ପାଇଖାନାର ବ୍ୟବହାର ଥିବ, ବ୍ୟକ୍ତିଗତ ପାଇଖାନାଗୁଡିକ ସ୍ୱେରେଜ ଲାଇନ ସହ ସଂଯୋଗ ଏବଂ ପ୍ରତ୍ୟେକ ଘରୋଇ ପାଇଖାନାର ଦୁଇଟି ସେପ୍ଟିକ ଟାଙ୍କି ରହିଥିବ, ସେପ୍ଟିକ ଟାଙ୍କି ନିୟମିତ ସଫା ହେଉଥିବ ଏବଂ ଏହି ସଂକ୍ରାନ୍ତୀୟ ସେବା ଲୋକଙ୍କୁ ନିୟମିତ ମିଳୁଥିବ, ମଳ ପରିଚାଳନା ସଂସ୍ଥା ସମ୍ପୃକ୍ତ ପୌର ସଂସ୍ଥା ସହିତ ନିବନ୍ଧିତ ହୋଇଥିବେ, ମଳ ପରିଚାଳନା ଉଲ୍ଲଙ୍ଘନ କରିଥିବା ସଂସ୍ଥାକୁ ଜରିମାନା କରାଯାଉଥିବା, ପରିମଳ ସମ୍ବନ୍ଧୀୟ ବାଇ ଲ' ଥିବ ଏବଂ ଏହା ଅନୁଯାୟୀ ପଦକ୍ଷେପ ନିଆଯାଉଥିବ। ତେବେ ଭୁବନେଶ୍ୱରକୁ ଏହି ମାନ୍ୟତା ମିଳିବା ପରେ ବିଏମ୍ସି କର୍ତ୍ତୃପକ୍ଷ ଏହାକୁ ବଜାୟ ରଖିବା କଥା ସତେ ଯେପରି ଭୁଲି ଯାଇଛନ୍ତି।


ଲୋକମାନେ ବାହାରେ ପରିସ୍ରା କରୁଛନ୍ତି।

## ସାଇବାବା ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

କଟକ ସଦର,(ସୁଶାନ୍ତ କୁମାର ଜେନା)- କିଶନ ନଗର ଥାନା ଅନ୍ତର୍ଗତ କୋସିଦା ସାଇବାବା ମନ୍ଦିରର ହୁଣ୍ଡି ଭାଙ୍ଗି ଶନିବାର ରାତିରେ ଦୁର୍ବୃତ୍ତମାନେ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ମନ୍ଦିର ପୂଜକ ନିରାକାର ପଣ୍ଡା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ଟଙ୍କା ନେବା ପରେ ହୁଣ୍ଡିକୁ ସ୍ଥାନୀୟ ସ୍କୁଲ ନିକଟରେ ଫିଙ୍ଗିଦେଇ ପଳାଇଛନ୍ତି। ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୭/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### କଟକ ସଦର ବ୍ଲକ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଲମ୍ବିତ

କଟକ ସଦର,୯।୭(ସୁଶାନ୍ତ କୁମାର ଜେନା)- ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା କଟକ ସଦର ବ୍ଲକର ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁଙ୍କୁ ସରକାର ଶୁକ୍ରବାର ନିଲମ୍ବିତ କରିଛନ୍ତି। ନିଲମ୍ବନ ସତ୍ତ୍ୱେ ଆଜିପର୍ଯ୍ୟନ୍ତ ଉକ୍ତ ପଦବୀ ପାଇଁ ନୂଆ ଦାୟିତ୍ୱ କାହାରିକୁ ଦିଆଯାଇନାହିଁ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିବା ଘଟଣାରେ ଭୂୟାଁଙ୍କୁ ଭିଜିଲାନ୍ସ ଗିରଫ କରି ଗତ ଜୁନ୍ ୧୩ରେ ଚୌଦ୍ୱାର ଜେଲ୍‌କୁ ପଠାଇଥିଲା। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୭/୨୩) ରୁଜୁ ହୋଇଥିଲା। ଇତିମଧ୍ୟରେ ଭୂୟାଁଙ୍କୁ କୋର୍ଟରୁ ଜାମିନ ମିଳିସାରିଛି।

### ବିଜେଡି କର୍ମୀ ସମ୍ମିଳନୀ

ମଙ୍ଗୁଳି-ଜଗତପୁର,୯।୭(ମାନସ ସାମଲ)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଇନ୍ଦ୍ରାଣୀପାଟଣା ପଞ୍ଚାୟତସ୍ଥିତ ଶରଦେଇ ମନ୍ଦିର ପ୍ରାଙ୍ଗଣରେ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଦସ୍ୟା ସୁମିତ୍ରା ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଋଣ ଆକାରରେ ଲକ୍ଷାଧିକ ଟଙ୍କା ଯୋଗାଇ ଦେଉଛନ୍ତି। ତେଣୁ ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜର ପରିଚୟ ନିଜେ ସୃଷ୍ଟି କରନ୍ତୁ। ଏହି ସମ୍ମିଳନୀରେ ଅନ୍ୟ ଅତିଥି ଭାବେ ୧୧ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ସ୍ୱାଇଁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ବାଣୀପଦା ସରପଞ୍ଚ ଦିଲ୍ଲୀପ ଭୋଇ, ପ୍ରେମାନନ୍ଦ ସ୍ୱାଇଁ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ଏଥିରେ ବିଜେଡିର ଶତାଧିକ ମହିଳାକର୍ମୀ ଉପସ୍ଥିତ ଥିଲେ।

### ମୋ ସ୍କୁଲ ଅଭିଯାନ ସମ୍ପର୍କିତ ବୈଠକ

କଟକ ସଦର,୯।୭(ସୁଶାନ୍ତ କୁମାର ଜେନା)- କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ନୋଡାଲ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନ ଶେଖର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସ୍କୁଲ ପରିଚାଳନା କମିଟି, ଜନ ପ୍ରତିନିଧି, ଶିକ୍ଷୟିତ୍ରୀ,ଶିକ୍ଷକ ଓ ପୁରାତନ ଛାତ୍ରମାନେ ଯୋଗଦେଇ ମୋ ସ୍କୁଲ ଅଭିଯାନରେ ମିଳିଥିବା ସରକାରୀ ଅନୁଦାନ ଉପରେ ଆଲୋଚନା କରିଥିଲେ। ମୋଟ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭୋଜନ କକ୍ଷ ନିର୍ମାଣ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରଧାନ ଶିକ୍ଷକ କଳ୍ପତରୁ ପାଗଲ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ରାସ୍ତା ସମ୍ପ୍ରସାରଣବେଳେ ପାଚେରି ଭଙ୍ଗାଯିବ। ତେଣୁ ଏହାର ପୁନଃ ନିର୍ମାଣ ଲାଗି ବେଣ୍ଟକାର ସରପଞ୍ଚ ଶିବ ପ୍ରସାଦ ମଲ୍ଲିକ ଓ ସମିତି ସଭ୍ୟ ବିନୋଦ ବିହାରୀ ବେହେରାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଅସୀମ ଅମିତାଭ ଦାସ ଶିକ୍ଷକ ଅଭାବ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଅଶୋକ ବିଶ୍ୱାଳ, ମନମୋହନ ପତି, ଅନାଦି ଦାସ, ମନମୋହନ ସାହୁ, ଅଜୟ ଦଳେଇ, ଅନୁପମ ପତି, ସୌମ୍ୟରଞ୍ଜନ ଦାସ, କେଳୁ ଚରଣ ବେହେରା ଯୋଗଦେଇଥିଲେ। ଶିକ୍ଷକ ଅଜିତ କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ‘ସମାଜର ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ଉଚିତ୍’

ଖୁଣ୍ଟୁଣୀ, ୯।୭(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାହାଳପଡ଼ାଠାରେ ରବିବାର ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଓ ବରିଷ୍ଠ ପ୍ରଶାସକ ସନ୍ତୋଷ ଶତପଥୀ, ବେଣୁଧର ମହାନ୍ତି, ପ୍ରମୋଦ କୁମାର ଧଳ, ରସାନନ୍ଦ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରୋହରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଭାଗିରଥି ସାହୁ ସଭପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସନ୍ତୋଷ କୁମାର ଶତପଥୀ ଯୋଗଦେଇ କହିଥିଲେ, ସମାଜର ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ଉଚିତ୍। ଶ୍ରୀରାମ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କିରଣ ବିହାରୀ ଖଟୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୧୩୦ ଜଣ ବରିଷ୍ଠ ନାଗରିକ, ୩୦ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ, ଧୁରୁଷିଆ, ଧବଳେଶ୍ୱର, ଘଣ୍ଟିଖାଲ ଓ କଖଡ଼ି ହାଇସ୍କୁଲ ଏବଂ କଲେଜରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମାଜ ସେବା ଓ ରୋଗୀ ସେବା କ୍ଷେତ୍ରରେ ଜୀବନକୁ ଉତ୍ସର୍ଗ କରିଥିବା ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ଶ୍ୱେତକାନ୍ତ ବେହେରା, ଡା. ଗିରିଶ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହନୁମାନ ମନ୍ଦିର ପ୍ରତିଷ୍ଠାତା ବ୍ରଜବନ୍ଧୁ ଲେଙ୍କା, ବିଷ୍ଣୁଚରଣ ପତ୍ରି, ଚନ୍ଦ୍ରଶେଖର ପରିଡା, ଫକୀର ଚରଣ ସୀତାରାମ, ଶରତ ଖୁଣ୍ଟିଆ, ବିଦ୍ୟାଧର ନାୟକ, ରତ୍ନାକର ସାମନ୍ତ, ରାଜକିଶୋର ଖଟୁଆ ଓ ନରେନ୍ଦ୍ର ଭୂୟାଁ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ମିହିର ଶତପଥୀ, ଗୌରାଙ୍ଗ ଅମହନ୍ତ ଓ ବାମଦେବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବେଣୁଧର ମହାନ୍ତି ଧନ୍ୟବାଦ ଦେଇଥିଲେ।


ମାହାଳପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଆମେ ସାଧାରଣ ଜନତାଙ୍କ ସେବକ: ପ୍ରଫୁଲ୍ଲ

ମଙ୍ଗୁଳି-ଜଗତପୁର,୯।୭(ମାନସ ସାମଲ)

### ବିଜେଡି କାର୍ଯ୍ୟକାରିଣୀ ବୈଠକ

ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀ ଅଧୀନ କହେଁଇପୁର ପଞ୍ଚାୟତର ଭଗତପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଇସ୍ପାତ୍ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଥିଲେ, ସାଧାରଣ ଜନତା ଆମ ମାଲିକ ଓ ଆମେ ତାଙ୍କ ସେବକ। ସେଥିପାଇଁ ଦଳୀୟ କର୍ମୀମାନେ ସାଧାରଣ ଜନତାଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ସହ ସମାଧାନ କରିବା ଉଚିତ୍। ଏହି ବୈଠକରେ ବିଧାୟକ ପ୍ରଶାନ୍ତ ବେହେରା, ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେଡି ସଭାପତି ଗୋବିନ୍ଦ ଦାସ, ବ୍ଲକ ଚେୟାରମ୍ୟାନ ମିନାକ୍ଷୀ ଦାସ, ସୁବୋଧ ସାମଲ, ଚିତ୍ତରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠି, ଜନ୍ମେଜୟ ଖିଲାର, ତପସ୍ୱି ସାହୁ, ଜିଲା ସାଧାରଣ ସମ୍ପାଦକ ରଞ୍ଜନ ଷଡ଼ଙ୍ଗୀ, ପ୍ରଶାନ୍ତ ସ୍ୱାଇଁ, ଜିଲା ଯୁବ ସମ୍ପାଦକ ଗୋପାଳ ଲେଙ୍କା, ମିଡ଼ିଆ କୋର୍ଡିନେଟର ପ୍ରବୀର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବହୁସଂଖ୍ୟକ କର୍ମୀ ଓ ସମର୍ଥକ ଟାଙ୍ଗୀସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ମନ୍ତ୍ରୀ ମଲ୍ଲିକ ଓ ବିଧାୟକ ବେହେରାଙ୍କୁ ସ୍ୱାଗତ କରିଥିଲେ। ପରେ ସେମାନେ ବାଇକ ଶୋଭାଯାତ୍ରାରେ ବୈଠକ ସ୍ଥଳକୁ ଯିବାବେଳେ ବାଟରେ ଟାଙ୍ଗୀ-ହରିପୁର ରାସ୍ତାର ଉନ୍ନତୀକରଣ ଏବଂ ଟାଙ୍ଗୀ ଗୋଷ୍ଠୀକେନ୍ଦ୍ରରେ ୩୦ଶଯ୍ୟା ବିଶିଷ୍ଟ ନୂତନ ଗୃହର ଶିଳାନ୍ୟାସ କରିଥିଲେ।



ବିଜେଡି କାର୍ଯ୍ୟକାରିଣୀ ବୈଠକରେ ମନ୍ତ୍ରୀ, ବିଧାୟକଙ୍କ ସହ ଅନ୍ୟମାନେ।

# ବିଦ୍ୟାଳୟରେ ସାମଗ୍ରିକ, ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ


ସୟଦ ସେମିନାରୀ ହାଇସ୍କୁଲରେ ଜଷ୍ଟିସ ନରେନ୍ଦ୍ର କୁମାର ଜୈନ ଓ ସଚିବ ମନୋଜ କୁମାର କେଜ୍ରିୱାଲଙ୍କ ସହ ଅନ୍ୟମାନେ।

କଟକ,୯।୭(ସୁପ୍ରିୟା ପ୍ରିୟଦର୍ଶିନୀ)

### ଶିକ୍ଷାନୁଷ୍ଠାନ ପରିଦର୍ଶନ କଲେ ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୁକ୍ତ

ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୁକ୍ତର ଅଧ୍ୟକ୍ଷ ଜଷ୍ଟିସ ନରେନ୍ଦ୍ର କୁମାର ଜୈନ ଓ ସଚିବ ମନୋଜ କୁମାର କେଜ୍ରିୱାଲ ରବିବାର କଟକର ବିଭିନ୍ନ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛନ୍ତି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ତତ୍ତ୍ୱାବଧାନରେ ଜଷ୍ଟିସ ଜୈନ ଏବଂ କେଜ୍ରିୱାଲ କଟକସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲ, ସେଣ୍ଟ ଜୋସେଫ ଗାର୍ଲସ ହାଇସ୍କୁଲ ଓ ସୟଦ ସେମିନାରୀ ହାଇସ୍କୁଲ ଗସ୍ତ କରି ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ହିତଧାରକ ଏବଂ ବିଭିନ୍ନ ସମ୍ପ୍ରଦାୟର ଧର୍ମଗୁରୁମାନଙ୍କ ସହ ଆଲୋଚନା କରି ଶିକ୍ଷାନୁଷ୍ଠାନଗୁଡ଼ିକର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଆୟୁକ୍ତଙ୍କ ଗସ୍ତ ପରିପ୍ରେକ୍ଷୀରେ ସର୍କିଟ ହାଉସଠାରେ ଜିଲାର ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ ଓ ଶିଖ୍ ଆଦି ସଂଖ୍ୟାଲଘୁ ବର୍ଗର ପ୍ରତିନିଧି ତଥା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଖ୍ୟାଲଘୁ ବର୍ଗର ପ୍ରତିନିଧିମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ନୂତନ ଶିକ୍ଷାନୀତି-୨୦୨୦ ବିଷୟରେ ଉଲ୍ଲେଖ କରି ଜଷ୍ଟିସ ଜୈନ ବିଦ୍ୟାଳୟଗୁଡ଼ିକରେ ସାମଗ୍ରିକ ଏବଂ ଧନ୍ଦାମୂଳକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହିଥିଲେ। ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରମାନଙ୍କୁ ସର୍ବନିମ୍ନ ଏକକ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବା ବ୍ୟବସ୍ଥା ରହିଥିବା ସେ ସୂଚନା ଦେଇଥିଲେ। ଏଥିସହ ଖେଳ ମାଧ୍ୟମରେ ଶିକ୍ଷାଦାନ ଏବଂ ନିଜ ଭାଷା ତଥା ସଂସ୍କୃତି ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ଓ ଜିଲା ଜନମଙ୍ଗଳ ଅଧିକାରୀ ଗୀତାଂଶୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ରେଲୱେ ସାମଗ୍ରୀ ଚୋରି, ଅଭିଯୁକ୍ତ ଗିରଫ

କଟକ,୯।୭ (କାର୍ତ୍ତିକ ସାହୁ)

ରେଲୱେ ସାମଗ୍ରୀ ଚୋରି ଅଭିଯୋଗରେ କଟକ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଫୁଙ୍ଗର ଗ୍ରାମର ରାଜୁ ମୁଣ୍ଡା। ସେ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଆରପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ରେଲୱେ ସାମଗ୍ରୀ ଯାଞ୍ଚ ପାଇଁ କଟକ ଆର୍‌ପିଏଫ୍ ଟିମ୍ ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରାଯାଉଥିଲା। କପିଳାସ-ଶାଳଗାଁ-ନିର୍ଗୁଣ୍ଡି ରେଲୱେ ସେକ୍ସନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ଚାଲୁଥିବାରୁ ଆରପିଏଫ୍ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅଭିଯୁକ୍ତଙ୍କଠାରୁ କେତେକ ରେଲୱେ ସାମଗ୍ରୀ ଜବତ କରାଯାଇଥିଲା। ଏଥିସହ ନିର୍ଗୁଣ୍ଡି ଓ କପିଳାସ ଷ୍ଟେଶନ ମଧ୍ୟରେ ଅଭିଯୁକ୍ତ ଜଣକ ଅନେକ ଥର ଆପରାଧିକ କାର୍ଯ୍ୟ ଘଟାଇଥିବା ଆରପିଏପ୍ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ବିଶେଷକରି ରେଲୱେ ସିଗ୍ନାଲ୍ ସହ ଜଡ଼ିତ ସାମଗ୍ରୀଗୁଡ଼ିକର ସୁରକ୍ଷା ନେଇ ଆରପିଏଫ୍ ଟିମ୍ ଏବେ ବହୁ ସଜାଗ ରହୁଥିବାରୁ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ଆର୍‌ପିଏଫ୍ ଆଇଆଇସି ଅନିଲ ସିଂ କହିଛନ୍ତି।

# ‘ଓଡ଼ିଆ ଜୀବନର ଯଥାର୍ଥ ମୁଖଶାଳା ଥିଲା ମୁକୁର’

କଟକ,୯।୭ (କାର୍ତ୍ତିକ ସାହୁ)

### ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ

ଜାତିପ୍ରାଣ ବ୍ରଜସୁନ୍ଦର ଦାସ ଓଡ଼ିଆ ନବଜାଗରଣ ଓ ସ୍ୱତନ୍ତ୍ର ଉତ୍କଳ ଗଠନର ଅନ୍ୟତମ ବିନ୍ଧାଣୀ ଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମୁକୁର ପତ୍ରିକା ଓଡ଼ିଆ ଜାତି ଜୀବନର ଯଥାର୍ଥ ମୁଖଶାଳା ଥିଲା ବୋଲି ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ବନ୍ଦେ ଉତ୍କଳ ପକ୍ଷରୁ କଟକ ବଙ୍ଗାଳିସାହିସ୍ଥିତ ମା’ ଶାରଳା ସଦନରେ ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହାକୁ ଡ. ପଟ୍ଟନାୟକ ଉଦ୍‌ଘାଟନ କରି କହିଥିଲେ, ମୁକୁର ପତ୍ରିକାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଅଧିକାଂଶ କବିତା ପ୍ରକାଶ ପାଇଥିଲା। ଉଭୟ ଗୋପବନ୍ଧୁ ଏବଂ ମଧୁସୂଦନଙ୍କ ସହିତ ତାଙ୍କର ଘନିଷ୍ଠ ସଂପର୍କ ଥିଲା। ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସ ଉତ୍ସବରେ ଅଧ୍ୟକ୍ଷତା କରି ବ୍ରଜସୁନ୍ଦରଙ୍କୁ ନିଷ୍ଠାପର ଦେଶସେବକ ଭାବେ ବର୍ଣ୍ଣନା କରିଥିଲେ। ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକ, ଆଇନଜୀବୀ ମିଳନ କୁମାର ବଡୁ, ଆକାଶ ଭୂୟାଁ, ଦୁର୍ମନ ଚନ୍ଦ୍ର ଡୁରୁକ, ରଜ ନାରାୟଣ ପଟ୍ଟନାୟକ, ଭୁବନାନନ୍ଦ ମହାନ୍ତି, ସାମ୍ବାଦିକ ଦୀପ୍ତିରଞ୍ଜନ ପଣ୍ଡା, ସଚ୍ଚିନନ୍ଦନ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଇନଜୀବୀ ସୁଜିତ୍ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ସୁବାସ ମହାନ୍ତି ଧନ୍ୟବାଦ ଦେଇଥିଲେ।



ଶାରଳା ସଦନରେ ଅନୁଷ୍ଠିତ ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ସମାରୋହରେ ଅତିଥିମାନେ।

# ଯୁବକଙ୍କୁ ହତ୍ୟା ମାମଲା: ତଦନ୍ତ କଲା ସାଇଣ୍ଟିଫିକ୍ ଟିମ୍

କଣ୍ଟାପଡା,୯।୭(ସୁର ନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅଧୀନ ଉତ୍ତାଡ଼ ପଞ୍ଚାୟତର ବ୍ରହ୍ମପୁର ଗ୍ରାମରେ ଯୋଗେନ୍ଦ୍ର ପ୍ରହରାଜ ନାମକ ଯୁବକଙ୍କୁ ହତ୍ୟା କରାଯାଇଥିବା ଶନିବାର ଅପରାହ୍ନରେ ଅଭିଯୋଗ ହୋଇଥିଲା। ରବିବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ଶୁକ୍ରବାର ରାତି ସାଢେ ୯ଟାରେ ଯୋଗେନ୍ଦ୍ର ନିଜ କୁକୁଡା ଫାର୍ମ ନିକଟରେ ଥିବା ଏକ ଘରକୁ ଶୋଇବାକୁ ଯାଇଥିଲେ। ଶନିବାର ଅପରାହ୍ନ ପ୍ରାୟ ୧ଟାରେ ଖାଇବା ପାଇଁ ମାଆ ଚନ୍ଦ୍ରମା ପୁଅକୁ ଡାକିବାକୁ ଯାଇଥିବାବେଳେ ବାହାରପଟୁ କବାଟ ଦିଆଯାଇଥିଲା। ସେ କବାଟ ଖୋଲିବାପରେ ଘର ଭିତର ଚଟାଣରେ ଯୋଗେନ୍ଦ୍ରଙ୍କ ମୃତଦେହ ପଡିଥିବା ଦେଖିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ରହ୍ମପୁର ଗ୍ରାମର ଅଜୟ ସାମନ୍ତରାୟ ଓ ତାଙ୍କ ଭାଇ ରାଜକିଶୋର ସାମନ୍ତରାୟ ମିଶି ଯୋଗେନ୍ଦ୍ରଙ୍କୁ ହତ୍ୟା କରିଥିବା ନେଇ ଚନ୍ଦ୍ରମା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୩୩/୨୩) ରୁଜୁ କରି ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିଲା। ତେବେ ଶନିବାର ସନ୍ଧ୍ୟାସୁଦ୍ଧା ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିପାରି ନ ଥିବାରୁ ଉକ୍ତ ଘର ନିକଟରେ ପୋଲିସ ମୁତୟନ କରାଯାଇଥିଲା। ଏ ନେଇ ଆଇଆଇସି ରବିନାରାୟଣ ବେହେରା କହିଛନ୍ତି, ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ‘ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ ଜରୁରୀ’

### ଚେତନାଚକ୍ରର ମାସିକ ଆଲୋଚନାଚକ୍ର

**କଟକ,୯।୭ (କାର୍ତ୍ତିକ ସାହୁ):** ସାହିତ୍ୟ, ସଂସ୍କୃତି ଓ ସମାଜସେବା ଅନୁଷ୍ଠାନ ଚେତନାଚକ୍ରର ମାସିକ ଆଲୋଚନାଚକ୍ର ତୁଳସୀପୁରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କାଞ୍ଚନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ପୂର୍ବତନ ସଭାପତି ରଘୁନାଥ ପ୍ରସାଦ ଦାସ ଯୋଗଦେଇ କହିଥିଲେ, ବିଶ୍ୱର ସଙ୍କଟମୟ ପରିସ୍ଥିତିରେ ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ ଏକାନ୍ତ ଜରୁରୀ। ସମ୍ପାଦିକା ମଞ୍ଜୁଲତା ଜେନା କହିଥିଲେ, ସମାଜର ଦରିଦ୍ର, ନିଷ୍ପେସିତ ଶିଶୁମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇ ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ସମସ୍ତଙ୍କର କର୍ତ୍ତବ୍ୟ। ଉପସଭାପତି ତଥା ଆଇନଜୀବୀ ଜଗନ୍ନାଥ ଜେଠୀ ଅନୁଷ୍ଠାନର ବରିଷ୍ଠ ତଥା ଅସୁସ୍ଥ କର୍ମକର୍ତ୍ତାମାନଙ୍କୁ ଭେଟିବା ଓ ସେମାନଙ୍କ ସହ ସୁଖଦୁଃଖ ବାଣ୍ଟିବା, ଅସୁବିଧା ସମୟରେ ସହଯୋଗର ହାତ ବଢ଼ାଇବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରମୋହନ ସାମଲ, ପ୍ରମୋଦା ଦାସ, ପଦ୍ମନାଭ ସେଠୀ, ନମିତା ମହାନ୍ତି, ସଂଯୁକ୍ତା ବେହେରା, ଅରୁଣ ଅଗ୍ରୱାଲ, ପ୍ରଦୀପ ପଟ୍ଟନାୟକ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକାରୀ ସଭାପତି ତାପସ କୁମାର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଦାବି ସରକାରଙ୍କୁ ଜଣାଯିବ

### ରାଜ୍ୟ ବାଣିଜ୍ୟ ଓ ଦ୍ରବ୍ୟ ସେବାକର ଅମଲା ସଂଘର ରାଜ୍ୟସ୍ତରୀୟ ସାଧାରଣ ବୈଠକ



କଟକ,୯।୭ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ବାଣିଜ୍ୟ ଓ ଦ୍ରବ୍ୟସେବାକର ଅମଲା ସଂଘର ରାଜ୍ୟସ୍ତରୀୟ ସାଧାରଣ ବୈଠକ ବାଦାମବାଡ଼ି ନ୍ୟୁ ଏଲ୍‌ଆଇସିସ୍ଥିତ କମ୍ୟୁନିଟି ସେଣ୍ଟରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେକ୍ସନ ଅଫିସରମାନଙ୍କୁ ଓଟିଏଏସ୍ କ୍ୟାଡରକୁ ପଦୋନ୍ନତି ଦେବା, ଖାଲିଥିବା କନିଷ୍ଠ ସହାୟକ ପଦବୀଗୁଡ଼ିକ ପୂରଣ କରାଯିବା ସହ ସେମାନଙ୍କ ଦରମା ଲେବୁଲ-୯ରେ ସ୍ଥିର କରିବା, ବାଣିଜ୍ୟ ଓ ଦ୍ରବ୍ୟସେବାକର ବିଭାଗରେ କାର୍ଯ୍ୟ କରୁଥିବା ଅମଲାମାନଙ୍କ ନିମନ୍ତେ ନୂତନ ନିୟମ ପ୍ରଚଳନ କରିବା ଏବଂ ପ୍ରତ୍ୟେକ ରେଞ୍ଜରେ ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ପଦବୀ ସୃଷ୍ଟି କରିବା ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ସ୍ଥିର ହୋଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଚିତ୍ତରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଲଳିତ ମୋହନ ଶତପଥୀ, ପରାମର୍ଶଦାତା ବିଭୂତି ଭୂଷଣ ଚକ୍ରବର୍ତ୍ତୀ, ରବିପ୍ରସାଦ ମିଶ୍ର, ବିଜୟ କୁମାର ପଟ୍ଟନାୟକ, ସୁରେଶ ଚନ୍ଦ୍ର ପଟ୍ଟନାୟକ ଓ ତାରାକାନ୍ତ ମିଶ୍ର ପ୍ରମୁଖ ବିଭିନ୍ନ ରେଞ୍ଜରୁ ଉପସ୍ଥିତ ଥିଲେ।

# ବୋଲ୍‌ବମ୍ ଧ୍ୱନିରେ ପ୍ରକମ୍ପିତ ଗଡ଼ଗଡ଼ିଆ ଘାଟ

କଟକ,୯।୭(ସୁପ୍ରିୟା ପ୍ରିୟଦର୍ଶିନୀ)

### ଆଜି ଶ୍ରାବଣ ପ୍ରଥମ ସୋମବାର

ଶ୍ରାବଣ ମାସର ପ୍ରଥମ ସୋମବାରରେ ବିଭିନ୍ନ ଶୈବପୀଠରେ ବୋଲ୍‌ବମ୍ ଭକ୍ତମାନେ ମହାଦେବଙ୍କୁ ଜଳଲାଗି କରିବେ। ଏଥିପାଇଁ ରବିବାର ମହାନଦୀର କଟକ ଗଡଗଡିଆ ଘାଟରେ ବହୁସଂଖ୍ୟାରେ ବୋଲ୍‌ବମ୍ ଭକ୍ତଙ୍କ ସମାଗମ ହୋଇଥିଲା। ବୋଲ୍‌ବମ, ହର୍‌ହର୍ ବମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗଡ଼ଗଡ଼ିଆ ଘାଟ। ଚଳିତବର୍ଷ ଯୋଡା ଶ୍ରାବଣରେ ଜଳାଭିଷେକ କରିବାର ସୁଯୋଗ ମିଳିଥିବାରୁ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ରବିବାର ଭକ୍ତମାନେ ଗଡଗଡିଆ ଘାଟଠାରେ ପୂଜାର୍ଚ୍ଚନା କରିବା ପରେ ନଦୀରୁ କଳସୀରେ ଜଳ ନେଇ କାନ୍ଧରେ ବାହୁଙ୍ଗି ରଖି ବିଭିନ୍ନ ଶୈବପୀଠ ଅଭିମୁଖେ ବାହାରିଥିଲେ। ଭିଡକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଶେଷକରି ଅଗ୍ନିଶମ ବିଭାଗ ପାୱାର ବୋଟ୍, ଲାଇଫ୍ ଜ୍ୟାକେଟ୍, ରୋପ୍ ଲାଇନ୍, ଆସ୍କା ଲାଇଟ୍ ସହ ୨୪ ଘଣ୍ଟା ସଜାଗ ରହିଛି। ସେହିଭଳି କମିଶନରେଟ ପୋଲିସ ପକ୍ଷରୁ ବୋଲବମ୍ ଭକ୍ତମାନଙ୍କୁ ସଚେତନ କରାଯିବା ସହ ଗଭୀର ଜଳକୁ ପ୍ରବେଶ ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।


ଗଡ଼ଗଡ଼ିଆ ଘାଟରେ ବୋଲବମ ଭକ୍ତଙ୍କ ସମାଗମ।

**ସଂକ୍ଷେପରେ**

## ଆମ ପୋଲିସ ସମିତି ବୈଠକ

### ଟ୍ରାଫିକ ସମସ୍ୟା, ହେଲମେଟ୍ ଚେକିଂକୁ ଗୁରୁତ୍ୱ

**କାକଟପୁର,୯।୭(ଶୁଭଦର୍ଶନ ମିଶ୍ର):** କାକଟପୁର ଥାନା ପରିସରରେ ଆମ ପୋଲିସ ସମିତିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ଅଧକ୍ଷତା କରିଥିଲେ। ବୈଠକରେ ଟ୍ରାଫିକ ସମସ୍ୟା, ସନ୍ଧ୍ୟାରେ କଡ଼ାକଡ଼ି ପାଟ୍ରୋଲିଂ, ହେଲ୍‌ମେଟ ଚେକିଂକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ରାସ୍ତାରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ବରିଷ୍ଠ ନାଗରିକ ଚିହ୍ନଟ ସହ ଫର୍ମ ଆବେଦନ ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟତମ ଅତିଥି ଭାବେ ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ମିଶ୍ର, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ପୂର୍ବତନ ପୁରୀ ଜିଲାପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ, କାକଟପୁର ପ୍ରେସ୍‌କ୍ଲବ ସଭାପତି କମଳଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଶାନ୍ତ ଜେନା, ଭାଗୀରଥୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ପ୍ରଭାସ ପୃଷ୍ଟି, ଥାନା ଏଏସ୍‌ଆଇ ପ୍ରମୋଦ ସେଠୀ, ରବୀନ୍ଦ୍ର ନାୟକଙ୍କ ସମେତ କାକଟପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଏବଂ ବ୍ୟବସାୟୀ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

## ଚାରିଛକ ପ୍ରେସ୍‌କ୍ଲବର ଶପଥ ଗ୍ରହଣ ଉତ୍ସବ

ନିମାପଡ଼ା,୯।୭(ବିଚିତ୍ରାନନ୍ଦ ସାହୁ) ଚାରିଛକ ପ୍ରେସ୍‌କ୍ଲବ ପକ୍ଷରୁ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଚାରିଛକ ବଜାରସ୍ଥିତ ଏକାନ୍ତ ଆଶ୍ରମଠାରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ପ୍ରେସ୍‌କ୍ଲବ ଉପଦେଷ୍ଟା ତଥା ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଦଳେଇ, ବିଶିଷ୍ଟ କୃଷକ ନେତା ସନାତନ ପାତ୍ର, ତୁଳସୀପୁର ସରପଞ୍ଚଙ୍କ ପ୍ରତିନିଧି ଯୁବନେତା ଅରକ୍ଷିତ ଭୋଇ, ସାମାଜିକ କର୍ମୀ ନିରଞ୍ଜନ ମିଶ୍ର, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବିଚିତ୍ରାନନ୍ଦ ସାହୁ, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ପ୍ରେସ୍‌କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ କ୍ଲବର ବିଭିନ୍ନ ସେବା, ତ୍ୟାଗପୂତ ବିକାଶମୂଳକ କାର୍ଯ୍ୟକୁ ଭୂରିଭୂରି ପ୍ରଶଂସା କରିଥିଲେ। ଏହି ସମାରୋହରେ କ୍ଲବର ନବନିର୍ବାଚିତ ସଭାପତି ଶିଶିର ସ୍ୱାଇଁ, ସମ୍ପାଦକ କେଦାରନାଥ ସାହୁ, ସହସମ୍ପାଦକ ସନ୍ତୋଷ ଦାସ ପ୍ରମୁଖ କ୍ଲବର ସମୃଦ୍ଧି, ବିକାଶ, ନିଷ୍ଠାପର କାର୍ଯ୍ୟ କରିବାକୁ ନବନିର୍ବାଚିତ କର୍ମକର୍ତ୍ତା ଉତ୍ସବରେ ଶପଥ ନେଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ପ୍ରେସକ୍ଲବର ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ପ୍ରମାଣ ସତ୍ତ୍ୱେ ତଦନ୍ତ ପାଇଁ ପଛଘୁଞ୍ଚା

**ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ପ୍ରସଙ୍ଗ**

- ତଦନ୍ତ ଆଳ ଦେଖାଇ ଦିନ ଗଡାଇ ଚାଲିଛନ୍ତି
- ଅଫିସର ବଦଳିଲେ, ତଦନ୍ତ ବାଟବଣା

ଖୋର୍ଦ୍ଧା,୯।୭(ପ୍ରଭାତ ପାଣିଗ୍ରାହୀ)

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପଢୁଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ(ଏନସିଆଇଏସଏମ)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗତ ଜୁନ ୧୧ରେ ଖୋର୍ଦ୍ଧା ଗସ୍ତରେ ଆସିଥିବା ବେଳେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡ. ମୁଞ୍ଜିପାରା ମହେନ୍ଦ୍ର ଭାଇ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ବିନା ଏନ୍‌ଇଇଟିରେ ଆୟୁର୍ବେଦ ଡାକ୍ତରୀ ପାଠ ସମ୍ପର୍କିତ ଏକ ଖବର ଧରିତ୍ରୀରେ ଗତ ଜାନୁୟାରୀ ୧୦ରେ ପ୍ରକାଶ ପାଇଥିଲା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତତ୍କାଳୀନ ଆୟୁଷ ନିର୍ଦ୍ଦେଶକ ଭୂପେଶ ବେହେରା କହିଥିଲେ। ପରବର୍ତ୍ତି ସମୟରେ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥଙ୍କ ନିକଟରେ ଗତ ମେ' ୨ରେ ୬୮ପୃଷ୍ଠା ଏବଂ ୧୯ମେ'ରେ ୧୨ପୃଷ୍ଠା ସମ୍ବଳିତ ତଥ୍ୟ ପ୍ରମାଣ ଯୁକ୍ତ ଅଭିଯୋଗ ଦାଖଲ କରାଯାଇଥିଲା। ରଥ ଏହାର ତଦନ୍ତ ଲାଗି ଆୟୁଷ ବିଭାଗର ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବଙ୍କୁ ମଧ୍ୟ ଚିଠି ଲେଖିଥିଲେ। ଗତ ମେ' ୧୬ରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ମହାପାତ୍ର ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିଭିନ୍ନ ଡକ୍ୟୁମେଣ୍ଟ ଜବତ କରିଥିଲେ। ଏହା ପରେ ଜୁନ ୨୨ରେ ରଥଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ପରେ ପ୍ରେମଜିତ ନାୟକ ନୂତନ ଆୟୁଷ ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ସମସ୍ତ ତଥ୍ୟ ପ୍ରମାଣ ସତ୍ତ୍ୱେ ଆୟୁଷ ନିର୍ଦ୍ଦେଶକ ନାୟକ ତଦନ୍ତ ଚାଲିଛି, ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ଦିନ ଗଡାଇ ଚାଲିଛନ୍ତି। ସେପଟେ ଅଫିସର ବଦଳିଲେ ତଦନ୍ତ ବାଟବଣା।

ପ୍ରକାଶ ଯେ, ଗତ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ବିନା ଯୋଗ୍ୟତାରେ ବାହାର କଲେଜ(କୌଣସି ଆୟୁର୍ବେଦ କଲେଜରେ ନାମଲେଖାଇ ନ ଥିବା ଛାତ୍ରୀଛାତ୍ର)ଙ୍କ ଠାରୁ ମୋଟା ଅଙ୍କ ନେଇ ସେମାନଙ୍କୁ ପାଠପଢା ସୁଯୋଗ ଦିଆଯାଇଛି। ସେଥିରୁ ୨୦୧୬ରେ ବିନା ଏନ୍‌ଇଇଟିରେ ଜଣେ ଛାତ୍ରୀ ପାସ କରିସାରିଛନ୍ତି। ୨୦୧୭ରେ ଦୁଇଜଣ ହାଉସ ସର୍ଜନ ଭାବେ କାର୍ଯ୍ୟ କରୁଛନ୍ତି। ଜୁନ ମାସ ଶେଷ ସୁଦ୍ଧା ଉଭୟଙ୍କ ଏକ ବର୍ଷିଆ ହାଉସ ସର୍ଜନ ସରିବ।

ବେଆଇନ ଭାବେ ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପାଠପଢା ସୁଯୋଗ ଦିଆଯାଉଥିବା ଏବଂ ଛାତ୍ରୀଛାତ୍ରଙ୍କ ଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍ୟାଙ୍କ କାର୍ଡ ଓ ଓଜେଇ ଆଲାଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲସି) ଓ ମାଇଗ୍ରେସନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଜନୈକ ଅଭିଯୋଗକାରୀ ୨୦୨୦-୨୧ ବ୍ୟାଚରେ ବିନା ଏନଇଇଟିରେ ଡାକ୍ତରୀ ପାଠ ପଢୁଥିବା ନେଇ ଆୟୁଷ ମନ୍ତ୍ରଣାଳୟ ନିକଟରେ ୨୦୨୨ ମସିହାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଗତ ଜାନୁୟାରୀ ୧୦ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୬-୧୭ ଏବଂ ୨୦୧୭-୧୮ ବ୍ୟାଚରେ ମଧ୍ୟ ଅନୁରୂପ ଭାବେ ୩ଜଣ ନାମଲେଖାଇଥିବା ନେଇ ଜଣାପଡିଥିଲା। ଏ ସଂକ୍ରାନ୍ତରେ ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ପାଠପଢା ନେଇ ଧରିତ୍ରୀରେ ଗତ ମେ' ୧ତାରିଖରେ ଖବର ପ୍ରକାଶ ପାଇଥିଲା।

ପରବର୍ତ୍ତୀ ପର୍ଯ୍ୟାୟରେ ଏହି ନାମଲେଖାରେ କେଲେଙ୍କାରୀ ସମ୍ପର୍କରେ ଅନ୍ୟ ଜଣେ ଅଭିଯୋଗକାରୀ ଗତ ମେ' ୨ତାରିଖରେ ସମ୍ପର୍କରେ ତଥ୍ୟ ସମ୍ବଳିତ ୬୮ପୃଷ୍ଠାର ରିପୋର୍ଟ ଦାଖଲ କରିଥିଲେ। ତେବେ ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଏବଂ ଏନ୍‌ସିଆଇଏସଏମର ତଦନ୍ତରେ ଶୀଥିଳତାକୁ ନେଇ ପୁଣି ଥରେ ଅଭିଯୋଗକାରୀ ମେ' ୯ତାରିଖରେ ଆୟୁଷ ମନ୍ତ୍ରଣାଳୟ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ କଲେଜ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ତଦନ୍ତ ନ ସରିବା ପର୍ଯ୍ୟନ୍ତ ଏହାର ଆଗାମୀ ନାମଲେଖା ପ୍ରକ୍ରିୟାକୁ ରଦ୍ଦ କରିବାକୁ ନିବେଦନ କରିଥିଲେ। ଆୟୁଷ ମନ୍ତ୍ରଣାଳୟ ଏହାକୁ ଗୁରୁତ୍ୱର ସହିତ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଏନ ଏନ୍‌ସିଆଇଏସଏମକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତେବେ ୨୦୧୬/୨୦୧୭ ଏବଂ ୨୦୨୦ ବ୍ୟାଚରେ ନାମଲେଖାରେ ବ୍ୟାପକ ଅନିୟମିତା ହୋଇଥିବା ଏବଂ ମୋଟା ଅଙ୍କ ନେଇ ବାହାର କଲେଜ ପିଲାଙ୍କୁ ସୁଯୋଗ ଦିଆଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଧରିତ୍ରୀରେ ଏକାଧିକ ଖବର ପରିବେଷଣ କରାଯାଇଛି। ଏହି ନାମଲେଖା କେଲେଙ୍କାରୀ ସଂକ୍ରାନ୍ତରେ ଆମ ପ୍ରତିନିଧି ଖୋର୍ଦ୍ଧା ଠାରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ଡ.ମୁଞ୍ଜିପରା ମହେନ୍ଦ୍ର ଭାଇ ଆଶ୍ଚର୍ଯ୍ୟାନ୍ୱିତ ହେବା ସହ ଏହାର ବିଧିବଦ୍ଧ ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ, ୨୦୨୦-୨୧ ବ୍ୟାଚରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଖାଲିଥିବା ସିଟ୍‌ରେ ଟ୍ରାନ୍ସଫର ବେସିସ୍‌ରେ ନାମଲେଖା ଲାଗି ୧୨ଜଣ ଆବେଦନ କରିଥିବା ନେଇ କଲେଜ କର୍ତ୍ତୃପକ୍ଷ ଆୟୁଷ ବିଭାଗକୁ ଚିଠି କରିଥିଲେ। କଲେଜ ଚିଠି ପ୍ରକାରେ ଆୟୁଷ ନିର୍ଦ୍ଦେଶକଙ୍କ ସମେତ ୫ଜଣଙ୍କୁ ନେଇ ଗଠିତ ଟିମ୍ ୫ଜଣଙ୍କୁ ନାମଲେଖା ପାଇ ଅନୁମୋଦନ କରିଥିଲେ। ତେବେ ଆୟୁଷ ବିଭାଗ ପକ୍ଷରୁ ଆସିଥିବା ନାମଲେଖା ଅନୁମୋଦିତ ଚିଠିକୁ ନକଲ କରାଯାଇ ଏହି ବ୍ୟାଚରେ ୫ଜଣ ଛାତ୍ରୀଛାତ୍ର ପରିବର୍ତ୍ତେ ୭ଜଣଙ୍କୁ ନାମ ଲେଖା ପାଇଁ ସୁଯୋଗ ଦିଆଯାଇଥିଲା।

## ଏତଲା ଦେଲା ଜିଲା ଯୁବ ଅଧିବକ୍ତା ମଞ୍ଚ

### ରଥରେ ଅଣସେବାୟତ ଚଢ଼ି ଭିଡିଓ, ରିଲ୍ସ କରିବା ଘଟଣା

ପୁରୀ, ୯।୭(ଅଜିତ୍ ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ସେବାୟତଙ୍କ ବେଶରେ ଅନେକ ଅଣସେବାୟତ ରଥରେ ଚଢ଼ି ମୋବାଇଲରେ ଭିଡିଓ ଏବଂ ରିଲ୍ସ କରି ସୋସିଆଲ ମିଡିଆରେ ପୋଷ୍ଟ ସହ ଭାଇରାଲ କରିଥିଲେ। ଏପରିକି ମହାପ୍ରଭୁଙ୍କୁ ସ୍ପର୍ଶ କରିଥିଲେ। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଆସୁଛି। ଏ ନେଇ ରବିବାର ପୁରୀ ଜିଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ରଥରେ ଚଢ଼ି ମୋବାଇଲରେ ଭିଡିଓ ଏବଂ ରିଲ୍ସ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି। ତେଣୁ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ସେମାନଙ୍କୁ ଗିରଫ କରାଯାଉ। ସେହିପରି ଏତେସଂଖ୍ୟକ ଅଣସେବାୟତ ରଥ ଉପରକୁ କିପରି ଚଢ଼ିଲେ ତାହାର ତଦନ୍ତ କରାଯାଉ। ଏତଲା ପ୍ରଦାନ ବେଳେ ମଞ୍ଚ ଆବାହକ ଅନିଲ୍ ସାହୁ, ଉମାଶଙ୍କର ସାହୁ, ବିଚିତ୍ରାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ମଞ୍ଚସ୍ଥ ନାଟକ 'କୃଷ୍ଣ କୌତୁହଳମ୍'ର ଏକ ଦୃଶ୍ୟ । (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ

ପୁରୀ,୯।୭(ଅଜିତ ମହାନ୍ତି)

ଶିଶୁ ଖବରକାଗଜ 'ଶିଶୁ ସମାଚାର'ର ଷୋଡ଼ଶତମ ସ୍ୱନକ୍ଷତ୍ର ସମାରୋହ ଉପଲକ୍ଷେ ଶ୍ରୀସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ମହିଳାଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କମିଟି ଅଧକ୍ଷ ମନୋଜ ରଥ, ସିଦ୍ଧାର୍ଥ ରାଏ, ଶରତ ରାୟଗୁରୁ, ରେଣୁକା ମିଶ୍ର, ମଧୁଛନ୍ଦା ମହାପାତ୍ର ଅତିଥିଭାବେ ଯୋଗଦେଇ ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଶିଶୁ ସମାଚାରର ପ୍ରୟାସକୁ ପ୍ରଶଂସା କରିଥିଲେ।

## ପରିବେଶ ସନ୍ତୁଳନ ଗ୍ରାମାଞ୍ଚଳ ଶିକ୍ଷାକୁ ନେଇ ମହାରାଷ୍ଟ୍ର ଯୁବକଙ୍କ ସାଇକେଲ ଯାତ୍ରା

### ୧୮ ମାସରେ ୨୨ ରାଜ୍ୟ ବୁଲି ସାରିଲେଣି



ଗୋପ,୯।୭ (ଭାରତୀ ଭୂଷଣ ଉପାଧ୍ୟାୟ)

ପରିବେଶ ବଞ୍ଚିଲେ ଆମେ ବଞ୍ଚିବା, ଦେଶ ବଞ୍ଚିବ। ଗ୍ରାମାଞ୍ଚଳ ଶିକ୍ଷାର ଅଭିବୃଦ୍ଧି ଘଟିଲେ ଆମ ସଂସ୍କୃତି ପରମ୍ପରା ଭାଇଚାରା ସହିତ ଛାତ୍ରୀଛାତ୍ର ଆଗକୁ ଯାଇ ଦେଶର ନାଁ ରଖିପାରିବେ। ଏପରି ବାର୍ତ୍ତା ନେଇ ଦୀର୍ଘ ୧୮ ମାସ ଧରି ମହାରାଷ୍ଟ୍ର ନାନନ୍ଦେଡ୍ ଜିଲାର ଶିବାନୀ ପାଟିଲି (୨୮) ସାଇକେଲ ଯାତ୍ରା କରି ସଚେତନତା ସୃଷ୍ଟି କରୁଛନ୍ତି। ସେ ୨୦୨୧ ମସିହା ନଭେମ୍ବର ୨୧ରୁ ଏହି ସାଇକେଲ ଯାତ୍ରା ଆରମ୍ଭ କରି ଏବେ ଓଡ଼ିଶାରେ ପହଞ୍ଚିଛନ୍ତି। ପ୍ରକାଶ ଯେ, ଶିବାନୀ ପାଟିଲି ଜଣେ ବେସରକାରୀ ସଂସ୍ଥାରେ ଶିକ୍ଷକତା କରୁଥିବାବେଳେ ପରିବେଶ ଓ ଶିକ୍ଷା ବିପଦପୂର୍ଣ୍ଣ ଅବସ୍ଥାକୁ ଯାଉଥିବାରୁ ଏପରି ଏକ ସଚେତନତା କାର୍ଯ୍ୟକ୍ରମ ଜରିଆରେ କିଛି ସଚେତନତା ସୃଷ୍ଟି କରିପାରିବେ ବୋଲି ଚିନ୍ତା କରିଥିଲେ। କିନ୍ତୁ ଆର୍ଥିକ ଅନଟନ ସହିତ ଆବଶ୍ୟକତା ଅର୍ଥ ଅଭାବ ଥିଲେ ମଧ୍ୟ ଦେଶ ପାଇଁ କିଛି କରିବାର ଆଶା କରି ଏପରି ଏକ ପଦକ୍ଷେପ ନେଇଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି, ସରକାର ପରିବେଶ, ଶିକ୍ଷା କ୍ଷେତ୍ରରେ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଥିବାବେଳେ ଏହାର ମନିଟରିଂ ଅଭାବ ସାଙ୍ଗକୁ ଉଚିତ୍ ମାର୍ଗରେ ପରିଚାଳନା ତ୍ରୁଟି ରହୁଥିବା ସହିତ ଏପରି ଏକ କ୍ଷେତ୍ରରେ ଶିକ୍ଷାଦାନର ଅଭାବ ରହୁଛି। ଏହାକୁ କ୍ରିୟାଶୀଳ କରିବାକୁ ସେ ଶିକ୍ଷା ଓ ପରିବେଶ ଉପରେ ଗୁରୁତ୍ୱ ଦେଇ ସାଇକେଲ ଯାତ୍ରା କରିଥିବା କହିଛନ୍ତି। କୌଣସି ସ୍କୁଲ କଲେଜରେ ମଧ୍ୟ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମଧ୍ୟ ଦୃଷ୍ଟି ଦିଆଯାଉ ନାହିଁ। ଦୀର୍ଘ ୧୮ ମାସ ଧରି ସାଇକେଲ ଯାତ୍ରାରେ ୨୨ ଗୋଟି ରାଜ୍ୟରେ ଏପରି ବାର୍ତ୍ତା ଦେଇ ଆସିଥିବାବେଳେ ଆହୁରି ଅବଶିଷ୍ଟ ରାଜ୍ୟରେ ମଧ୍ୟ ଏହି ସଚେତନତା ସୃଷ୍ଟି ସାଇକେଲ ଯାତ୍ରା କରିବେ ବୋଲି ଶିବାନୀ କହିଛନ୍ତି। ଏଥିରେ ନିଶ୍ଚିତ କିଛି ପରିବର୍ତ୍ତନ ହେବ ବୋଲି ସେ ଆଶା ରଖିଛନ୍ତି।

## କମିଶନରେଟ୍ ପୋଲିସ ପଞ୍ଝାରେ ୫ ଜଣିଆ ଡକାୟତି ଗ୍ୟାଙ୍ଗ

- ଆଇପିଏସ୍ ସାଗରିକା ନାଥଙ୍କ ବାପା, ମା'ଙ୍କୁ ଲୁଟ୍ ଉଦ୍ୟମ କରିଥିଲେ
- ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୧ ମାମଲା

ଭୁବନେଶ୍ୱର,୯।୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ଗତ କିଛିମାସ ହେବ ଡକାୟତି, ଚୋରି ଓ ଲୁଟ୍ ଆଦି ଅପରାଧ ଘଟାଇ ଆତଙ୍କ ସୃଷ୍ଟି କରୁଥିବା ଏକ ଗ୍ୟାଙ୍ଗ କମିଶନରେଟ ପୋଲିସ ହାତରେ ଧରାପଡ଼ିଛି। ଚନ୍ଦ୍ରଶେଖରପୁର ଓ ଭରତପୁର ଥାନା ପୋଲିସ ପୃଥକ ଭାବେ ଗ୍ୟାଙ୍ଗ୍‌ର ୫ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ବିଶ୍ୱଜିତ ଦାସ ଓରଫ ବିଟୁ, ଜଗତ୍‌ସିଂପୁର ଜିଲା ପାରାଦୀପ ଲକ୍ ଥାନା ଅଞ୍ଚଳର ଶୁଭକାନ୍ତ ବେହେରା ଓରଫ ମେଧ, ଖୋର୍ଦ୍ଧା ଜିଲା ଟାଙ୍ଗି ଅଞ୍ଚଳର ଦୀପଙ୍କର କୁଲୁ ଓରଫ କୁଲୁ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଦଳୀଗୋଦାମ ବସ୍ତିର ଗଣେଷ ସାହୁ ଓ ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ବିପିନ ପୃଷ୍ଟି। ସେମାନଙ୍କଠାରୁ ପୋଲିସ ୪୫ ଗ୍ରାମର ସୁନା, ୧୦ଟି ସୁନାଚେନ, ୮ଟି ମୋବାଇଲ ଫୋନ୍, ଦୁଇଟି ବାଇକ, ନଗଦ ୪୦ ହଜାର ଟଙ୍କା, ୩ଟି ଫେକ୍ ନମ୍ବର ପ୍ଲେଟ୍, ଦୁଇଟି ହେଲ୍‌ମେଟ ଓ ଘର ତାଲା ଭାଙ୍ଗିବା ପାଇଁ ସ୍କ୍ରିୟୁ ଡ୍ରାଇଭର, ରଡ୍ ଆଦି ଜବତ କରିଛି। ଅଭିଯୁକ୍ତ ବିପିନ୍ ଚୋରି ସୁନା ଅଳଙ୍କାରକୁ ଅନ୍ୟମାନଙ୍କଠାରୁ ନେଇ ବିକ୍ରି କରିଥାନ୍ତି। ତାଙ୍କ ନାମରେ ଭୁବନେଶ୍ୱର ୟୁପିଡିର ବିଭିନ୍ନ ଥାନାରେ ୨୧ଟି ମାମଲା ରହିଛି। କୁଲୁ ଓ ବିପିନ୍‌ଙ୍କୁ ଚନ୍ଦ୍ରଶେଖରପୁର ଥାନା ଓ ଅନ୍ୟ ୩ଅଭିଯୁକ୍ତଙ୍କୁ ଭରତପୁର ଥାନା ପକ୍ଷରୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ବିଟୁ ଓ ଶୁଭଙ୍କର ପେସାଦାର ଲୁଟେରା। ଉଭୟଙ୍କ ନାମରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂପୁରରେ ଅନେକ ମାମଲା ରହିଛି। ଗଣେଶ ଓ କୁଲୁ ସେମାନଙ୍କ ସହଯୋଗୀ। ଅଭିଯୁକ୍ତମାନେ ୬ ମାସ ହେଲା ଭୁବନେଶ୍ୱରରେ ଡକାୟତି, ଚୋରି, ଲୁଟ୍ ଆଦି କରି ଆତଙ୍କ ରଚୁଥିଲେ। ଜୁଲାଇ ୧୬ ରାତିରେ ନୀଳାଦ୍ରିବିହାରସ୍ଥିତ ପ୍ଲଟ୍ ନଂ. ଡି/୩୨ରେ ରହୁଥିବା ରୋହିତ୍ ସିଂହଦେଓଙ୍କ ଭଉଣୀଙ୍କ ଘରୁ ଅଭିଯୁକ୍ତମାନେ ସୁନା ଅଳଙ୍କାର ଓ ୧ ଲକ୍ଷ ଟଙ୍କା ଚୋରି କରିଥିଲେ। ଆଇପିଏସ୍ ଅଫିସର ସାଗରିକା ନାଥଙ୍କ ବାପା ପ୍ରଦୀପ କୁମାର ନାଥ ଓ ତାଙ୍କ ମା'ଙ୍କଠାରୁ ୨ ଅଭିଯୁକ୍ତ ଗତ ୧ ତାରିଖ ସନ୍ଧ୍ୟାରେ ଲୁଟ୍ ଉଦ୍ୟମ କରି ବିଫଳ ହୋଇଥିଲେ। ଏପରିକି ଦମ୍ପତିଙ୍କ ପ୍ରତିରୋଧ ଫଳରେ ଅଭିଯୁକ୍ତଦ୍ୱୟ ତାଙ୍କ ବାଇକ ଛାଡ଼ି ପଳାଇ ଯାଇଥିଲେ। ସେହିଭଳି ଜୁଲାଇ ୩ରେ ନୀଳାଦ୍ରିବିହାରସ୍ଥିତ ପ୍ଲଟ୍ ନଂ.ଏ/୫୬ରେ ରହୁଥିବା ଅବସରପ୍ରାପ୍ତ ଡାକ୍ତର ଶରତ ପାଇକରାୟ ଘର ବନ୍ଦ କରି ପାର୍କକୁ ଯାଇଥିଲେ। ଏହି ସମୟରେ ୩ ଅଭିଯୁକ୍ତ ତାଙ୍କ ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ନେଇଯାଇଥିଲେ।

## ଲବଣଗିରି ବିଦ୍ୟାଳୟରେ ବନ ମହୋତ୍ସବ



ଚାରାରୋପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଜଟଣୀ,୯।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ଜାମୁକୋଳି ଗ୍ରାମସ୍ଥିତ ଲବଣଗିରି ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ୪୭ତମ ବନ ମହୋତ୍ସବ କାର୍ଯ୍ୟକମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାଷ୍ଟ୍ରପତି ପିରସ୍କାରପ୍ରାପ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁରଲୀଧର ପରିଡା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଜଙ୍ଗଲ ଓ ପରିବେଶ ବିଭାଗ ଓଡିଶା ସରକାର ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବିଭାଗ ଅଧିକାରୀ ଜୟନ୍ତ କୁମାର ଜେନା, ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପାଇକରାୟ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ସମ୍ପର୍କରେ ମତ ରଖିଥିଲେ। ମାନବ ସମାଜର ସୁରକ୍ଷା ସହିତ ସୁସ୍ଥ ଏବଂ ନିରୋଗ ଜୀବନ ପାଇଁ ବୃକ୍ଷ ହିଁ ଏକମାତ୍ର ବିକଳ୍ପ ବର୍ତ୍ତମାନ ସମୟରେ ହୋଇପଡିଛି ବୋଲି ମତପ୍ରକାଶ ପାଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ 'ପୁଅ ସିନା ପୋଷେ ମା'ବାପାଙ୍କୁ, ବୃକ୍ଷ ପୋଷେ ସାରା ବିଶ୍ୱକୁ' ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ।

# ଆଜି ଶ୍ରୀଲୋକନାଥ ପୀଠରେ ଜଳଲାଗି

- ପ୍ରଶାସନ ପକ୍ଷରୁ ହୋଇଛି ବ୍ୟାପକ ବ୍ୟବସ୍ଥା
- ମୁତୟନ ହେବେ ୧୦ ପ୍ଲାଟୁନ ପୋଲିସ ଫୋର୍ସ

ପୁରୀ,୯।୭(ଅଜିତ୍ ମହାନ୍ତି)



ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ ମାନସିକଧାରୀ କାଉଡ଼ିଆମାନେ ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ ଜଳ ଲାଗି କରିବେ। ଏଠାରେ ହଜାର ହଜାର କାଉଡ଼ିଆଙ୍କ ଭିଡ଼ ହେବ। ରବିବାର ରାତିରେ ଅନେକ କାଉଡ଼ିଆ କାନ୍ଧରେ ଜଳଭାର ଧରି ଓଁ ନମଃ ଶିବାୟ ଜପ କରି ଚାଲି ଚାଲି ଶ୍ରୀଲୋକନାଥଙ୍କ ପୀଠରେ ପହଞ୍ଚିଛନ୍ତି। ଜଳ ଲାଗି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ସହ ବ୍ୟାରିକେଡ୍ କରାଯାଇଛି। ଭକ୍ତମାନେ ବ୍ୟାରିକେଡ୍ ଦେଇ ମନ୍ଦିରକୁ ପ୍ରବେଶ କରିବା ସହ ଜଳ ଲାଗି କରି ଅନ୍ୟ ରାସ୍ତା ଦେଇ ପ୍ରସ୍ଥାନ କରିବେ। ଏନେଇ ଲୋକନାଥ ମନ୍ଦିର ସେବାୟତ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଭଣ୍ଡାରରକ୍ଷକ ହେଉଛନ୍ତି ପ୍ରଭୁ ଶ୍ରୀଲୋକନାଥ। ଜଳ ଲାଗି ସକାଶେ ତାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ଜଳଲାଗି ନିମନ୍ତେ ରବିବାର ଅପରାହ୍ନ ୪ଟାରୁ କାଉଡ଼ିଆମାନେ ୨୦ ଟଙ୍କାର ଟିକେଟ କରିବେ। ରବିବାର ମଧ୍ୟରାତ୍ର ୧୨ଟାରେ ଲୋକନାଥ ମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହେବ। ଠାକୁରଙ୍କ ମଙ୍ଗଳ ଆଳତି ନୀତି ସମ୍ପନ୍ନ ପରେ ମଇଲମ, ଅବକାଶ ନୀତି ସରିବା ପରେ ରାତି ୧୨ଟା ୪୫ଠାରୁ ଭକ୍ତ ଓ କାଉଡ଼ିଆଙ୍କ ଉଦ୍ଦେଶ୍ୟରେ ଦ୍ୱାର ଖୋଲିବ। ଭକ୍ତ ଓ କାଉଡ଼ିଆମାନେ ବ୍ୟାରିକେଡ଼ରେ ଯାଇ ରୋଷଘର ପଛ ଦେଇ ମନ୍ଦିର ପ୍ରବେଶ କରିବା ସହ ଲକ୍ଷ୍ମୀଦ୍ୱାର ଠାରେ ଜଳଲାଗି କରି ପ୍ରତ୍ୟାବର୍ତ୍ତନ କରିବେ। ସୋମବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜଳଲାଗି ହେବା ପରେ ନୀତି ପାଇଁ କିଛି ସମୟ ଜଳଲାଗି ବନ୍ଦ ରହିବ। ନୀତି ସମାପ୍ତ ପରେ ଦର୍ଶନ ଓ ଜଳଲାଗି ଆରମ୍ଭ ହେବ। ଏହି ଜଳ ଲାଗି ପହୁଡ଼ ପର୍ଯ୍ୟନ୍ତ ଜାରିରହିବ। ସେହିପରି କୁଷ୍ଠାଶ୍ରମ ନିକଟରେ ଟିକେଟ କାଉଣ୍ଟର କରାଯାଇଛି। ପ୍ରାୟ ୨୦୦୦ ଭକ୍ତଙ୍କ ପାଇଁ ଶେଡ୍ ନିର୍ମାଣ ହୋଇଛି। ଗତବର୍ଷ ପ୍ରାୟ ୭୮୦୦୦ କାଉଡ଼ିଆ ଜଳଲାଗି କରିଥିବା ବେଳେ ଚଳିତଥର ରଥ ଓ ସୁନାବେଶକୁ ଲକ୍ଷ୍ୟ କଲେ ଆହୁରି ଅଧିକ ଭକ୍ତ ସମାଗମ ହେବା ଆକଳନ କରାଯାଉଛି। ତେଣୁ ଶୃଙ୍ଖଳା ଓ ସୁବ୍ୟବସ୍ଥା ଦୃଷ୍ଟିରୁ ସେବାୟତ ଏବଂ ପୋଲିସ୍‌କୁ ନେଇ ଟିମ୍ ଗଠନ କରାଯାଇଛି। ସେପଟେ ଆଶୁ ଚିକିତ୍ସା କେନ୍ଦ୍ର, ପାନୀୟଜଳ ବ୍ୟବସ୍ଥା ସହ ଜାଗରପଦାକୁ ମଧ୍ୟ ସଫେଇ କରାଯାଇଛି ବୋଲି ପଣ୍ଡା କହିଛନ୍ତି। ଚଳିତ ବର୍ଷ ଯୋଡ଼ା ଶ୍ରାବଣ ପଡୁଥିବାରୁ ଭକ୍ତମାନେ ଜୁଲାଇ ମାସର ୧୦ ଏବଂ ୧୭ ତାରିଖ ଏବଂ ଅଗଷ୍ଟ ମାସର ୨୧ ଓ ୨୮ ତାରିଖରେ ଜଳ ଲାଗି କରିବେ। ଅନ୍ୟପକ୍ଷରେ ଲୋକନାଥଙ୍କ ପୀଠରେ ଜଳଲାଗିକୁ ଦୃଷ୍ଟିରେ ଉପଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା, ଶୃଙ୍ଖଳିତ ଭାବେ ଧାଡ଼ିରେ ରହି ଜଳଲାଗି ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପୌରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା, ଟିପିସିଓଡିଏଲ ପକ୍ଷରୁ ବିଦ୍ୟୁତ ବ୍ୟବସ୍ଥା କରିଯିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାଉଡ଼ିଆମାନଙ୍କ ବାହୁଙ୍ଗା ରଖିବା ପାଇଁ କାଠର ଅସ୍ଥାୟୀ ଷ୍ଟାଣ୍ଡ କରାଯାଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମନ୍ଦିର ବାହାରେ ଏବଂ ମନ୍ଦିର ପରିସରରେ ମୁତୟନ ରହିବେ। ବରିଷ୍ଠ ପୋଲିସ ଅଧିକାରୀ ଦାୟିତ୍ୱରେ ରହିବେ। ଭକ୍ତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଚଳିତବର୍ଷ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ୩ଜଣ ଅତିରିକ୍ତ ଏସ୍‌ପି ର୍ୟାଙ୍କର ଅଧିକାରୀ ଏବଂ ୭ଜଣ ଡିଏସ୍‌ପି ର୍ୟାଙ୍କର ଅଧିକାରୀ ମୁତୟନ ରହିବେ।

**ସଂକ୍ଷେପରେ**

## ବନ ମହୋତ୍ସବ ସପ୍ତାହ ଉଦ୍‌ଯାପିତ

ପୁରୀ, ୯।୭(ଅଜିତ ମହାନ୍ତି): ପୁରୀ ସୁରକ୍ଷା ପରିଷଦ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳନ ଉଦ୍‌ଯାପନୀ ଦିବସ ଅବସରରେ ଧାନ ମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରାରୋପଣ କରି କହିଥିଲେ ବୃକ୍ଷ ହିଁ ଜୀବନ। ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁ ଚାରା ରୋପଣ ନିହାତି ଆବଶ୍ୟକ। ସମସ୍ତେ ଗୋଟିଏ ଗୋଟିଏ ଚାରା ରୋପଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପିଜୁଳି, ଅଁଳା, ନିମ୍ବ, ପଣସ, କରଞ୍ଜ, ଆମ୍ବ ଆଦି ସହ ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଭବାନୀ ପ୍ରସାଦ ବଳିଆର ସିଂ, ସ୍ତମ୍ଭକାର ଗୁରୁଚରଣ ଦାସ, ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସୌମ୍ୟରଞ୍ଜନ ବିଶୋଇ ଓ ଆଶ୍ରମର ପରିଚାଳକ ଜ୍ୟୋତି ଦାସ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ପରିଷଦର ସମ୍ପାଦକ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୃଷ୍ଣ ରସରେ ମଜ୍ଜିଲେ ଦର୍ଶକ

ପୁରୀ, ୯।୭(ଅଜିତ ମହାନ୍ତି): ରାଧାପ୍ରେମଠାରୁ କଂସବଧ, ସୁଦାମା ଖୁଦଭଜା ଠାରୁ ଦ୍ୱାରକା ଲୀଳା ସବୁଠାରେ କୃଷ୍ଣରସ ଅମୃତ ଲାଗେ। ଲବଣୀ ଚୋରୀ, ବସ୍ତ୍ରହରଣ, ପୁତନାବଧ, କୁବୁଜା ଉପାଖ୍ୟାନ, ରୁକ୍ମିଣୀ ହରଣ ସବୁଠାରେ ଲୁଚି ରହିଥାଏ କୌତୁହଳ। ଭାଗବତଠାରୁ ଶ୍ରୀମଦ୍‌ଭାଗବତ୍ ସବୁରି ଭିତରେ ରହିଥାଏ କୃଷ୍ଣଚରିତ୍ରର ମହାନତା। ତାହାର ଶ୍ରବଣରେ ମିଳେ ଅମୃତ ଅନୁଭବ। ଏସବୁ ଆଖ୍ୟାନ ଭିତ୍ତିରେ ଆଚାର୍ଯ୍ୟ କବି ମଧୁସୂଦନ ସରସ୍ୱତୀଙ୍କ ରଚିତ ତଥା ସର୍ବଭାରତୀୟ ସଂସ୍କୃତ ନାଟକ ଭାବେ ପୁରସ୍କୃତ ନାଟକ 'କୃଷ୍ଣ କୌତୁହଳମ୍' ନାଟ୍ୟ ନିର୍ଦ୍ଦେଶକ ଧର୍ମେନ୍ଦ୍ର କୁମାର ସିଂହଦେଓଙ୍କ ନିର୍ଦ୍ଦେଶନାରେ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ମଞ୍ଚସ୍ଥ ହୋଇଛି। ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ଓ ଶ୍ରୀନାଟ୍ୟମ୍ ନାଟ୍ୟଦଳର ମିଳିତ ସହଯୋଗରେ ପରିବେଷିତ ଏହି ନାଟକ ଉତ୍ସବରେ ନାଟ୍ୟକାର ବଦ୍ରି ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଅତୁଳ କୁମାର ନନ୍ଦ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଯୁବ ସଂଗଠକ ଷ୍ଟାଲିନ ପରିଜା ଏବଂ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଯୋଗଦେଇ ସଂସ୍କୃତି ବିଭାଗ ମାଧ୍ୟମରେ ଏହିଭଳି ସଂସ୍କୃତ ନାଟକ କିପରି ଦେଶର ବିଭିନ୍ନ ରାଜ୍ୟରେ ଶ୍ରୀନାଟ୍ୟମ୍ ନାଟ୍ୟଦଳ ପରିବେଷଣ କରିବ ସେନେଇ ପ୍ରସ୍ତାବ ରଖିଥିଲେ। ବିଶିଷ୍ଟ ଉଦ୍‌ଘୋଷକ ଅଧାପକ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଶ୍ରେଷ୍ଠ ମଞ୍ଚ ଅଭିନେତା ଭାବେ ଶଙ୍କର ପ୍ରସାଦ ବସୁମଲ୍ଲିକ, ବର୍ଷିଆନ ନାଟ୍ୟ ନିର୍ଦ୍ଦେଶକ ଭାବେ ଭରତ ନାୟକ, ବିଶିଷ୍ଟ ନାଟ୍ୟ ସଙ୍ଗଠକ ଭାବେ ରଙ୍ଗଶାଳାର ବିକ୍ରମ ସାହୁ, ସଙ୍ଗଠକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଏବଂ ଯୁବ ନାଟ୍ୟ ନିର୍ଦ୍ଦେଶକ ଭାବରେ ବିଶ୍ୱନାଥ ମହାପାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିରୁପମା ସିଂହଦେଓ ପରିଚାଳନା କରିଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିରେ ଏତଲା

**ରଥରେ ଅଣସେବାୟତ ଚଢ଼ି ଭିଡିଓ, ରିଲ୍ସ କରିବା ଘଟଣା**

ପୁରୀ, ୯।୭(ଅଜିତ୍ ମହାନ୍ତି):

ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ସେବାୟତଙ୍କ ବେଶରେ ଅନେକ ଅଣସେବାୟତ ରଥରେ ଚଢ଼ି ମୋବାଇଲରେ ଭିଡିଓ ଏବଂ ରିଲ୍ସ କରି ସୋସିଆଲ ମିଡିଆରେ ପୋଷ୍ଟ ସହ ଭାଇରାଲ କରିଥିଲେ। ଏପରିକି ମହାପ୍ରଭୁଙ୍କୁ ସ୍ପର୍ଶ କରିଥିଲେ। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଆସୁଛି। ଏ ନେଇ ରବିବାର ପୁରୀ ଜିଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ରଥରେ ଚଢ଼ି ମୋବାଇଲରେ ଭିଡିଓ ଏବଂ ରିଲ୍ସ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ମହାପ୍ରଭୁଙ୍କ ରଥଯାତ୍ରାରେ ଶୃଙ୍ଖଳିତ ନୀତି ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମସ୍ତ ନିଯୋଗ ଓ ବାଡ଼ଗ୍ରାହୀଙ୍କୁ ଚିଠି କରିଥିଲେ। ସମ୍ପୃକ୍ତ ଚିଠିର ୪ ଓ ୫ ନମ୍ବର ପୃଷ୍ଠାରେ ଉଲ୍ଲେଖ ରହିଛି ଯେ, ରଥ ଉପରେ କେହି ମୋବାଇଲ ଫୋନ ବ୍ୟବହାର କରିବେ ନାହିଁ ଏବଂ କୌଣସି ଅଣସେବକ ରଥ ଉପରେ ରହିବେ ନାହିଁ। କିନ୍ତୁ ଅନେକ ଅଣସେବାୟତ ମଠା ପିନ୍ଧି ରଥ ଉପରେ ଚଢିବା ସହ ଠାକୁରଙ୍କ ଶ୍ରୀଅଙ୍ଗ ସ୍ପର୍ଶ କରିଥିବା ନେଇ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ରଥ ଉପରକୁ କେତେଜଣ ଅଣସେବାୟତ ଯାଇ ଠାକୁରଙ୍କୁ କୁଣ୍ଢାଇବା ସହିତ ବିଭିନ୍ନ ଭଙ୍ଗୀରେ ଫଟୋ ଓ ଭିଡିଓ ଉଠାଇ ବିଭିନ୍ନ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି। ରଥ ଉପରେ ଠାକୁରଙ୍କ ପାଖରୁ ରିଲ୍ସ କରିଥିବା ଦେଖିବାକୁ ମିଳିଛି, ଯାହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ମହାପ୍ରଭୁଙ୍କ ପୋଷାକ ବଦଳାଯିବାର ଭିଡିଓ ସୋସିଆଲ ମିଡ଼ିଆରେ ପୋଷ୍ଟ କରାଯାଇଛି। ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ଭାବନାକୁ ଆଘାତ ଦେବା ସହ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶନାମାକୁ ଉଲ୍ଲଘଂନ କରିଛି। ତେଣୁ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ସେମାନଙ୍କୁ ଗିରଫ କରାଯାଉ। ସେହିପରି ଏତେସଂଖ୍ୟକ ଅଣସେବାୟତ ରଥ ଉପରକୁ କିପରି ଚଢ଼ିଲେ ତାହାର ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ମଞ୍ଚ ଦାବି କରିଛି। ଏତଲା ପ୍ରଦାନ ସମୟରେ ମଞ୍ଚ ଆବାହକ ଅନିଲ୍ କୁମାର ସାହୁ, ଉମାଶଙ୍କର ସାହୁ ଏବଂ ବିଚିତ୍ରାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଜିଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ମଞ୍ଚସ୍ଥ ନାଟକ 'କୃଷ୍ଣ କୌତୁହଳମ୍'ର ଏକ ଦୃଶ୍ୟ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ସାକ୍ଷୀଗୋପାଳ,୯।୭ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ଅଧୀନ ଶ୍ରୀରାମଚନ୍ଦ୍ରପୁର ନୋଡାଲ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପୁରୀ ଜିଲାର ବିଶିଷ୍ଟ ବ୍ୟକ୍ତିଙ୍କ ପକ୍ଷରୁ ଏକ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ନିଶାମୁକ୍ତି ଅଭିଯାନର ଉଦ୍ଦେଶ୍ୟ ଓ ସମାଜ ଉପରେ ନିଶାର କୁପ୍ରଭାବ ନେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ କାମଦେବ ପ୍ରଧାନ ନିଶାର କୁପ୍ରଭାବ ବିଜ୍ଞାନ ଦୃଷ୍ଟିକୋଣରୁ କେତେ ଭୟଙ୍କର ତାହା ପିଲାଙ୍କୁ ବୁଝାଇଥିଲେ। ସ୍ୱାମୀ ଜୟଦେବ ଭାରତୀ ନିଶାଠାରୁ ଦୂରେଇ ରହି ନୀରୋଗ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ମିଶ୍ର, ନବଘନ ଶତପଥୀ, ମନୋରଞ୍ଜନ ମିଶ୍ର, ପ୍ରଧାନ ଶିକ୍ଷକ ରଞ୍ଜନ ସାମନ୍ତରାୟ, ବିଜୟ ପରିଡ଼ା, ହରପ୍ରିୟା କର, ସନ୍ତୋଷ ଚନ୍ଦ୍ର ମିଶ୍ର ପ୍ରମୁଖ ନିଶାର ଅପକାରିତା ଉପରେ ନିଜ ନିଜ ମତବ୍ୟକ୍ତ କରିଥିଲେ। ଏଥିରେ ୨ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ଦିବ୍ୟ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ଆଜିଠୁ ବେଗୁନିଆ ବନ୍ଦ
### ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

ବେଗୁନିଆ,୯।୭(ହର ପ୍ରସନ୍ନ ପଣ୍ଡା):

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ଦାବିରେ ସୋମବାରଠାରୁ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ଦୋକାନ ବଜାର ବନ୍ଦ କରାଯିବ। ଏଥିସହ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ। ଫଳରେ ଯାତାୟାତ କରିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଆୟୋଜକ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ, ଆଇନଜୀବୀ ସୁଶାନ୍ତ କୁମାର ରାୟ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ଓ ସାମାଜିକକର୍ମୀ ଶିବ ମୁନି କହିଛନ୍ତି। ସୂଚନାଥାଉ କି, ବେଗୁନିଆ ସଦର ମହକୁମାରେ ଥିବା ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ଦୀର୍ଘ ୩୦ବର୍ଷ ହେବ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଏପରିକି ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିବ ବୋଲି ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା। ହେଲେ ମାନ୍ୟତା ମିଳିବା ବଦଳରେ ତାଲିକାରୁ ବାଦ୍ ଦିଆଯାଇଛି। ଏହାର ପ୍ରତିବାଦରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ମେ'୨୨ରୁ ସତ୍ୟାଗ୍ରହ ଜାରି ରହିଛି। ଏହି ସତ୍ୟାଗ୍ରହକୁ ରବିବାର ୪୯ ଦିନ ପୂରଣ ହୋଇଛି। ଦାବି ପୂରଣ ନ ହେଲେ ୫୦ ଦିନ ତଥା ୧୦ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆ ବନ୍ଦ ରହିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ସଂସ୍କୃତି ଓ ଗୋ ସୁରକ୍ଷା ମଞ୍ଚର ପରିବେଶ, ଗୋ-ବିଜ୍ଞାନ ପ୍ରଶିକ୍ଷଣ




କାର୍ଯ୍ୟକ୍ରମରେ ଜଣେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପିପିଲି,୯।୭(ପ୍ରଭାତ କୁମାର ମହାପାତ୍ର)

ସଂସ୍କୃତି ଓ ଗୋସୁରକ୍ଷା ମଞ୍ଚ ଓଡ଼ିଶା ପକ୍ଷରୁ ପରିବେଶ ଗୋ-ବିଜ୍ଞାନ ପ୍ରଶିକ୍ଷଣ ପିପିଲି ବ୍ଲକ ଭାରତୀପୁର ଗାଁର ମା' ଯୋଗମାୟା ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବରାଳ ବାଲୁଙ୍କେଶ୍ୱର ଦେବ ଚାରିଟେବଲ ଟ୍ରଷ୍ଟ ଗୋଶାଳା ସଭାପତି ମହେଶ୍ୱର ପ୍ରଧାନ, ଏହି ସଂଗଠନର ଆବାହକ ପ୍ରଭାତ ମହାପାତ୍ର, ଗୋ ମାହାତ୍ମ୍ୟ ପ୍ରଚାରକ ପ୍ରଦୀପ ତ୍ରିପାଠୀ, ଇଂ. ମନୋରଞ୍ଜନ ଆଚାର୍ଯ୍ୟ, ସରୋଜ ପ୍ରଧାନ, ଗବେଷକ ସନ୍ତୋଷ ମିଶ୍ର, ଡ. ଭିକାରୀ ଦାସ, ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ନନ୍ଦ ପ୍ରମୁଖ ଅଧିବେଶନରେ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତ ଓ ଗ୍ରାମରୁ ଉପସ୍ଥିତ ମହିଳା ଏବଂ ପୁରୁଷଙ୍କୁ ଗୋ-ବିଜ୍ଞାନ ଓ ମହାତ୍ମ୍ୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପରେ ଲିମ୍ବ, କରଞ୍ଜ, ବଉଳ, ଜାମୁ ଓ ଆମ୍ବ ଗଛ ଚାରା କେନାଲ ପାର୍ଶ୍ୱ ପଡ଼ିଆ ରାସ୍ତାରେ ଲଗାଯାଇଥିଲା। ସମସ୍ତ ବୃକ୍ଷର ଚାରାରୋପଣ ପରେ ସ୍ୱାସ୍ଥ୍ୟ ଓ ପରିବେଶର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଜୀବଜଗତକୁ ବିଷମ ସଂକଟରୁ ରକ୍ଷା କରିବାକୁ ହେଲେ, ମୃତ୍ତିକାର ଜୈବ ବିବିଧତା ତଥା ଉର୍ବରତା ଫେରାଇ ଆଣି ପାରମ୍ପରିକ କୃଷି ଦ୍ୱାରା ବିଷମୁକ୍ତ କରି ପରିବେଶକୁ ସୁରକ୍ଷିତ ରଖାଯାଇପାରିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଅଳଗୁମ ଗାଁରେ ପ୍ରଥମେ ଏକ ଗ୍ରାମସ୍ତରୀୟ କମିଟି ଗଠନ କରାଯାଇଛି। ଜେନାସାହି ଗ୍ରାମରେ ଏକ ଗୋ ଆଧାରିତ ପ୍ରକଳ୍ପ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଭାରତୀପୁରର ସେହି ଗୋଚର ପଡ଼ିଆରେ ଏକ ଗ୍ରାମ୍ୟ ଗୋ-ଶାଳାର ଭିତ୍ତିପ୍ରସ୍ତର କରାଯାଇ ଖୁବ୍ କମ୍ ଦିନରେ ଏହାର ନିର୍ମାଣ କାର୍ଯ୍ୟ ସମାପ୍ତ ହେବ ବୋଲି ସ୍ଥାନୀୟ ସରପଞ୍ଚ ସହଯୋଗ ପ୍ରତିଶ୍ରୁତି ସଂକଳ୍ପ ଦେଇଥିଲେ। ପରବର୍ତ୍ତୀ ସମାବେଶ ପାଇଁ ମଧ୍ୟ ଯୋଜନା ହେବା ସହ ପରିବେଶର ସୁରକ୍ଷା ଓ ଗୋ ବଂଶ ବୃଦ୍ଧି ମାଧ୍ୟମରେ ସ୍ୱ- ରୋଜଗାର ସୃଷ୍ଟିର ଅନେକ ଯୋଜନା କରାଯାଇଛି।

# କୃଷିକ୍ଷେତ୍ରରେ ମହିଳା ସଶକ୍ତୀକରଣ ଆବଶ୍ୟକ

**ମହିଳା ବିକାଶ ସଂଗଠନର କାର୍ଯ୍ୟକାରିଣୀ ବୈଠକ**

ସାକ୍ଷୀଗୋପାଳ,୯।୭ (ଭରତ ରାଉତ/କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ମହିଳା ବିକାଶ ସଂଗଠନ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ସାକ୍ଷୀଗୋପାଳ ନିୟନ୍ତ୍ରିତ କମିଟି ଉପବଜାର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାନେତ୍ରୀ ମଧୁସ୍ମିତା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସଂଗଠନର ସାଙ୍ଗଠନିକ ସମ୍ପାଦିକା ମଧୁସ୍ମିତା ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ଗତ ମେ' ୩୦ରୁ ଜୁନ ୪ ପର୍ଯ୍ୟନ୍ତ ପୁରୀର ଶରଧାବାଲିରେ ଭାରତୀୟ କୃଷି ବିଜ୍ଞାନ ସଂସ୍ଥାନର କେନ୍ଦ୍ରୀୟ ମହିଳା କୃଷି ଗବେଷଣା ସଂସ୍ଥାନ ଶାଖା ଓ ମହିଳା ବିକାଶ ସଂଗଠନର ସହ ଭାଗିତାରେ ମିଲେଟର ବିଭିନ୍ନ ଦ୍ରବ୍ୟ ଉପରେ ଏକ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା, ଯାହା ଜିଲା ପ୍ରଶାସନ ଦ୍ୱାରା ପ୍ରଶଂସିତ କରାଯାଇଥିଲା। ଓଡ଼ିଶାର କୋଣ ଅନୁକୋଣରେ ମହିଳା ଚାଷୀଙ୍କୁ ଏକତ୍ରିତ କରି ବ୍ଲକ, ପଞ୍ଚାୟତ ଓ ୱାର୍ଡସ୍ତରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯୋଜନାକୁ ଠିକ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ କୃଷିକ୍ଷେତ୍ରରେ ମହିଳାଙ୍କୁ ସଶକ୍ତୀକରଣ କରିବା ଆବଶ୍ୟକତା ରହିଛି। ଯୋଜନାଗୁଡିକର ସଫଳ ରୂପାୟନ ସହିତ ସାଧାରଣ କୃଷକଙ୍କ କଲ୍ୟାଣ ହୋଇପାରିବ ବୋଲି ମୁଖ୍ୟ ଅତିଥି ପୁରୀ ଜିଲା ନୀଳାଚଳ କୃଷକ ମହାସଂଘ ସଭାପତି ଗୋପୀନାଥ ମିଶ୍ର ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ତଥା ନୀଳାଚଳ କୃଷକ ମହାସଂଘ ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ଓ ଅନ୍ୟତମ ସମ୍ମାନିତ ଅତିଥି ତଥା ଉପସଭାପତି ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଂଗଠନର ବରିଷ୍ଠ ସଭ୍ୟା ଜୟନ୍ତୀ ମିଶ୍ର, କୋଷାଧ୍ୟକ୍ଷା ଚିନାମାଣି ମାଣିଆ, ପୂର୍ବତନ ସମ୍ପାଦିକା ସୁପ୍ରିୟା ପାହାଡ଼ସିଂ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦିକା ରାଜଲକ୍ଷ୍ମୀ ଛୋଟରାୟ ଧନ୍ୟବାଦ ଦେଇଥିଲେ। ଉପସ୍ଥିତ ଥିବା ସମସ୍ତ ସଭ୍ୟାଙ୍କୁ ସଂଗଠନ ପକ୍ଷରୁ ଲେମ୍ବୁ ଚାରା ଓ କୃଷି ଉପକରଣ ବଣ୍ଟନ କରାଯାଇଥିଲା।

# ମରଣଯନ୍ତା ପାଲଟିଛି ଡେଲାଙ୍ଗ- ବେଗୁନିଆପଡ଼ା ରାସ୍ତା

ଡେଲାଙ୍ଗ,୯।୭(ରଶ୍ମିରଞ୍ଜନ ପ୍ରଧାନ)

ମରାମତିରେ ଅବହେଳା ଯୋଗୁ ଖୋର୍ଦ୍ଧା-ପଟ୍ଟନାୟିକିଆ ପୂର୍ତ୍ତ ବିଭାଗ ରାସ୍ତାର ଡେଲାଙ୍ଗ ହାଟଠାରୁ ବେଗୁନିଆପଡ଼ା ୭ କି.ମି ରାସ୍ତା ମରଣଯନ୍ତା ପାଲଟିଛି। ଡେଲାଙ୍ଗ ବଜାରଠାରୁ ତିରୁମଲ୍ଲ ପର୍ଯ୍ୟନ୍ତ ରାସ୍ତାରେ କେଉଁଠି ଖାଲ ତ ଆଉ କେଉଁଠି ପିଚୁ ଓ ଗୋଡ଼ି ଉଠିଯାଇଛି। ଫଳରେ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୈନନ୍ଦିନ ଶହ ଶହ ଭାରିଯାନ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଏଥିପ୍ରତି ଧ୍ୟାନ ଦେଉନି। ଗତ ବନ୍ୟାରେ ଏହି ରାସ୍ତା ଉପରେ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବାରୁ ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ହୋଇଯାଇଥିଲା। ଏହି ରାସ୍ତାକୁ କିଛି ଦିନ ତଳେ ଜୈନିକ ଠିକାଦାର ମରାମତି କରିଥିଲେ। ହେଲେ ଢଳେଇ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏବେ ଗୋଡ଼ି ଉଠି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତାଟି ମହତାବ ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବଡ଼ ବଡ଼ ଖାଲ ହେବା ସହ ଜଳସେଚନ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅରାଏ ଅରାଏ ବଡ଼ ବଡ଼ ଆକୃତିର ପିଚୁ ଉଠିଯାଇଛି। ଫଳରେ ରାସ୍ତାରେ ଯାତାୟାତ କରିବାରେ ଅନେକ ସମସ୍ୟା ଉପୁଜୁଛି। ସେହିପରି ଜଗଦଳପୁର ଛକଠାରୁ ୩ଶହ ମିଟର ରାସ୍ତାରେ ଗୋଟିଏ ଫାଳ ଢଳେଇ ହୋଇଥିବାବେଳେ ଅନ୍ୟ ଫାଳଟି ଢଳେଇ ନ ହୋଇ ସେମିତି ଖାଲ ହୋଇ ପଡିରହିଛି। ପଟ୍ଟନାଇକିଆଠାରୁ ଡେଲାଙ୍ଗ ହାଟ ପର୍ଯ୍ୟନ୍ତ ରାସ୍ତାଟି ପୂର୍ତ୍ତ ବିଭାଗର ରାଜଧାନୀ ରକ୍ଷଣାବେକ୍ଷଣ ଡିଭିଜନ ୨ ଅଧୀନରେ ଥିବାବେଳେ ଡେଲାଙ୍ଗ ହାଟ ବଜାରଠାରୁ ତିରିମଲ୍ଲ ପର୍ଯ୍ୟନ୍ତ ରାସ୍ତାଟି ଖୋର୍ଦ୍ଧା ପୂର୍ତ୍ତବିଭାଗ ଅଧୀନରେ ରହିଛି। ହେଲେ ପୂର୍ତ୍ତ ବିଭାଗ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେଉନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଯଥାଶୀଘ୍ର ରାସ୍ତା ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।



ଡେଲାଙ୍ଗ ହାଟଠାରୁ ବେଗୁନିଆପଡ଼ା ପର୍ଯ୍ୟନ୍ତ ଶୋଚନୀୟ ହୋଇପଡିଥିବା ରାସ୍ତା।

# ଗାଈ ମୃତ୍ୟୁକୁ ନେଇ ପ୍ରାଣୀ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ଉତ୍ତେଜନା

- **ଗୋ ସମ୍ପଦ ସୁରକ୍ଷା, କ୍ଷତିପୂରଣ ଦାବିରେ ଗୋ ଚାଷୀ**
- **ବିଭିଓଙ୍କୁ ଘେରିଲେ**

ନିମାପଡ଼ା,୯।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ତୁଳସୀପୁର ପଞ୍ଚାୟତର ଭାଣପୁର ଗ୍ରାମର ଅଭିନାଶ କର ନାମକ ଜଣେ ଗୋ-ଚାଷୀଙ୍କ ଏକ ୬୦ ହଜାର ମୂଲ୍ୟର ଏକ ଗାଈର ରବିବାର ଭୋରରୁ ମୃତ୍ୟୁ ଘଟିଛି। ଚିକିତ୍ସା ଅବହେଳାରୁ ବଜବଜିଆ ରୋଗରେ ଆକ୍ରାନ୍ତ ହୋଇଥିବା ଗାଈକୁ ଭ୍ୟାକ୍ସିନ ଠିକ୍ ସମୟରେ ଦିଆ ନ ଯିବାକୁ ତା'ର ମୃତ୍ୟୁ ଘଟିଥିବା ଗୋଚାଷୀ ଅଭିନାଶ କର ବ୍ଲକ ଭେଟେରିନାରି ଅଫିସର (ବିଭିଓ)ସଂଦିଗ୍ଧା ସେନାପତିଙ୍କ ନିକଟରେ ଅଭିଯୋଗ କରିଥିବାବେଳେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଗାଈ ମୃତ୍ୟୁକୁ କେନ୍ଦ୍ର କରି ରବିବାର ନିମାପଡ଼ା ପ୍ରାଣୀ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଚିକିତ୍ସା ଅବହେଳା ଓ ଭ୍ୟାକ୍ସିନ ଦିଆ ନ ଯିବାରୁ ତା'ର ମୃତ୍ୟୁ ହୋଇଥିବା ଗାଈର ଚାଷୀଙ୍କୁ ପ୍ରାଣୀ ସମ୍ପଦ ବିକାଶ ପକ୍ଷରୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବ ଓ ତାଙ୍କ ଘରେ ଥିବା ଅବଶିଷ୍ଟ ଗାଈ, ବାଛୁରୀଙ୍କ ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଦାବିରେ ଗୋ-ଚାଷୀ ଅଭିନାଶ ଓ ତାଙ୍କ ୧୫/୨୦ଜଣ ସମ୍ପର୍କୀୟ ଉତ୍ତେଜିତ ହୋଇ ବିଭିଓ ସେନାପତିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଘେରିଥିଲେ। ଏ ସମ୍ପର୍କରେ ବିଭିଓଙ୍କୁ ପଚାରିବାରେ, ସେ ଗୋରୁଙ୍କ ଚିକିତ୍ସା ପାଇଁ ବହୁ ପୂର୍ବରୁ ଏଲ୍‌ଆଇଙ୍କୁ ଭ୍ୟାକ୍ସିନ ଯୋଗାଇ ଦେଇଥିଲେ। ଠିକ୍ ସମୟରେ ଗୋ ସମ୍ପଦକୁ ଭ୍ୟାକ୍ସିନ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ହେଲେ ଏଲ୍‌ଆଇ ମାନସ ପାଲ ଠିକ ସମୟରେ ଭ୍ୟାକ୍ସିନ ନ ଦେଇ କର୍ତ୍ତବ୍ୟରେ ହେଳା କରିଥିବା ସେନାପତି କହିଛନ୍ତି। ଅନ୍ୟ ପକ୍ଷରୁ ଜନୈକ ଏଲ୍‌ଆଇ ଭ୍ୟାକ୍ସିନ ଦେବାକୁ ଗୋ ଚାଷୀଙ୍କଠାରୁ ବେଆଇନ ଭାବେ ଉତ୍କୋଚ ନେଉଥିବା ଗୋଚାଷୀ ଗଣେଶ କର, ପ୍ରବୀର କର, ରାଜେଶ କର, ଅଭିନାଶ କର ପ୍ରମୁଖ ବିଭିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଜନୈକ ଏଲ୍‌ଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋଚାଷୀ ଦାବି କରିଛନ୍ତି। କ୍ଷତିପୂରଣ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଯାହା କିଛି ପଦକ୍ଷେପ ନିଆଯିବ ବୋଲି ବିଭିଓ ସେନାପତି କହିଛନ୍ତି।



କ୍ଷତିପୂରଣ ଦାବିରେ ଗୋଚାଷୀ ଏବଂ ଅନ୍ୟମାନେ ବିଭିଓଙ୍କୁ ଘେରାଉ କରିଛନ୍ତି।

## ରାଜଧାନୀରେ ଭୟଙ୍କର ଅଗ୍ନିକାଣ୍ଡ

# ଜଳିଗଲା ସରକାରୀ ଔଷଧ ଗୋଦାମ



- ନିଆଁ ଲିଭାରେ ୯ ଦମକଳ ଗାଡ଼ି, ବର୍ତ୍ତିଲେ ୫ ସୁରକ୍ଷାକର୍ମୀ
- ବହୁ ଲକ୍ଷ ଟଙ୍କାର ଔଷଧ ଓ ମେଡିକାଲ ସାମଗ୍ରୀ ପାଉଁଶ
- ନିଆଁ ଲିଭାଇବାକୁ ଜେସିବି, ହାଇଡ୍ରାରେ ଭଙ୍ଗାଗଲା କାନ୍ଥ

ଭୁବନେଶ୍ୱର,୯।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ ସରକାରୀ ଔଷଧ ଗୋଦାମରେ ରବିବାର ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହୁ ଲକ୍ଷ ଟଙ୍କାର ଔଷଧ ଓ ମେଡିକାଲ ସାମଗ୍ରୀ ସମେତ ଅନ୍ୟାନ୍ୟ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଏତେ ବଡ଼ ଧରଣର ଥିଲା ଯେ, ୯ ଦମକଳ ଗାଡ଼ି ଓ ୪୦ରୁ ଅଧିକ ଅଗ୍ନିଶମ କର୍ମଚାରୀଙ୍କ ସହ ପୋଲିସ ନିଆଁ ଲିଭା କାର୍ଯ୍ୟରେ ଲାଗିଥିଲେ ମଧ୍ୟ ରାତି ୩ଟା ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇପାରି ନ ଥିଲା। ନିଆଁର ପ୍ରକୋପ ବହୁ ଦୂର ପର୍ଯ୍ୟନ୍ତ ରହିଥିବାବେଳେ ଆଖପାଖ ଅଞ୍ଚଳ ଧୂଆଁ ଓ ଆଲୋକମୟ ହୋଇଯାଇଥିଲା। ତେବେ ଗୋଦାମ ବନ୍ଦ ଥିବାରୁ କୌଣସି ଜୀବନ ହାନି ଘଟି ନ ଥିବାବେଳେ ସୁରକ୍ଷା ଦାୟିତ୍ୱରେ ଥିବା ୫ଜଣ ସିକ୍ୟୁରିଟି ଗାର୍ଡ ସେଠାରୁ ପଳାଇ ଆସିବାରୁ ବର୍ତ୍ତି ଯାଇଛନ୍ତି। ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଟିମ୍ ସନ୍ଦେହ କରୁଛି। ଅନ୍ୟପକ୍ଷରେ କୌଣସି ଲୋକ ଏହି ଗୋଦାମରେ ନିଆଁ ଲଗାଇ ଦେଇଥିବା ମଧ୍ୟ ସ୍ଥାନୀୟ ଲୋକେ କହୁଥିବା ଶୁଣିବାକୁ ମିଳୁଛି। କରୋନା ସମୟରୁ ଏଠାରେ ମେଡିକାଲ୍ ମାସ୍କ, ବିଭିନ୍ନ ଔଷଧ, ମଶାରି ଆଦି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ଉକ୍ତ ଗୋଦାମରେ ଏସବୁ ସମସ୍ତ ସାମଗ୍ରୀ ଗଚ୍ଛିତ କରାଯାଇଥିଲା। ରାତି ପ୍ରାୟ ୧୧ଟାରେ ସୁରକ୍ଷାକର୍ମୀ ଗୋଦାମ ବାହାରେ କାର୍ଯ୍ୟରତ ଥିବାବେଳେ ଏକ ଭୟଙ୍କର ଶବ୍ଦ ଶୁଣିବାକୁ ପାଇଥିଲେ। ତା'ପରେ ହଠାତ୍ ଗୋଦାମ ହୁତୁହୁତୁ ହୋଇ ଜଳିବା ଦେଖି ସେମାନେ ଉପରିସ୍ଥିତ କର୍ମଚାରୀ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପ୍ରଥମେ ମଞ୍ଚେଶ୍ୱର ଫାୟାର ଷ୍ଟେଶନ ଟିମ୍ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲା। ଇତିମଧ୍ୟରେ ଲୋକଙ୍କ ସମାଗମ ବଢ଼ିଯାଇଥିଲା। ନିଆଁ ଆୟତ୍ତ ନ ହେବାରୁ ଭୁବନେଶ୍ୱରର ଅନ୍ୟ ଫାୟାର ଷ୍ଟେଶନରୁ ଗୋଟିକ ପରେ ଗୋଟିଏ ଦମକଳ ବାହିନୀ ପହଞ୍ଚିଥିଲେ। ଶେଷରେ ୯ଟି ଦମକଳ ଗାଡ଼ି ଦ୍ୱାରା ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲା। ଡେପିଟି ଫାୟାର ଅଫିସର ଅବନି ଚରଣ ସ୍ୱାଇଁ ତତ୍ତ୍ୱାବଧାନରେ ନିଆଁଲିଭା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଥିଲେ। ଅଗ୍ନିଶମ ବାହିନୀ ଚାରିପାଖରୁ ଘେରିଯାଇ ଅପରେଶନ ଚଳାଇଥିଲେ। ସବୁଠୁ ବଡ଼ କଥା ହେଲା ଉକ୍ତ ଗୋଦାମକୁ ଲାଗି ପୂର୍ବପାର୍ଶ୍ୱରେ ଏକ ଚାଉଳ ଗୋଦାମ ଓ ପଶ୍ଚିମ ପାର୍ଶ୍ୱରେ ଏକ ସିମେଣ୍ଟ ଗୋଦାମ ରହିଛି। ତେବେ ଚାଉଳ ଗୋଦାମ ଅତି ନିକଟରେ ଥିବାରୁ ସେଥିରେ ନିଆଁ ଲାଗିଯିବା ଆଶଙ୍କା ଥିବାରୁ ବଡ଼ ବିପଦ ଆଶଙ୍କା ଥିଲା। ତେଣୁ ଚାଉଳ ଗୋଦାମକୁ ନିଆଁ ନ ବ୍ୟାପିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଏପରିକି ଔଷଧ ଗୋଦାମର କେତେକ ସ୍ଥାନରେ କାନ୍ଥ ଭାଙ୍ଗିବାକୁ ଜେସିବି ଓ ହାଇଡ୍ରାକୁ ଅଣାଯାଇଥିଲା। ପରେ କାନ୍ଥ ଭଙ୍ଗାଯାଇ ପାଣି ପକାଇ ଅଗ୍ନିଶମ କର୍ମଚାରୀମାନେ ନିଆଁ ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ। ଏପରିକି ଦମକଳ ଗାଡ଼ିକୁ ପାଣି ସରିଯିବାରୁ ସ୍ଥାନୀୟ ଏକ କମ୍ପାନୀ ଟାଙ୍କିରୁ ପାଣି ଅଣାଯାଇଥିଲା। ଏହାପରେ ନିଆଁର ପ୍ରକୋପ ଧୀରେ ଧୀରେ କମିବାକୁ ଲାଗିଥିଲେ ମଧ୍ୟ ମଝିରେ ମଝିରେ କେତେକ ସ୍ଥାନରେ ହୁତୁହୁତୁ ହୋଇ ଜଳିବା ଲାଗି ରହିଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବାକୁ ଯଥାସମ୍ଭବ ଚେଷ୍ଟା ଜାରି ରଖିଥିଲେ।



ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ସରକାରୀ ଔଷଧ ଗୋଦାମରେ ଲାଗିଥିବା ନିଆଁ। (ଫଟୋ : ବିକାଶ ନାୟକ)

### ନିଆଁକୁ ଇନ୍ଧନ ଦେଲା ସାନିଟାଇଜର, ସୁରକ୍ଷାରେ ନାକେଦମ୍ ପୋଲିସ

ଗୋଦାମରେ ବିପୁଳ ପରିମାଣରେ ସାନିଟାଇଜର୍ ମହଜୁଦ୍ ରଖାଯାଇଥିଲା। ଏଥିସହ ଏଠାରେ ଅଧିକାଂଶ ଦହନୀୟ ସାମଗ୍ରୀ ରହିଥିଲା। ସେଥିରେ ଅଗ୍ନି ସଂଯୋଗ ପରେ ନିଆଁ ଅଧିକ ଭୟଙ୍କର ହୋଇଥିବା ଚର୍ଚ୍ଚା ହୋଇଥିଲା। ଗୋଦାମ ମଧ୍ୟରେ ଅକ୍ସିଜେନ ସିଲିଣ୍ଡର ଥିବାରୁ ତାହା ଫୁଟିଯିବା ଆଶଙ୍କା ସୃଷ୍ଟି ହେବାରୁ ପୋଲିସ ଚିନ୍ତାରେ ପଡିଥିଲା। ମଞ୍ଚେଶ୍ୱର ଓ ଶହୀଦନଗର ଥାନା ଅଧିକାରୀଙ୍କ ସମେତ ୩୦ରୁ ଅଧିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନିବେଦନ କରିଥିଲେ। ଏପରିକି ଲୋକେ ଗୋଦାମ ଚାରିପାଖରେ ଭିଡ଼ ଜମାଇବାରୁ ନିଆଁ ଲିଭା କାର୍ଯ୍ୟରେ ବାଧା ଉପୁଜିଥିଲା। ଏଥିରେ ବିସ୍ଫୋରଣ ଆଶଙ୍କା ଥିବାରୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟି ରଖି ପୋଲିସ ସେମାନଙ୍କୁ ବୁଝାଇବାକୁ ନାକେଦମ ହୋଇଥିଲା।







## ଆୟୁର୍ବେଦ ଚିକିତ୍ସାର ବହୁ ପ୍ରାସଙ୍ଗିକତା ରହିଛି

### ଡା. ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କୁ 'ଡା. ସ୍ୱପ୍ନେଶ୍ୱର ପଣ୍ଡା ମେମୋରିଆଲ ଭେଷଜ ରତ୍ନ ସମ୍ମାନ'

ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ)

ଯୋଗ, ପ୍ରାଣାୟାମ ଓ ଆୟୁର୍ବେଦ ବର୍ତ୍ତମାନ ସମୟରେ ବହୁ ପ୍ରାସଙ୍ଗିକତା ବହନ କରୁଛି। ସମସ୍ତ ମନୁଷ୍ୟ ନିଜ ସ୍ତରରେ ଏହି ବିଦ୍ୟାକୁ ଆପଣାଇ ଜନକଲ୍ୟାଣରେ ଲଗାଇପାରିଲେ ବହୁ ଅସାଧ୍ୟ ରୋଗରୁ ମୁକ୍ତି ମିଳିପାରିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ଆୟୁର୍ବେଦ ଭେଷଜ ଜଗତର ପ୍ରବାଦ ପୁରୁଷ ତଥା ପରିବେଶବିତ୍ ଡା. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିବା ସହ ସ୍ୱର୍ଗତ ପଣ୍ଡାଙ୍କ ପୁସ୍ତକ 'ସ୍ୱପ୍ନାଲୋକ'କୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥିଭାବେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ପ୍ରଫୁଲ୍ଲ ସାମଲ, ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନର ମହାନିର୍ଦ୍ଦେଶକ ପ୍ରଫେସର ଡା. ରବିନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ପଣ୍ଡା ଆୟୁର୍ବେଦ ଉପରେ ଗବେଷଣା କରି ଏହାକୁ ଲୋକାଭିମୁଖୀ କରି ସମସ୍ତ ନାଗରିକଙ୍କ ପାଖରେ ପହଞ୍ଚାଇବା ନେଇ କରିଥିବା ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ।

ଏହି ଅବସରରେ ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ଡା. ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କୁ 'ଡା. ସ୍ୱପ୍ନେଶ୍ୱର ପଣ୍ଡା ମେମୋରିଆଲ ଭେଷଜ ରତ୍ନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଫେସର ଡା. ବିଧୁଭୂଷଣ ନନ୍ଦ, ପ୍ରଫେସର ଡା. ରବିନାରାୟଣ ଆଚାର୍ଯ୍ୟ, ଡା. ମଦନମୋହନ ପାଢୀ, ପ୍ରଫେସର ଡା. ନାରାୟଣ ମହାନ୍ତି, ଡା. ଇନ୍ଦିରା ନରେନ୍ଦ୍ର, ଡା. କଲ୍ୟାଣୀ ଦେବୀ, ଡା. ଉମେଶ ଚନ୍ଦ୍ର ପୃଷ୍ଟି, ଡା. ପ୍ରଭାତ ରଞ୍ଜନ ପ୍ରଧାନଙ୍କୁ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ, ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅରବିନ୍ଦ ତ୍ରିପାଠୀ, ସଂଯୋଜକ ନାରାୟଣ ଓଝା, ବ୍ରଜବନ୍ଧୁ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।



ରାଜ୍ୟପାଳ ଓ ଅନ୍ୟ ଅତିଥିମାନେ ପୁସ୍ତକ 'ସ୍ୱପ୍ନାଲୋକ'କୁ ଉନ୍ମୋଚନ କରୁଛନ୍ତି।

# ନାଁକୁ ସୁପରସ୍ପେଶାଲିଟି ବିଭାଗ, ରୋଗୀ ସେବା...

### କ୍ୟାପିଟାଲ ହସ୍ପିଟାଲ

ଭୁବନେଶ୍ୱର,୯।୭(ଅଭିଜିତ ଦାସ)





ରାଜ୍ୟର ଅନ୍ୟତମ ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ଉନ୍ନତ ରୋଗୀସେବା ପ୍ରଦାନ ସହ ହସ୍ପିଟାଲକୁ ଜାତୀୟ ମାନ୍ୟତା ଦେବାକୁ ପ୍ରୟାସ ଚାଲିଛି। ଇତିମଧ୍ୟରେ ଏଠାରେ ମେଡିକାଲ କଲେଜ ଖୋଲାଯିବା ସହ ରୂପ ବଦଳିବାରେ ଲାଗିଛି। ସେହିପରି ରୋଗୀଙ୍କ ପାଇଁ ସୁପରସ୍ପେଶାଲିଟି ବିଭାଗ ଖୋଲାଯାଇଛି। କିନ୍ତୁ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ରୋଗୀଙ୍କୁ ସେପରି ସେବା ମିଳିପାରୁନାହିଁ। ସପ୍ତାହକୁ ମାତ୍ର ୩ଦିନ ଖୋଲା ରହୁଥିବାବେଳେ ରୋଗୀମାନେ ବହୁ ସମୟ ଧରି ଡାକ୍ତରଙ୍କୁ ଅପେକ୍ଷା କରି ଅସନ୍ତୋଷରେ ଫେରୁଥିବା ଦେଖିବାକୁ ମିଳୁଛି।

ହସ୍ପିଟାଲ ପରିସରରେ ଥିବା ଉପଔଷଧ ଭଣ୍ଡାର ନିକଟରେ ନିର୍ମିତ ସ୍ୱତନ୍ତ୍ର କୋଠାରେ ଏହି ସୁପର ସ୍ପେଶାଲିଟି ବିଭାଗ ଖୋଲାଯାଇଛି। ଏଠାରେ ବର୍ତ୍ତମାନ ୬ଟି ବିଭାଗ ଏଣ୍ଡୋକ୍ରାଇନୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ନ୍ୟୁରୋଲୋଜି, ନ୍ୟୁରୋସର୍ଜରି ଓ ପ୍ଲାଷ୍ଟିକ ସର୍ଜରିରେ ସୁପର ସ୍ପେଶାଲିଟି ଚିକିତ୍ସା ଯୋଗାଇ ଦିଆଯାଉଛି। ପୂର୍ବରୁ ୮ଜଣ ଡାକ୍ତର ଥିବାବେଳେ ଏବେ ଏହି ସଂଖ୍ୟା ୧୨କୁ ବୃଦ୍ଧି କରାଯାଇଛି। ହେଲେ ଏହି ସେବା ଲାଗି କଟକ ଡାକ୍ତରଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ପୁଣି ସପ୍ତାହରେ ୩ଦିନ ସେବା ମିଳୁଥିବାରୁ ରୋଗୀଙ୍କ ପ୍ରବଳ ଭିଡ଼ ହେଉଛି। ଟିକେଟ କାଟିବାଠାରୁ ଡାକ୍ତରଙ୍କ ପରାମର୍ଶ ନେବା ପର୍ଯ୍ୟନ୍ତ ସବୁ ସ୍ଥାନରେ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ପୁଣି ଡାକ୍ତର ଅଭାବ ଥିବାରୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ରୋଗୀଙ୍କୁ ଚିକିତ୍ସା ମିଳୁଛି। କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡ. ଲକ୍ଷ୍ମୀଧର ସାହୁ କହିଛନ୍ତି, ସୁପର ସ୍ପେଶାଲିଟି ବିଭାଗରେ ଏବେ ୧୨ଜଣ ଡାକ୍ତର ରହିଛନ୍ତି। ସପ୍ତାହର ସୋମବାର, ବୁଧବାର ଓ ଶୁକ୍ରବାର ଦିନ ଡାକ୍ତରମାନେ ରୋଗୀ ଦେଖୁଛନ୍ତି। ପିଜିଆଇଏମ୍ଇଆର୍ ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲ ମେଡିକାଲ କଲେଜରେ ମଧ୍ୟ ଛାତ୍ରୀଛାତ୍ର ପାଠ ପଢ଼ିବା ସହ ରୋଗୀଙ୍କ ଚିକିତ୍ସା ଉପରେ ଦୃଷ୍ଟି ରଖୁଛନ୍ତି। ଖୁବ୍‌ଶୀଘ୍ର କିଛି ସ୍ୱତନ୍ତ୍ର ବିଭାଗରେ ଅଧିକ ସଂଖ୍ୟକ ଡାକ୍ତର ନିଯୁକ୍ତି କରାଯିବାର ପ୍ରସ୍ତାବ ଦିଆଯାଇଥିବା ଡ. ସାହୁ କହିଛନ୍ତି।

### ରୋଗ ଯନ୍ତ୍ରଣାଠୁ ବଳିପଡୁଛି ଅପେକ୍ଷା କଷ୍ଟ

କ୍ୟାପିଟାଲ ହସ୍ପିଟାଲରେ ସରକାରଙ୍କ ପକ୍ଷରୁ ଉନ୍ନତ ଚିକିତ୍ସା ଯୋଗାଇ ଦିଆଯାଉଥିବା ଆଶାରେ ରାଜଧାନୀ ଭୁବନେଶ୍ୱର ସମେତ ସାରା ରାଜ୍ୟ ତଥା ବାହାରୁ ମଧ୍ୟ ରୋଗୀ ଆସୁଛନ୍ତି। ରୋଗୀ ସଂଖ୍ୟା ଅନୁସାରେ ସେପରି ବ୍ୟବସ୍ଥା ରହି ନ ଥିବାରୁ ଆଶାନୁରୂପ ଚିକିତ୍ସା ସେବା ମିଳିପାରୁନାହିଁ। ବିଶେଷକରି ଟିକେଟ କାଉଣ୍ଟର, ମେଡିସିନ ଷ୍ଟୋର୍, ଡାକ୍ତର ପରାମର୍ଶ ଓ ପରୀକ୍ଷା ପାଇଁ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏଥିପାଇଁ ଟିକେଟ କାଉଣ୍ଟରରେ ରାତିରୁ ଲୋକେ ଧାଡ଼ି ଲଗାଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ହସ୍ପିଟାଲର ସମ୍ମୁଖ ପାର୍ଶ୍ୱରେ ୫ଟି ମେଡିସିନ କାଉଣ୍ଟର ଥିବାବେଳେ ପଛ ପାର୍ଶ୍ୱରେ ମଧ୍ୟ ୫ଟି କାଉଣ୍ଟର ରହିଛି। ତଥାପି ରୋଗୀମାନେ ଡାକ୍ତରଙ୍କ ସହ ପରାମର୍ଶ ପରେ ଅନେକ ସମୟ ଧରି ମେଡିସିନ ଲାଗି ଅପେକ୍ଷା କରୁଛନ୍ତି। ତେବେ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ପ୍ରତ୍ୟେକ ଦିନ କ୍ୟାପିଟାଲ ହସ୍ପିଟାଲକୁ ହଜାର ହଜାର ସଂଖ୍ୟକ ରୋଗୀ ଆସୁଥିବା ବେଳେ କିଛି ମାସ ପୂର୍ବରୁ ଆଉ ଏକ ମେଡିସିନ କାଉଣ୍ଟର ଖୋଲିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ମେଡିସିନ କାଉଣ୍ଟର ନିର୍ମାଣ କାମ ସରିବାକୁ ବସିଲାଣି। ଖୁବ୍‌ଶୀଘ୍ର ନୂଆ କାଉଣ୍ଟର ଖୋଲାଯିବ।

### ଆଜି ଆସୁଛନ୍ତି ଏନ୍‌କ୍ୟୁଏସ୍ ଟିମ୍

ଭୁବନେଶ୍ୱର,୯।୭(ଅଭିଜିତ ଦାସ)

ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ (ଏନ୍‌କ୍ୟୁଏସ୍) ଟିମ୍ ୧୦ ତାରିଖ ସୋମବାରଠାରୁ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନରେ ଆସୁଛନ୍ତି। ଏହି ୨ ଜଣିଆ କେନ୍ଦ୍ରୀୟ ଟିମ୍ ତିନିଦିନ ଧରି ହସ୍ପିଟାଲର ୧୯ ବିଭାଗକୁ ତଦାରଖ କରି ପ୍ରମାଣପତ୍ର ଦେବ। ରୋଗୀ ଚିକିତ୍ସାଠାରୁ ଆରମ୍ଭ କରି ହସ୍ପିଟାଲର ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହ ମାନବସମ୍ବଳ ଯଥା କାର୍ଯ୍ୟରତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଦକ୍ଷତା ପରଖିବ। ଅନ୍ୟପକ୍ଷରେ ହସ୍ପିଟାଲକୁ ଯେପରି କେନ୍ଦ୍ରୀୟ ପ୍ରମାଣପତ୍ର ମିଳିପାରିବ ଓ କେନ୍ଦ୍ରୀୟ ଟିମ୍ ତଦାରଖର ଯେପରି କୌଣସି ଅସୁବିଧା ହେବନାହିଁ ସେଥିପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ଏହାପୂର୍ବରୁ ଗତ ଫେବୃୟାରୀରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଇଜଣିଆ ଡାକ୍ତରୀ ଦଳ ହସ୍ପିଟାଲ ପରିଦର୍ଶନ କରି କେତେକ ପରାମର୍ଶ ଦେଇଥିଲା। ହସ୍ପିଟାଲରେ ମନ୍ଥର ଗତିରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲା।



ଔଷଧ ନେବାକୁ ରୋଗୀଙ୍କ ସମ୍ପର୍କୀୟମାନେ ଧାଡିରେ ଅପେକ୍ଷା କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜୁଲାଇ, ୨୦୨୩

## ରକ୍ତଦାନ ଶିବିର: ୨୦୫ ୟୁନିଟ ସଂଗୃହୀତ

ତିଗିରିଆ,(ଜାଫର ଖାଁ) ତିଗିରିଆ ବ୍ଲକ ପୁରୁଣା ତିଗିରିଆସ୍ଥିତ କଲ୍ୟାଣ ମଣ୍ଡପରେ ଜୀବନବିନ୍ଦୁ ମୋ ଓଡିଶା ପରିବାର ତରଫରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୫ ୟୁନିଟ ରକ୍ତ ସଂଗୃହିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଆଠଗଡ ବିଜେଡି ଯୁବ ସଙ୍ଗଠକ ତଥା ସୁପ୍ରିମକୋର୍ଟର ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍ଘାଟନ କରିଥିଲେ। ରେଡକ୍ରସ କଟକ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ଶିବିରରେ ତିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ପ୍ରତାପ ଜେନା, ସୁରେଶ ଚନ୍ଦ୍ର ସାହୁ, ପ୍ରମୋଦ ମାଝୀ,ସସ୍ମିତା ରାଉତ, ସଞ୍ଜୟ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।



### ସଂକ୍ଷେପରେ

## ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ପୋଲିସ ସଜାଗ

ଫୁଲନଖରା ,୯।୭(ସତ୍ୟରଞ୍ଜନ ଦାସମହାପାତ୍ର): ବରିଷ୍ଠ ନାଗରିକଙ୍କ ବହୁବିଧ ସମସ୍ୟା ସମାଧାନ ଓ ସେମାନଙ୍କୁ ଆଇନଗତ ସୁରକ୍ଷା ଯୋଗାଇଦେବା ପାଇଁ କଟକ ସଦର ଥାନା ପକ୍ଷରୁ ସ୍ଥାନୀୟ ଶ୍ରୀକୋରୁଆଁ ଗ୍ରାମସ୍ଥିତ ଶାରଦା ମଣ୍ଡପରେ ଏକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ଯୋଗଦେଇ କହିଥିଲେ, କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପୋଲିସ ସର୍ବଦା ସଜାଗ ରହିଛି। ଏଥିରେ ଅନ୍ୟ ଅତିଥି ଭାବେ ଜୋନ୍-୪ ଏସିପି ଚନ୍ଦନ ଘଡେଇ ଯୋଗଦେଇଥିଲେ। ବୈଠକରେ ଉରାଳି, ଶ୍ରୀକୋରୁଆଁ, ଗୋପାଳପୁର ଓ ଅନ୍ୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଯୋଗଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ ପ୍ରକାଶ କରିଥିଲେ। ଏଏସ୍ଆଇ ଯୁଗଳ କିଶୋର ବିଶ୍ୱାଳ, କନଷ୍ଟେବଳ ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଟକ ସେବା ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବ

କଟକ,୯।୭(ସୁପ୍ରିୟା ପ୍ରିୟଦର୍ଶିନୀ)- କଟକ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କଟକ ସେବା ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବ ରବିବାର ସହିଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ପପୁ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ଶତପଥି ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ ଓ ସାମାଜିକ କର୍ମୀ ଅଭିମନ୍ୟୁ ଦାସ ଉପସ୍ଥିତ ଥିଲେ। ସମାଜରେ ଅବହେଳିତ ଓ ଅସହାୟ ଲୋକମାନଙ୍କୁ ଏହି ଅନୁଷ୍ଠାନ ସର୍ବଦା ସହାୟତାର ହାତ ବଢାଇ ଆସୁଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅନେକ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସାରସ୍ୱତ ସାଧିକା ସୁବାସିନୀ ଲେଙ୍କାଙ୍କ ଜୟନ୍ତୀ

କଟକ,୯।୭ (କାର୍ତ୍ତିକ ସାହୁ)- ସାରସ୍ୱତ ସାଧିକା ଓ ଶିକ୍ଷାବିତ୍ ଡ. ସୁବାସିନୀ ଲେଙ୍କାଙ୍କ ୮୦ତମ ଜୟନ୍ତୀ ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷ ଡ. ପ୍ରଭାତ କୁମାର ମିଶ୍ର ଯୋଗଦେଇ ସୁବାସିନୀଙ୍କୁ ଜଣେ ଉଚ୍ଚକୋଟୀର ବ୍ୟକ୍ତି ଭାବେ ଅଭିହିତ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଡ. ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଲେଙ୍କା ନିଜ ଜୀବନର ଅନୁଭୂତି ବର୍ଣ୍ଣନା କରି ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହେବାକୁ ପ୍ରେରଣା ଦେଇଥିଲେ। ଏଥିସହ ୨ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡ. ନାରାୟଣ ଚନ୍ଦ୍ର ପାଲ ଧନ୍ୟବାଦ ଦେଇଥିଲେ।

# 'ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ର ଜୀବନ ଗଢ଼ିପାରିବେ'

### ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ

ସାଲେପୁର,୯।୭(ଅରବିନ୍ଦ ଭୂୟାଁ)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ରବିବାର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ସଙ୍ଗୀତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ର ନିଜ ଜୀବନ ଗଢ଼ିପାରିବେ ବୋଲି କହିଥିଲେ। ଏହି ଅବସରରେ ବିଧାୟକ ବେହେରା ମହାବିଦ୍ୟାଳୟର ଐତିହ୍ୟ, ବ୍ୟକ୍ତିବିଶେଷମାନଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏଥିସହ ମହାବିଦ୍ୟାଳୟର ବିକାଶ ଦିଗରେ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷ, ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଡ.ପ୍ରସନ୍ନ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଯୁକ୍ତ ୨ ପରୀକ୍ଷାରେ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପୂର୍ବତନ ଅଧକ୍ଷ ହଳଧର ସାହୁ, ଉମେଶ ଚନ୍ଦ୍ର ପତି, ଅବିନାଶ ଦାଶଙ୍କ ସମେତ ବହୁ ପୁରାତନ ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ପୂର୍ବତନ କର୍ମଚାରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ଏଥିରେ ଶିକ୍ଷାପରିଷଦର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ପଦାର୍ଥ ବିଜ୍ଞାନ ମୁଖ୍ୟ ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପଦାର୍ଥ ବିଜ୍ଞାନର ପ୍ରାକ୍ତନ ପ୍ରାଧ୍ୟାପକ ଡ.ବିଚିତ୍ରାନନ୍ଦ ଦାଶ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ନେହଲତା ମହାନ୍ତି, ଡ.ଜୟନ୍ତୀବାଳା ପରିଡା, ଡ. ସୁଶାନ୍ତ କୁମାର ପାଢ଼ୀ, ଜୀବନଜ୍ୟୋତି ପଟ୍ଟନାୟକ, ସ୍ୱାତି ତନୟା ଆଚାରୀ, ସ୍ୱାତିମୁକ୍ତା ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ସାହୁ, ଅଶୋକ କୁମାର ନାୟକ ଓ ଶିଶିର କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।



ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ।

## କାଉଡିଆଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସିଂହନାଥ ପୀଠରେ ବ୍ୟାପକ ବ୍ୟବସ୍ଥା

ବଡ଼ମ୍ବା,୯।୭(ମାୟାଧର ମଲ୍ଲିକ)

୧୦ ତାରିଖ ଶ୍ରାବଣ ମାସର ପ୍ରଥମ ସୋମବାର । କାଉଡ଼ିଆମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ ନିକଟସ୍ଥ ମହାନଦୀ ମଧ୍ୟ ଭାଗରେ ଥିବା ପ୍ରଭୁ ସିଂହନାଥଦେବଙ୍କ ପୀଠରେ ବି ବ୍ୟାପକ ବ୍ୟବସ୍ଥା କରାଯାଇଛି । ପୀଠକୁ ଯିବା ପାଇଁ ଟି-ସେତୁରେ ଆଲୋକର ବ୍ୟବସ୍ଥା କରାଯାଇଛି । ସିଂହନାଥ ମନ୍ଦିର କମିଟି କର୍ମକର୍ତ୍ତା ଓ ବଡ଼ମ୍ବା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସିଂହନାଥଙ୍କ ନୀତି ନିର୍ଘଣ୍ଟ କରାଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି । ନୀତିନିର୍ଘଣ୍ଟ ଅନୁଯାୟୀ ମଙ୍ଗଳ ଆଳତୀ, ବଲଭ ଲାଗି, ସର୍ବସାଧାରଣଙ୍କ ଦର୍ଶନ,ସକାଳ ଧୂପ କରାଯିବ ବୋଲି ପୂଜକ ଭାଗିରଥି ରଣା କହିଛନ୍ତି। ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ତହସିଲଦାର ନୀଳକଣ୍ଠ ବେହେରା କହିଛନ୍ତି । ବିଭିନ୍ନ ସ୍ଥାନରେ ପୋଲିସ ବ୍ୟବସ୍ଥା କରାଯାଇଛି । କାଉଡିଆମାନଙ୍କ ରହିବା, ଖାଇବା ଇତ୍ୟାଦି ବ୍ୟବସ୍ଥା ହୋଇଛି । ରବିବାର ରାତି ୧୦ଟା ସୁଦ୍ଧା ପୀଠରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କାଉଡିଆ ପହଞ୍ଚି ସାରିଛନ୍ତି । ସୋମବାର ଭୋର ସୁଦ୍ଧା ଭକ୍ତମାନଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

### ଆଜି ଶ୍ରାବଣ ପ୍ରଥମ ସୋମବାର

ରବିବାର ଅତିରିକ୍ତ ଏସ୍ପି ଦେବଦତ୍ତ ବରାଳ ପୀଠ ପରିଦର୍ଶନ କରିବା ସହିତ ସମସ୍ତ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ । ନୂତନ ଭାବେ ଯୋଗ ଦେଇଥିବା କଟକ ଗ୍ରାମାଞ୍ଚଳ ଏସ୍ପି. ମିହିର କୁମାର ପଣ୍ଡା, ବାଙ୍କି ଏସ୍ଡିପିଓ ଜ୍ଞାନରଞ୍ଜନ ମିଶ୍ର, ବଡ଼ମ୍ବା ଆଇଆଇସି ସ୍ନିଗ୍ଧାମୟୀ ବରାଳ, ବୈଦେଶ୍ୱର ଓଆଇସି ପ୍ରେମାନନ୍ଦ ପାଇକରାୟ ପ୍ରମୁଖ ପୀଠରେ ପହଞ୍ଚି କାଉଡ଼ିଆମାନଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗୋପୀନାଥପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଯଯାତି କେଶରୀ ନାୟକ ଓ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଭାଗିରଥି ରଣା ପ୍ରମୁଖ ବିଭିନ୍ନ ବ୍ୟବସ୍ଥା ଉପରେ ନଜର ରଖିଛନ୍ତି ।


ସିଂହନାଥ ପୀଠରେ କାଉଡିଆମାନେ।

## ମହାନଦୀ ବନ୍ଧ, ବାଙ୍କୀ କଳାପଥର ରାସ୍ତା ନିର୍ମାଣ ଶୀଘ୍ର ଶେଷ କର

ବାଙ୍କୀ,୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ମହାନଦୀ ବନ୍ଧ ଓ ବାଙ୍କୀ କଳାପଥର ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି ଭାଜପା ନେତୃବୃନ୍ଦ। ଏହି ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଥିବାରୁ ଉଦବେଗ ପ୍ରକାଶ କରିଛନ୍ତି। ବାଙ୍କୀ ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ପ୍ରାର୍ଥୀ ଅଜୟ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ଜିଲା ସମ୍ପାଦକ ସିଦ୍ଧେଶ୍ୱର ପାଇକରାୟଙ୍କ ନେତୃତ୍ୱରେ ଭାଜପା କାର୍ଯ୍ୟକର୍ତ୍ତାମାନେ ରାସ୍ତା ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ବର୍ତ୍ତମାନ ନଦୀ ବନ୍ଧରୁ ନୂଆ ମାଟି ବର୍ଷା ଯୋଗୁ ତଳକୁ ଖସି ଆସି ଦୈନିକ ଦୁର୍ଘଟଣାମାନ ଘଟୁଛି। ଏ ବିଷୟରେ ବାରମ୍ବାର ଦାବି କରିଆସୁଥିଲେ ମଧ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ରାସ୍ତା ଓ ବନ୍ଧ ନିର୍ମାଣରେ ଠିକାଦାରମାନେ ଦୁର୍ନୀତି କରିବାକୁ ସୁଯୋଗ ପାଉଥିବା ଭାଜପା ଅଭିଯୋଗ କରିଛି। ବାଙ୍କୀରୁ କଳାପଥର ରାସ୍ତାରେ କୁରୁମଚଇନି, ବୋତଲମା, ଅନ୍ଧାରୁଆ, ଗୋଲାଗଣ୍ଡ, ରଜୀବ, କୁରୁମପଡା, ବୈଦ୍ୟେଶ୍ୱର, ଅଲସୁଆ, ଖଲିପୋଲି, ପୁରୁଣାପାଣି ଆଦି ସ୍ଥାନରେ ଅଧାପନ୍ତରିଆ ଭାବେ ରାସ୍ତା ନିର୍ମାଣ ହୋଇଛି। ସେହିପରି ତ୍ରିକୂଟଧାମ ବୈଦ୍ୟେଶ୍ୱରକୁ ସଂଯୋଗ କରୁଥିବା ବିକଳ୍ପ ରାସ୍ତା ନଦୀ ବନ୍ଧ ଉପରେ ରଜୀବ ସ୍ୱପ୍ନେଶ୍ୱର ମନ୍ଦିର ଠାରୁ ବୈଦ୍ୟେଶ୍ୱର ପୀଠକୁ ଦୁଇ ବର୍ଷ ଧରି ରାସ୍ତା ଉପରେ ମେଣ୍ଟାଲ ପଡିରହିଛି। ରାସ୍ତା ନିର୍ମାଣ ସାରିବା କଥା ପ୍ରଶାସନ ନା ଧରୁନି। ଅପରପକ୍ଷେ ରଜବୀ ଠାରୁ ଗୋପ ଓ କୁରୁମଚଇନି ପର୍ଯ୍ୟନ୍ତ ବନ୍ଧ ଉପର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ରବିବାର ଭାଜପା ପକ୍ଷରୁ ସିଦ୍ଧେଶ୍ୱର ପାଇକରାୟଙ୍କ ନେତୃତ୍ୱରେ ଚନ୍ଦନ କୁମାର ନାୟକ, ବନମାଳୀ ସେଠୀ, ଦୁର୍ଯ୍ୟୋଧନ ନାଏକ, ରାଜୀବ ଲୋଚନ ରାଉତ, ସୁଧିର ଚନ୍ଦ୍ର ନାୟକଙ୍କ ସମେତ ବରିଷ୍ଠ ନେତା କମଳକାନ୍ତ ପ୍ରହରାଜ ପ୍ରମୁଖ ରାସ୍ତା ଓ ନଦୀବନ୍ଧ ନିର୍ମାଣ ବୁଲି ଦେଖିବା ସହିତ ଶୀଘ୍ର କାର୍ଯ୍ୟ ଶେଷ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।


ନଦୀବନ୍ଧ ଓ ରାସ୍ତା ନିର୍ମାଣ କରିବାକୁ ଭାଜପା କର୍ମୀମାନେ ଦାବି କରୁଛନ୍ତି।

## କୃଷି ସମବାୟ ସମିତି ସଂଘର ସାଧାରଣ ସଭା

ବାଙ୍କୀ,୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ବୈଦ୍ୟେଶ୍ୱରଠାରେ କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ପରିଚାଳିତ ୯୮ଟି ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଛି। ରାଜ୍ୟ ସମବାୟ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ଦିଗମ୍ବର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ପରିଚାଳନା କମିଟି ପୁନଃଗଠନ ଓ ପୂର୍ବରୁ ସଂଗଠନର ୩ଦଫା ଦାବି ରଖି ପ୍ରାୟ ୧ମାସ ଧରି ଆନ୍ଦୋଳନ ଜାରି ରଖିଥିଲା। ୩ଦଫା ଦାବି ପୂରଣ ନିମନ୍ତେ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ସରଳୀକରଣ କରିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବା ପାଇଁ ରାଜ୍ୟ ସରକାର ବିଭାଗୀୟ ମନ୍ତ୍ରୀ ଓ ରାଜ୍ୟ ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାବିଗୁଡିକ ଗ୍ରହଣ କରାଯିବା ପରେ ଏବେ କର୍ମଚାରୀମାନଙ୍କ ମଧ୍ୟରେ ଖୁସିର ଲହରି ଦେଖାଯାଇଛି। ଏହି ସାଧାରଣ ସଭାରେ ଅବସରପ୍ରାପ୍ତ ପୁରାତନ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ଦାମଦୋର ସାହୁ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ମିର୍ଜା ଅନୁଆରଅଲ୍ଲୀ ବେଗ୍, କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ନାୟକ, ନୟାଗଡର କାର୍ଯ୍ୟକାରୀ ସଭାପତି ପୁରନ୍ଦର ବେହେରା, ପ୍ରସନ୍ନ କୁମାର ସିଂହ, ତନ୍ମୟ କୁମାର ଶତପଥୀ, ପଞ୍ଚାନନ ଦାଶ, ଭୀମସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀ, ଆଠଗଡ, ବଡମ୍ବା, ନରସିଂହପୁର, ତିଗିରିଆ ଅଞ୍ଚଳର ଶତାଧିକ କର୍ମଚାରୀ ବୈଠକରେ ଯୋଗଦେଇଥିଲେ।

## ଗ୍ରାମାଞ୍ଚଳ ବିକାଶରେ ରାଜ୍ୟର ବିକାଶ

### ବିଭିନ୍ନ ପ୍ରକଳ୍ପର ସମୀକ୍ଷା, ଉଦ୍‌ଘାଟନ

ମାଣିଆବନ୍ଧ,୯।୭ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସନ୍ତରାବାଳି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ରବିବାର ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର କରିଛନ୍ତି। ସେ ପ୍ରଥମେ ନାହାସାହିସ୍ଥିତ ଗୋପୀନାଥଙ୍କ ପାର୍ଶ୍ୱରେ ଏକ ଲକ୍ଷ୍ମୀ ମନ୍ଦିର ଓକାମେନା ମଣ୍ଡପ ବୁଲି ଦେଖିଥିଲେ। ଏଥିସହ ସନ୍ତରାବାଳିର ଅଧା ତୋଳା ଯାଇଥିବା ରଘୁନାଥ ମନ୍ଦିର କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଏବଂ ସେଠାରେ ସୌନ୍ଦର୍ଯ୍ୟକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମାଣିଆବନ୍ଧ ପଞ୍ଚାୟତର ନୂତନ ଘର ସହ ବଜାରରେ ୧୦ ବଖରା ଦୋକାନ ଗୃହ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳର ବିକାଶ ହେଲେ ହିଁ ରାଜ୍ୟର ବିକାଶ ହେବ ବୋଲି ଅତିଥିମାନେ କହିଥିଲେ। ବିଧାୟକଙ୍କ ସହ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଏମ୍ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ଶ୍ରୀକାନ୍ତ ଜେନା, ଅଜୟ ସ୍ୱାଇଁ, ବିଭୁତି ଜେନା ଓ ବିକାଶ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶସ୍ୟ, ଅଷ୍ଟଧାତୁରେ ପୂର୍ଣ୍ଣ ହେଲା ଗମ୍ବୁଜ

### ବେଲେଶ୍ୱରୀଙ୍କ ନୂତନ ମନ୍ଦିରର ଦଧିନଉତି ସ୍ଥାପନ

ନିଶ୍ଚିନ୍ତକୋଇଲି, ୯।୭ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାସ୍ଥିତ ପ୍ରସିଦ୍ଧ ଶକ୍ତିପୀଠରେ ମା'ବେଲେଶ୍ୱରୀଙ୍କ ନୂତନ ମନ୍ଦିର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ରବିବାର ମନ୍ଦିରର ଦଧିନଉତି ସ୍ଥାପନ ସହ ଗମ୍ବୁଜରେ କଉଡି, ମୁଦ୍ରା, ଧାନ, ମୁଗ, ବିରି ପରି ପଞ୍ଚଶସ୍ୟ, ସୁନା, ରୂପା, ତମ୍ବା ସମେତ ଅଷ୍ଟଧାତୁରେ ପୂର୍ଣ୍ଣ କରାଯାଇଥିଲା। ପରେ ଦଧିନଉତୀ ଚୁଳି ମରାଯାଇଥିଲା। ପ୍ରଭାତରୁ ମା'ଙ୍କ ନିତ୍ୟ ପୂଜକ ଶୁକଦେବ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଚାର ପୂଜା କରାଯାଇ ମାର୍ଜନା କରାଯାଇଥିଲା। ପରେ ନବ ଗଠିତ ମନ୍ଦିରରେ ଦଧିନଉତି ସ୍ଥାପନ ପାଇଁ ବିଧି ପୂର୍ବକ ପୂଜାର୍ଚ୍ଚନା ହୋମ ଯଜ୍ଞ କରାଯାଇଥିଲା। ଗ୍ରାମର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ନିଜ ଘରୁ ଦ୍ରବ୍ୟମାନ ଆଣି ମନ୍ଦିରରେ ଗଚ୍ଛିତ କରିଥିଲେ। ପୂର୍ଣ୍ଣାହୁତି ପରେ କର୍ତ୍ତା କ୍ଷୀରୋଦ ଚନ୍ଦ୍ର ପଣ୍ଡା ଓ କର୍ତ୍ତୀ ଲକ୍ଷ୍ମୀପ୍ରିୟା ପଣ୍ଡା ମା'ଙ୍କ ଆଶିଷ ନେଇ ଦଧିନିକଟକୁ ଦ୍ରବ୍ୟମାନ ନେଇଥିଲେ। ମୁଖ୍ୟ ପୂଜକ ଭାବେ ଅକ୍ଷୟ ଦାସ ଶର୍ମା ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ପଣ୍ଡା, ଉପସଭାପତି ନାଏବ ଭୋଇ, ସମ୍ପାଦକ ରବୀନ୍ଦ୍ର ସେଠୀ, ସହ ସମ୍ପାଦକ ତଡିତ ମଲ୍ଲିକ,କୋଷାଧକ୍ଷ ଦିପ୍ତୀରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ କର୍ତ୍ତାପଣ୍ଡା ମା'ବେଲେଶ୍ୱରୀଙ୍କ ଗମ୍ବୁଜରେ ପ୍ରଥମେ ରତ୍ନ ଅଳଙ୍କାର ସହ ପଞ୍ଚ ଶସ୍ୟ ସ୍ଥାପନ କରିଥିଲେ। ପରେ ବେଲେଶ୍ୱରଙ୍କ ଶିବ ମନ୍ଦିର ଓରାଧାକୃଷ୍ଣ ମନ୍ଦିରରେ ଅଷ୍ଟଧାତୁ ଓ ଶସ୍ୟରେ ଗମ୍ବୁଜ ପୂର୍ଣ୍ଣ କରାଯାଇଥିଲା। ଶେଷରେ ଶିଳ୍ପି ରବୀନ୍ଦ୍ର ବେହେରା ଓ ପ୍ରତାପ ନାୟକ ଦଧିନଉତିର ଚୂଳି ମାରିଥିଲେ।


ଦଧିନଉତି ସ୍ଥାପନ ପାଇଁ ପୂଜାର୍ଚ୍ଚନା ।

## 'ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶକୁ ଆପଣାଇ ବିକାଶଧାରାକୁ ଆଗେଇନିଅ'



କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳୀ ।

### ସାଲେପୁର ବିଜେଡି କାର୍ଯ୍ୟକାରିଣୀ ବୈଠକ

ସାଲେପୁର,୯।୭(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍ ସତ୍ୟଭାମାପୁର କଲ୍ୟାଣମଣ୍ଡପଠାରେ ସାଲେପୁର ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ତଥା କଟକ ଜିଲା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ଜିଲା ଜୀବନବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନୀତି ଆଦର୍ଶକୁ ପାଥେୟ କରି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସାଲେପୁରର ବିକାଶଧାରାକୁ ଆଗକୁ ନେଇଛନ୍ତି। ଆପଣମାନଙ୍କର ଦୃଢ଼ ସହଯୋଗ ଏହିପରି ରହିଲେ ସାଲେପୁର ନିର୍ବାଚନ ମଣ୍ଡଳୀ ରାଜ୍ୟରେ ୧ନମ୍ବର ହେବ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ଉପାଧକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ବ୍ଲକ୍ ବିଜେଡି ସଭାପତି ଅନନ୍ତ ଚରଣ ଦାଶ, କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ଆମ୍ବାର ସଭାପତି ଦିଲ୍ଲୀପ ଦାଶ, ବିଜେଡି ନେତା ରମେଶ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି, ଜିଲା ଯୁବ ବିଜେଡି ସାଧାରଣ ସଂପାଦକ ବିରଞ୍ଚି ନାରାୟଣ କର, ଜିଲା ବିଜେଡି ସାଧାରଣ ସମ୍ପାଦକ ରାଜେଶ ମହାନ୍ତି, ବିଶ୍ୱଜିତ୍ ଚାଟାର୍ଜୀ, ବ୍ଲକ୍ ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା, ଜିଲା ପରିଷଦ ସଭ୍ୟା ରଞ୍ଜିତା ସେଠୀ, ନମିତା ସେଠୀ, ସୁନୀତା ମଲ୍ଲିକ, ହରପ୍ରସନ୍ନ ବେହେରା, ବିଶ୍ୱଜିତ୍ ବିଶ୍ୱାଳ, ସରପଞ୍ଚ ପ୍ରଭାତ ପାତ୍ର, ସଂଜୟ ବେହୁରା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ପୂର୍ବତନ ସରପଞ୍ଚ ତଥା ସମିତିସଭ୍ୟ ବିଭୁତି ଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଜମି ବିବାଦ: ସନ୍ଦେହରେ ଓକିଲଙ୍କୁ ମାଡ଼, ଗାଡ଼ି ପୋଡ଼ି

ନରସିଂହପୁର,୯।୭ (ନିରଞ୍ଜନ ଦେବ କୁମାର)

ଥାନାରୁ ଅଭିଯୋଗ କରି ଫେରୁଥିବାବେଳେ ଜଣେ ଓକିଲଙ୍କୁ ମାଡ଼ ମରାଯିବା ସହ ଏକ ମୋଟର ସାଇକେଲକୁ ପୋଡ଼ି ଦିଆଯାଇଛି। ପୀଡ଼ିତ ଜଣକ ହେଲେ ନରସିଂହପୁର ଅଞ୍ଚଳର ଯୁବ ଆଇନଜୀବୀ ଶ୍ରୀକାନ୍ତ କୁମାର ମିଶ୍ର। ଅପରପକ୍ଷେ ଗାଡ଼ି ପୋଡ଼ି ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୬୪/୨୩) ରୁଜୁ କରିଛି।

ନରସିଂହପୁର ତହସିଲ ଅଧୀନ ଜିଲିଣ୍ଡା ଛକରେ ଥିବା ଏକ ଜମିକୁ ଦଖଲ କରିବାକୁ ନେଇ ବସନ୍ତପୁର ଗ୍ରାମର ବୈକୁଣ୍ଠ ସାହୁଙ୍କ ସହ ଜିଲିଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘ ବର୍ଷ ଧରି ମକଦ୍ଦମା ଚାଲୁ ରହିଛି । ରବିବାର ବୈକୁଣ୍ଠ ଉକ୍ତ ବିବାଦୀୟ ଜମିରେ ଟ୍ରାକ୍ଟର ସାହାଯ୍ୟରେ ଚାଷ କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ବୈକୁଣ୍ଠ ଏ ସମ୍ପର୍କରେ ଜିଲିଣ୍ଡା ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ସେହି ସମୟରେ ନରସିଂହପୁର ଅଞ୍ଚଳର ଯୁବ ଆଇନଜୀବୀ ଶ୍ରୀକାନ୍ତ କୁମାର ମିଶ୍ର ଅନ୍ୟ ଏକ କାମରେ ଉକ୍ତ ଥାନାକୁ ଯାଇଥିଲେ। ଏନେଇ ପ୍ରତିପକ୍ଷଙ୍କ ମନରେ ଭ୍ରମ ସୃଷ୍ଟି ହୋଇଥିଲା। ଆଇନଜୀବୀ ଶ୍ରୀକାନ୍ତ ଥାନାରୁ କାମସାରି ଘରକୁ ଫେରୁଥିବା ସମୟରେ ସେଠାରୁ ମାତ୍ର ୨୦୦ ମିଟର ଦୂରତାରେ ଥିବା ଜିଲିଣ୍ଡା ବ୍ରିଜ ଉପରେ୨ ଜଣ ଦୁର୍ବୃତ୍ତ ଶ୍ରୀକାନ୍ତଙ୍କୁ ଅଟକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପକେଟରେ ଥିବା ଟଙ୍କା ଓ ସୁନା ଗହଣା ଛଡ଼ାଇ ନେଇଥିଲେ। ପୂର୍ବରୁ ସେଠାରେ ଥିବା ଶତାଧିକ ଲୋକ ତାଙ୍କୁ ମରଣାନ୍ତକ ମାଡ଼ ମାରିବା ସହ ତାଙ୍କ ବାଇକକୁ ବାଡେଇ ଭାଙ୍ଗି ଦେଇଥିଲେ । ସେଠାରେ ଉପସ୍ଥିତ ଥିବା ପୋଲିସ ଅଧିକାରୀ ଶ୍ରୀକାନ୍ତଙ୍କୁ ମୁକୁଳାଇଥିଲେ । ଏତିକିରେ ଲୋକଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସେମାନେ ବୈକୁଣ୍ଠ ପୁଅ ଅକ୍ଷୟଙ୍କୁ ମାଡ଼ ମାରିବା ସହ ତାଙ୍କର ମୋଟରସାଇକେଲକୁ ପୋଡ଼ି ଦେଇଥିଲେ।

ଖବରପାଇ ଆଠଗଡ଼ ଏସ୍ଡିପିଓ ପୋଲିସ ଫୋର୍ସ ସହ ଜିଲଣ୍ଡା ଫାଣ୍ଡିରେ ପହଞ୍ଚି ଶ୍ରୀକାନ୍ତଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ଗାଡ଼ି ପୋଡ଼ିବା ସମ୍ପର୍କରେ ବୈକୁଣ୍ଠ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି ବୋଲି ଜିଲିଣ୍ଡା ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଅପରପକ୍ଷେ ରିପୋର୍ଟ ଲେଖା ହେବାବେଳକୁ ଶ୍ରୀକାନ୍ତଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।


ଦୁର୍ବୃତ୍ତମାନେ ପୋଡ଼ିଦେଇଥିବା ବାଇକ୍ ।

**ସଂକ୍ଷେପରେ**

## ଚକ୍ଷୁ ଚିକିତ୍ସା ଶିବିର



**କୃଷ୍ଣପ୍ରସାଦ,୯।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବ୍ରାହ୍ମଣଦେଓ ହାଇସ୍କୁଲରେ ଆଡଭାନ୍ସ ଆଇ କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଞ୍ଚଳର ବିଭିନ୍ନ ଗ୍ରାମର ୭୦ଜଣ ଆଖି ପରୀକ୍ଷା କରାଇଥିଲେ। ୯ ଜଣଙ୍କୁ ମୋତିଆବିନ୍ଦୁ ଅପରେସନ ପାଇଁ ଚିହ୍ନଟ କରାଯାଇଥିବା ବେଳେ ୫ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ଡା. ନିରଞ୍ଜନ ରାଜ, ଡା. ବିମଳେନ୍ଦୁ ପୃଷ୍ଟି , ଡା.ବର୍ଷା ସେଠୀ ଆଖି ପରୀକ୍ଷା କରିଥିଲେ। ରାଜ୍ୟରେ ଏବେ ଆଖି ଧରା ରୋଗ ବ୍ୟାପିଥିବା ବେଳେ ତାର ନିରାକରଣ ଏବଂ ସତର୍କତା ଉପରେ ସଚେତନ କରାଇଥିଲେ। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ବେହେରା, ରାମଲଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶ୍ୱାଳଙ୍କ ପ୍ରତିନିଧି ଅଞ୍ଚଳ ବିଶ୍ୱାଳ, ସମିତି ସଭ୍ୟଙ୍କ ପ୍ରତିନିଧି ଦିଲୀପ କୁମାର ରଣସିଂହ, ନିରୋଜ କୁମାର ରଣସିଂହ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖୋର୍ଦ୍ଧା,୯।୭(ପ୍ରଭାତ ପାଣିଗ୍ରାହୀ):** ଗୟାବନ୍ଧ ଉ.ପ୍ରା ବିଦ୍ୟାଳୟର ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ତାପସ କୁମାର ନାୟକ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଡ.ଗୌରହରି ମିଶ୍ର, ଟାଙ୍ଗୀ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ସାହୁ, ଶିକ୍ଷକ ସୁରେନ୍ଦ୍ର କୁମାର ମଙ୍ଗରାଜ, ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ତ୍ରିପାଠୀଙ୍କୁ ଜଣେ ଛାତ୍ର ବତ୍ସଳ, କର୍ତ୍ତବ୍ୟ ନିଷ୍ଠା, ଦାୟିତ୍ୱବୋଧ, ଆଦର୍ଶ ଶିକ୍ଷକ ବୋଲି କହିଥିଲେ। ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ତ୍ରିପାଠୀଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦାୟୀ ଶିକ୍ଷକ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ପରିଚାଳନା କମିଟି ସଦସ୍ୟ ଅବଦୁଲ୍ ରଜାତ୍ ଖାଁ ଏକ କବିତା ପାଠ କରିଥିଲେ। ଏକ ଅଭିନନ୍ଦନିକା ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ.ଶରତ କୁମାର ଚଉଁରୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଦୟାଶଙ୍କର ବେହେରା ଧନ୍ୟବାଦ ଦେଇଥିଲେ।

## ଆୟୁର୍ବେଦ ଚିକିତ୍ସାର ବହୁ ପ୍ରାସଙ୍ଗିକତା ରହିଛି

**ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ):** ଯୋଗ, ପ୍ରାଣାୟାମ ଓ ଆୟୁର୍ବେଦ ବର୍ତ୍ତମାନ ସମୟରେ ବହୁ ପ୍ରାସଙ୍ଗିକତା ବହନ କରୁଛି। ସମସ୍ତ ମନୁଷ୍ୟ ନିଜ ସ୍ତରରେ ଏହି ବିଦ୍ୟାକୁ ଆପଣାଇ ଜନକଲ୍ୟାଣରେ ଲଗାଇ ପାରିଲେ ବହୁ ଅସାଧ ରୋଗରୁ ମୁକ୍ତି ମିଳିପାରିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ଆୟୁର୍ବେଦ ଭେଷଜ ଜଗତର ପ୍ରବାଦ ପୁରୁଷ ତଥା ପରିବେଶବିତ୍ ଡା. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିବା ସହ ସ୍ୱର୍ଗତ ପଣ୍ଡାଙ୍କ ପୁସ୍ତକ 'ସ୍ୱପ୍ନାଲୋକ'କୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥିଭାବେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ପ୍ରଫୁଲ୍ଲ ସାମଲ, ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନର ମହାନିର୍ଦ୍ଦେଶକ ପ୍ରଫେସର ଡା. ରବିନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ପଣ୍ଡା ଆୟୁର୍ବେଦ ଉପରେ ଗବେଷଣା କରି ଏହାକୁ ଲୋକାଭିମୁଖୀ କରି ସମସ୍ତ ନାଗରିକଙ୍କ ପାଖରେ ପହଞ୍ଚାଇବା ନେଇ କରିଥିବା ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ।
ଏହି ଅବସରରେ ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ଡା. ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କୁ 'ଡା. ସ୍ୱପ୍ନେଶ୍ୱର ପଣ୍ଡା ମେମୋରିଆଲ ଭେଷଜ ରତ୍ନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଫେସର ଡା. ବିଧୁଭୂଷଣ ନନ୍ଦ, ପ୍ରଫେସର ଡା. ରବିନାରାୟଣ ଆଚାର୍ଯ୍ୟ, ମଦନମୋହନ ପାଢୀ, ନାରାୟଣ ମହାନ୍ତି, ଇନ୍ଦିରା ନରେନ୍ଦ୍ର, କଲ୍ୟାଣୀ ଦେବୀ, ଉମେଶ ଚନ୍ଦ୍ର ପୃଷ୍ଟି, ପ୍ରଭାତ ରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ଅରବିନ୍ଦ ତ୍ରିପାଠୀ, ନାରାୟଣ ଓଝା, ବ୍ରଜବନ୍ଧୁ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ଆଜିଠୁ ବେଗୁନିଆ ବନ୍ଦ

## ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

**ବେଗୁନିଆ,୯।୭(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ଦାବିରେ ସୋମବାରଠାରୁ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ଦୋକାନ ବଜାର ବନ୍ଦ କରାଯିବ। ଏଥିସହ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ। ଫଳରେ ଯାତାୟାତ କରିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଆୟୋଜକ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ, ଆଇନଜୀବୀ ସୁଶାନ୍ତ କୁମାର ରାୟ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ଓ ସାମାଜିକକର୍ମୀ ଶିବ ମୁନି କହିଛନ୍ତି।
ସୂଚନାଥାଉ କି, ବେଗୁନିଆ ସଦର ମହକୁମାରେ ଥିବା ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ଦୀର୍ଘ ୩୦ବର୍ଷ ହେବ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଏପରିକି ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିବ ବୋଲି ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା। ହେଲେ ମାନ୍ୟତା ମିଳିବା ବଦଳରେ ତାଲିକାରୁ ବାଦ୍ ଦିଆଯାଇଛି। ଏହାର ପ୍ରତିବାଦରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ମେ'୨୨ରୁ ସତ୍ୟାଗ୍ରହ ଜାରି ରହିଛି। ଏହି ସତ୍ୟାଗ୍ରହକୁ ରବିବାର ୪୯ ଦିନ ପୂରଣ ହୋଇଛି। ଅନ୍ୟପକ୍ଷରେ ୪୯ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୫୦ ଦିନ ତଥା ୧୦ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆ ବନ୍ଦ ରହିବ ବୋଲି ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ ପ୍ରଶାସନ, ବିଭାଗୀୟ ଅଧିକାରୀ, ସଚିବ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ତେବେ ବନ୍ଦକୁ ସଫଳ କରିବା ପାଇଁ ମହିଳା ଗୋଷ୍ଠୀ, ବିଭିନ୍ନ ଯୁବ ଅନୁଷ୍ଠାନ, ବଣିକ ସଂଘ, ଅନେକ ସଙ୍ଗଠନର ସଭ୍ୟଙ୍କଠାରୁ ଆରମ୍ଭ କରି ଆଞ୍ଚଳିକ ଯୁବ ଗୋଷ୍ଠୀ ସହଯୋଗର ହାତ ବଢ଼ାଇଛନ୍ତି।



ବେଗୁନିଆ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଅନୁଷ୍ଠିତ ସତ୍ୟାଗ୍ରହ।

# ଖୋର୍ଦ୍ଧା ବିକାଶ ପରିଷଦ ନୂଆ ସମ୍ଭାବନା ସୃଷ୍ଟି କରିବ: ଜଗଦ୍ଦେବ

**ଖୋର୍ଦ୍ଧା,୯।୭ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଓସିସି ଛକ ସ୍ଥିତ ମା' କନକଦୁର୍ଗା ମନ୍ଦିର ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଶତାଧିକ ଯୁବ, ଛାତ୍ର ଓ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଖୋର୍ଦ୍ଧାର ବିକାଶ ପାଇଁ ସଙ୍କଳ୍ପ ନେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ କିଭଳି ପ୍ରତ୍ୟେକ ଘରେ ଶଙ୍ଖ ଚିହ୍ନ ପହଞ୍ଚିବ ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉପସ୍ଥିତ ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ବିଭିନ୍ନ ପ୍ରକାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। କାଳୁ ବଳିୟାରସିଂ, ପ୍ରକାଶ ରାଉତରାୟ, ରବି ଦଳବେହେରାଙ୍କ ସମେତ ବହୁ ନେତୃମଣ୍ଡଳୀ ଯୋଗଦେଇ ମତ ରଖିଥିଲେ। ଏହି ଅବସରରେ ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଲାଗି ଖୋର୍ଦ୍ଧା ବିକାଶ ପରିଷଦ ଗଠନ କରାଯାଇଛି। ସଭାପତି ଭାବେ ସନ୍ତୋଷ ମିଶ୍ର ଓ ସମ୍ପାଦକ ଭାବେ ଅକ୍ଷୟ ଉଦୟସିଂଙ୍କୁ ଦାୟିତ୍ୱ ଦିଆଯାଇଛି। ଖୋର୍ଦ୍ଧାର ବିକାଶ ଦିଗରେ ଏହି ପରିଷଦ କାର୍ଯ୍ୟ କରିବ। ବିଶେଷକରି ଖୋର୍ଦ୍ଧା ଷ୍ଟାଡିୟମ, ବରୁଣେଇ ପୀଠର ବିକାଶ, ପାଇକ ସ୍ମାରକୀ ଓ ଖୋର୍ଦ୍ଧାଗଡ଼ ବିକାଶ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ଜଗଦ୍ଦେବ କହିଛନ୍ତି। ଏଥିସହ ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ କିଭଳି ଆଗକୁ ବଢିବ, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନେଇ ପାଇକ ମାଟିରେ ନୂତନ ସ୍ୱପ୍ନ, ନୂଆ ସମ୍ଭାବନା ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଜଗଦ୍ଦେବ କହିଛନ୍ତି।



ବିଜେଡି ପକ୍ଷରୁ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକ ଏବଂ ଅନ୍ୟମାନେ।

# ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରେ ସମ୍ବର୍ଦ୍ଧନା


ଅତିଥିମାନେ ସ୍ମରଣିକା 'କଳ୍ପତରୁ ବାଞ୍ଛାନିଧି' ଉନ୍ମୋଚନ କରୁଛନ୍ତି।

**ବୋଲଗଡ଼,୯।୭(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସଦର ମହକୁମାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନ ସଭାଗୃହରେ ରବିବାର ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଙ୍ଗୁରିଆ ପଞ୍ଚାୟତ ଅରଖପଲ୍ଲୀ ଗ୍ରାମର ରଘୁନାଥ ଶିକ୍ଷା ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ରଘୁନାଥ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ବିଜୟ କୁମାର ଚୌଧୁରୀ, ମୁଖ୍ୟ ବକ୍ତା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ସମ୍ମାନିତ ଅତିଥିଭାବେ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ା, ପୂର୍ବତନ ପ୍ରଶାସନିକ ଅଧିକାରୀ ନବକିଶୋର ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୋପୀନାଥ ଖାଡ଼ଙ୍ଗାଙ୍କ ସଂଯୋଜନାରେ ପରିଷଦର ସମ୍ପାଦକ ଡା. ଅଚ୍ୟୁତ ସାହୁ ବିବରଣୀ ପାଠ କରିଥିଲେ। ରଘୁନାଥ ସାହୁଙ୍କ ରଚିତ କବିତା ପୁସ୍ତକ 'ସୃଜନିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବୋଲଗଡ଼ ବ୍ଲକସ୍ତରୀୟ ସମସ୍ତ ଉଚ୍ଚ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ଭାରତୀ ରାଜଗୁରୁ ଏବଂ ଗଣିତ, ବିଜ୍ଞାନ, ଓଡ଼ିଆ, ଇଂଲିଶ, ସାମାଜିକ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର ରୁଦ୍ରନାରାୟଣ ମହାରଣା, ବିଶ୍ୱରଞ୍ଜନ ପଣ୍ଡା, ଶିବାନୀ ଜେନା, ଲୋକେଶ କୁମାର ସାହୁ, ସୌମ୍ୟାଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା ସହ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ଦ୍ୱାରା ଆୟୋଜିତ ଏବଂ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ବିଭୂତି ଭୂଷଣ ମହାପାତ୍ରଙ୍କ ସଂଯୋଜନାରେ ସ୍ୱର୍ଗତ ଶିକ୍ଷକ ବାଞ୍ଛାନିଧି ସାହୁଙ୍କ ସ୍ମୃତିଚାରଣ କରାଯିବା ସହ ଏକ ସ୍ମରଣିକା 'କଳ୍ପତରୁ ବାଞ୍ଛାନିଧି' ଉନ୍ମୋଚିତ ହୋଇଥିଲା। ହରିବନ୍ଧୁ ସାହୁ, ପ୍ରଫୁଲ୍ଲ ମହାପାତ୍ର, ସେବତୀ ପରିଡା, ପ୍ରମୋଦ ସ୍ୱାଇଁ, ବାଲ୍ମିକ ବଳିୟାରସିଂହ, ରାଧାଶ୍ୟାମ ମହାପାତ୍ର, ବୈକୁଣ୍ଠ ମହାରଣା, ଭକ୍ତବତ୍ସଳ ପଟ୍ଟନାୟକଙ୍କ ସମେତ ବହୁ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ବିରଞ୍ଚି ସାହୁ ଧନ୍ୟବାଦ ଦେଇଥିଲେ।

## ଖୋର୍ଦ୍ଧା ଜିଲା ବିଏମ୍‌ଜେଡିର ନୂତନ ଟିମ୍ ଗଠିତ

**ଖୋର୍ଦ୍ଧା,୯।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବିଜୁ ମହିଳା ଜନତା ଦଳ(ବିଏମ୍‌ଜେଡି) ପୁନଃଗଠନ ହୋଇଛି। ଏନେଇ ବିଜୁ ଜନତା ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଏମଜେଡି ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଜିଲାର ନୂତନ ଟିମ୍ ଘୋଷଣା କରିଛନ୍ତି। ଜିଲା ସଭାନେତ୍ରୀ ଭାବେ ଗୀତାଞ୍ଜଳି ପାଟ୍ଟଶାଣୀ ପୁଣି ଥରେ ମନୋନୀତ ହୋଇଛନ୍ତି। ଉପସଭାନେତ୍ରୀ ପଦବୀରେ ୧୪ଜଣ ରହିଥିବା ବେଳେ ୧୧ଜଣ ସାଧାରଣ ସମ୍ପାଦକ, ୧୪ ସମ୍ପାଦକ ପଦବୀରେ ଅଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପଦବୀରେ ୧୩ ଜଣ ରହିଛନ୍ତି। ଏହି ନୂତନ ଟିମରେ ସଭାନେତ୍ରୀଙ୍କୁ ମିଶାଇ ୭୨ଜଣ ସଦସ୍ୟ ରହିଛନ୍ତି। ମମତା ଦଳାଇ କୋଷାଧକ୍ଷ ଏବଂ ଜୟଶ୍ରୀ ପଟ୍ଟନାୟକ, ରିନା ବଡଜେନା ଓ ସ୍ନିଗ୍ଧାରାଣୀ ସ୍ୱାଇଁ ଡିଜିଟାଲ ମିଡିଆ ଦାୟିତ୍ୱରେ ରହିଛନ୍ତି। ଭାରତୀ ପଟ୍ଟନାୟକଙ୍କୁ କାର୍ଯ୍ୟାଳୟ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ସେହିଭଳି ସମସ୍ତ ବ୍ଲକ ଏବଂ ସହରାଞ୍ଚଳ ପାଇଁ ମଧ୍ୟ ନାମ ଘୋଷଣା କରାଯାଇଛି। ବାସନ୍ତି ମହାରଣା ବାଲିପାଟଣା, ରାନୁ ଭୋଇ ବାଲିଅନ୍ତା, କବିତାରାଣୀ ମହାପାତ୍ର ବାଣପୁର, ଅମୃତା ବେହେରା ଚିଲିକା, ଲୀଳା ସ୍ୱାଇଁ ବେଗୁନିଆ, ପ୍ରଭାତୀ ରାଉତରାୟ ବୋଲଗଡ, କସ୍ତୁରୀ ପାଣିଗ୍ରାହୀ ଟାଙ୍ଗୀ, ସ୍ମିତିରେଖା ମହାରଥୀ ଖୋର୍ଦ୍ଧା, ସୁଚରିତା ପାଇକରାୟ ଜଟଣୀ, ନିରୁପମା ପରିଡା ଭୁବନେଶ୍ୱର ବ୍ଲକ, ନଳିନୀ ମହାନ୍ତି ଜଟଣୀ ପୌରାଞ୍ଚଳ, ସୁଜାତା ପଣ୍ଡା ବାଲୁଗାଁ ଏନ୍‌ଏସି, ପୁଷ୍ପାଞ୍ଜଳି ଜେନା ବାଣପୁର ଏନ୍‌ଏସି ଏବଂ ମାମିନା ପ୍ରଧାନ ଖୋର୍ଦ୍ଧା ପୌରାଞ୍ଚଳ ଦାୟିତ୍ୱରେ ରହିଛନ୍ତି।

## 'ଯୋଗ ଶରୀରକୁ ସୁସ୍ଥ ରଖିଥାଏ'

**ବାଲିପାଟଣା,୯।୭(ଅଭିମନ୍ୟୁ ନାୟକ)**

ହରପାର୍ବତୀ ଯୋଗ ପ୍ରତିଷ୍ଠାନ ପକ୍ଷରୁ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ବନମାଳୀପୁରସ୍ଥିତ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ମୁରଲୀଧର ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ସୋଆ ବିଶ୍ୱବିଦ୍ୟାଳୟର ଯୋଗ ଅଧାପକ ଅଖିଳ ଚନ୍ଦ୍ର ରଣା ଯୋଗଦେଇ ଯୋଗ ସୁସ୍ଥ ଓ ନିରାମୟ ଜୀବନଯାପନର ମୂଳମନ୍ତ୍ର ବୋଲି କହିଥିଲେ। ଅତିଥିଭାବେ ଯୋଗଗୁରୁ ପ୍ରଶାନ୍ତ କୁମାର ପ୍ରଧାନ କହିଥିଲେ, ଯୋଗ ଶରୀରକୁ ସୁସ୍ଥ ରଖିଥାଏ। ଶ୍ରୀମା ଅରବିନ୍ଦ କେନ୍ଦ୍ର ମାର୍ଗଦର୍ଶକ ବସନ୍ତ କୁମାର ସାହୁ ଓ ହରପାର୍ବତୀ ଯୋଗ ପ୍ରତିଷ୍ଠାନ ସଭାପତି ଦୈତାରୀ ମାଣିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭୋରୁ ବନମାଳୀପୁର ଅଞ୍ଚଳ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟ ପରିସରରେ ଚାରାରୋପଣ



**ବେଗୁନିଆ,୯।୭(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ତଳଗଡ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରିଡା, ଲିମ୍ବ, ବାହାଡ଼ା, ଅଁଳା, ଅର୍ଜୁନ, କଦମ୍ବ ସମେତ ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷ ସମ୍ପର୍କିତ ସଚେତନତା ସଙ୍ଗୀତ ପରିବେଷଣ କରାଯାଇଥିଲା। ଜୀବଜଗତ ପ୍ରତି ଗଛ କି କି ଉପକାର ଦିଏ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର, ପ୍ରଭାକର ମହାପାତ୍ର, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଟ୍ଟନାୟକ, ସାଗରିକା ମାଝି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

# ବୋଲଗଡ଼ରେ ବ୍ୟାପୁଛି ଆଖିଧରା ରୋଗ

**ବୋଲଗଡ଼,୯।୭(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅଞ୍ଚଳରେ ଆଖିଧରା ରୋଗ ବ୍ୟାପିବାରେ ଲାଗିଛି। ଏହି ବ୍ଲକର ବୋଲଗଡ଼, ମାଣିବନ୍ଧ, ପିଟୁକୁଳି, ବାଙ୍କୋଇ, ମାଣିକାଗୋଡ଼ା ଓ ଦେଉଳି ଡାକ୍ତରଖାନାରେ ଚିକିତ୍ସା ପାଇଁ ଅଖିଧରା ରୋଗୀଙ୍କ ଭିଡ଼ ଲାଗୁଥିବା ଦେଖିବାକୁ ମିଳିଛି। ଡାକ୍ତରଙ୍କ ମତରେ, ବ୍ୟାକ୍ଟେରିଆ ସଂକ୍ରମଣ ଦ୍ୱାରା ଆଖିଧରା ରୋଗ ହୋଇଥାଏ। ଏହି ରୋଗ ଦ୍ୱାରା ସଂକ୍ରମିତ ଜଣେ ଲୋକଙ୍କ ବସ୍ତ୍ରକୁ ଅନ୍ୟ ଜଣେ ବ୍ୟକ୍ତି ବ୍ୟବହାର କଲେ ତାଙ୍କଠାରୁ ଭାଇରସ ସଂକ୍ରମଣ ହୋଇଥାଏ। ତେଣୁ ସମ୍ପୃକ୍ତ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ଅଧିକ ଥାଏ। ଏଥିସହ ଅପରିଷ୍କାର ହାତରେ ବାରମ୍ବାର ଆଖିକୁ ସ୍ପର୍ଶକଲେ ରୋଗ ହେବା ସମ୍ଭାବନା ବଢ଼ିଥାଏ। ଆକ୍ରାନ୍ତଙ୍କ ଉପରେ ରୋଗର ପ୍ରଭାବ ସପ୍ତାହେବ୍ୟାପୀ ରହୁଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ଦେବଦତ୍ତ ଦାସ କହିଛନ୍ତି, ଆଖିଧରା ରୋଗକୁ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ। ଏହି ରୋଗ କ୍ଷତିକାରକ ନ ହେଲେ ମଧ୍ୟ ରୋଗର ଲକ୍ଷଣ ଦେଖାଦେବା କ୍ଷଣି ଡାକ୍ତରଙ୍କ ପରାମର୍ଶ ଜରୁରୀ। ଆଖି ଭଳି ଏକ ସୂକ୍ଷ୍ମ ଅଙ୍ଗ ସଂକ୍ରମିତ ହେଉଥିବାରୁ ରୋଗୀଙ୍କୁ ଏଥିପ୍ରତି ଅଧିକ ଯତ୍ନବାନ ରହିବାକୁ ପଡ଼ିବ। ସଫାସୁତୁରା ପ୍ରତି ଧ୍ୟାନ ଦେବାକୁ ହେବ। ପରିବାରରେ ଆଖିଧରା ରୋଗୀ ବ୍ୟବହାର କରୁଥିବା ବସ୍ତ୍ରକୁ ଅନ୍ୟ କେହି ବ୍ୟବହାର କରିବା ଅନୁଚିତ। ଆକ୍ରାନ୍ତ ବ୍ୟକ୍ତି ହାତକୁ ବାରମ୍ବାର ଧୋଇବା ଉପରେ ଧ୍ୟାନଦେବା ଆବଶ୍ୟକ ବୋଲି ସେ କହିଛନ୍ତି।


**ଜଟଣୀ:** ମା' ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ପରିପ୍ରେକ୍ଷୀରେ ରବିବାର ମା'ଙ୍କ ଘଟ ନଗର ପରିକ୍ରମା କରାଯାଉଛି।

# ଚିଲିକାରୁ [ ୭୦ ହେକ୍ଟର ଚିଙ୍ଗୁଡ଼ି ଘେରି ଉଚ୍ଛେଦ

**ବାଲୁଗାଁ,୯।୭(ସଂଗ୍ରାମ ପାଇକରାୟ)**


ପ୍ରଶାସନ ପକ୍ଷରୁ ବେଆଇନ୍ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପୁଣି ଥରେ ଚିଲିକାରୁ ଘେରି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଶନିବାର ଚିଲିକା ତହସିଲଦାର ଦିଲ୍ଲୀପ କୁମାର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତେବେ ରବିବାର ଘେରି ଉଚ୍ଛେଦର ଦ୍ୱିତୀୟ ଦିନରେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ନଈରୀ, କୁମାଣ୍ଡଳ ଓ ହାଟବରଡ଼ି ମଧ୍ୟରେ ପ୍ରାୟ ୨୭୦ହେକ୍ଟର ଅଞ୍ଚଳରୁ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି। ଏହି ଘେରି ଉଚ୍ଛେଦରୁ ମୋଟ୍ ୨୩ କୁଇଣ୍ଟାଲ ଜିରୋ ନେଟ୍ ଜବତ କରାଯାଇଛି। ସେହିଭଳି ଘେରି ଉଚ୍ଛେଦର ପ୍ରଥମଦିନ ଶନିବାର ଚିଲିକା ତହସିଲ ଅନ୍ତର୍ଗତ ଚିଲିକା ହ୍ରଦର ବଡକୂଳ ଜେଟିଠାରୁ ବାଲୁଗାଁ ଜେଟି ମଧ୍ୟରେ ପ୍ରାୟ ୬ଶହ ହେକ୍ଟର ଅଞ୍ଚଳରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଥିଲା। ଏହି ଘେରି ଉଚ୍ଛେଦରୁ ମୋଟ୍ ୧୨ ହଜାର ଫୁଟ ତଥା ୨୫ କୁଇଣ୍ଟାଲ ଜିରୋ ନେଟ୍ ଜବତ କରାଯାଇଛି। ତେବେ ଜବତ ସମସ୍ତ ବାଉଁଶ ଓ ଜାଲକୁ ନଷ୍ଟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଉଚ୍ଛେଦ କାର୍ଯ୍ୟରେ ଡଙ୍ଗା ଓ ଶ୍ରମିକ ନିୟୋଜିତ ହୋଇଥିଲେ। ଏହି ଘେରି ଉଚ୍ଛେଦ କାର୍ଯ୍ୟରେ ତହସିଲଦାରଙ୍କ ସମେତ ବାଲୁଗାଁ ପୋଲିସ, ଚିଲିକା ମତ୍ସ୍ୟ ବିଭାଗ କର୍ମଚାରୀ, ସିଡିଏ କର୍ମଚାରୀ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ତେବେ ଆଗାମୀ ଦିନରେ ମଧ୍ୟ ଚିଲିକାରୁ ଘେରି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।




୯।୭।୨୦୨୩

| | |
|---|---|
| ୭,୧୬,୮୫୧ ଟଙ୍କା | |
| ସୁନା | ୩.୫୦୦ ଗ୍ରାମ୍ |
| ରୁପା | ୨୧୦ ଗ୍ରାମ୍ |

# ଆଜି ଶ୍ରୀଲୋକନାଥ ପୀଠରେ ଜଳଲାଗି

ପୁରୀ,୯।୭(ଅଜିତ୍ ମହାନ୍ତି)

ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ ମାନସିକଧାରୀ କାଉଡ଼ିଆମାନେ ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ ଜଳ ଲାଗି କରିବେ। ଏଠାରେ ହଜାର ହଜାର କାଉଡ଼ିଆଙ୍କ ଭିଡ଼ ହେବ। ରବିବାର ରାତିରେ ଅନେକ କାଉଡ଼ିଆ କାନ୍ଧରେ ଜଳଭାର ଧରି ଓଁ ନମଃ ଶିବାୟ ଜପ କରି ଚାଲି ଚାଲି ଶ୍ରୀଲୋକନାଥଙ୍କ ପୀଠରେ ପହଞ୍ଚିଛନ୍ତି। ଜଳ ଲାଗି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ସହ ବ୍ୟାରିକେଡ୍ କରାଯାଇଛି। ଭକ୍ତମାନେ ବ୍ୟାରିକେଡ୍ ଦେଇ ମନ୍ଦିରକୁ ପ୍ରବେଶ କରିବା ସହ ଜଳ ଲାଗି କରି ଅନ୍ୟ ରାସ୍ତା ଦେଇ ପ୍ରସ୍ଥାନ କରିବେ। ଏନେଇ ଲୋକନାଥ ମନ୍ଦିର ସେବାୟତ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଭଣ୍ଡାରରକ୍ଷକ ହେଉଛନ୍ତି ପ୍ରଭୁ ଶ୍ରୀଲୋକନାଥ। ଜଳ ଲାଗି ସକାଶେ ତାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ଜଳଲାଗି ନିମନ୍ତେ ରବିବାର ଅପରାହ୍ନ ୪ଟାରୁ କାଉଡ଼ିଆମାନେ ୨୦ ଟଙ୍କାର ଟିକେଟ କରିବେ। ରବିବାର ମଧ୍ୟରାତ୍ର ୧୨ଟାରେ ଲୋକନାଥ ମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହେବ। ଠାକୁରଙ୍କ ମଙ୍ଗଳ ଆଳତି ନୀତି ସମ୍ପନ୍ନ



ପରେ ମଇଲମ, ଅବକାଶ ନୀତି ସରିବା ପରେ ରାତି ୧୨ଟା ୪୫ଠାରୁ ଭକ୍ତ ଓ କାଉଡ଼ିଆଙ୍କ ଉଦ୍ଦେଶ୍ୟରେ ଦ୍ୱାର ଖୋଲିବ। ଭକ୍ତ ଓ କାଉଡ଼ିଆମାନେ ବ୍ୟାରିକେଡ଼ରେ ଯାଇ ରୋଷଘର ପଛ ଦେଇ ମନ୍ଦିର ପ୍ରବେଶ କରିବା ସହ ଲକ୍ଷ୍ମୀଦ୍ୱାର ଠାରେ ଜଳଲାଗି କରି ପ୍ରତ୍ୟାବର୍ତ୍ତନ କରିବେ। ସୋମବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜଳଲାଗି ହେବା ପରେ ନୀତି ପାଇଁ କିଛି ସମୟ ଜଳଲାଗି ବନ୍ଦ ରହିବ। ନୀତି ସମାପ୍ତ ପରେ ଦର୍ଶନ ଓ ଜଳଲାଗି ଆରମ୍ଭ ହେବ। ଏହି ଜଳ ଲାଗି ପହୁଡ଼ ପର୍ଯ୍ୟନ୍ତ ଜାରିରହିବ। ସେହିପରି କୁଷ୍ଠାଶ୍ରମ ନିକଟରେ ଟିକେଟ କାଉଣ୍ଟର କରାଯାଇଛି। ପ୍ରାୟ ୨୦୦୦ ଭକ୍ତଙ୍କ ପାଇଁ ଶେଡ୍ ନିର୍ମାଣ ହୋଇଛି। ଗତବର୍ଷ ପ୍ରାୟ ୭୮୦୦୦ କାଉଡ଼ିଆ ଜଳଲାଗି କରିଥିବା ବେଳେ ଚଳିତଥର ରଥ ଓ ସୁନାବେଶକୁ ଲକ୍ଷ୍ୟ କଲେ ଆହୁରି ଅଧିକ ଭକ୍ତ ସମାଗମ ହେବା ଆକଳନ କରାଯାଉଛି। ତେଣୁ ଶୃଙ୍ଖଳା ଓ ସୁବ୍ୟବସ୍ଥା ଦୃଷ୍ଟିରୁ ସେବାୟତ ଏବଂ ପୋଲିସ୍‌କୁ ନେଇ ଟିମ୍ ଗଠନ କରାଯାଇଛି। ସେପଟେ ଆଶୁ ଚିକିତ୍ସା କେନ୍ଦ୍ର, ପାନୀୟଜଳ ବ୍ୟବସ୍ଥା ସହ ଜାଗରପଦାକୁ ମଧ୍ୟ ସଫେଇ କରାଯାଇଛି ବୋଲି ପଣ୍ଡା କହିଛନ୍ତି। ଚଳିତ ବର୍ଷ ଯୋଡ଼ା ଶ୍ରାବଣ ପଡୁଥିବାରୁ ଭକ୍ତମାନେ ଜୁଲାଇ ମାସର ୧୦ ଏବଂ ୧୭ ତାରିଖ ଏବଂ ଅଗଷ୍ଟ ମାସର ୨୧ ଓ ୨୮ ତାରିଖରେ ଜଳ ଲାଗି କରିବେ। ଅନ୍ୟପକ୍ଷରେ ଲୋକନାଥଙ୍କ ପୀଠରେ ଜଳଲାଗିକୁ ଦୃଷ୍ଟିରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

**■ ପ୍ରଶାସନ ପକ୍ଷରୁ ହୋଇଛି ବ୍ୟାପକ ବ୍ୟବସ୍ଥା**

**■ ମୁତୟନ ହେବେ ୧୦ ପ୍ଲାଟୁନ ପୋଲିସ ଫୋର୍ସ**

ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା, ଶୃଙ୍ଖଳିତ ଭାବେ ଧାଡ଼ିରେ ରହି ଜଳଲାଗି ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପୌରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା, ଟିପିସିଓଡିଏଲ ପକ୍ଷରୁ ବିଦ୍ୟୁତ ବ୍ୟବସ୍ଥା କରିଯିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାଉଡ଼ିଆମାନଙ୍କ ବାହୁଙ୍ଗା ରଖିବା ପାଇଁ କାଠର ଅସ୍ଥାୟୀ ଷ୍ଟାଣ୍ଡ କରାଯାଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମନ୍ଦିର ବାହାରେ ଏବଂ ମନ୍ଦିର ପରିସରରେ ମୁତୟନ ରହିବେ। ବରିଷ୍ଠ ପୋଲିସ ଅଧିକାରୀ ଦାୟିତ୍ୱରେ ରହିବେ। ଭକ୍ତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଚଳିତବର୍ଷ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ୩ଜଣ ଅତିରିକ୍ତ ଏସ୍‌ପି ର୍ୟାଙ୍କର ଅଧିକାରୀ ଏବଂ ୭ଜଣ ଡିଏସ୍‌ପି ର୍ୟାଙ୍କର ଅଧିକାରୀ ମୁତୟନ ରହିବେ।

## ପରିବେଶ ସନ୍ତୁଳନ, ଗ୍ରାମାଞ୍ଚଳ ଶିକ୍ଷାକୁ ନେଇ ମହାରାଷ୍ଟ୍ର ଯୁବକଙ୍କ ସାଇକେଲ ଯାତ୍ରା

**୧୮ ମାସରେ ୨୨ ରାଜ୍ୟ ବୁଲି ସାରିଲେଣି**

ଗୋପ,୯।୭
(ଭାରତୀ ଭୂଷଣ ଉପାଧ୍ୟାୟ)

ପରିବେଶ ବଞ୍ଚିଲେ ଆମେ ବଞ୍ଚିବା, ଦେଶ ବଞ୍ଚିବ। ଗ୍ରାମାଞ୍ଚଳ ଶିକ୍ଷାର ଅଭିବୃଦ୍ଧି ଘଟିଲେ ଆମ ସଂସ୍କୃତି ପରମ୍ପରା ଭାଇଚାରା ସହିତ ଛାତ୍ରୀଛାତ୍ର ଆଗକୁ ଯାଇ ଦେଶର ନାଁ ରଖିପାରିବେ। ଏପରି ବାର୍ତ୍ତା ନେଇ ଦୀର୍ଘ ୧୮ ମାସ ଧରି ମହାରାଷ୍ଟ୍ର ନାନନ୍ଦେନ୍ ଜିଲାର ଶିବାନୀ ପାଟିଲି (୨୮) ସାଇକେଲ ଯାତ୍ରା କରି ସଚେତନତା ସୃଷ୍ଟି କରୁଛନ୍ତି। ସେ ୨୦୨୧ ମସିହା ନଭେମ୍ବର ୨୧ରୁ ଏହି ସାଇକେଲ ଯାତ୍ରା ଆରମ୍ଭ କରି ଏବେ ଓଡ଼ିଶାରେ ପହଞ୍ଚିଛନ୍ତି। ପ୍ରକାଶ ଯେ, ଶିବାନୀ ପାଟିଲି ଜଣେ ବେସରକାରୀ ସଂସ୍ଥାରେ ଶିକ୍ଷକତା କରୁଥିବାବେଳେ ପରିବେଶ ଓ ଶିକ୍ଷା ବିପଦପୂର୍ଣ୍ଣ ଅବସ୍ଥାକୁ ଯାଉଥିବାରୁ ଏପରି ଏକ ସଚେତନତା କାର୍ଯ୍ୟକ୍ରମ ଜରିଆରେ କିଛି ସଚେତନତା ସୃଷ୍ଟି କରିପାରିବେ ବୋଲି ଚିନ୍ତା କରିଥିଲେ। କିନ୍ତୁ ଆର୍ଥିକ ଅନଟନ ସହିତ ଆବଶ୍ୟକତା ଅର୍ଥ ଅଭାବ ଥିଲେ ମଧ୍ୟ ଦେଶ ପାଇଁ କିଛି କରିବାର ଆଶା କରି ଏପରି ଏକ ପଦକ୍ଷେପ ନେଇଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି, ସରକାର ପରିବେଶ, ଶିକ୍ଷା କ୍ଷେତ୍ରରେ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଥିବାବେଳେ ଏହାର ମନିଟରିଂ ଅଭାବ ସାଙ୍ଗକୁ ଉଚିତ୍ ମାର୍ଗରେ ପରିଚାଳନା ତ୍ରୁଟି ରହୁଥିବା ସହିତ ଏପରି ଏକ କ୍ଷେତ୍ରରେ ଶିକ୍ଷାଦାନର ଅଭାବ ରହୁଛି। ଏହାକୁ କ୍ରିୟାଶୀଳ କରିବାକୁ ସେ ଶିକ୍ଷା ଓ ପରିବେଶ ଉପରେ ଗୁରୁତ୍ୱ ଦେଇ ସାଇକେଲ ଯାତ୍ରା କରିଥିବା କହିଛନ୍ତି। କୌଣସି ସ୍କୁଲ କଲେଜରେ ମଧ୍ୟ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମଧ୍ୟ ଦୃଷ୍ଟି ଦିଆଯାଉ ନାହିଁ। ଦୀର୍ଘ ୧୮ ମାସ ଧରି ସାଇକେଲ ଯାତ୍ରାରେ ୨୨ ଗୋଟି ରାଜ୍ୟରେ ଏପରି ବାର୍ତ୍ତା ଦେଇ ଆସିଥିବାବେଳେ ଆହୁରି ଅବଶିଷ୍ଟ ରାଜ୍ୟରେ ମଧ୍ୟ ଏହି ସଚେତନତା ସୃଷ୍ଟି ସାଇକେଲ ଯାତ୍ରା କରିବେ ବୋଲି ଶିବାନୀ କହିଛନ୍ତି। ଏଥିରେ ନିଶ୍ଚିତ କିଛି ପରିବର୍ତ୍ତନ ହେବ ବୋଲି ସେ ଆଶା ରଖିଛନ୍ତି।



## ସଂକ୍ଷେପରେ

### ଛତିଶଗଡ଼ ରାଜ୍ୟପାଳ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ

ସାକ୍ଷୀଗୋପାଳ,୯।୭(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)- ଛତିଶଗଡ଼ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ରବିବାର ରାତି ୯ଟାରେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରେ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଖୁସିବ୍ୟକ୍ତ କରିଛନ୍ତି। ପୁରୀରୁ ଭୁବନେଶ୍ୱର ଯିବା ସମୟରେ ସେ ସାକ୍ଷୀଗୋପାଳ ପାଖରେ ଅଟକି ଥିଲେ। ଓଡ଼ିଶା ଓ ଓଡ଼ିଆ ଜାତି ନିମନ୍ତେ କରିଥିବା ତ୍ୟାଗ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ, ଶିକ୍ଷାର ବିକାଶ ନିମନ୍ତେ ସତ୍ୟବାଦୀର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ଥିଲା ଓ ଏବେ ବି ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ସମୟରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଜୟପୁର ପଞ୍ଚାୟତ ସମିତିସଭ୍ୟ ଦୀପକ ଶତପଥୀ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ରଞ୍ଜନ ବରାଳ, ଧୂନିଆଁ ବେହେରା, ବିଜୟ ସ୍ୱାଇଁ, ମନୋଜ ସାହୁ, ଅଶୋକ ରାଉତରାୟ, ରାକେଶ ଗୌଡଙ୍କ ସମେତ ଅନ୍ୟମାନେ ରାଜ୍ୟପାଳଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

### ଚିଲିକାରୁ ୮୭୦ ହେକ୍ଟର ଚିଙ୍ଗୁଡ଼ି ଘେରି ଉଚ୍ଛେଦ

ବାଲୁଗାଁ,୯।୭(ସଂଗ୍ରାମ ପାଇକରାୟ): ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପୁଣି ଥରେ ଚିଲିକାରୁ ଘେରି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଶନିବାର ଚିଲିକା ତହସିଲଦାର ଦିଲ୍ଲୀପ କୁମାର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତେବେ ରବିବାର ଘେରି ଉଚ୍ଛେଦର ଦ୍ୱିତୀୟ ଦିନରେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ନଈରୀ, କୁମାଣ୍ଡଳ ଓ ହାଟବରଡ଼ି ମଧ୍ୟରେ ପ୍ରାୟ ୨୭୦ହେକ୍ଟର ଅଞ୍ଚଳରୁ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି। ଏହି ଘେରି ଉଚ୍ଛେଦରୁ ମୋଟ୍ ୨୩ କୁଇଣ୍ଟାଲ ଜିରୋ ନେଟ୍ ଜବତ କରାଯାଇଛି। ସେହିଭଳି ଘେରି ଉଚ୍ଛେଦର ପ୍ରଥମଦିନ ଶନିବାର ଚିଲିକା ତହସିଲ ଅନ୍ତର୍ଗତ ଚିଲିକା ହ୍ରଦର ବଡକୂଳ ଜେଟିଠାରୁ ବାଲୁଗାଁ ଜେଟି ମଧ୍ୟରେ ପ୍ରାୟ ୬ଶହ ହେକ୍ଟର ଅଞ୍ଚଳରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଥିଲା। ଏହି ଘେରି ଉଚ୍ଛେଦରୁ ମୋଟ୍ ୧୨ ହଜାର ଫୁଟ ତଥା ୨୫ କୁଇଣ୍ଟାଲ ଜିରୋ ନେଟ୍ ଜବତ କରାଯାଇଛି। ତେବେ ଜବତ ସମସ୍ତ ବାଉଁଶ ଓ ଜାଲକୁ ନଷ୍ଟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଉଚ୍ଛେଦ କାର୍ଯ୍ୟରେ ଡଙ୍ଗା ଓ ଶ୍ରମିକ ନିୟୋଜିତ ହୋଇଥିଲେ।



'ଶିଶୁ ସମାଚାର' ପକ୍ଷରୁ ରବିବାର ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନେ। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

## ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ

**ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା**

ପୁରୀ,୯।୭(ଅଜିତ ମହାନ୍ତି)

ଶିଶୁ ଖବରକାଗଜ 'ଶିଶୁ ସମାଚାର'ର ଷୋଡ଼ଶତମ ସ୍ୱନକ୍ଷତ୍ର ସମାରୋହ ଉପଲକ୍ଷେ ରବିବାର ଶ୍ରୀସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଓ ମହିଳାଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମନୋଜ ରଥ, ଉପାଧ୍ୟକ୍ଷ ସିଦ୍ଧାର୍ଥ ରାଏ, ପରିଚାଳନା କମିଟି ସଦସ୍ୟ ଶରତ ରାୟଗୁରୁଙ୍କ ସମେତ ଶିକ୍ଷୟିତ୍ରୀ ରେଣୁକା ମିଶ୍ର, ମଧୁଚ୍ଛନ୍ଦା ମହାପାତ୍ର, ଅବନୀଶ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଶିଶୁ ସମାଚାରର ପ୍ରୟାସକୁ ପ୍ରଶଂସା କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରୀଛାତ୍ର ଏବଂ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ବହୁ ମହିଳା ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଦୁର୍ଗାମାଧବ କର, ସତ୍ୟନାରାୟଣ ପାଢ଼ୀ, ମିନାକ୍ଷୀ ଦାସ, ବିଶ୍ୱମୋହନ ରଥ, ସୁକାନ୍ତ ମେହେର ଦାୟିତ୍ୱ ତୁଲାଇଥିଲେ। ବ୍ରଜକିଶୋର ସାହୁ, ସତ୍ୟନାରାୟଣ ସାହୁ, ବନିତା ଦୀକ୍ଷିତ, ଓମ୍ ମହାନ୍ତି, ବର୍ଷା ବନାନୀ ପଟ୍ଟନାୟକ, ଅଙ୍କିତା ସାହୁ, ମୋନାଲିସା ଏବଂ ଅଭିଲାଷ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟି ସଦସ୍ୟ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରରେ ରଙ୍ଗ ଦିଅ ପ୍ରଥମରୁ ଚତୁର୍ଥ ଶ୍ରେଣୀ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟର ଆକାଂକ୍ଷା ପଲେଇ, ଭୁବନେଶ୍ୱର ଆରାଧନା ନୃତ୍ୟ ମନ୍ଦିରର ଆରାଧ୍ୟା ପ୍ରିୟଦର୍ଶିନୀ ଏବଂ ପୁରୀ ସାରସ୍ୱତ ବିଦ୍ୟା ନିକେତନର ଅଭିଷେକ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ମନରୁ ଚିତ୍ର କର ପଞ୍ଚମରୁ ସପ୍ତମ ଶ୍ରେଣୀ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ପୁରୀ ଡିଏଭି ପବ୍ଲିକ ସ୍କୁଲର ସ୍ୱୀକୃତି ମହାପାତ୍ର ପ୍ରଥମ, ବ୍ଲେସ୍‌ଡେ ସାକ୍ରାମେଣ୍ଟ ଉଚ୍ଚ ବିଦ୍ୟାଳୟର ଚେତନା ମହାପାତ୍ର ଦ୍ୱିତୀୟ, ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଲକ୍ଷ୍ମୀପ୍ରିୟା ଦାସ ତୃତୀୟ ସ୍ଥାନ ହାସଲ କରିଥିଲେ। ଅଷ୍ଟମରୁ ଦଶମ ଶ୍ରେଣୀ ପ୍ରତିଯୋଗିତାରେ ବ୍ଲେସ୍‌ଡେ ସାକ୍ରାମେଣ୍ଟ ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ପ୍ରିୟଦର୍ଶିନୀ ମିଶ୍ର ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୱେଷା ପଟ୍ଟନାୟକ ଦ୍ୱିତୀୟ ଏବଂ ଉଦୀପ୍ତା ଉପାସନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ଜ୍ୟୋତ୍ସ୍ନାରାଣୀ ମହାନ୍ତି ପ୍ରଥମ, ରଞ୍ଜୁ ବେହେରା ଦ୍ୱିତୀୟ ଏବଂ ସ୍ୱର୍ଣ୍ଣପ୍ରଭା ମିଶ୍ର ତୃତୀୟ ସ୍ଥାନରେ ରହିଥିଲେ।

## 'ଶିକ୍ଷା ଭଳି ବୃକ୍ଷ ମଧ୍ୟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଜରୁରୀ'

ଗୋପ, ୯।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଭବିଷ୍ୟତ ପାଇଁ ଶିକ୍ଷାକୁ ଯେପରି ତମେମାନେ ଗୁରୁତ୍ୱ ଦେଉଛ, ସେହିପରି ଚାରା ରୋପଣ ପ୍ରତି ମଧ୍ୟ ଗୁରୁତ୍ୱ ଦିଅ। କାହିଁକି ନା ଆଜିର ସମୟରେ ଚାରା ରୋପଣ ହିଁ ଆମମାନଙ୍କ ଲାଗି ଜରୁରୀ ବୋଲି ୭୪ତମ ବନ ଉତ୍ସବ ପାଳନ ଅବସରରେ ଗୋପ ବ୍ଲକ ଅନ୍ତର୍ଗତ ଭଇରିପୁରସ୍ଥିତ ରାଧାବଲ୍ଲଭ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ରେଡ୍‌କ୍ରସ ଓ ଜାତୀୟ ସେବା ଶିବିରର ଶତାଧିକ ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷ ସହିତ ନଡ଼ିଆ, ଆମ୍ବ, ଜାମୁକୋଳି, ନିମ୍ବ, ଶାହାଡ଼ା, କରଞ୍ଜ, ରାଧାଚୂଡ଼ା, କୃଷ୍ଣଚୂଡ଼ା ସହିତ ଅନ୍ୟାନ୍ୟ ଫୁଲ ଫଳ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପକ ବିରାଟ କିଶୋର ନାୟକ, ଗଣେଶ ଜେନା, ଅଜୟ ସାହୁ, ଶିବାନୀ ବାରିକ, ବାସନ୍ତୀ ଦାସ, କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟଜିତ ନାୟକ, ଜାତୀୟ ସେବା ଶିବିରର କାର୍ଯ୍ୟକ୍ରମ ଅଧିକାରୀ ସମୟ ନାୟକ ପ୍ରମୁଖ ଯୋଗଦେଇ ଚାରା ରୋପଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀମାନଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିଲେ।

## ଟ୍ରାଫିକ ସମସ୍ୟା, ହେଲମେଟ୍ ଚେକିଂକୁ ଗୁରୁତ୍ୱ


ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ ଅନ୍ୟମାନେ ।

**ଆମ ପୋଲିସ ସମିତି ବୈଠକ**

କାକଟପୁର,୯।୭(ଶୁଭଦର୍ଶନ ମିଶ୍ର)

କାକଟପୁର ଥାନା ପରିସରରେ ଆମ ପୋଲିସ ସମିତିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଟ୍ରାଫିକ ସମସ୍ୟା, ସନ୍ଧ୍ୟାରେ କଡ଼ାକଡ଼ି ପାଟ୍ରୋଲିଂ, ହେଲ୍‌ମେଟ ଚେକିଂକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ରାସ୍ତାରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ବରିଷ୍ଠ ନାଗରିକ ଚିହ୍ନଟ ସହ ଫର୍ମ ଆବେଦନ ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟତମ ଅତିଥି ଭାବେ ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ମିଶ୍ର, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପୂର୍ବତନ ପୁରୀ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ, କାକଟପୁର ପ୍ରେସ୍‌କ୍ଲବ ସଭାପତି କମଳଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଶାନ୍ତ ଜେନା, ଭାଗୀରଥୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ପ୍ରଭାସ ପୃଷ୍ଟି, ଥାନା ଏଏସ୍‌ଆଇ ପ୍ରମୋଦ ସେଠୀ, ରବୀନ୍ଦ୍ର ନାୟକଙ୍କ ସମେତ କାକଟପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଏବଂ ବ୍ୟବସାୟୀ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

## ଚାରିଛକ ପ୍ରେସ୍‌କ୍ଲବର ଶପଥ ଗ୍ରହଣ ଉତ୍ସବ

ନିମାପଡ଼ା,୯।୭(ବିଚିତ୍ରାନନ୍ଦ ସାହୁ)

ଚାରିଛକ ପ୍ରେସ୍‌କ୍ଲବ ପକ୍ଷରୁ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଚାରିଛକ ବଜାରସ୍ଥିତ ଏକାନ୍ତ ଆଶ୍ରମଠାରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ପ୍ରେସ୍‌କ୍ଲବ ଉପଦେଷ୍ଟା ତଥା ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଦଳେଇ, ବିଶିଷ୍ଟ କୃଷକ ନେତା ସନାତନ ପାତ୍ର, ତୁଳସୀପୁର ସରପଞ୍ଚଙ୍କ ପ୍ରତିନିଧି ଯୁବନେତା ଅରକ୍ଷିତ ଭୋଇ, ସାମାଜିକ କର୍ମୀ ନିରଞ୍ଜନ ମିଶ୍ର, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବିଚିତ୍ରାନନ୍ଦ ସାହୁ, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ପ୍ରେସ୍‌କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ କ୍ଲବର ବିଭିନ୍ନ ସେବା, ତ୍ୟାଗପୂତ ବିକାଶମୂଳକ କାର୍ଯ୍ୟକୁ ଭୂରିଭୂରି ପ୍ରଶଂସା କରିଥିଲେ। ଏହି ସମାରୋହରେ କ୍ଲବର ନବନିର୍ବାଚିତ ସଭାପତି ଶିଶିର ସ୍ୱାଇଁ, ସମ୍ପାଦକ କେଦାରନାଥ ସାହୁ, ସହସମ୍ପାଦକ ସନ୍ତୋଷ ଦାସ ପ୍ରମୁଖ କ୍ଲବର ସମୃଦ୍ଧି, ବିକାଶ, ନିଷ୍ଠାପର କାର୍ଯ୍ୟ କରିବାକୁ ନବନିର୍ବାଚିତ କର୍ମକର୍ତ୍ତା ଉତ୍ସବରେ ଶପଥ ନେଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ପ୍ରେସକ୍ଲବର ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ନବନିର୍ବାଚିତ କର୍ମକର୍ତ୍ତା ଓ ପ୍ରେସ୍‌କ୍ଲବର ସଦସ୍ୟବୃନ୍ଦ।

## ଦୟାନଦୀ, ଚିଲିକା ବଞ୍ଚାଅ ନେଇ ଦାବି ଉଠାଇଲେ ଚାଷୀ

କଣାସ,୯।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବିନ୍ଧଣ ଗ୍ରାମ୍ୟ ମଣ୍ଡପଠାରେ ଦୟାନଦୀ ଓ ଚିଲିକା ବଞ୍ଚାଅ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଦର୍ଶନ ବରାଳ ସଭାପତିତ୍ୱ କରିଥିଲେ। ଚନ୍ଦକାଠାରୁ ସୃଷ୍ଟି ହୋଇଥିବା ଗଙ୍ଗବତୀ ନଦୀ କଣ୍ଟିଠାରେ ଦୟାନଦୀରେ ମିଶି ଗଗୁଆ ନାଳରେ ପରିଣତ ହୋଇଛି। ଭୁବନେଶ୍ୱର ମହାନଗର ନିଗମର ସମସ୍ତ କଠିନ ବର୍ଜ୍ୟବସ୍ତୁ ସେହି ଗଗୁଆ ନାଳ ଦେଇ ଦୟାନଦୀରେ ମିଶୁଛି। କିନ୍ତୁ ପ୍ରଶାସନ ଭୁବନେଶ୍ୱରକୁ ରାଜଧାନୀ କରିବା ସମୟରେ ଡ୍ରେନେଜ୍ ବ୍ୟବସ୍ଥା କରି ନ ଥିବାରୁ କଣ୍ଟିରୁ ଆସୁଥିବା ବିଷାକ୍ତ ଜଳରେ ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ଦୟାନଦୀ ପଠାରେ ପୂର୍ବରୁ ଅନେକ ପରିବା ଚାଷ ହେଉଥିବାବେଳେ ବିଷାକ୍ତ ପାଣି ଯୋଗୁ ସେହି ଚାଷ ଏବେ ବନ୍ଦ ହୋଇଗଲାଣି। ନଦୀର ଜଳଚଳ ଜୀବ ସବୁ ମରି ପାଣିରେ ଭାସୁଛନ୍ତି। ନଦୀକୂଳିଆ ଗ୍ରାମବାସୀ ଦଣ୍ଡିସ୍, ବୃକକ୍ ରୋଗରେ ପୀଡ଼ିତ ହେଉଛନ୍ତି। ଉକ୍ତ ପାଣି ମଧ୍ୟ ଚିଲିକାରେ ମିଶୁଥିବାରୁ ଚିଲିକାର ଜୈବବିବିଧତା ଧ୍ୱଂସ ପାଇଗଲାଣି। ମତ୍ସ୍ୟଜୀବୀ ତାଙ୍କ ଜୀବିକା ହରାଇ ଦାଦନ ଖଟିବାକୁ ଯାଉଛନ୍ତି। ଦୟାନଦୀକୁ ଚିରସ୍ରୋତା, ପ୍ରଦୂଷଣମୁକ୍ତ, ଅବରୋଧମୁକ୍ତ, ପୋତି ହୋଇପଡିଥିବା ନଦୀଶଯ୍ୟା ଖନନ, ନଦୀନାଳ ଖନନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତିକୁ ରୋକିବା ଆଦି ସମସ୍ୟା କ୍ଷେତ୍ରରେ ଉପସ୍ଥିତ ବକ୍ତା ସେମାନଙ୍କ ମତ ରଖିଥିଲେ। ଦୟା, ଲୁଣା, ଭାର୍ଗବୀ ନଦୀର ମିଳନସ୍ଥଳ ବଡ଼ଗୋଷ୍ଠଠାରୁ କଣ୍ଟି ପର୍ଯ୍ୟନ୍ତ ହଜାର ହଜାର କ୍ଷତିଗ୍ରସ୍ତ ଲୋକେ ପଦଯାତ୍ରା କରିବେ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା। ଏହାପରେ ଦୟା, ମକରା, ଲୁଣା, ରାଜୁଆ ନଦୀର ଉଭୟ ପାର୍ଶ୍ୱ ଗ୍ରାମଗୁଡ଼ିକରେ ସଚେତନତା ସଭା କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ଅଖିଳ ଭାରତ କୃଷକ ମହାସଭା ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ, ମତ୍ସ୍ୟଜୀବୀ ମହାସଂଘ ନେତା ବିରଞ୍ଚି ବେହେରା, ରଙ୍କନିଧି ବେହେରା, ଅନାମ ବେହେରା, ପଦ୍ମନାଭ ବେହେରା, କୃଷକନେତା କିଷାନ ପଟ୍ଟନାୟକ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲେ।


ବୈଠକରେ ଯୋଗ ଦେଇଥିବା ଚାଷୀ, ସାମାଜିକ କର୍ମୀ ଏବଂ ମତ୍ସ୍ୟଜୀବୀ ସଂଘର ନେତା ।

# ପାଇକ ସ୍ମାରକୀକୁ ନେଇ ଶ୍ରେୟ ରାଜନୀତି

**ଖୋର୍ଦ୍ଧା ଅଫିସ,୯।୭**

- କେନ୍ଦ୍ରର ସହଯୋଗ ସତ୍ତ୍ୱେ ରାଜ୍ୟ ନୀରବ : ଧର୍ମେନ୍ଦ୍ର
- କେନ୍ଦ୍ର ବିରୋଧରେ ଷଡ଼ଯନ୍ତ୍ର କରାଯାଉଛି: ଭାଜପା
- ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ମିଳୁ: ବିଜେଡି
- ଆନ୍ତରିକତା, ସମନ୍ୱୟ ଅଭାବ ଦାୟୀ : କଂଗ୍ରେସ


ପାଇକ ସ୍ମାରକୀ ସ୍ଥାପନ ପାଇଁ ପ୍ରସ୍ତାବିତ ସ୍ଥାନ।

ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା। ଏ ଜାତିର ଗର୍ବ ଓ ଗୌରବ। ଏହି ବିଦ୍ରୋହକୁ ପ୍ରଥମ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ମାନ୍ୟତା ପାଇଁ ଦାବି ହୋଇଆସୁଛି। ଦେଶକୁ ଇଂରେଜଙ୍କ କବଳରୁ ମୁକ୍ତ ପାଇଁ ପାଇକ ବୀରଙ୍କ ବୀରତ୍ୱର ଗାଥା ବହନ କରୁଛି ପାଇକ ବିଦ୍ରୋହ। ଏହି ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ନିଷ୍ପତ୍ତି ହୋଇଥିଲା। ପରେ ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ତେବେ ଇତିମଧ୍ୟରେ ୩ବର୍ଷ ବିତିଯାଇଥିଲେ ମଧ୍ୟ ସ୍ମାରକୀ ନିର୍ମାଣ କାମ ଆଗେଇନାହିଁ। କେବଳ ଭୂମି ପୂଜନ ଓ ନିଅଁ ଖନନରେ କାମ ଅଟକିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଏବେ ରାଜନୀତି ଆରମ୍ଭ ହୋଇଯାଇଛି। ଶ୍ରେୟ ପାଇଁ ବିଜେଡି ଓ ଭାଜପା ମଧ୍ୟରେ ଛକାପଞ୍ଝା ଚାଲିଛି। କିଛି ପାଇକ ସଙ୍ଗଠନ, ସାମାଜିକ ଅନୁଷ୍ଠାନ, ଗବେଷକ, ବୁଦ୍ଧିଜୀବୀ ମଧ୍ୟ ଶ୍ରେୟ ନେବାକୁ ଲାଗିପଡ଼ିଛନ୍ତି।

ଗୋଟିଏପଟେ କେନ୍ଦ୍ରର ସମସ୍ତ ସହଯୋଗ ସତ୍ତ୍ୱେ ରାଜ୍ୟ ସରକାର ଜାଣିଶୁଣି ସ୍ମାରକୀ ନିର୍ମାଣରେ ବିଳମ୍ବ କରୁଥିବା କହି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରୋକ୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ବିଳମ୍ବ ପ୍ରସଙ୍ଗକୁ ଏଡ଼ାଇଯାଇ ଶାସକ ଦଳ ବିଜେଡି ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଉଠାଇ ଗୋଳିଆ ପାଣିରୁ ଫାଇଦା ନେବାକୁ ଚେଷ୍ଟା କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଶ୍ରେୟ ରାଜନୀତି ଯୋଗୁ ସ୍ମାରକୀ ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଛି ବୋଲି କଂଗ୍ରେସ କହିଛି। କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଗତ ଶୁକ୍ରବାର ପାଇକ ସ୍ମାରକୀ ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ନିର୍ମାଣ କାର୍ଯ୍ୟରେ ବିଳମ୍ବ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ସମସ୍ତ ସହଯୋଗ କରିବାକୁ ପ୍ରସ୍ତୁତ ଥିବାବେଳେ ରାଜ୍ୟ ସରକାର ଏ ଦିଗରେ ଆଗେଇ ଆସିବା ଦରକାର ବୋଲି ସେ ଗଣମାଧ୍ୟମକୁ କହିଥିଲେ। କେନ୍ଦ୍ର ପକ୍ଷରୁ ସମସ୍ତ ସହଯୋଗ ସତ୍ତ୍ୱେ ରାଜ୍ୟ ସରକାର ଜାଗା ନ ଦେଲେ ସ୍ମାରକୀ ନିର୍ମାଣ କାର୍ଯ୍ୟ କିପରି ଆରମ୍ଭ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ୨୦୧୭ରୁ ୨୦୨୩ ପର୍ଯ୍ୟନ୍ତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଧାରାବାହିକ ଭାବେ ଚିଠି ଲେଖିବାଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ସଚିବ ସ୍ତରରେ ଆଲୋଚନା କରାଯାଇଛି। ତଥାପି ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ନେଇ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି। ପ୍ରସ୍ତାବିତ ସ୍ଥଳରୁ ଗଛ ଓ ବିଦ୍ୟୁତ ଖୁଣ୍ଟ ହଟାଇବା ପାଇଁ ଅନେକ ବୈଠକ ବସିଛି। ରାଜ୍ୟର ସମସ୍ତ ଅନୁରୋଧକୁ କେନ୍ଦ୍ର ସରକାର ଗ୍ରହଣ କରିସାରିଛନ୍ତି। ତଥାପି ବିଳମ୍ବ କାହିଁକି ହେଉଛି ବୋଲି ପ୍ରଧାନ ପ୍ରଶ୍ନ କରିଛନ୍ତି। ସେହିପରି ବ୍ରହ୍ମଗିରି ଭାଜପା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସ୍ମାରକୀ ନିର୍ମାଣରେ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଏ ନେଇ ସରକାରଙ୍କ ଆନ୍ତରିକତା ଅଭାବ ରହିଛି। ଜାତୀୟ ସ୍ତରରେ ପାଇକ ବିଦ୍ରୋହକୁ ସ୍ୱୀକୃତି ମିଳିସାରିଛି। କେନ୍ଦ୍ରର ସମସ୍ତ ସହଯୋଗ ସତ୍ତ୍ୱେ ଜାଣିଶୁଣି ନିର୍ମାଣରେ ବିଳମ୍ବ କରାଯାଉଛି। କେନ୍ଦ୍ର ବିରୋଧରେ ଏକପ୍ରକାର ଷଡ଼ଯନ୍ତ୍ର ଚାଲିଛି। ଉପର ଲିଖିତ ପ୍ରଶ୍ନର ଜବାବ ରଖିଛି ବିଜେଡି। ଶନିବାର ଭୁବନେଶ୍ୱର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ ଏବଂ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କହିଥିଲେ, ୧୮୧୭ର ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରାଯାଉ। ୧୮୫୭ ସିପାହି ବିଦ୍ରୋହର ୪୦ବର୍ଷ ପୂର୍ବରୁ ଘଟିଥିଲା ପାଇକ ବିଦ୍ରୋହ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୨୦୧୭ ଜୁଲାଇ ୧୮ରେ ଓଡ଼ିଶା କ୍ୟାବିନେଟରେ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ଭାବେ ଘୋଷଣା କରିବାକୁ ଏହି ସଂକଳ୍ପ ପାରିତ କରାଯାଇଥିଲା। ସେହି ବର୍ଷ ଜୁଲାଇ ୧୯ରେ ମୁଖ୍ୟମନ୍ତ୍ରୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଥିଲେ। ୨୦୧୭ ଜୁଲାଇ ୨୦ରେ ନୂଆଦିଲ୍ଲୀଠାରେ ପାଇକ ବିଦ୍ରୋହ ଶତାବ୍ଦୀ ସମାରୋହ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହୋଇଥିଲା। ୨୦୨୧ ଡିସେମ୍ବର ୬ରେ ବିଜେଡି ଏମ୍‌ପିଙ୍କ ଏକ ପ୍ରତିନିଧି ଦଳ ଏନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଥିଲେ। ତେବେ ଭାଜପାର ୮ ଏମ୍‌ପି, ୨ ଓଡ଼ିଆ କେନ୍ଦ୍ରମନ୍ତ୍ରୀ ନୀରବ ରହିଛନ୍ତି ବୋଲି ସେମାନେ ଗଣମାଧ୍ୟମକୁ କହିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ନେତା ତଥା ପିସିସି ସଭ୍ୟ ଶିଶିର ପରିଡ଼ା କହିଛନ୍ତି, ଏ ନେଇ ଉଭୟ ଭାଜପା ଏବଂ ବିଜେଡିର ଆନ୍ତରିକତା ଓ ସମନ୍ୱୟର ଅଭାବ ରହିଛି। ଶ୍ରେୟ ରାଜନୀତି ପାଇଁ ସ୍ମାରକୀ ନିର୍ମାଣରେ ବିଳମ୍ବ ଘଟୁଛି। ଶିଳାନ୍ୟାସକୁ ୩ବର୍ଷ ବିତିଲାଣି ହେଲେ ଇଟା ଖଣ୍ଡେ ପଡ଼ିପାରିଲାନି। ନିଜ ପତିଆରା ଜାହିର ପାଇଁ ଜନତାଙ୍କୁ ଭୁଆଁ ବୁଲାଉଛନ୍ତି। ଆଗାମୀ ଦିନରେ ଜନତା ଏହାର ଉଚିତ ଜବାବ ଦେବେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲର ଦଶମ ଏବଂ ଦ୍ୱାଦଶର ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୪ଟା ୩୦।
- କଳାଶ୍ରମ ପକ୍ଷରୁ ୧୮ତମ ଗୁରୁ ଦକ୍ଷିଣା ୨୦୨୩, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୭୫ତମ ଗୁରୁ ଗଙ୍ଗାଧର ପ୍ରଧାନ ଜୟନ୍ତୀ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୭ଟା।

## ନୀତିନବାକ୍ଷରୀ ପୁସ୍ତକ ଲୋକାର୍ପଣ

**ବାରଙ୍ଗ,୯।୭(ଲିଙ୍ଗରାଜ ରାଉତ):** ସ୍ଥାନୀୟ କନକଦୁର୍ଗା ମନ୍ଦିରରେ ପଞ୍ଚୁପାଳ ଗ୍ରାମର ଗାୟକ ସରସିଜ ଗୁରୁଚରଣ ଷଡଙ୍ଗୀଙ୍କ ପ୍ରଥମ ତଥା ଉପାଦେୟ ନୀତିବାଣୀ ସଂକଳନ ନୀତିନବାକ୍ଷରୀ ପୁସ୍ତକ ରବିବାର ଲୋକାର୍ପଣ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ତ୍ରିଭୁବନ ଷଡଙ୍ଗୀ, ଶିଳ୍ପୋଦ୍ୟୋଗୀ ଡ.ଅର୍ଜୁନ ମହାରଣା, ଦାଦାପାଟଣା ସରପଞ୍ଚ ଦିଲୀପ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷାବିତ୍, ପାଲା ଗାୟକ, ପାଲା କଳାକାର ଓ ଭଗବାନପ୍ରେମୀ ଯୋଗଦେଇଥିଲେ। ଏହି ଅବସରରେ ସମାଜର ମଙ୍ଗଳ କାମରେ ନିଜକୁ ସମର୍ପଣ କରିଥିବା କିଛି ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

## ପ୍ରତି ରବିବାର ବାରଙ୍ଗର ବିଭିନ୍ନ ଗାଁରେ ଲାଗିବ ଗଛ

**ବାରଙ୍ଗ,୯।୭(ଲିଙ୍ଗରାଜ ରାଉତ):** ବାରଙ୍ଗର ପ୍ରତି ଗାଁରେ ଥିବା ସରକାରୀ ଜାଗାରେ ଲାଗିବ ଗଛ। ସ୍ଥାନୀୟ ଯୁବକ ଫୁଲ ଓ ଫଳ ପ୍ରଦାନକାରୀ ଗଛ ଲଗାଇବେ। ଉତ୍କଳମଣି ସେବା ସଙ୍ଗଠନ ଓ ମଧୁପୁର ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନ ପ୍ରତି ରବିବାର ସକାଳେ ଏଭଳି କାର୍ଯ୍ୟକ୍ରମକୁ ହାତକୁ ନେବାକୁ ଯାଉଛି। ଧବଳେଶ୍ୱର ସାରସ୍ୱତ ଆଶ୍ରମରେ ବାରଙ୍ଗ ଉତ୍କଳମଣି ସେବାସଙ୍ଗଠନ ଓ ମଧୁପୁର ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନର ମିଳିତ ଉଦ୍ୟମରେ ପ୍ରକୃତିର ସୁରକ୍ଷା ନିମନ୍ତେ ଏକ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମର ସନ୍ଥ ବାବା ମାନସ ଦାସ, ଅନ୍ତର୍ଜାତୀୟ ଚାରଣଗୋଷ୍ଠୀର ବାରଙ୍ଗ ସଙ୍ଗଠକ ପ୍ରକାଶ ପାଣି, ସୀତାକାନ୍ତ ରାମଲୀଳା ସମିତି ସଭାପତି ଭାସ୍କରଚନ୍ଦ୍ର ପ୍ରଧାନ, ସମର୍ପଣ ପରିବାରର ସମ୍ପାଦକ ତୀର୍ଥବାସୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଙ୍ଗଠନର ଯୁବକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉପକାରୀ ଫୁଲ ଫଳ ଚାରାରୋପଣ କରାଯାଇଥିଲା। ବାରଙ୍ଗର ପ୍ରତି ଗାଁର ଯୁବକଙ୍କୁ ଏଥିରେ ସାମିଲ କରାଯାଇ ଚାରାରୋପଣ ମାଧ୍ୟମରେ ପ୍ରକୃତି ମା'ର ସେବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେବାକୁ ସଙ୍ଗଠନ ନିଷ୍ପତ୍ତି ନେଇଛି।

# ରତ୍ନଭଣ୍ଡାର ଖୋଲାଯାଉ: ବିଶ୍ୱଭୂଷଣ

**ପୁରୀ, ୯।୭(ଅଜିତ୍ ମହାନ୍ତି)**

**ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଛତିଶଗଡ଼ ରାଜ୍ୟପାଳ**



ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ରବିବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ରାଜ୍ୟପାଳ ହରିଚନ୍ଦନ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ। ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇବା ପରେ ପ୍ରସ୍ଥାନ କରିଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ହରିଚନ୍ଦନ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା ନେଇ କୌଣସି ପ୍ରତିବନ୍ଧକ ନାହିଁ। ସରକାର ଅନୁମତି ଦେଲେ ରତ୍ନଭଣ୍ଡାର ଖୋଲାଯାଇପାରିବ ବୋଲି ଆଇନରେ ଉଲ୍ଲେଖ ରହିଛି। ପ୍ରତି ୩ ବର୍ଷରେ ଥରେ ରତ୍ନଭଣ୍ଡାର ଖୋଲାଯାଇ ଗଣତିମଣତି ହେବା କଥା। ୧୯୭୮ରେ ଶେଷଥର ରତ୍ନଭଣ୍ଡାର ଖୋଲାଯାଇଥିଲା। ତେବେ ସେ ଆଇନମନ୍ତ୍ରୀ ଥିବାବେଳେ ରତ୍ନଭଣ୍ଡାର ଖୋଲାଯାଇପାରିଥାନ୍ତା। ମାତ୍ର ସେତେବେଳେ କୌଣସି ଆପତ୍ତି, ଅଭିଯୋଗ ହୋଇ ନ ଥିଲା କି ଶ୍ରୀମନ୍ଦିର ପ୍ରଶାସନ ରତ୍ନଭଣ୍ଡାର ଖୋଲିବା ପାଇଁ ପ୍ରସ୍ତାବ ଦେଇ ନ ଥିଲା। ଆଇନ ଅନୁଯାୟୀ ସରକାର ରତ୍ନଭଣ୍ଡାର ଖୋଲିବା କଥା। ସେ ଏବେ ପଦମର୍ଯ୍ୟାଦାରେ ଅଛନ୍ତି। ତେଣୁ ରତ୍ନଭଣ୍ଡାର ନେଇ ଅତୀତରେ ଦେଖାଦେଇଥିବା ବିବାଦ ଉପରେ କହିବା ଠିକ୍ ନୁହେଁ। କିନ୍ତୁ ରତ୍ନଭଣ୍ଡାର ନ ଖୋଲାଯିବାରେ କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

## ବିଭୂତି ପଟ୍ଟନାୟକ ଓ କୃଷ୍ଣଚନ୍ଦ୍ର ପାତ୍ର ପାଇବେ 'ପ୍ରଦୀପ୍ତ କିଶୋର ଦାସ ଜନ୍ମ ଶତବାର୍ଷିକୀ ସମ୍ମାନ'

**ଭୁବନେଶ୍ୱର,୯।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ସମାଜବାଦୀ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କିଶୋର ଦାସଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ମଙ୍ଗଳବାର ଗୀତଗୋବିନ୍ଦ ସଦନ କକ୍ଷରେ ଅନୁଷ୍ଠିତ ହେବ। ଏହି ମହୋତ୍ସବକୁ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିବେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଡ. ବିଭୂତି ପଟ୍ଟନାୟକ ଓ ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ରଙ୍କୁ 'ପ୍ରଦୀପ୍ତ କିଶୋର ଦାସ ଜନ୍ମ ଶତବାର୍ଷିକ ସମ୍ମାନ' ପ୍ରଦାନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ରିସର୍ଚ୍ଚ ଚେୟାରର ପ୍ରଫେସର୍ ଡ. ବିଜୟାନନ୍ଦ ସିଂହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ସଭାପତି ଡ. କାର୍ତ୍ତିକ ଚନ୍ଦ୍ର ବରାଳ ଓ ସମ୍ପାଦକ ସେକ ମସୁଦ ଅଲ୍ଲୀ ଜଣାଇଛନ୍ତି।

# ଯୁକ୍ତ ୨ ପିଲାଙ୍କ ପାଇଁ ଲାଗୁହେବ ଡିଜିଟାଲ ଆଟେଣ୍ଡାନ୍ସ ବ୍ୟବସ୍ଥା

**ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ସମସ୍ତ ସ୍କୁଲ ଓ କଲେଜ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଲାଗି ପ୍ରକ୍ରିୟା ଜାରି ରହିଛି। ୨୦୧୯ ଶିକ୍ଷାବର୍ଷର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଲାଗି ବିଭାଗ ପକ୍ଷରୁ ସରକାରୀ ସ୍କୁଲଗୁଡ଼ିକରେ ଡିଜିଟାଲ-ଆଟେଣ୍ଡାନ୍ସ ଭଳି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଥିବାବେଳେ ଚଳିତ ଶିକ୍ଷାବର୍ଷରୁ ଏହା ଯୁକ୍ତ ୨ ପାଇଁ ଲାଗୁ କରାଯିବ। ଏହାଦ୍ୱାରା ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଉପସ୍ଥାନ ରିପୋର୍ଟ ବିଭାଗ ପାଖରେ ରହିବ। ଏହାବ୍ୟତୀତ ଛାତ୍ରୀଛାତ୍ରମାନେ ଦୈନିକ କେତୋଟି କ୍ଲାସ୍‌ରେ ଉପସ୍ଥିତ ରହୁଛନ୍ତି ତାହାର ରିପୋର୍ଟ ମଧ୍ୟ ଅଭିଭାବକଙ୍କୁ ଜଣାଇ ଦିଆଯିବ। ପ୍ରତ୍ୟେକ କ୍ଲାସ ଶେଷ ହେବା ପରେ ଦୈନିକ ବିଭାଗର ପୋର୍ଟାଲରେ ଉପସ୍ଥାନ ରିପୋର୍ଟ ଅପ୍‌ଲୋଡ୍ କରାଯିବ, ଯେଉଁଥିରେ ସମ୍ପୃକ୍ତ କଲେଜର ଅଧ୍ୟକ୍ଷଙ୍କ ଦସ୍ତଖତ ରହିବ। ଏହାପରେ ଅପରାହ୍ନ ୪ଟା ସୁଦ୍ଧା ଅଭିଭାବକଙ୍କ ମୋବାଇଲ୍‌ରେ ପିଲାଙ୍କ ଉପସ୍ଥାନ ରିପୋର୍ଟ ପଠାଯିବ। ପୂର୍ବରୁ ଜୁନିୟର କଲେଜଗୁଡ଼ିକରେ ପ୍ରତ୍ୟେକ କ୍ଲାସ୍‌ରେ ଆଟେଣ୍ଡାନ୍ସ ସିଟ୍‌ରେ ପିଲାଙ୍କ ଉପସ୍ଥାନ ନିଆଯାଉଥିବା ବେଳେ ଏଣିକି ଉଭୟ ଆଟେଣ୍ଡାନ୍ସ ସିଟ୍ ବ୍ୟତୀତ ମୋବାଇଲରେ ମଧ୍ୟ ପିଲାଙ୍କ ଉପସ୍ଥାନ ଦିଆଯିବ। ପୂର୍ବରୁ ବର୍ଷ ଶେଷକୁ ଉପସ୍ଥାନ ଯାଞ୍ଚ ହେଉଥିବାବେଳେ ଏଣିକି ମାସିକିଆ ଉପସ୍ଥାନ ଅନୁଧ୍ୟାନ କରାଯିବ। ଯେଉଁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଶ୍ରେଣୀରେ ୫୯ ପ୍ରତିଶତରୁ କମ୍ ରହିବ ସେମାନେ ଅନୁପସ୍ଥିତ ରହିବାର କାରଣ ଦର୍ଶାଇବେ। ଏଥିପାଇଁ ପ୍ରତ୍ୟେକ କଲେଜରେ ସ୍ୱତନ୍ତ୍ର ସେଲ୍ କରାଯିବ, ଯେଉଁଥିରେ କଲେଜର ଜଣେ ଅଧ୍ୟାପକ କିମ୍ବା ଅଧ୍ୟାପିକାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବ। ଏପରିକି ବିଭାଗୀୟ ମନ୍ତ୍ରୀ ଓ ସଚିବ ମଧ୍ୟ ଜୁନିୟର କଲେଜ ପରିଦର୍ଶନରେ ଯିବେ। ତେବେ ଏହି ବ୍ୟବସ୍ଥା ଲାଗି କୌଣସି ଅତିରିକ୍ତ ଖର୍ଚ୍ଚ ବିଭାଗ ପକ୍ଷରୁ କରାଯିବ ନାହିଁ। ଆବଶ୍ୟକ ପଡ଼ିଲେ ସମଗ୍ର ଶିକ୍ଷା ଯୋଜନାରେ ମିଳିଥିବା ଅନୁଦାନ ରାଶିରୁ ବ୍ୟୟ କରାଯିବ। ବିଭାଗର ସୂଚନା ଅନୁଯାୟୀ, ଗତ କିଛି ବର୍ଷ ହେବ ରାଜ୍ୟରେ ଯୁକ୍ତ ୨ ପରୀକ୍ଷାରେ ଭଲ ପ୍ରଦର୍ଶନ ହେଉନାହିଁ। ଅନେକ ଛାତ୍ରୀଛାତ୍ର ଶ୍ରେଣୀରେ ଅନୁପସ୍ଥିତ ରହି ଘରୋଇ ଟ୍ୟୁଶନ ଉପରେ ନିର୍ଭର କରୁଛନ୍ତି। ଏହାବ୍ୟତୀତ ରାଜ୍ୟରେ ପ୍ରାୟ ୫୩ ପ୍ରତିଶତ ଛାତ୍ରୀଛାତ୍ର କଲେଜ ପରିସରରେ ଉପସ୍ଥିତ ରହୁଥିଲେ ମଧ୍ୟ ଶ୍ରେଣୀଗୃହକୁ ଆସୁନାହାନ୍ତି। କଲେଜରେ ପାଠପଢ଼ା ଉପରେ ଅନେକ ସମୟରେ ଅଭିଭାବକମାନେ ପ୍ରଶ୍ନ ଉଠାଇଥାନ୍ତି। ତେବେ ଡିଜିଟାଲ ଆଟେଣ୍ଡାନ୍ସ ପ୍ରଚଳନ ଫଳରେ ଶ୍ରେଣୀରେ ପିଲାଙ୍କ ଉପସ୍ଥାନ ବଢ଼ିବା ସହ ପିଲାଙ୍କ ରେଜଲ୍ଟ ମଧ୍ୟ ଭଲ ହେବ ବୋଲି ଆଶା କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜିଜ୍ଞାସା


@ ଦିଲୀପ


@ ଅମର


@ ମାନସରଞ୍ଜନ


@ ଚନ୍ଦ୍ରଶେଖର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ରବିବାର ଆୟୋଜିତ ଉତ୍ସବରେ ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପ୍ରକାଶିତ ରଶ୍ମି ମିଶ୍ରଙ୍କ ଉପନ୍ୟାସ 'ପୂର୍ଣ୍ଣାହୁତି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)


ଅଭିନେତା ତଥା ପୂର୍ବତନ ଏମ୍‌ପି ପ୍ରଶାନ୍ତ ନନ୍ଦ ରବିବାର ଅନ୍ୟମାନଙ୍କ ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)



ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଟାଟା ଟିଆଗର ୫ ଲକ୍ଷ ତମ ଯାନର ରୋଲ ଆଉଟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବରିଷ୍ଠ ଅଧିକାରୀ ମୋହନ ସଭରକର ଏବଂ ପ୍ରମୋଦ ଚୌଧୁରୀ ଟାଟା ଟିଆଗର ୫,୦୦,୦୦୦ ତମ ୟୁନିଟକୁ ଉନ୍ମୋଚନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଟାଟା ଟିଆଗର ଏକ ଲକ୍ଷ ତମ ୟୁନିଟ୍‌ର ବିକ୍ରି ମାତ୍ର ୧୫ ମାସରେ ହୋଇଥିଲା ବୋଲି ଟାଟା ମୋଟର୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ନୋକିଆର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୯।୭

ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ନୋକିଆର ନୂତନ ଉତ୍ପାଦ ତଥା ଫିଚର ଫୋନ୍ ନୋକିଆ୧୧୦ ୪ଜି ଏବଂ ନୋକିଆ୧୧୦ ୨ଜି'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଯେଉଁଥିରେ ୟୁପିଆଇର ସ୍କାନ୍ ଆଣ୍ଡ୍ ପେ' ସୁବିଧା ସାମିଲ ରହିଛି। ଏପରିକି ନୋକିଆ୧୧୦ ୪ଜିରେ ଏଚ୍‌ଡି ଭଏସ୍ କଲିଂ ସୁବିଧା ମିଳିବ, ଯାହା ଯୋଗାଯୋଗକୁ ଅତ୍ୟନ୍ତ ସ୍ପଷ୍ଟ କରିବ। ନୂଆ ନୋକିଆ୧୧୦ ୪ଜି ଓ ନୋକିଆ୧୧୦ ୨ଜିରେ ଥିବା ଗୋଟିଏ ବଟନ୍‌କୁ ଦବାଇ ସହଜରେ ୟୁପିଆଇ ପେମେଣ୍ଟ୍ ସୁବିଧା ହାସଲ କରାଯାଇପାରିବ। ଏ ସମ୍ପର୍କରେ ଏଚ୍‌ଏମ୍‌ଡି ଗ୍ଲୋବାଲ୍‌ର ଉପସଭାପତି ରବି କନ୍‌ୱର କହିଛନ୍ତି, କମ୍ପାନୀ ଗ୍ରାହକମାନଙ୍କୁ ବୈପ୍ଳବିକ ସୁବିଧା ଥିବା ଶ୍ରେଷ୍ଠ ଫୋନ୍ ଅନୁଭୂତି ପ୍ରଦାନ କରିବା ଜାରି ରଖିଥିବା ବେଳେ ନୋକିଆ୧୧୦ ୪ଜି ଓ ନୋକିଆ୧୧୦ ୨ଜି ଏହି ବର୍ଗରେ ବ୍ରାଣ୍ଡ୍‌ର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି।

# ଏଏସ୍‌ବିଏମ୍‌ର ସିଏସଆର କାର୍ଯ୍ୟକ୍ରମ




ଭୁବନେଶ୍ୱର,୯।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ ବିଶ୍ୱବିଦ୍ୟାଳୟ ପକ୍ଷରୁ ବନମହୋତ୍ସବ ପାଳିତ ହୋଇଯାଇଛି। ଏପରିକି ନିକଟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଉପରୋକ୍ତ କାର୍ଯ୍ୟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିକ୍ଷ ପ୍ରଫେସ୍‌ର (ଡ.) ବିଶ୍ୱଜିତ୍ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ଗହଣରେ ବୃକ୍ଷରୋପଣ କରିଥିଲେ। ପରେ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍ୟାନ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଉଦ୍ୟାନ କର୍ମୀମାନଙ୍କୁ ଛତା ଉପହାର ପ୍ରଦାନ କରିଥିଲେ । ପରିଶେଷରେ ଉପସ୍ଥିତ ଛାତ୍ରଛାତ୍ରୀ, ଉଦ୍ୟାନକର୍ମୀ, ଶିକ୍ଷକ-ଶିକ୍ଷୟତ୍ରୀ ଓ କର୍ମଚାରୀ ମାନଙ୍କୁ ବନୀକରଣ ଓ ବନସୁରକ୍ଷା ଉଦ୍ଦେଶ୍ୟରେ ଅଭିପ୍ରେତ ଏକ ଉଦବୋଧନ ପ୍ରଦାନ କରିଥିଲେ। ଅପରପକ୍ଷରେ ଉପ କୁଳାଧିକ୍ଷ ପ୍ରଫେସର୍ (ଡ.) କଲ୍ୟାଣ ଶଙ୍କର ରାୟ, କୁଳପତି ପ୍ରଫେସ୍‌ର (ଡ.) ରଞ୍ଜନ କୁମାର ବଳ, ଉପ କୁଳପତି ପ୍ରଫେସର (ଡ.) ଫାଲଗୁ ନିରଞ୍ଜନା, ପ୍ରମୁଖ ନିର୍ଦ୍ଦେଶକ ପ୍ରଫେସ୍‌ର (ଡ.) ସ୍ମାରକୀ ପଟ୍ଟନାୟକ, କୁଳସଚିବ ଓ ଡିନ୍ ସମୁହ ଉପସ୍ଥିତ ଥିଲେ। ସିଏସ୍‌ଆର ସଂଯୋଜକ ପ୍ରଫେସ୍‌ର ଝରାଶ୍ରୀ ପାଇକାରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବନ୍ଧନ ବ୍ୟାଙ୍କର ବିରଳ ମାଇଲଖୁଣ୍ଟ

ଭୁବନେଶ୍ୱର,୯।୭

ଗତ ୮ ବର୍ଷ ମଧ୍ୟରେ ବନ୍ଧନ ବ୍ୟାଙ୍କ ଅନେକ ସଫଳତା ହାସଲ କରିଛି। ଏପରିକି ବ୍ୟାଙ୍କର କାରବାର ଆରମ୍ଭରୁ ଆଜି ମଧ୍ୟରେ ( ୮ବର୍ଷରୁ କମ ସମୟ) ଶାଖା ସଂଖ୍ୟାରେ ୩ ଗୁଣା ବୃଦ୍ଧି ହୋଇଛି। ମାଇଲଖୁଂଟ ହାସଲ କରାଯାଇଛି। ବ୍ୟାଙ୍କର ଏବେ ମୋଟ ଉପରେ ୧୫୦୦ରୁ ଅଧିକ ଶାଖା ରହିଛି। ଅନ୍ୟ ୪୫୦୦ ବ୍ୟାଙ୍କିଙ୍ଗ ୟୁନିଟ୍‌କୁ ନେଇ ବ୍ୟାଙ୍କର ମୋଟ ବ୍ୟାଙ୍କିଙ୍ଗ ଆଉଟ୍‌ଲେଟ୍ ସଂଖ୍ୟା ଏବେ ସାରା ଦେଶରେ ୬୦୦୦ରୁ ଅଧିକ ହୋଇଛି। ୨୦୧୫ ଅଗଷ୍ଟ ୨୩ରେ ୫୦୧ ଶାଖା ସହ ବ୍ୟାଙ୍କ ଏହାର ଯାତ୍ରା ଆରମ୍ଭ କରିଥିଲା। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଚନ୍ଦ୍ରଶେଖର ଘୋଷ କହିଛନ୍ତି, ବ୍ୟାଙ୍କ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଆମ ଉପରେ ସାରା ଭାରତର କୋଣ ଅନୁକୋଣରୁ ଗ୍ରାହକମାନେ ପ୍ରକଟ କରିଥିବା ବିଶ୍ୱାସ ଓ ଭରସାର ଫଳ ସ୍ୱରୂପ ଗତ ୮ ବର୍ଷ ଭିତରେ ବ୍ୟାଙ୍କ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ସମସ୍ତଙ୍କ ପାଖରେ ବ୍ୟାଙ୍କ ସେବା ପହଞ୍ଚାଇବା ଲାଗି ଭାରତରେ ବ୍ୟାଙ୍କିଙ୍ଗ ଆଉଟ୍‌ଲେଟ୍‌କୁ ଅଧିକ ସ୍ଥାନରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ଆମର ଦ୍ରୁତ ଅଭିବୃଦ୍ଧିଶୀଳ ବ୍ୟାଙ୍କ ନେଟ୍‌ୱର୍କ ଓ ଡିଜିଟାଲ୍ ସେବା ସହିତ ଆମ ମୂଲ୍ୟବାନ ଗ୍ରାହକମାନଙ୍କ ଲାଗି ସୁବିଧା,ସୁରକ୍ଷାରେ ଆହୁରି ଉନ୍ନତି ଆଣିବା ଲାଗି ବନ୍ଧନ ବ୍ୟାଙ୍କ ପ୍ରତିବଦ୍ଧ ରହିଛି। ସମ୍ପ୍ରତି ବୁକ୍ ଓ ଭୌଗୋଳିକ ଉପସ୍ଥିତିରେ ବିବିଧତା ଆଣିବା ଯାତ୍ରାରେ ବ୍ୟାଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବ୍ୟାଙ୍କ ଏହାର ସିକ୍ୟୁରଡ୍ ଋଣ ଭାଗ ମଧ୍ୟ ବଢ଼ାଉଛି। ବ୍ୟାଙ୍କ ପକ୍ଷରୁ ଆକର୍ଷଣୀୟ ସୁଧ ହାରରେ ଗୃହ ଋଣ, ବ୍ୟକ୍ତିଗତ ଋଣ, ଗାଡ଼ି ଋଣ ଏବଂ ଦୁଇ ଚକିଆ ଋଣ ଭଳି ଖୁଚୁରା ଉତ୍ପାଦ ପ୍ରଦାନ କରାଯାଉଛି। ଗ୍ରାହକମାନଙ୍କ ସୁବିଧା ଲାଗି ବ୍ୟାଙ୍କ ପକ୍ଷରୁ ନିକଟରେ ନିଓ ପ୍ଲସ୍ ଡିଜିଟାଲ୍ ସେଭିଂ ବ୍ୟାଙ୍କ ଖାତା ନାମରେ ସମ୍ପୂର୍ଣ୍ଣ ଡିଜିଟାଲ୍ ସଂଚୟ ଖାତାର ଶୁଭାରମ୍ଭ କରାଯାଇଛି।

# ସାମଗ୍ରିକ ବିକାଶକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୯।୭ (ଅଭୟ ଦାଶ)



ଟାଟା ଷ୍ଟିଲ ମାଇନିଂ ଲିମିଟେଡ (ଟିଏସ୍‌ଏମ୍‌ଏଲ)ର କର୍ମଚାରୀମାନେ ନିକଟରେ ରିଦ୍ଧିକ ଆଭା ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଡିଭାଇନ୍ ଚାଇଲ୍‌ଡ ଇଣ୍ଟିଗ୍ରାଲ୍ ସ୍କୁଲ୍ ଫର୍ ସ୍ପେଶିଆଲ ଚିଲଡ୍ରେନ (ଭିନ୍ନକ୍ଷମ ପିଲା)ଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଏପରିକି କମ୍ପାନୀର କର୍ମଚାରୀମାନେ ଉକ୍ତ ସଂସ୍ଥାକୁ ଏକ ସିଲେଇ ମେଶିନ୍ ଓ ଶିକ୍ଷା ସାମଗ୍ରୀ ପ୍ରଦାନ କରିଛନ୍ତି, ଯାହାକି ପିଲାମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂତନ କୌଶଳ ଏବଂ ସୁଯୋଗ ସହିତ ସଶକ୍ତ କରିବ। ସେହିଭଳି ଉକ୍ତ ବିଦ୍ୟାଳୟ ସ୍ୱତନ୍ତ୍ର ଶିକ୍ଷା ସହିତ ବୃତ୍ତିଗତ, ଚେତନା ସମ୍ବନ୍ଧୀୟ ସମନ୍ୱୟ, ବକ୍ତବ୍ୟ ଅଭ୍ୟାସ ଭଳି ନିୟମିତ କାର୍ଯ୍ୟକ୍ରମ ମାଧ୍ୟମରେ ଭିନ୍ନକ୍ଷମ ପିଲାମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ଦିଗରେ କାର୍ଯ୍ୟ କରୁଛି। ବିଶେଷ କରି ଭିନ୍ନକ୍ଷମ ପିଲାମାନଙ୍କ ଜୀବନରେ ଏକ ଅର୍ଥପୂର୍ଣ୍ଣ ପାର୍ଥକ୍ୟ ଆଣିବା ଏବଂ ସେମାନଙ୍କ ସାମଗ୍ରିକ ବିକାଶରେ ଯୋଗଦାନ ଦେବା ଲାଗି ଟିଏସ୍‌ଏମ୍‌ଏଲ୍‌ର କର୍ମଚାରୀମାନେ ପିଲାମାନଙ୍କୁ ଧନ୍ଦାମୂଳକ କୌଶଳ ଶିଖିବା ପାଇଁ ସେମାନଙ୍କ ସମର୍ଥନ ପ୍ରଦାନ କରିଛନ୍ତି, ଯାହାକି ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ସହ ଜୀବିକା ନିର୍ବାହ ପାଇଁ ସୁଯୋଗ ତିଆରି କରିବ। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଆମେ ସର୍ବଦା ବିଶ୍ୱାସ କରୁ ଯେ ଯଦି ଆମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆମ ପରିବାରର ଅଂଶ ଭାବେ ଭାବିବା ତେବେ ଏହି ପୃଥିବୀ ଆହୁରି ଶ୍ରେଷ୍ଠ ହେବ। ଏପରିକି ଆମ କର୍ମଚାରୀମାନଙ୍କ ପ୍ରୟାସ ହେଉଛି, ଏହି ଦିଗରେ ଏକ ପଦକ୍ଷେପ। ଆମେ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଲୋକମାନଙ୍କ ମୁହଁରେ ହସ ଆଣିବା ପାଇଁ ଆମ ପ୍ରୟାସକୁ ଆଗାମୀ ଦିନରେ ମଧ୍ୟ ଜାରି ରଖିବୁ।

# ଟିପିସିଓଡିଏଲର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୯।୭

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଓ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବର୍ଷର ମୌସୁମୀ ବର୍ଷା ପ୍ରସ୍ତୁତି ଅଭିଯାନର ଅଂଶ ସ୍ୱରୂପ ବିଭିନ୍ନ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ମୌସୁମୀ ଋତୁରେ ଗ୍ରାହକମାନଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ କମ୍ପାନି ଲକ୍ଷ୍ୟ ରଖିଥିବା ବେଳେ ଏହାର ଗ୍ରାହକ ଓ କର୍ମଚାରୀମାନଙ୍କ ପାଇଁ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଉଛି। ସେହିଭଳି ସଚେତନ ଓ ଦାୟିତ୍ୱବାନ ଆଭିମୁଖ୍ୟ ଗ୍ରହଣ କରିବା ଲାଗି କମ୍ପାନି ପକ୍ଷରୁ ବିଦ୍ୟୁତ ଗ୍ରାହକମାନଙ୍କୁ ଆହ୍ୱାନ ଦିଆଯାଇଛି। ମୌସୁମୀ ଋତୁରେ ଦେଖା ଦେଉଥିବା ବିଦ୍ୟୁତ ଜନିତ ଦୁର୍ଘଟଣାଗୁଡ଼ିକୁ ନଜରରେ ରଖି କମ୍ପାନି ପକ୍ଷରୁ କେତେକ ସରଳ ପ୍ରତିଷେଧମୂଳକ ପଦକ୍ଷେପ ଘୋଷଣା କରାଯାଇଛି, ଯାହା ଦ୍ୱାରା ଏହି ଋତୁରେ ବିଦ୍ୟୁତ ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ପ୍ରତ୍ୟକ୍ଷ ଭାବେ ପହଚି ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ କରିବା ସହିତ ଶୀଘ୍ର ଯୋଗାଯୋଗ ପ୍ରଦାନ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଏହାର ଗ୍ରାହକ ସେବା କେନ୍ଦ୍ରରେ ଉନ୍ନତି ଅଣାଯାଇଛି ବୋଲି ଟିପିସିଓଡିଏଲ ପକ୍ଷରୁ କୁହାଯାଇଛି।

ଫୁର୍‌ସତ୍

# ବୁଲ୍ ଫାଇଟିଂ ମହୋତ୍ସବ

ମାଡ୍ରିଡ୍



ପ୍ରତିବର୍ଷ ପରି ଚଳିତବର୍ଷ ସ୍ପେନର ବିବାଦୀୟ ବୁଲ ଫାଇଟିଂ ମହୋତ୍ସବ ପାଳିତ ହୋଇଛି। ହଜାର ହଜାର ସଂଖ୍ୟାର ଲୋକ ଏଥିରେ ଭାଗ ନେଇଥିଲେ। ଏହି ଉତ୍ସବରେ ରାସ୍ତାରେ ହଜାର ହଜାର ଲୋକଙ୍କ ମଧ୍ୟରେ କିଛି ରାଗିଥିବା ଷଣ୍ଢକୁ ଛାଡ଼ିଦିଆଯାଏ। ଉତ୍ସବରେ ଅନେକଙ୍କ ମୃତ୍ୟୁ ମଧ୍ୟ ହୋଇଥାଏ। ଏହି ମହୋତ୍ସବକୁ କେତେକ ଆନିମଲ ୱେଲଫେୟାର ଗ୍ରୁପ ବିରୋଧ କରୁଛି। ଏହା ପରେ ମଧ୍ୟ ସ୍ପେନରେ ଏହି ମହୋତ୍ସବକୁ ଆୟୋଜିତ କରାଯାଇଛି। ଅନେକ ବର୍ଷ ହେବ ଏହି ମହୋତ୍ସବକୁ ଆନିମଲ ୱେଲଫେୟାର ଗ୍ରୁପ ବିରୋଧ କରିଆସୁଛି। ତାଙ୍କ କହିବା ମୁତାବକ, ପ୍ରାଣୀକୁ ରଗାଇ ଲୋକଙ୍କ ଉପରେ ତାଙ୍କ କ୍ରୋଧ ବାଢିବା ଉଚିତ ନୁହେଁ। ଏହି ଉତ୍ସବକୁ ବନ୍ଦ କରାଯାଉ ବୋଲି ଗ୍ରୁପ କହିଛି। ବିରୋଧ ସତ୍ତ୍ୱେ ମଧ୍ୟ ପ୍ରତିବର୍ଷ ଏହି ଉତ୍ସବ ଆୟୋଜିତ ହୁଏ। ଚଳିତ ମାସ ଜୁଲାଇ ୬ରେ ସ୍ପେନରେ ଏହା ଆୟୋଜିତ ହୋଇଯାଇଛି। ଏହାର କିଛି ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଯେଉଁଥିରେ ଷଣ୍ଢ ଲୋକଙ୍କୁ ଆକ୍ରମଣ କରୁଛି। ଏହି ଉତ୍ସବକୁ ୧୦୦ ବର୍ଷ ପୂର୍ବେ ଅନ୍ତର୍ଜାତୀୟ ଖ୍ୟାତି ମିଳିଥିଲା। ସେବେଠାରୁ ଏହି ମହୋତ୍ସବ ପାଳିତ ହୋଇଆସୁଛି। ଏଥିରେ ଲୋକେ ଧଳା ଏବଂ ଲାଲ୍ ରଙ୍ଗ କପଡ଼ା ପିନ୍ଧି ମୈଦାନକୁ ଓହ୍ଲାଇଥାନ୍ତି। ଏଥିରେ ଅନେକ ଥର ଷଣ୍ଢ ମଧ୍ୟ ଆହତ ହୋଇଥିବା ଦେଖିବାକୁ ମିଳିଛି। ଷଣ୍ଢଙ୍କୁ ଉତ୍ସବରେ ଏତେ ମାତ୍ରାରେ ରଗା ଯାଏ ଯେ, ଯାହା ଫଳରେ ସେ ଲୋକଙ୍କୁ ଆକ୍ରମଣ କରିବା ଆରମ୍ଭ କରିଥାଏ। ଏହାପରେ ମଧ୍ୟ ଉତ୍ସବକୁ ଲୋକେ ବହୁତ ଉପଭୋଗ କରିଥାନ୍ତି। ଏପରି ବିପଦପୂର୍ଣ୍ଣ ଉତ୍ସବକୁ ବିରୋଧ କରାଯାଉଥିଲେ ମଧ୍ୟ ଏଥିରେ ସାମିଲ ହେବାକୁ ବିଦେଶରୁ ଲୋକ ଆସିଥାନ୍ତି।

# ଟ୍ରୋଲ୍ ହେଲେ କାଜଲ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କାଜଲ୍ ଏକ ମନ୍ତବ୍ୟ ଦେଇ ଟ୍ରୋଲ ହୋଇଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ କାଜଲ କହିଛନ୍ତି, ଭାରତ ପରିବର୍ତ୍ତନର ଗତି ବହୁତ ମନ୍ଥର। ଲୋକେ ନିଜ ପରମ୍ପରାକୁ ଧରି ବସିବା ସହ ଶିକ୍ଷା ଲାଭରୁ ବଞ୍ଚିତ ହେଉଛନ୍ତି। ଏଥିସହ ଅପାଠୁଆ ନେତାଙ୍କ ଦ୍ୱାରା ଭାରତ ଶାସିତ ହେଉଥିବା ମଧ୍ୟ ସେ କହିଥିଲେ। ଯେଉଁଥିପାଇଁ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି। କାଜଲଙ୍କ ଏପରି ମନ୍ତବ୍ୟରେ ଜଣେ ୟୁଜର ମୂର୍ଖ ସ୍କୁଲ ଡ୍ରପଆଉଟ୍ ବୋଲି କହିଛନ୍ତି। ଆଉ କିଛି ୟୁଜର୍ସ ତାଙ୍କୁ ସମର୍ଥନ ମଧ୍ୟ କରିଥିବା ଦେଖିବାକୁ ମିଳିଛି। ତେବେ କାଜଲ ୧୯୯୨ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଅନେକ ଫିଲ୍ମରେ ତାଙ୍କ ଚୁଲବୁଲି ଭୂମିକାକୁ ଲୋକେ ମଧ୍ୟ ପସନ୍ଦ କରନ୍ତି। ଏହା ଭିତରେ ସେ ଦର୍ଶକଙ୍କୁ ଅନେକ ଫିଲ୍ମ ଭେଟି ଦେଇସାରିଲେଣି। ଶେଷଥର ପାଇଁ କାଜଲଙ୍କୁ 'ଲଷ୍ଟ ଷ୍ଟୋରି-୨'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି ; ଯେଉଁଥିପାଇଁ ସେ ବ୍ୟସ୍ତ ରହିଛନ୍ତି। ଏହା ବ୍ୟତୀତ ସେ ଅନେକ ଟିଭି ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।

# ସ୍ୱର୍ଗତା ସ୍ତ୍ରୀଙ୍କ ସ୍ମୃତିରେ ୧୬୦୦ କି.ମି. ଗାଡ଼ି ଚଳାଇଲେ ୮୩ ବର୍ଷୀୟ



**ଏଡିନବର୍ଗ:** କଥାରେ ଅଛି ପ୍ରେମ ଅନ୍ଧ ହୋଇଥାଏ। ଜଣେ ୮୩ ବର୍ଷୀୟ ବୃଦ୍ଧ ଏହାକୁ ପ୍ରମାଣ କରିଛନ୍ତି। ଜର୍ମାନୀର ଜଣେ ବ୍ୟକ୍ତି ତାଙ୍କ ସ୍ୱର୍ଗତ ସ୍ତ୍ରୀଙ୍କୁ ମନେପକାଇ ୧୬୦୦ କି.ମି. ରାସ୍ତା ନିଜେ ଗାଡ଼ି ଚଳାଇ ସ୍କଟଲାଣ୍ଡରେ ପହଞ୍ଚି ୨୦ ବର୍ଷର ସ୍ମୃତିକୁ ତାଜା କରିଛନ୍ତି। ବିବାହ ପରେ ହନିମୁନ ମନେଇବାକୁ ସ୍କଟଲାଣ୍ଡ ଆସିଥିବା ଯୁବକ ଜୋଲ ଏଷ୍ଟନ ଏହି ବ୍ୟକ୍ତିଙ୍କ ବାବଦରେ ଟୁଇଟ୍ କରି ଜଣାଇଛନ୍ତି। ଜୋଲ ଲେଖିଛନ୍ତି, ୪ ବର୍ଷ ପୂର୍ବେ ସ୍ତ୍ରୀଙ୍କୁ ହରାଇଥିବା ଜଣେ ୮୩ ବର୍ଷୀୟ ବୃଦ୍ଧଙ୍କୁ ସେ ଭେଟିଛନ୍ତି। ବୃଦ୍ଧ ଜଣକ ଗତ ୨ ସପ୍ତାହ ହେବ ଜର୍ମାନୀରୁ ସ୍କଟଲାଣ୍ଡ ୧୬୦୦ କି.ମି. ରାସ୍ତା ଗାଡ଼ି ଚଳାଇ ସେହି ସବୁ ଜାଗା ବୁଲୁଛନ୍ତି, ଯାହା ସେ ତାଙ୍କ ସ୍ତ୍ରୀଙ୍କ ସହ ୨୦ ବର୍ଷ ଆଗରୁ ଆସିଥିଲେ। ଜୋଲ ହନିମୁନ ପାଇଁ ଆସି ରହୁଥିବା ପାଖ ଘରେ ବୃଦ୍ଧ ଜଣକ ରହିଥିଲେ। ବୃଦ୍ଧଙ୍କ ସହ ଜୋଲ କଥା ହୋଇ ଭଲ ସ୍ମୃତି କରିଥିବା ସେ କହିଛନ୍ତି। ଜୋଲ ପରେ କେବେ ବୃଦ୍ଧଙ୍କୁ ଦେଖା ହେବା ପାଇଁ ଜର୍ମାନୀ ଯିବେ ବୋଲି କହିଛନ୍ତି। ବର୍ତ୍ତମାନ ଦୁହେଁ ମେଲ ଜରିଆରେ କଥା ହେବେ ବୋଲି ସେ କହିଛନ୍ତି।

# ପୋଷା ମୂଷାର ଅସ୍ଥି ସହ ଦମ୍ପତିଙ୍କ ବିଶ୍ୱ ଭ୍ରମଣ

**ଲଣ୍ଡନ:** ମଣିଷ ଏବଂ ପ୍ରାଣୀଙ୍କ ମଧ୍ୟରେ ଗଭୀର ବନ୍ଧୁତା ଅନେକ ସମୟରେ ଦେଖିବାକୁ ମିଳିଛି। ଯେଉଁଥିରେ ଉଭୟେ ଉଭୟଙ୍କ ପାଇଁ ବହୁତ କିଛି କରିଥାନ୍ତି। ନିକଟରେ ଜଣେ ମହିଳା ପୋଷା ମୂଷାର ଅସ୍ଥିକୁ ଦୁନିଆ ବୁଲେଇବାକୁ ବାହାରିଛନ୍ତି। ରିପୋର୍ଟ ମୁତାବକ, ବ୍ରିଟେନ୍ ବ୍ରିମିଂହମ୍‌ର ବାସିନ୍ଦା ୪୭ ବର୍ଷୀୟା ଲିସା ମୁରେ ଲାଙ୍ଗଙ୍କ ଗୋଲ୍ଡେନ ହମ୍‌ଷ୍ଟର ଏବଂ ସିରିୟାନ୍ ହମ୍‌ଷ୍ଟର ପ୍ରଜାତିର ଏକ ମୂଷା ଥିଲା, ଯାହାର ନାମ ସ୍ପୁଡ୍ ଥିଲା। ଲିସା ସ୍ପୁଡ୍‌କୁ ବହୁତ ଭଲ ପାଉଥିଲେ। ସ୍ପୁଡ୍‌କୁ ବୁଲିବା ବହୁତ ପସନ୍ଦ ଥିଲା। କିନ୍ତୁ ୨୦୨୨ ମାର୍ଚ୍ଚରେ ତା'ର ମୃତ୍ୟୁ ହୋଇଗଲା। ଲିସା ତା' ଅସ୍ଥିକୁ ଆମେରିକାର ମିୟାମିର ସମୁଦ୍ରରେ ବିସର୍ଜନ କରିବା ପାଇଁ ୧୧ ହଜାର କି.ମି. ବିମାନ ଯାତ୍ରା କରି ଆସିଥିଲେ। ଲିସା ସ୍ପୁଡ୍‌କୁ ସବୁବେଳେ ତାଙ୍କ ସହିତ ରଖିବାକୁ ଚାହୁଁଥିଲେ। ସେଥିପାଇଁ ସେ ସ୍ପୁଡ୍‌ର କିଛି ଅସ୍ଥିକୁ ଲକେଟ୍ କରି ପିନ୍ଧୁଛନ୍ତି। ତେବେ ସେ ତାଙ୍କ ପୋଷା ମୂଷା ସ୍ପୁଡ୍‌ର ଇଚ୍ଛା ପୂରଣ କରିବାକୁ ସେହି ଲକେଟ୍ ପିନ୍ଧି ବିଭିନ୍ନ ସ୍ଥାନ ବୁଲୁଛନ୍ତି। ଲିସା କହିଛନ୍ତି, ସ୍ପୁଡ୍‌କୁ ୟୁରୋପର ଲଣ୍ଡନ, ପ୍ୟାରିସ୍ ଏବଂ ଆମଷ୍ଟରଡାମ୍‌ରେ ବୁଲିବା ବେଶି ପସନ୍ଦ ଥିଲା। ହେଲେ ସେମାନେ ଏହି ସହରକୁ କେବେ ଯାଇନାହାନ୍ତି। ହେଲେ ସେ ସ୍ପୁଡ୍ ପାଇଁ ଏହି ସହରର ନକ୍ସା କାର୍ଡବୋର୍ଡରେ ତିଆରି କରିଥିଲେ, ଯେଉଁଥିରେ ସେ ସବୁବେଳେ ବୁଲୁଥିଲା। ପ୍ରଥମ ଥର ସ୍ପୁଡ୍‌ର ଅସ୍ଥି ବିମାନରେ ନେବା ପାଇଁ ସେ ଏୟାରଲାଇନ କମ୍ପାନୀକୁ ୩ ଲକ୍ଷ ଟଙ୍କା ଦେଇଥିବା ମଧ୍ୟ କହିଛନ୍ତି। ଏହି ବର୍ଷ ଲିସା ସ୍ପୁଡ୍ ପାଇଁ ତାଙ୍କ ସ୍ୱାମୀଙ୍କ ସହ ସେପ୍ଟେମ୍ବରରେ ପ୍ୟାରିସ୍, ନଭେମ୍ବରରେ ଲଣ୍ଡନ ଏବଂ ଡିସେମ୍ବରରେ ଆମଷ୍ଟରଡାମ୍ ଯିବାକୁ ଯୋଜନା କରିଥିବା କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଡିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍କୁଲ୍ସ ଚେସ୍: ନମସ୍ୟ ନଳିନୀଙ୍କୁ ଟାଇଟଲ

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କେଦାରଗୌରୀ ସେଣ୍ଟ ଜାଭିୟର ହାଇସ୍କୁଲର ନମସ୍ୟ ନଳିନୀ ଚାମ୍ପିୟନ ହୋଇଛନ୍ତି। ସେ ପୂରା ୫ ପଏଣ୍ଟ ପାଇଛନ୍ତି। କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଲଳିତ ରଞ୍ଜନ ସାହୁ ଓ କଟକ କେଭି-୧ର ଆୟୁଷ ଆର୍ଯ୍ୟନ ମହାପାତ୍ର ୪.୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟମ ସ୍ୱରୂପ ସାହୁ, ଦୀପ୍ତିରଞ୍ଜନ ସାହୁ, ସ୍ୱସ୍ତିକ ବେହେରା, ପ୍ରିୟଦର୍ଶନ ରାୟ, ସିଦ୍ଧାର୍ଥ ମଲିକ, ଅଦିମାନନ ନାୟକ ଓ ଓମ୍ କ୍ରିଷ୍ଣା ପ୍ରଧାନ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଖେଳାଳିଙ୍କୁ ପ୍ରଦର୍ଶନ ଭିତ୍ତିରେ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୪ ବର୍ଷୀୟ ଅନନ୍ୟା ମିଶ୍ର ଓ ଅନୁଶ୍ରୁତ ମିଶ୍ର (ଯାଆଁଳା) ପ୍ରତିଯୋଗିତାର ସର୍ବକନିଷ୍ଠ ଖେଳାଳି ଥିଲେ। ରାଉରକେଲାସ୍ଥିତ ହାଇ-ଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ଆଚାର୍ଯ୍ୟ, ସାମାଜିକ କର୍ମୀ ସଙ୍ଗୀତା ଷଡ଼ଙ୍ଗୀ ଓ ରାଜ୍ୟ ଗୁଇନ୍ଦା ଇନ୍‌ସ୍ପେକ୍ଟର ପ୍ରିୟଦର୍ଶିନୀ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ଉପସ୍ଥିତ ଥିଲେ।


ପୁରସ୍କାର ସହ କୃତୀ ପ୍ରତିଯୋଗୀ।

# କ୍ରୀଡ଼ାବିତ୍, କୋଚ୍ ପୁରସ୍କୃତ



ସୁସ୍ମିତା ଟିଗାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

ଓଡ଼ିଶାର ୫ କ୍ରୀଡ଼ାବିତ୍ ଓ କୋଚ୍‌ଙ୍କୁ ଅଷ୍ଟମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡା ପ୍ରତିଭା ଓ କ୍ରୀଡାଗୁରୁ ସମ୍ମାନ ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧିତ ହୋଇଥିବା କ୍ରୀଡାବିତମାନେ ହେଲେ ବାପି ଦାସ (କୁସ୍ତି), ଡି. ଭଗବାନ ରେଡ୍ଡି (କରାଟେ), ଶୁଭସ୍ମିତା ରାଉତ (ଫୁଟବଲ), ମହମ୍ମଦ ଅନସରୁଲ୍ଲ (ସଫ୍ଟ ଟେନିସ) ଓ ସୁସ୍ମିତା ଟିଗା (ଆଥଲେଟିକ୍ସ)। ସୁସ୍ମିତାଙ୍କୁ ଉଦୀୟମାନ ଆଥଲେଟ ପାଇଁ ପ୍ରଦାନ କରାଯାଉଥିବା ମୁକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। କ୍ରୀଡାଗୁରୁ ଭାବେ ରବି ସେନାପତି (କୁସ୍ତି), ସୁଷମା ନନ୍ଦ (ଭଲିବଲ), ଅମୂଲ୍ୟ ବେହେରା (ହକି), ନୀଳମଣି ଦାସ (ଆଥଲେଟିକ୍ସ) ଓ ଗଣେଶ୍ୱର ଗୋଛିକାର (ଯୋଗ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୀୟୁଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିଧୁଭୂଷଣ ନାୟକ, ନବରଞ୍ଜନ ପଟ୍ଟନାୟକ, ଡ. ବିଶ୍ୱନାଥ ପଟ୍ଟନାୟକ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ଅଲମ୍ପିଆନ ଅନୁରାଧା ବିଶ୍ୱାଳ, ଶିକ୍ଷାବିତ ଡ. ବଦ୍ରିନାଥ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟି ନବକିଶୋର ବରାଳ, କୈବଲ୍ୟ ବରାଳ ଓ ଅଜିତ କୁମାର, ଗୌରୀଶଙ୍କର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ପୁରୀର ପ୍ରଥମ କୁସ୍ତି ଗୁରୁ ଭାବେ ପରିଚିତ ମୁକୁନ୍ଦ ବରାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉଦୀୟମାନ କ୍ରୀଡାବିତ୍ ଓ କ୍ରୀଡାଗୁରୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

## ୨୧ବର୍ଷରୁ କମ୍ ତୀରନ୍ଦାଜୀ
# ପ୍ରିୟାଂଶ କମ୍ପାଉଣ୍ଡ ବିଶ୍ୱ ଚାମ୍ପିୟନ

ଲିମରିକ୍ (ଆୟର୍ଲାଣ୍ଡ), ୯।୭ (ପି.ଟି.)

ଭାରତର ପ୍ରିୟାଂଶ କମ୍ପାଉଣ୍ଡ ତୀରନ୍ଦାଜୀରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଫଳରେ ଦେଶର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ ସମେତ ୯ରେ ପହଞ୍ଚିଛି। ଚଳିତ ବିଶ୍ୱ ତୀରନ୍ଦାଜୀ ୟୁଥ୍ ଚାମ୍ପିୟନଶିପ୍‌ର ୨୧ ବର୍ଷରୁ କମ୍ ବ୍ୟକ୍ତିଗତ ଫାଇନାଲରେ ପ୍ରିୟାଂଶ ସ୍ଲୋଭେନିଆର ଅଲ୍‌ଜାଜ୍ ବ୍ରେଙ୍କଙ୍କୁ ୧୪୭-୧୪୧ରେ ହରାଇ ଦେଇଛନ୍ତି। ପୂର୍ବରୁ ଅଦିତି ସ୍ୱାମୀ ଯୁକ୍ତରାଷ୍ଟ୍ର ଆମେରିକାର ଲିନ୍ ଡ୍ରେକ୍‌ଙ୍କୁ ୧୪୨-୧୩୬ରେ ପରାସ୍ତ କରି ୧୮ବର୍ଷରୁ କମ୍ ମହିଳା ଟାଇଟଲ ଜିତିଥିଲେ। ଭାରତର ଅଭନିତ କୌର ବ୍ରୋଞ୍ଜ ପଦକ ମୁକାବିଲାରେ ଗ୍ରେଟ୍ ବ୍ରିଟେନର ହାଲେ ବୋଲ୍ଟନଙ୍କଠାରୁ ଏକ ଶୁଟ୍ ଅଫ୍‌ରେ ହାରିଯାଇଛନ୍ତି।

# ଆର୍‌ବି ଚେସ୍: ଆଦ୍ୟା ଅଭିତ ଚାମ୍ପିୟନ

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

ପୋଖରୀପୁଟସ୍ଥିତ ଆର୍‌ବି ଚେସ୍ ସେଣ୍ଟର୍ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଚେସ୍ ଚାମ୍ପିଅନଶିପ୍‌ରେ ଆଦ୍ୟା ଅଭିତ ଦାସ ଚାମ୍ପିୟନ ହୋଇଛନ୍ତି। ସତ୍ୟ ସ୍ୱରୂପ ତ୍ରିପାଠୀ ରନର୍ସଅପ୍ ଏବଂ ସାଇ ସ୍ୱାଗତ ପରିଜା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇହାନ ଚୌଧୁରୀ, କନିଥି ବେଦାନ୍ତ ସାଇ, ଅର୍ଦ୍ଧେନ୍ଦୁ ପଣ୍ଡା, ପ୍ରତୀକ୍ଷା ଦାସ, ପ୍ରୀୟାଂଶୁ ଦାଶ, ଓମ୍ ଅର୍ପଣ ନାୟକ ଏବଂ ଅଂଶୁମାନ ବେହେରା ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଉମେଶ ଚନ୍ଦ୍ର ପଣ୍ଡା, ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ପି. ବି. ସାମନ୍ତସିଂହ, ମୁଖ୍ୟ ପ୍ରଶିକ୍ଷକ ଦେବୀ ପ୍ରସାଦ ବିଶ୍ୱାଳ ଏବଂ ବୈଜ୍ଞାନିକ ପ୍ରଭାସ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ବ୍ରିଟିଶ ଗ୍ରାଁପ୍ରି ଜିତିଲେ ମାକ୍ସ ଭର୍ଷ୍ଟାପେନ୍

ସିଲ୍‌ଭରଷ୍ଟୋନ୍, ୯।୭ (ଏପି)

ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ବ୍ରିଟିଶ ଫର୍ମୁଲା ୱାନ ମୋଟର ରେସ୍ ଜିତିଛନ୍ତି। ଏହା ହେଉଛି ତାଙ୍କର କ୍ରମାଗତ ୬ଷ୍ଠ ଫର୍ମୁଲା ୱାନ ବିଜୟ। ଭର୍ଷ୍ଟାପେନ୍ ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ। ମ୍ୟାକଲରେନର ନୋରିସ କିନ୍ତୁ ପ୍ରଥମେ ଅତିକ୍ରମ କରିଯାଇଥିଲେ। ମାତ୍ର ୫ମ ଲାପ୍‌ରେ ଭର୍ଷ୍ଟାପେନ୍ ତାଙ୍କୁ ପଛରେ ପକାଇବା ସହ ଶେଷ ପର୍ଯ୍ୟନ୍ତ ଅଗ୍ରଣୀ ରହିଥିଲେ। ଦ୍ୱିତୀୟ ସ୍ଥାନ ପାଇଁ ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ବ୍ରିଟିଶ ଡ୍ରାଇଭର ଲୁଇସ୍ ହାମିଲଟନ (ମର୍ସିଡିଜ୍)ଙ୍କ ମଧ୍ୟରେ ପ୍ରତିଯୋଗିତା ରୋମାଞ୍ଚକ ଥିଲା। ଶେଷରେ ନୋରିସଙ୍କ ବିଜୟ ଘଟିଥିଲା। ଚଳିତବର୍ଷ ଏପର୍ଯ୍ୟନ୍ତ ଅନୁଷ୍ଠିତ ସମସ୍ତ ୧୦ଟି ରେସ୍‌ରେ ରେଡ୍‌ବୁଲ୍ ବିଜୟୀ ହୋଇଛି। ୨୦୨୨ ଫାଇନାଲ ରେସ୍ ସହ ଟିମ୍‌ର ଏହା ହେଉଛି କ୍ରମାଗତ ୧୧ତମ ବିଜୟ। ଏହାଦ୍ୱାରା ମ୍ୟାକଲରେନ ସହ ସମକକ୍ଷ ହୋଇପାରିଛି ରେଡ୍‌ବୁଲ୍। ୧୯୮୮ରେ ମ୍ୟାକଲରେନ କ୍ରମାଗତ ୧୧ଟି ରେସ୍ ଜିତିଥିଲା। ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ହାମିଲଟନଙ୍କ ମର୍ସିଡିଜ୍ ଟିମ୍‌ମେଟ ଜର୍ଜ ରସେଲଙ୍କ ଆଗରେ କ୍ୟାରିୟର ଶ୍ରେଷ୍ଠ ୪ର୍ଥ ସ୍ଥାନ ଅଧିକାର କରିଛି। ମ୍ୟାକ୍‌ଲରେନ ଏହାର କାର୍ ଅପ୍‌ଗ୍ରେଡ୍ କରିଛି। ସେଥିରୁ ଟିମ୍‌କୁ ଫାଇଦା ମିଳିଛି। ଭର୍ଷ୍ଟାପେନଙ୍କ ରେଡ୍‌ବୁଲ୍ ଟିମ୍‌ମେଟ୍ ସର୍ଗିଓ ପେରେଜ ୫ଟି ରେସ୍‌ରେ ୪ର୍ଥ ଥର ପୋଡିୟମ ଫିନିଶ କରିପାରି ନାହାନ୍ତି। ୧୫ତମ ଗ୍ରିଡରୁ ରେସ୍ ଆରମ୍ଭ କରି ସେ ୬ଷ୍ଠ ସ୍ଥାନରେ ରହିଥିଲେ।

# ଶୁଭ୍ରଜିତ ମହାରଣାଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

ଉଗାଣ୍ଡାର କମ୍ପାଲାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଶୁଭ୍ରଜିତ ମହାରଣା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡବଲ୍ସ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ପ୍ରଶାନ୍ତ କୁମାର ସିହ୍ନାଙ୍କୁ ସାଥୀକରି ଶୁଭ୍ରଜିତ ଟୁର୍ନାମେଣ୍ଟ ଖେଳିଥିଲେ। ଏହି ଯୋଡ଼ି କାମେରୁନ୍‌ର ଇମାନୁଏଲ ପିନୋଚେଟ ଓ ଇଟିନେ ସୋଙ୍ଗାଙ୍କୁ ୨୧-୧୫, ୧୭-୨୧, ୨୭-୨୫ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଏହି ପର୍ଯ୍ୟାୟରେ ନିଜ ଦେଶର ନବୀନ ଶିବକୁମାର ଓ ଚନ୍ଦ୍ର ପ୍ରକାଶ ଯୋଡ଼ିଙ୍କଠାରୁ ୧୧-୨୧,୪-୨୧ରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତାରେ ଶୁଭ୍ରଜିତ ଓଡ଼ିଶାରୁ ଏକ ମାତ୍ର ଖେଳାଳିଭାବେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ।

## ପାରା ଆଥ୍‌ଲେଟିକ୍ସ ବିଶ୍ୱ ଚାମ୍ପିୟନଶିପ୍
# ରକ୍ଷିଥା ୧୫୦୦ ମିଟର ଫାଇନାଲରେ

ପ୍ୟାରିସ, ୯।୭ (ପି.ଟି.)

ଦୃଷ୍ଟିବାଧିତ କର୍ଣ୍ଣାଟକ ଧାବିକା ରକ୍ଷିଥା ରାଜୁ ଏଠାରେ ଚାଲିଥିବା ପାରା ଆଥ୍‌ଲେଟିକ୍ସ ବିଶ୍ୱ ଚାମ୍ପିୟନଶିପ୍ ମହିଳା ଟି-୧୧ କାଟେଗୋରି ୧୫୦୦ମିଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୮ ପାରା ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଦ୍ୱିତୀୟ ହିଟ୍‌ରେ ୫:୨୬.୪୭ ସେକେଣ୍ଡ ଟାଇମିଂ ସହ ସୋମବାର ଫାଇନାଲକୁ କ୍ୱାଲିଫାଏ କରିଛନ୍ତି। ପ୍ରତି ହିଟ୍‌ର ପ୍ରଥମ ଦୁଇ ଏବଂ ପରବର୍ତ୍ତୀ ଦୁଇ ଦ୍ରୁତତମ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୋମବାର ୭ଜଣଙ୍କୁ ନେଇ ଫାଇନାଲ ହେବ, ସେମାନଙ୍କ ମଧ୍ୟରେ ରକ୍ଷିଥା ୫ମ ସ୍ଥାନରେ ଅଛନ୍ତି। ରକ୍ଷିଥାଙ୍କ ସହିତ କୋଚ୍ ଭାବେ ରାହୁଲ ବାଲକ୍ରିଷ୍ଣା ଯାଇଛନ୍ତି। ସୂଚନାଯୋଗ୍ୟ, ରକ୍ଷିଥା ଗୁଆଙ୍ଗଝୋ ଏସିଆନ ଗେମ୍ସ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ତାଙ୍କ କାଟେଗୋରିର ଏହି ସଫଳତା ହାସଲ କରିବାରେ ସେ ଦେଶର ପ୍ରଥମ ମହିଳା ଆଥଲେଟ।


# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886

Duplex sale at Bhubaneswar @ 57 Lakhs only. Contact: 9777433701. D-74881

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

3BHK Duplex for sale near East Engineering College Nakhara with gated society. Contact: 9437581914. D-0648


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75004

Spa Kerala Body Massage only best Therapist @699/- Bhubaneswar, 9337672475. D-0750

Newly open health benefits SPA special offer @ 799 Jaydev Vihar. 8018429809. D-75128

Newly open Spa positively health benefits with expert therapist. 9040286886. D-75127

Herbal full body massage by smart/expert therapist. Contact: 9124139069. D-75005

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open Salon /Spa with expert therapist (Health Benefits). 9090400507. D-75126

AFFIDAVIT

As per affidavit before Executive Magistrate, I, Sukanti Patra and Shakuntala Patra is one and same person. My name is in LIC Policy Bond No. 597029788 Shakuntala Patra. Henceforth I shall be known as Sukanti Patra for all purposes in future. D-0785

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

As per affidavit before Executive Magistrate, Parbati Nayak and Panchali Nayak is one and same person. My name is in LIC Policy Bond No. 588494600 Panchali Nayak. Henceforth I shall be known as Parbati Nayak for all purposes in future. D-0784

By virtue of an affidavit sworn before the Executive Magistrate, Bhadrak, Odisha, I, PRATIK KUMAR PALAI, S/o: PRADIP KUMAR PALAI declare that the actual name of my Father is Pradip Kumar Palai (AADHAAR No. xxxxxxxx1752) but in Educational Certificate (10th & 12th) my Father's name is wrongly recorded as Pradeep Kumar Palai. Both the names stand for one and same person. D-0787

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOST

ମୁଁ, ସୁନିତା ଚୌଧୁରୀ (୩୮)ବର୍ଷ, ସ୍ୱାମୀ ହରେକୃଷ୍ଣ ଚୌଧୁରୀ, ଗ୍ରାମ: ବିପୁଲିଙ୍ଗ, ଥାନା: ଛତ୍ରପୁର, ଗଞ୍ଜାମ ଲେଖି ଜଣାଇବା ଏହିକି ତାରିଖ ୦୩।୦୭।୨୦୨୩ ଦିନ ମୁଁ ଗାଡ଼ିରେ ଛତ୍ରପୁରଠାରୁ ବିପୁଲିଙ୍ଗ ଯିବା ବାଟରେ ମୁଁ ମୋର ବ୍ୟାଗ୍ ସହ ସେଥିରେ ଥିବା ବିକ୍ରୟ ଦଲିଲ ରେଜିଷ୍ଟ୍ରେସନ୍ ID No.- 571802789, ରେଜିଷ୍ଟ୍ରେସନ ଡକ୍ୟୁମେଣ୍ଟ ନଂ.- 10571802727/01.08.2018, ଏରିଆ- 0.450DC କେଉଁଠି ପଡ଼ି ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି ନିମ୍ନଲିଖିତ ଠିକଣା କିମ୍ବା ଛତ୍ରପୁର ଥାନାରେ ଜଣାଇବାକୁ ଅନୁରୋଧ। ଧ-୦୭୮୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ


୰ବାସନ୍ତୀ ଜେନା
ବଡ଼ଗଡ଼, ଭୁବନେଶ୍ୱର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
::ବିନମ୍ର ଶ୍ରଦ୍ଧାଞ୍ଜଳି ସହିତ::
ନଣନ୍ଦ: ସଂଯୁକ୍ତା ରାଉଳ, ନଣନ୍ଦେଇ: ରମେଶ, ଭାଣିଜୀ: ସୀମା ଓ ଲିମା, ଭଣଜା: ବାବୁ, ଭଣଜାବୋହୂ: ପୂଜା, କୁନି ନାତୁଣି: ପ୍ରିସା।
ଧ-୭୩୭୭୭

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ଖଗେଶ୍ୱର ନାୟକ
ମଧୁଶାସନ, ବିଜପାତ୍ର ସାହି, କେନ୍ଦ୍ରାପଡ଼ା
ଆବିର୍ଭାବ-୦୫।୦୬।୧୯୨୨
ତିରୋଧାନ- ୩୦।୦୬।୨୦୨୩
ବାପା, ତୁମେ ଆମକୁ ଛାଡ଼ି ନୀଳାଦ୍ରିବିଜେରେ ସ୍ୱର୍ଗାରୋହଣ କଲ। ତୁମର ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ଉପଦେଶ ଓ ହସହସ ମୁହଁ ସର୍ବଦା ମନେପଡୁଛି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ତଥା ପୁତ୍ର, ପୁତ୍ରବଧୂ, ପୁତୁରା, ଝିଆରୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଆଦି ଆତ୍ମୀୟସ୍ୱଜନ।
ଧ-୦୭୪୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ


୰ବାସନ୍ତି ଜେନା
ବଡ଼ଗଡ଼, ଉପରସାହି, ଭୁବନେଶ୍ୱର
ତିରୋଧାନ- ୨୦।୦୬।୨୦୨୨
ତୁମର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ପୁଅ,ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ବନ୍ଧୁପରିଜନ
ଧ-୦୭୮୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# କୃତ୍ରିମ ମେଧା-କିଛି କଥା



ଡ. ମୃଦୁଳା ମିଶ୍ର

**'ଏ ଆଇ' କେବଳ ବିଶେଷଜ୍ଞମାନଙ୍କ କାର୍ଯ୍ୟରେ ନୁହେଁ, ସାଧାରଣ ମଣିଷର ଜୀବନରେ ମଧ୍ୟ ପ୍ରଭାବ ବିସ୍ତାର କରି ଚାଲିଛି। ମୋବାଇଲର ବହୁ ଆପ୍‌ରେ ଏବେ ଏହାର ବ୍ୟବହାର ହେଉଛି। ଫଟୋ ଭିତରୁ କାହାରି ମୁହଁ ଚିହ୍ନିବା, ମାନଚିତ୍ରରେ ଗନ୍ତବ୍ୟସ୍ଥଳର ରାସ୍ତା ଦେଖେଇବା, ଟାଇପ କଲାବେଳେ ଖୋଜୁଥିବା ଶବ୍ଦଟିର ସୂଚନା ଦେବା, ଟାଇପ ପରିବର୍ତ୍ତେ ଶ୍ରୁତିଲିଖନ ନେବା, ଇ-ମେଲ୍‌ର ସମ୍ଭାବ୍ୟ ସଂକ୍ଷିପ୍ତ ଉତ୍ତର ତିଆରି କରି ଦେବା-ଏ ସବୁ କିଛି ହିଁ 'ଏ ଆଇ'ର ମହିମା ଓ ପ୍ରକାଶ।**

ସମ୍ପ୍ରତି ଗଣମାଧ୍ୟମ ଓ ସାମାଜିକ ମାଧ୍ୟମରେ କୃତ୍ରିମ ମେଧା ବା କୃତ୍ରିମ ବୁଦ୍ଧିମତ୍ତାକୁ (ଇଂଲିଶରେ ଯାହାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କୁହାଯାଉଛି) ନେଇ ଖୁବ୍ ଚର୍ଚ୍ଚା ହେଉଛି। ଏଥିପାଇଁ ଦାୟୀ ମାର୍କିନ ପ୍ରଯୁକ୍ତି ସଂସ୍ଥା 'ଓପେନଏଆଇ' ଦ୍ୱାରା ନିର୍ମିତ ହୋଇଥିବା ଚାଟବଟ (ଚାଟ କରୁଥିବା ରୋବଟ), 'ଚାଟଜିପିଟି'।

ଆଜିଯାଏ 'ଚାଟଜିପିଟି' ପରି ଆଉ କୌଣସି 'କୃତ୍ରିମ ମେଧା' ଜନମାନସକୁ ଏଭଳି ଆଲୋଡ଼ିତ କରି ନ ଥିଲା। ଏହାର ଆଗମନରେ ଶିକ୍ଷକ, ସାମ୍ବାଦିକ, ସ୍କ୍ରିପ୍ଟ-ଲେଖକ, ପ୍ରୋଗ୍ରାମର-ସହଜରେ କହିଲେ ଯେଉଁମାନଙ୍କର ଜୀବିକା ବିଷୟବସ୍ତୁ ବା କଣ୍ଟେଣ୍ଟ ପ୍ରସ୍ତୁତି ଉପରେ ନିର୍ଭରଶୀଳ-ସେମାନେ ଆଜି ପ୍ରଭାବିତ। ମାତ୍ର ଏବେ 'ଏ ଆଇ' କେବଳ ବିଶେଷଜ୍ଞମାନଙ୍କ କାର୍ଯ୍ୟରେ ନୁହେଁ, ସାଧାରଣ ମଣିଷର ଜୀବନରେ ମଧ୍ୟ ପ୍ରଭାବ ବିସ୍ତାର କରି ଚାଲିଛି। ମୋବାଇଲର ବହୁ ଆପ୍‌ରେ ଏବେ ଏହାର ବ୍ୟବହାର ହେଉଛି। ଫଟୋ ଭିତରୁ କାହାରି ମୁହଁ ଚିହ୍ନିବା, ମାନଚିତ୍ରରେ ଗନ୍ତବ୍ୟସ୍ଥଳର ରାସ୍ତା ଦେଖେଇବା, ଟାଇପ କଲାବେଳେ ଖୋଜୁଥିବା ଶବ୍ଦଟିର ସୂଚନା ଦେବା, ଟାଇପ ପରିବର୍ତ୍ତେ ଶ୍ରୁତିଲିଖନ ନେବା, ଇ-ମେଲ୍‌ର ସମ୍ଭାବ୍ୟ ସଂକ୍ଷିପ୍ତ ଉତ୍ତର ତିଆରି କରି ଦେବା-ଏ ସବୁ କିଛି ହିଁ 'ଏ ଆଇ'ର ମହିମା ଓ ପ୍ରକାଶ। ଗୁଗଲ୍‌ର ତଥ୍ୟ ସମୁଦ୍ରକୁ ଆମେ ପ୍ରତିନିୟତ ମନ୍ଥନ କରି ଚାଲିଛେ, ଏହା ମଧ୍ୟ 'ଏ ଆଇ'ର ପ୍ରୟୋଗ। 'ଏ ଆଇ'ର ପ୍ରୟୋଗ କ୍ଷେତ୍ର ଅବଶ୍ୟ ଏହାଠାରୁ ଅନେକ ବ୍ୟାପକ। ଚିକିତ୍ସାବିଦ୍ୟାରେ ରୋଗ ନିରୂପଣଠାରୁ ଆରମ୍ଭ କରି, ଔଷଧ ତିଆରିର କଳାକୌଶଳ, ରୋବଟର ଗତି ନିୟନ୍ତ୍ରଣଠାରୁ ଆରମ୍ଭ କରି ସ୍ୱୟଂଚାଳିତ ଗାଡ଼ି, ଏପରି କି ଶେୟାର ବଜାର ମୂଲ୍ୟର ହ୍ରାସବୃଦ୍ଧିର ପୂର୍ବାନୁମାନଠାରୁ ଜ୍ୟୋତି ପଦାର୍ଥବିଜ୍ଞାନର ବିପୁଳ ତଥ୍ୟ ବିଶ୍ଳେଷଣ, ଏହି ସବୁ ପାଇଁ ଏବେ ଏହି ପ୍ରଯୁକ୍ତି ଅପରିହାର୍ଯ୍ୟ ହୋଇଛି।

ବୁଦ୍ଧି କ'ଣ? ବୁଦ୍ଧିର ପ୍ରକୃତିକୁ ନେଇ ଆମମାନଙ୍କ ମନରେ ବିଭିନ୍ନ ପ୍ରକାର ଧାରଣା ଅଛି। ଆମର ପ୍ରଚଳିତ ଧାରଣା-ଆମ ପାଇଁ ଯାହା କଷ୍ଟକର, ସେଥିରେ ବୁଦ୍ଧିର ପ୍ରୟୋଜନ। କିନ୍ତୁ କମ୍ପ୍ୟୁଟରର ସାମର୍ଥ୍ୟ ଭିନ୍ନ। ତାହା ମୁହୂର୍ତ୍ତକ ଭିତରେ ଅନେକ ଗଣନା କରିପାରେ, ଲକ୍ଷେ ତଥ୍ୟ ଭିତରୁ ପ୍ରୟୋଜନୀୟ ତଥ୍ୟ ଖୋଜି ଦେଇପାରେ। ଏହି କାର୍ଯ୍ୟ ଆମ ପାଇଁ କଷ୍ଟସାଧ୍ୟ। ଆମେ ଏହା କରିବାକୁ ଗଲେ ଆମର ବହୁ ସମୟ ଲାଗିବ, ଭୁଲ୍ ହେବ। ପୁଣି ଆମେ ଖୁବ୍ ସହଜରେ ଆମ ଆଖପାଖ ବସ୍ତୁକୁ ଚିହ୍ନି ପାରୁ, ସେସବୁର ଆକୃତି ଓ ଅବସ୍ଥାନ ବିଷୟରେ ଧାରଣା କରିପାରୁ। ଆମେ କଥା କହି ଓ ଶୁଣି ନିଜ ଭିତରେ ନିର୍ଭୁଲ୍‌ଭାବେ ଯୋଗାଯୋଗ କରି ପାରୁ। ଏସବୁ କିନ୍ତୁ କମ୍ପ୍ୟୁଟର ପାଇଁ କଷ୍ଟସାଧ୍ୟ। କମ୍ପ୍ୟୁଟରକୁ ଦେଇ ଏହି ଆପାତ ସହଜ କାର୍ଯ୍ୟଗୁଡ଼ିକୁ ନିର୍ଭରଯୋଗ୍ୟ ଭାବେ କରେଇବା ହେଲା 'ଏ ଆଇ'ର ଅନ୍ୟତମ ଲକ୍ଷ୍ୟ। ତେଣୁ ପ୍ରକୃତିରେ ପ୍ରତ୍ୟେକ ପ୍ରାଣୀର ଆଚରଣରେ କମ୍ ବେଶି ଯେଉଁ ବୁଦ୍ଧିର ପ୍ରକାଶ ଦେଖା ଯାଏ, ମଣିଷ ନିର୍ମିତ କୌଣସି ଯନ୍ତ୍ରରେ ଯଦି ତା'ର ପରିପ୍ରକାଶ ଘଟେ, ତେବେ ତାହାକୁ 'ଏ ଆଇ' ବା 'କୃତ୍ରିମ ମେଧା' କୁହାଯାଇପାରେ। ଏହା ଏକ ଯନ୍ତ୍ର, ଗୋଟିଏ ରୋବଟ, କୌଣସି କାରଖାନାର ସ୍ୱୟଂକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ବା ମୋବାଇଲର ଏକ ଆପ୍ ହୋଇପାରେ।






କମ୍ପ୍ୟୁଟରକୁ ସବୁ ନିର୍ଦ୍ଦେଶ ଠିକ୍ ଭାବରେ ନ ଦେଲେ ସେ କାର୍ଯ୍ୟ କରିପାରେ ନାହିଁ। ଗତ ଶତାବ୍ଦୀର ଷାଠିଏ ଦଶକରେ ନିଉୟେଲ ଶ ଓ ସାୟମନ ଦେଖେଇଲେ କେଉଁ ଧରଣର କମ୍ପ୍ୟୁଟର ପ୍ରୋଗ୍ରାମ ଜ୍ୟାମିତିର ଗୋଟିଏ ଉପପାଦ୍ୟକୁ ପ୍ରମାଣ କରିବାରେ ସକ୍ଷମ। ଏହାର ପ୍ରଧାନ ଉପାଦାନ ଥିଲା ସମସ୍ୟା ନିର୍ଭର କେତେଗୁଡ଼ିଏ ସରଳ କୌଶଳ ଓ ସେଗୁଡ଼ିକର ପ୍ରୟୋଗ ପଦ୍ଧତି। ସେମାନେ ଏପରି ଏକ କମ୍ପ୍ୟୁଟର ପ୍ରୋଗ୍ରାମର ଢାଞ୍ଚା ତିଆରି କଲେ, ଯେଉଁଥିରେ ସମସ୍ୟାର ପ୍ରାରମ୍ଭ ଅବସ୍ଥା ଉପରେ ପର୍ଯ୍ୟାୟକ୍ରମିକ ଭାବେ ଏହି ସରଳ କୌଶଳଗୁଡ଼ିକ ପ୍ରୟୋଗ କରି ଜାଣି ହେବ ଗନ୍ତବ୍ୟ ପରିସ୍ଥିତିକୁ ପହଞ୍ଚି ହେଲା କି ନାହିଁ। କାର୍ଯ୍ୟକାରୀ ନ ହେଲେ ପୁଣି ପୂର୍ବ ପରିସ୍ଥିତିକୁ ଫେରି ଅନ୍ୟ କୌଶଳ ବିଷୟରେ ଭାବି ହେବ। ଏହିପରି କେତେଗୁଡ଼ିଏ ସରଳ କୌଶଳ ଦେଇ ଜଟିଳ ସମସ୍ୟାର ସମାଧାନ ସମ୍ଭବ। ଏହାରି ସାହାଯ୍ୟରେ ଦାବା ବା ଚେସ ଖେଳରେ କମ୍ପ୍ୟୁଟରର ନୈପୁଣ୍ୟ ପ୍ରଦର୍ଶିତ ହୋଇଥିଲା। ଚେସପଟାରେ ଗୋଟିର ଅବସ୍ଥାନ ଅନୁସାରେ ଖେଳର ପରିସ୍ଥିତିର ପ୍ରକୃତ ମୂଲ୍ୟାୟନ କରିବାର ଚେଷ୍ଟା ହିଁ ଏହି ଜ୍ଞାନର ମୁଖ୍ୟ କୌଶଳ କୁହାଯାଇପାରେ। ତାହା ସହିତ ଯୁକ୍ତ ହେଲା ଆଧୁନିକ କମ୍ପ୍ୟୁଟରର ତୀବ୍ର ଗତି ଓ ବିପୁଳ ସ୍ମୃତିର ଭଣ୍ଡାର। ଶେଷରେ ୧୯୯୭ରେ ଗ୍ୟାରି କାସ୍ପାରଭକୁ ପରାଜିତ କଲା ଆଇବିଏମ୍‌ର ଡୀପ ବ୍ଲୁ କମ୍ପ୍ୟୁଟରରେ ଅଧିଷ୍ଠିତ ଦାବାର ପ୍ରୋଗ୍ରାମ। କୃତ୍ରିମ ମେଧା ପାଇଁ ଏହା ଥିଲା ଏକ ବିଶେଷ ସାଫଲ୍ୟର ମୁହୂର୍ତ୍ତ। ଏହି ଖେଳ ଛଡ଼ା ଅନେକ ବାସ୍ତବ ସମସ୍ୟା, ଯେମିତି ରାସାୟନିକ ଶିଳ୍ପରେ ପାଇପର ବିନ୍ୟାସ, ରୋବଟର ଗତିପଥ ନିର୍ଦ୍ଧାରଣ, ଧାତବ ପାତ ବା ପ୍ଲାଇଉଡ ପଟାକୁ କାର୍ଯ୍ୟକାରୀ ଭାବେ କାଟିବା ଇତ୍ୟାଦିରେ ଏହି ଢାଞ୍ଚାର ପ୍ରୟୋଗ କରାଯାଏ। ଏବେ କମ୍ପ୍ୟୁଟର-ଯୁକ୍ତ-ପରିକଳ୍ପନା(Computer-aided Design or CAD) ପ୍ୟାକେଜଗୁଡ଼ିକର ଏହା ଅବିଚ୍ଛେଦ୍ୟ ଅଂଶ।

'ଏ ଆଇ'ର ଆଉ ଗୋଟିଏ ଦିଗ ହେଲା କୌଣସି ଲିଖିତ ବର୍ଣ୍ଣନା ପଢ଼ି, ତାହାର ଅର୍ଥ ବୁଝି, ପ୍ରଶ୍ନର ଉତ୍ତର ଦେବା। କମ୍ପ୍ୟୁଟର ଯଦିବା ସହଜରେ ପ୍ରୋଗ୍ରାମ(ଆଲଗରିଦମ)ର ଭାଷା ବୁଝି ପାରେ, କିନ୍ତୁ ଆମ ଲିଖିତ ଭାଷା ବୁଝିବା ସମ୍ପୂର୍ଣ୍ଣ ଏକ ଭିନ୍ନ ବିଷୟ। ପ୍ରୋଗ୍ରାମର ଭାଷାର ଗୋଟିଏ ଅଂଶର ଅର୍ଥ ସମାନ, ତାହା ପ୍ରୋଗ୍ରାମର ଯେଉଁଟି ଥାଉ ନା କାହିଁକି। ମାତ୍ର ଲିଖିତ ଭାଷାର ଗୋଟିଏ ଶବ୍ଦ ବା ବାକ୍ୟ-ଖଣ୍ଡର ଅର୍ଥ କେଉଁ ପ୍ରସଙ୍ଗରେ କୁହାଯାଉଛି, ତାହା ଉପରେ ନିର୍ଭର କରିଥାଏ। ଏଥିପାଇଁ ପ୍ରଥମେ ବାକ୍ୟର ଶବ୍ଦ ଓ ଯତିଚିହ୍ନଗୁଡ଼ିକ ଅଲଗା କରି ବ୍ୟାକରଣ ଅନୁସାରେ ତାହାର ଗଠନ ବୁଝିବାକୁ ପଡ଼େ। ବାକ୍ୟର ଉଦ୍ଦେଶ୍ୟ ବିଧେୟ, ବିଶେଷ୍ୟ ବିଶେଷଣ କ୍ରିୟାପଦ ଇତ୍ୟାଦି ବୁଝି ଗୋଟିଏ ଉପଯୁକ୍ତ ଆଭ୍ୟନ୍ତରୀଣ ବର୍ଣ୍ଣନା ତିଆରି କରାଯାଏ। ଏହି ବର୍ଣ୍ଣନାରେ ପ୍ରତ୍ୟେକ ଶବ୍ଦର ଅର୍ଥ ଓ ସେଗୁଡ଼ିକର ସମ୍ପର୍କକୁ ରଖା ଯାଏ। ଅନେକ ସମୟରେ ଏକାଧିକ ଅର୍ଥର ସମ୍ଭାବନାକୁ ନେଇ ଅଗ୍ରସର ହେବାକୁ ପଡ଼େ, ଯେ ଯାଏଁ ନୂଆ ତଥ୍ୟର ଆଧାରରେ ବୁଝି ହୁଏ ଏଗୁଡ଼ିକ ଭିତରୁ କେଉଁଟି ଠିକ୍। ପୁଣି ଆଉ ଏକ କଠିନ କାର୍ଯ୍ୟ ହେଲା ଗୋଟିଏ ବାକ୍ୟ ସହିତ ତାହାର ପରବର୍ତ୍ତୀ ବାକ୍ୟର ସମ୍ପର୍କ ବୁଝି ଜ୍ଞାନର ଆଭ୍ୟନ୍ତରୀଣ ବର୍ଣ୍ଣନାରେ ଉପଯୁକ୍ତ ପରିବର୍ତ୍ତନ ଓ ପରିବର୍ଦ୍ଧନ କରିବା। ପ୍ରଶ୍ନର ଉତ୍ତର ଦେବା ବେଳେ ଆହୁରି ପ୍ରୟୋଜନୀୟ ହେଲା ଏହି ଜ୍ଞାନର ବର୍ଣ୍ଣନାରୁ ଶୁଦ୍ଧ ବାକ୍ୟ ରଚନା କରିବାର କ୍ଷମତା। ଏହି ପର୍ଯ୍ୟାୟରେ ଅନ୍ୟ ଆଉ ଗୋଟିଏ ଭାଷାରେ ମଧ୍ୟ ବାକ୍ୟ ରଚନା କରାଯାଇପାରେ। ତାହା ହେବ ଯାନ୍ତ୍ରିକ ଅନୁବାଦ। ଲିଖିତ ଭାଷା ବୁଝି ପ୍ରଶ୍ନର ଉତ୍ତର ଦେବାର ଏହି ପଦ୍ଧତି ନେଇ ବହୁ ବର୍ଷ ଧରି ଅନେକ ଗବେଷଣା ହୋଇଛି। ବହୁ ପରିମାଣରେ ସଫଳତା ମଧ୍ୟ ଆସିଛି, ତଥାପି ଏହା ଦୈନନ୍ଦିନ ଜୀବନରେ ବ୍ୟବହାରର ଉପଯୁକ୍ତ ହୋଇନାହିଁ। ପୁଣି ଉଚ୍ଚାରିତ କଥା ଶୁଣି ଓ ତାହା ବୁଝି ଯନ୍ତ୍ରକୁ ତା'ର ଉତ୍ତର ଦେବାକୁ ହେଲେ ଭୁଲ୍‌ର ସମ୍ଭାବନା ଆହୁରି ଅଧିକ ହୋଇଥାଏ।

- ବି-୧୦୨, ଲାଇଫ ଷ୍ଟାଇଲ ଗ୍ରୀନ୍ ଆପାର୍ଟମେଣ୍ଟ, କୀଟ ଛକ, ଭୁବନେଶ୍ୱର
ମୋ: ୯୯୩୭୭୪୨୧୬୧

## ପୋଷକତତ୍ତ୍ୱରେ ଭରପୂର କ୍ୟାପ୍‌ସିକମ୍



**ଶ**ରୀରକୁ ସୁସ୍ଥ ରଖିବା ଲାଗି କେତେକ ପୋଷକତତ୍ତ୍ୱ ଏବଂ ଭିଟାମିନ୍‌ର ଆବଶ୍ୟକ ରହିଥାଏ। ଏଥିପାଇଁ ଆପଣଙ୍କୁ ଖାଦ୍ୟରେ ଫଳ ଏବଂ ପନିପରିବାକୁ ସାମିଲ୍ କରିବା ଆବଶ୍ୟକ। କ୍ୟାପ୍‌ସିକମ୍ ଏପରି ଏକ ପରିବା ଯେଉଁଥିରେ ପୋଷକତତ୍ତ୍ୱ ଭରି ହୋଇ ରହିଛି। ଯାହାକୁ ଆପଣ ସାଲାଡ, ବିଭିନ୍ନ ତରକାରି, ଏବଂ ଫାଷ୍ଟଫୁଡ୍ ଆଦି ଖାଦ୍ୟରେ ଉପଯୋଗ କରି ଏହାକୁ ଖାଇପାରିବେ। ଏହା ମଧ୍ୟ କେତେକ ରୋଗରୁ ଉପଶମ ଦେଇଥାଏ। ଏହା ପାଚନ କ୍ରିୟାକୁ ସହଜ କରିଥାଏ। ହେଲ୍‌ଥଲାଇନ୍ ଅନୁଯାୟୀ ସବୁଜ ଶିମ୍‌ଲା ମିର୍ଚ୍ଚରେ ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ କେ, ପଟାସିୟମ୍, କ୍ୟାଲୋରୀ, ପ୍ରୋଟିନ୍, ଫାଇବର ଭଳି ପୋଷକତତ୍ତ୍ୱ ମିଳିଥାଏ। ଏହା ପେଟ ଏବଂ ସ୍ୱାସ୍ଥ୍ୟ ପାଇଁ ବହୁତ ଉପଯୋଗୀ ହୋଇଥାଏ। ଓଜନକୁ ନିୟନ୍ତ୍ରଣରେ ରଖିବା ଲାଗି ଏହା ସାହାଯ୍ୟ କରିଥାଏ। ଏହା ମେଟାବୋଲିଜମ୍‌କୁ ବୁଷ୍ଟ କରିଥାଏ। ଏହାକୁ ପ୍ରତିଦିନ ଆପଣ ଖାଦ୍ୟରେ ସାମିଲ୍ କରିବା ଦ୍ୱାରା ନିଜ ଓଜନକୁ କଣ୍ଟ୍ରୋଲରେ ରଖିପାରିବେ।

## ହାଡ଼କୁ ମଜଭୁତ କରେ ଭିଟାମିନ୍



**ହା**ଡ଼କୁ ମଜଭୁତ କରିବା ଲାଗି କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ସହିତ ଅନ୍ୟ କେତେକ ଖାଦ୍ୟକୁ ମଧ୍ୟ ଡେଲି ଡାଏଟ୍‌ରେ ସାମିଲ୍ କରନ୍ତୁ। ଏଥିପାଇଁ ଖାଲି ମର୍ନିଂୱାକ୍ ଓ ଏକ୍ସରସାଇଜ୍ କରିଦେଲେ ହେବନି। ଏହା ବ୍ୟତୀତ ଭିଟାମିନ୍-ସିଯୁକ୍ତ ଖାଦ୍ୟ ଖାଇଲେ ଇମ୍ୟୁନିଟି ବୁଷ୍ଟ ହେବା ସହିତ ହାଡ଼କୁ ଶକ୍ତ ମଧ୍ୟ କରିଥାଏ। ଭିଟାମିନ-ସି ଲାଗି ଆପଣ କିୱି, ଅଁଳା, କମଳା, ଲେମ୍ବୁ ଆଦିକୁ ଖାଦ୍ୟରେ ସାମିଲ୍ କରନ୍ତୁ। ଶରୀରରେ ଯଦି ଭିଟାମିନ୍-ଡି'ର ଅଭାବ ରହିଲା ତେବେ ହାଡ଼ ଦୁର୍ବଳ ହେବାର ଆଶଙ୍କା ରହିଛି। ଏହାର ମୁଖ୍ୟ ସ୍ରୋତ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ଚାଲନ୍ତୁ। ଏହାବ୍ୟତୀତ ମାଛ, ବାଦାମ୍, କନ୍ଦମୂଳ, ଛତୁ ଖାଆନ୍ତୁ। ଭିଟାମିନ୍-କେ ହାଡ଼ର ମିନେରାଲ୍ ଲେଭଲ୍‌କୁ ନିୟନ୍ତ୍ରିତ ରଖେ। ଅଷ୍ଟିଓପୋରୋସିସ୍ ରୋଗୀ ନିଜ ଖାଦ୍ୟରେ ଏହି ଭିଟାମିନ୍‌କୁ ସାମିଲ କଲେ ଉପକୃତ ହୋଇପାରିବେ।

## କୋଲେଷ୍ଟରଲ୍ କମାଉଥିବା ଖାଦ୍ୟ

**କୋଲେଷ୍ଟରଲ୍ ବୃଦ୍ଧି ପାଇଲେ ହୃଦ୍‌ଜନିତ ସମସ୍ୟା ବା ହାର୍ଟ ଆଟାକ୍ ହେବାର ଆଶଙ୍କା ରହିଛି। ତେଣୁ କୋଲେଷ୍ଟରଲକୁ କମ୍ କରୁଥିବା କିଛି ଖାଦ୍ୟ ସମ୍ପର୍କରେ ଜାଣି ରଖନ୍ତୁ...**



➤ଶରୀରରେ କୋଲେଷ୍ଟରଲ୍ କମ୍ କରିବା ପାଇଁ ହେଲେ ଖାଦ୍ୟ ଉପରେ ଅଧିକ ଧ୍ୟାନ ଦେବାକୁ ହେବ। ଖାଦ୍ୟରେ ବଟର ବଦଳରେ ଅଲିଭ୍ ଅଏଲ ବ୍ୟବହାର କରନ୍ତୁ। କାରଣ ବଟରରେ ଥିବା ସାଚୁରେଟେଡ୍ ଫ୍ୟାଟ୍ ହାର୍ଟ ଲାଗି କ୍ଷତି ସାଧନ କରିଥାଏ। ଅନ୍ୟପକ୍ଷରେ ଅଲିଭ୍ ଅଏଲରେ ଥିବା ହେଲ୍‌ଦି ଫ୍ୟାଟ୍ ଶରୀର ପାଇଁ ଉପଯୋଗୀ।

➤ଖାଲିପେଟରେ ପ୍ରଥମେ ଫଳ ଖାଇବା ପେଟ ଭର୍ତ୍ତି ହୋଇ ରହିଥାଏ ଏବଂ କୋଲେଷ୍ଟରଲ୍ କମ୍ ହୋଇଥାଏ।

➤ଆଳୁ ଚିପ୍ସ, ଫ୍ରେଞ୍ଚ ଫ୍ରାଇଜ୍, ବିଭିନ୍ନ ପ୍ରକାରର ଲୁଣି ସ୍ନାକ୍ସ ଓ ବିସ୍କୁଟ ଆଦି ଖାଇବା ବନ୍ଦ କରନ୍ତୁ। ଏହା ବଦଳରେ ବୁଟ, ଅଳସି ଆଦି ବିଭିନ୍ନ ପ୍ରକାରର ମଞ୍ଜି ଜାତୀୟ ଖାଦ୍ୟ ଖାଆନ୍ତୁ।

➤ଅଧିକ ଥର ଭାତ ଖାଇଲେ ମଧ୍ୟ କୋଲେଷ୍ଟରଲ୍ ବୃଦ୍ଧି ପାଇଥାଏ। ତେଣୁ ଭାତ ବଦଳରେ ବ୍ରାଉନ୍ ରାଇସ୍ ଖାଆନ୍ତୁ।

➤ଆଇସ୍‌କ୍ରିମ୍ ଖାଇବାକୁ ପସନ୍ଦ କରୁଥିଲେ ଦହିକୁ ଫ୍ରିଜରେ ରଖି ଖାଇପାରିବେ। ଏଥିରେ କମ୍ କ୍ୟାଲୋରୀ ଥିବାରୁ କୋଲେଷ୍ଟରଲ୍ ସ୍ତର କମିଥାଏ।

➤ ଯେଉଁମାନଙ୍କୁ ଚକ୍‌ଲେଟ୍ ଖାଇବା ପସନ୍ଦ ସେମାନେ କୋଲେଷ୍ଟରଲ୍ କମ୍ କରିବାକୁ ଚାହୁଁଥିଲେ ମିଲ୍କ ଚକୋଲେଟ୍ ବଦଳରେ ଡାର୍କ ଚକୋଲେଟ୍ ଖାଇପାରିବେ।

## ଚିନ୍ତାଗ୍ରସ୍ତ ରହିଲେ ହେବ ହାର୍ଟଆଟାକ୍



**ଆ**ଜିର ବଦଳୁଥିବା ଲାଇଫ୍‌ଷ୍ଟାଇଲ୍ ଏବଂ ଖାଦ୍ୟପେୟ ହାର୍ଟ ଆଟାକ୍ ସମସ୍ୟା ଦେଖାଦେବାର ପ୍ରମୁଖ କାରଣ।

କାର୍ଡିଓଲୋଜିଷ୍ଟଙ୍କ ମତରେ ଏବେ କେବଳ ବୟସ୍କମାନେ ନୁହନ୍ତି ଯୁବପିଢ଼ି ମଧ୍ୟ ହାର୍ଟଆଟାକ୍‌ର ଶିକାର ହେଉଥିବାର ଦେଖିବାକୁ ମିଳୁଛି। କେତେକଙ୍କୁ ହସ୍ପିଟାଲ ନିଆଯିବା ସମୟରେ ମୃତ୍ୟୁ ହେଉଥିବା ବେଳେ ଆଉ କେତେକଙ୍କ ମୃତ୍ୟୁ ହସ୍ପିଟାଲରେ ମଧ୍ୟ ହେଉଛି। ତେବେ ଦୀର୍ଘ ସମୟ ମୋବାଇଲ୍ ବ୍ୟବହାର ଯୋଗୁ ଠିକ୍ ଭାବେ ନ ଶୋଇବା, ଅସନ୍ତୁଳିତ ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା, ଆଦୌ ଶାରୀରିକ ପରିଶ୍ରମ ନ କରିବା କିମ୍ବା ଅତ୍ୟଧିକ ଏକ୍ସରସାଇଜ୍ କରିବା ଓ ସର୍ବୋପରି ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ବା ଅବସାଦରେ ରହିବା ବର୍ତ୍ତମାନ ହାର୍ଟଆଟାକ୍‌ର ପ୍ରମୁଖ କାରଣ ହୋଇପାରେ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।

## ସ୍ୱାସ୍ଥ୍ୟ ସୂଚନା

**ବ**ର୍ଷାଦିନରେ ଅନେକଙ୍କୁ କେତେକ ରୋଗର ସାମ୍ନା କରିବାକୁ ପଡ଼ିଥାଏ। ଏହି ଦିନରେ ଡେଙ୍ଗୁ ଚିକୁନ୍‌ଗୁନିଆ, ମ୍ୟାଲେରିଆ ଆଦି ରୋଗର ଆଶଙ୍କା ରହିଛି। ଏହା ବ୍ୟତୀତ ବର୍ଷାଦିନରେ ଥଣ୍ଡା କାଶ ଆଦି ସମସ୍ୟା ଲାଗି ରହିଥାଏ। ଏଦିନେ ଯଦି ନିଜକୁ ସୁସ୍ଥ ରଖିବାକୁ ଚାହାନ୍ତି ତେବେ ନିଜ ଖାଦ୍ୟରେ କିଛି ଆୟୁର୍ବେଦିକ୍ ଜିନିଷକୁ ସାମିଲ୍ କରି ପାରିବେ। ଯେମିତିକି ଅଶ୍ୱଗନ୍ଧା, ନିମ୍ବ, ଲେମନ୍‌ଗ୍ରାସ୍, ଗିଲୟ, ଅଦା।



**ଅଶ୍ୱଗନ୍ଧା:** ଅଶ୍ୱଗନ୍ଧାରେ ଇମ୍ୟୁନ୍ ସିଷ୍ଟମ୍‌କୁ ଠିକ୍ ରଖିବାର ଗୁଣ ରହିଛି। ମସ୍ତିଷ୍କକୁ ଶାନ୍ତ, ଯନ୍ତ୍ରଣା ମୁକ୍ତ ରଖିବାରେ ସାହାଯ୍ୟ କରେ।

**ନିମ୍ବ:** ଏହାର ସ୍ୱାଦ ହୁଏତ ଟିକେ ପିତା ଲାଗିପାରେ କିନ୍ତୁ ଏଥିରେ ଥିବା ଆଣ୍ଟିଫଙ୍ଗାଲ ତତ୍ତ୍ୱ ଯାହା ବର୍ଷା ଦିନରେ ସ୍କିନ୍‌କୁ ସଂକ୍ରମଣରୁ ପ୍ରୋଟେକ୍ଟ କରିଥାଏ। ଆପଣ ନିମ୍ବ ଚା ପିଇପାରିବେ କିମ୍ବା ନିମ୍ବ ପତ୍ର ଚୋବାଇ ଖାଇପାରିବେ। ଏହା ଆପଣଙ୍କୁ କିଛି ମାତ୍ରାରେ ସୁସ୍ଥ ରଖିପାରିବାରେ ସାହାଯ୍ୟ କରିବ।

**ଲେମନ୍‌ଗ୍ରାସ:** ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ମିଳିଥାଏ। ଏହାକୁ ଆପଣ ଚା'ରେ ମିଶାଇ ପିଇପାରିବେ। ଏହାଦ୍ୱାରା ଆପଣଙ୍କ ଇମ୍ୟୁନିଟି ପାୱାର ଷ୍ଟ୍ରଙ୍ଗ ହୋଇଥାଏ।

**ଗିଲୟ:** ବର୍ଷାଦିନରେ ଯଦି ସଂକ୍ରମଣଠାରୁ ଦୂରେଇ ରହିବାକୁ ଚାହୁଁଥାନ୍ତି ଏହାର କାଢ଼ା ପ୍ରସ୍ତୁତ କରି ପିଇପାରିବେ। ଏହାର ପାଉଡର ଉପଯୋଗ ମଧ୍ୟ କରିପାରିବେ। ଏହା ଜ୍ୱର କମାଇବାରେ ସାହାଯ୍ୟ କରେ। ଏହା ଫ୍ଲୁ ଭଳି କେତୋଟି ଲକ୍ଷଣକୁ କମ୍ କରିବା ଲାଗି ସାହାଯ୍ୟ କରିଥାଏ।

**ଅଦା:** ଅଦାରେ ଭିଟାମିନ୍-ସି, କ୍ୟାଲ୍‌ସିୟମ୍, ଫସ୍‌ଫରସ, ଆଇରନ୍, ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ଏଥିପାଇଁ ବର୍ଷାଦିନରେ ନିଜ ଖାଦ୍ୟରେ ଅଦାକୁ ସାମିଲ୍ କରିପାରିବେ। ଚାହିଁଲେ ଆପଣ ଅଦାକୁ ଚା, ସୁପ୍ କିମ୍ବା କୌଣସି ତରକାରିରେ ପକାଇ ଖାଇପାରିବେ।

# ଛାୟାପଥ ତିଆରି କାରଖାନା



ଡ. କମଳାକାନ୍ତ ଜେନା

ରାତିରେ ମେଘମୁକ୍ତ ଆକାଶକୁ ଚାହିଁଲେ ତାରାଗୁଡ଼ିକୁ ତ ଦେଖୁ। କିନ୍ତୁ ଆଉ ଟିକିଏ ଭଲ କରି ଲକ୍ଷ୍ୟ କଲେ ଗୋଟିଏ ଉଜ୍ଜ୍ୱଳ ରାସ୍ତା ଉତ୍ତରରୁ ଦକ୍ଷିଣ ଆଡ଼କୁ ଲମ୍ବିଥିବାର ଦେଖାଯାଏ। ପ୍ରକୃତରେ ଆକାଶର ଅନ୍ୟ ଅଞ୍ଚଳ ତୁଳନାରେ ସେହି ଅଞ୍ଚଳରେ ତାରାଗୁଡ଼ିକ ଅଧିକ ସଂଖ୍ୟାରେ ଅଛନ୍ତି। ତେଣୁ ଆମକୁ ସେମିତି ଦେଖାଯାଏ। ସେହି ଉଜ୍ଜ୍ୱଳ ରାସ୍ତାଟି ଗୋଟେ ଛାୟାପଥର କିଛି ଅଂଶ, ଯେଉଁ ଛାୟାପଥର ନାମ 'ଆକାଶଗଙ୍ଗା'। ଆମେ ସେହି ଛାୟାପଥରେ ଅଛୁ। ଆମକୁ ଦିଶୁଥିବା ତାରାଗୁଡ଼ିକ ମଧ୍ୟ ସେହି ଛାୟାପଥରେ ଅଛନ୍ତି। ତାରାଗୁଡ଼ିକ ଆମ 'ଆକାଶଗଙ୍ଗା'ର କିଛି ଅଂଶ ମାତ୍ର। ତାରାଗୁଡ଼ିକୁ ନେଇ ଛାୟାପଥ ଗଠିତ। ଆମେ ୪ ପରେ ୧୧ଟି ଶୂନ ଲେଖିଲେ ଯାହା ହେବ, ପ୍ରାୟ ସେତିକି ତାରାକୁ ନେଇ ଗୋଟିଏ ଛାୟାପଥ ଗଠିତ। ବିଶ୍ୱବ୍ରହ୍ମାଣ୍ଡରେ ଅତି କମ୍‌ରେ ୧୨୫,୦୦୦,୦୦୦,୦୦୦ ସଂଖ୍ୟକ ଛାୟାପଥ ଅଛନ୍ତି। 'ଆକାଶଗଙ୍ଗା' ଛାୟାପଥରେ ରହିଥିବା ସହସ୍ର କୋଟି ତାରକା ଭିତରୁ ଆମର 'ସୂର୍ଯ୍ୟ' ଅନ୍ୟତମ। ଆମର 'ସୂର୍ଯ୍ୟ' ଗୋଟିଏ ତାରା ବା ନକ୍ଷତ୍ର। ରାତିରେ ଦେଖାଯାଉଥିବା ତାରାଗୁଡ଼ିକ ଗୋଟିଏ ଗୋଟିଏ ବିଶାଳ ସୂର୍ଯ୍ୟ ପରି। ଆମଠାରୁ ବହୁତ ଦୂରରେ ଥିବାରୁ ସେଗୁଡ଼ିକର ତାତି ଆମକୁ ଜଣାପଡ଼େ ନାହିଁ ଓ ସେଗୁଡ଼ିକ ଆମକୁ ଛୋଟ ଛୋଟ ବି ଦିଶନ୍ତି। 'ସୂର୍ଯ୍ୟ' ଆମ ନିକଟରେ ଥିବାରୁ ତାହା ଆମକୁ ବଡ଼ ଦିଶୁଛି ଓ ତା'ଠାରୁ ଆସୁଥିବା କିରଣ ଆମକୁ ଗରମ ଲାଗୁଛି।

ଅନନ୍ତ ମହାକାଶରେ ହିଁ ବିଶାଳ ବିଶାଳ ଛାୟାପଥ ତିଆରି ହୁଅନ୍ତି। ମହାକାଶରେ ରହିଥିବା ଧୂଆଁ ପରି ପଦାର୍ଥରୁ ଛାୟାପଥ ସୃଷ୍ଟି ହୋଇଥାଏ। ସେହି ଧୂଆଁକୁ 'ମହାଜାଗତିକ ବାଦଲ' ବୋଲି କୁହାଯାଏ। ସାଧାରଣତଃ ମହାଜାଗତିକ ବାଦଲଗୁଡ଼ିକ ପରସ୍ପର ପାଖକୁ ଲାଗିଆସି ଛାୟାପଥ ସୃଷ୍ଟି କରନ୍ତି। କୋଟି କୋଟି ତାରା ଗୋଟିଏ ସ୍ଥାନକୁ ଆକର୍ଷିତ ହୋଇଆସିବା ଫଳରେ ଅନେକ ଛାୟାପଥ ମଧ୍ୟ ସୃଷ୍ଟି ହୋଇଛି। ଛାୟାପଥର ସୃଷ୍ଟି ପ୍ରକ୍ରିୟା ସମ୍ପର୍କରେ ଆଉ ଏକ ଚମକ୍ରାର ବିଷୟ ଆମର ଦୃଷ୍ଟିଗୋଚର ହୋଇଛି। 'ନେଚର' ଆନ୍ତର୍ଜାତିକ ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ନିବନ୍ଧ ଅନୁଯାୟୀ ଗୋଟିଏ ଛାୟାପଥ ଆଉ ଗୋଟିଏ ଛାୟାପଥକୁ ସମ୍ପୂର୍ଣ୍ଣ ଗିଳି ଦେବାର ଦେଖିବାକୁ ମିଳିଛି। ସେହି ଭକ୍ଷଣକାରୀ ଛାୟାପଥର ନାମ 'ଆନ୍ଦ୍ରୋମେଡ଼ା'। ଆମଠାରୁ ୨୩ ଲକ୍ଷ ଆଲୋକବର୍ଷ ଦୂରତାରେ ଥିବା ଏହା ଆମର ପଡ଼ୋଶୀ ଛାୟାପଥ। ଏହାର ଅର୍ଥ, ସେକେଣ୍ଡକୁ ୩ ଲକ୍ଷ କିଲୋମିଟର ହିସାବରେ ଆଲୋକ ବେଗରେ ଗଲେ ସେହି ଛାୟାପଥ ନିକଟରେ ପହଞ୍ଚିବା ପାଇଁ ଆମକୁ ୨୩ ଲକ୍ଷ ବର୍ଷ ଲାଗିବ। 'ଆନ୍ଦ୍ରୋମେଡ଼ା' 'ଛାୟାପଥ 'ଟ୍ରାଇଆଙ୍ଗୁଲମ୍' ନାମରେ ଏକ ଛୋଟ ଛାୟାପଥକୁ ଗିଳି ଦେବାର ପ୍ରମାଣ ଜ୍ୟୋତିର୍ବିଜ୍ଞାନୀମାନେ ପାଇଛନ୍ତି। ଛାୟାପଥର ଗଠନ ପ୍ରକ୍ରିୟାରେ ଏଭଳି ଘଟୁଥିବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ଆଜି ତା'ର ପ୍ରମାଣ ମିଳିପାରିଛି।

ଆନ୍ଦ୍ରୋମେଡ଼ା ଛାୟାପଥର ଏଭଳି ଅଦ୍ଭୁତ କାଣ୍ଡକୁ ଟେଲିସ୍କୋପ୍ ଦ୍ୱାରା ଦେଖାଯାଇଥିଲା। ଆନ୍ଦ୍ରୋମେଡ଼ା ଆର୍କିଓଲୋଜିକାଲ୍ ସର୍ଭେର ସଦସ୍ୟମାନେ ଏହି ଫଟୋ ଉଠାଇଥିଲେ। ଯାହା ଜଣାପଡ଼ିଛି, ଆନ୍ଦ୍ରୋମେଡ଼ା ଛାୟାପଥର ପ୍ରବଳ ମାଧ୍ୟାକର୍ଷଣ ବଳ ଦ୍ୱାରା 'ଟ୍ରାଇଆଙ୍ଗୁଲମ୍' ଛାୟାପଥ ଆକର୍ଷିତ ହେବା ପରେ ଏଭଳି ଘଟିଥିଲା। ବଡ଼ ଛାୟାପଥଟି ଛୋଟ ଛାୟାପଥର କୋଟି କୋଟି ତାରା ଓ ମହାଜାଗତିକ ବାଦଲକୁ ଧୀରେ ଧୀରେ ଗିଳି ଦେଇଥିଲା। ଏହି ପ୍ରକ୍ରିୟା ସକାଶେ ୩୦୦ କୋଟି ବର୍ଷ ଲାଗିଥିଲା। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋନୋମିରେ କାର୍ଯ୍ୟରତ ଜ୍ୟୋତିର୍ବିଜ୍ଞାନୀ ମାଇକ୍ ଇରୱଇନ୍‌ଙ୍କ କହିବା ଅନୁଯାୟୀ, କେବଳ ଆନ୍ଦ୍ରୋମେଡ଼ା ଛାୟାପଥ ଏହିପରି ତିଆରି ହୋଇନାହିଁ। ଆମ ଛାୟାପଥ ଆକାଶଗଙ୍ଗା ଏବଂ ଅନନ୍ତ ମହାକାଶରେ ଆହୁରି ଅନେକ ବିଶାଳ ଛାୟାପଥ ଏହିପରି ତିଆରି ହୋଇଛନ୍ତି।



ବିଶାଳ ଛାୟାପଥଗୁଡ଼ିକ ସେମାନଙ୍କର ନିକଟବର୍ତ୍ତୀ ଛାୟାପଥକୁ ଭକ୍ଷଣ କରିବା ପରେ ଭକ୍ଷିତ ଛାୟାପଥର କିଛି ତାରା ଓ ବାଦଲଗୁଡ଼ିକ ଭକ୍ଷକ ଛାୟାପଥ ଚାରିପଟେ ପଡ଼ି ରହିବା କଥା। କିନ୍ତୁ ବିଶାଳ ଛାୟାପଥଗୁଡ଼ିକ ଆମକୁ ସବୁଦିଗରୁ ଏକାପରି (ସମମୀତ, ସିମେଟ୍ରିକାଲ୍) ଦେଖାଯାଏ। ତେଣୁ ଆମେ ଭକ୍ଷିତ ଛାୟାପଥ ବିଷୟରେ ସୂଚନା ପାଇବା ସମ୍ଭବ ନ ଥିଲା କିମ୍ବା ବିଶାଳ ଛାୟାପଥର ଭକ୍ଷକ ଗୁଣ ବିଷୟରେ ଜାଣିବା ଆମ ପକ୍ଷରେ ସହଜ ନ ଥିଲା। କିନ୍ତୁ ଏବେ ଯେଉଁ ଦୂରବୀକ୍ଷଣ ଯନ୍ତ୍ରର ସହାୟତା ନିଆଯାଇଛି, ତା'ର ଡିଜିଟାଲ୍ କ୍ୟାମେରା ଦ୍ୱାରା ପ୍ରାୟ ୧୦ ଲକ୍ଷ ଆଲୋକବର୍ଷ ଓସାରର ଆକାଶକୁ ଏକ ସଙ୍ଗରେ ସ୍ପଷ୍ଟ ଦେଖାଯାଇପାରିବ। ସେଥିପାଇଁ ଗୋଟିଏ ଛାୟାପଥର କେନ୍ଦ୍ରଠାରୁ କୋଟି କୋଟି କି.ମି. ଦୂରରେ ରହିଥିବା ପାରିପାର୍ଶ୍ୱିକ ଅବସ୍ଥାକୁ ନିଖୁଣ ଭାବରେ ଦେଖିବା ସମ୍ଭବ ହୋଇପାରିଛି। ଛାୟାପଥ ଚାରିପଟେ ରହିଥିବା କ୍ଷୀଣ (ଅନୁଜ୍ଜ୍ୱଳ) ତାରାଗୁଡ଼ିକୁ ମଧ୍ୟ ଦେଖିବା ସମ୍ଭବ ହୋଇପାରିଛି। ଆନ୍ଦ୍ରୋମେଡ଼ା ଛାୟାପଥର ନିଖୁଣ ପାରିପାର୍ଶ୍ୱିକ ଚିତ୍ର ମହାକାଶ ବିଜ୍ଞାନୀମାନଙ୍କର ଆଖି ଖୋଲିଦେଇଛି। ଆନ୍ଦ୍ରୋମେଡ଼ାର ଚାରିପାଖରେ ପଡ଼ି ରହିଥିବା 'ଟ୍ରାଇଆଙ୍ଗୁଲମ୍' ଛାୟାପଥର ଅବଶିଷ୍ଟାଂଶକୁ ଭଲ ଭାବରେ ଚିହ୍ନଟ କରିବା ସମ୍ଭବ ହୋଇଛି। ତେଣୁ ଛାୟାପଥଗୁଡ଼ିକର ଭକ୍ଷକ ଗୁଣ ବିଷୟରେ ବୈଜ୍ଞାନିକମାନେ ନିଶ୍ଚିତ ହୋଇପାରିଛନ୍ତି। ପୂର୍ବରୁ ଆନ୍ଦ୍ରୋମେଡ଼ା ଛାୟାପଥକୁ ଏକ ସାଧାରଣ ଛାୟାପଥ ଭାବରେ ନିଆଯାଉଥିଲା। କିନ୍ତୁ ଆଜି ଭକ୍ଷକ ଆନ୍ଦ୍ରୋମେଡ଼ାର କଳ୍ପନାତୀତ ବିଶାଳକାୟ ରୂପ ସମସ୍ତଙ୍କୁ ବିସ୍ମିତ କରିଛି।

-ଓ.ଇ.ଏସ୍-୧, ବିଜ୍ଞାନ ଏକାଡେମୀ
ସଦସ୍ୟ, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ
ସରକାରୀ ମହାବିଦ୍ୟାଳୟ
ମୋ: ୯୪୩୯୫୦୧୬୫୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୧୦/୨୦୨୩ Bhubaneswar, Monday, July 10/ 2023

# ହେଡିଂଲେରେ ଜିତିଲା ଇଂଲଣ୍ଡ


ଇଂଲଣ୍ଡ ଜିତିବା ପରେ ଉଲ୍ଲସିତ କ୍ରିସ୍ ଓକ୍ସ ଓ ମାର୍କ ଉଡ୍।


ହ୍ୟାରୀ ବ୍ରୁକ୍

## ଆଶେସ୍ ଟେଷ୍ଟ ସିରିଜ୍

**ହେଡିଂଲେ, ୯।୭**

କ୍ରମାଗତ ଦୁଇଟି ମ୍ୟାଚରେ ବାଜବଲ୍ ଫେଲ୍ ମାରିବା ପରେ ହେଡିଂଲେରେ ଅନୁଷ୍ଠିତ ତୃତୀୟ ଟେଷ୍ଟ ମ୍ୟାଚକୁ ଜିତି ନେଇଛି ଇଂଲଣ୍ଡ। ହ୍ୟାରୀ ବ୍ରୁକ୍ଙ୍କ ଜବରଦସ୍ତ ଅର୍ଦ୍ଧଶତକ ସହିତ ନିମ୍ନକ୍ରମରେ କ୍ରିସ୍ ଓକ୍ସ ଓ ମାର୍କ ଉଡ୍ଙ୍କ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆକୁ ୩ ଉଇକେଟରେ ପରାସ୍ତ କରିଛି ଇଂଲଣ୍ଡ। ଏହା ସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଦଳ ୧-୨ରେ ପଛୁଆ ରହିଛି। ବିଜୟ ପାଇଁ ୨୫୧ ରନ୍ ଆବଶ୍ୟକ ଥିବା ବେଳେ ଇଂଲଣ୍ଡ ଆଉଥରେ ସକରାତ୍ମକ କ୍ରିକେଟ ଖେଳିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୨୭/୦ ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଆଉ ୧୫ ରନ ଯୋଡିବା ପରେ ବେନ୍ ଡକେଟ୍ଙ୍କ ଉଇକେଟ ହରାଇଥିଲା। ମୋଇନ୍ ଅଲୀ ୫ ଓ ଜୋ ରୁଟ୍ ୨୧ ବିଶେଷ କିଛି କରି ପାରି ନ ଥିବା ବେଳେ ହ୍ୟାରୀ ବ୍ରୁକ୍ ଖେଳିଥିଲେ ୭୫ ରନ୍‌ର ଚମତ୍କାର ଇନିଂସ। ବେନ୍ ଷ୍ଟୋକ୍ସ(୧୩) ଓ ଜନି ବେୟାରଷ୍ଟୋ(୫) ମାତ୍ର ୧୦ ରନ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରବାରୁ ଇଂଲଣ୍ଡ ୧୭୧ ରନ୍‌ରେ ୬ ଉଇକେଟ ହରାଇଥିଲା। ବ୍ରୁକ୍ସ କିନ୍ତୁ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହିତ କ୍ରିସ୍ ଓକ୍ସ(୩୨*)ଙ୍କୁ ସାଥୀ କରି ୫୯ ରନ୍ ଯୋଡିଥିଲେ। ୯୩ ବଲ୍ ଖେଳି ବ୍ରୁକ୍ ୯ ଚୌକା ମାରିଥିଲେ। ବିଜୟ ପାଇଁ ୨୧ ରନ୍ ଆବଶ୍ୟକ ଥିବା ବେଳେ ବଡ ଶଟ୍ ଖେଳିବାକୁ ଯାଇ ବ୍ରୁକ୍ ଆଉଟ ହୋଇଥିଲେ। ତେବେ କ୍ରିସ୍ ଓକ୍ସ ଓ ମାର୍କ ଉଡ୍ ୧୬* ରହି ଦଳକୁ ବିଜୟୀ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ଘାତକ ବୋଲିଂ କରି ୫ ଉଇକେଟ ନେଇଥିଲେ। ୮୦ ତମ ଟେଷ୍ଟରେ ଏହା ଷ୍ଟାର୍କଙ୍କର ୧୪ତମ ୫ ଉଇକେଟ ସଫଳତା। ଅନ୍ୟମାନଙ୍କ ମଧ୍ୟରେ ପ୍ୟାଟ କ୍ୟୁମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ସଫଳତା (୪୧ ରନ୍ ଓ ୭ ଉଇକେଟ) ପାଇଁ ମାର୍କ ଉଡ୍ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୬୩ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୭ ରନ୍ ପଛରେ ରହିଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ୨୨୪ ରନ୍‌ରେ ଅଲଆଉଟ ହେବା ସହିତ ୨୫୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୨୬୩/୧୦। ଇଂଲଣ୍ଡ ପ୍ରଥମ ଇନିଂସ-୨୩୭/୧୦। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-୨୨୪/୧୦। ଇଂଲଣ୍ଡ ଦ୍ୱିତୀୟ ଇନିଂସ-୨୫୪/୭(ହ୍ୟାରୀ ବ୍ରୁକ୍-୭୫, ଜ୍ୟାକ୍ କ୍ରଲି-୪୪, କ୍ରିସ୍ ଓକ୍ସ-୩୨*, ମିଚେଲ୍ ଷ୍ଟାର୍କ-୫/୭୮, ମିଚେଲ୍ ମାର୍ଶ-୧/୨୩, ପ୍ୟାଟ୍ କ୍ୟୁମିନ୍ସ-୧/୭୭)।

## ୱିମ୍ବଲଡନ ଟେନିସ

### କ୍ୱାର୍ଟର ଫାଇନାଲରେ ରୁବଲେଭ, ସାଫିଉଲିନ

**ଲଣ୍ଡନ, ୯।୭**

ରୁଷିଆର ଆନ୍ଦ୍ରେ ରୁବଲେଭ୍ ଓ ରୋମାନ ସାଫିଉଲିନ ଏବଂ ଇଟାଲୀର ଜାନେକ ସିନେର ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ୫ ସେଟ୍ ବିଶିଷ୍ଟ ରାଉଣ୍ଡ ଅଫ୍-୧୬ ମ୍ୟାଚରେ ରୁବଲେଭ କାଜାଖସ୍ତାନର ଆଲେକଜାଣ୍ଡର ବୁବ୍ଲିକ୍ଙ୍କୁ ୭-୫, ୬-୩, ୬-୭ (୬/୮), ୬-୭ (୫/୭), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟଏକ ମ୍ୟାଚରେ ୮୨ ର୍‍ୟାଙ୍କପ୍ରାପ୍ତ ସାଫିଉଲିନ ୩-୬, ୬-୩, ୬-୧, ୬-୩ ସେଟ୍‌ରେ ୨୬ ର୍‍ୟାଙ୍କରେ ଥିବା ଡେନିସ ଶାପୋଭାଲୋଭଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ସିନେର ୭-୬ (୭/୪), ୬-୪, ୬-୩ ସେଟ୍‌ରେ କଲମ୍ବିଆର ଡାନିଏଲ ଇଲାହି ଗଲନଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଆମେରିକାର ଜେସିକା ପେଗୁଲା, ଚେକ୍ ରିପବ୍ଲିକର ମାର୍କେଟା ଭନ୍ଦ୍ରୋସୋଭା କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ୪ର୍ଥ ସିଡ୍ ପେଗୁଲା ରାଉଣ୍ଡ ଅଫ୍-୧୬ ମ୍ୟାଚରେ ୟୁକ୍ରେନର ଲେସିଆ ସୁରେଙ୍କୋଙ୍କୁ ୬-୧, ୬-୩ ସେଟ୍‌ରେ ହରାଇଛନ୍ତି। ସେହିପରି ଭନ୍ଦ୍ରୋସୋଭା ୨-୬, ୬-୪, ୬-୩ ସେଟ୍‌ରେ ମାରି ବୌଜ୍‌କୋଭାଙ୍କୁ ପରାସ୍ତ କରିଛନ୍ତି।

### ୟୁକି, ବୋପାନ୍ନାଙ୍କ ବିଦାୟ

**ଲଣ୍ଡନ, ୯।୭ (ପି.ଟି.)**

ଭାରତୀୟ ଯୋଡ଼ି ୟୁକି ଭାମ୍ବ୍ରି ଓ ସାକେଥ ମାଇନେନି ୱିମ୍ବଲଡନ ଓପନ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସେମାନେ ସ୍ପେନର ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନା ଓ ଫ୍ରାନ୍ସର ଆଡ୍ରିଆନ ମାନ୍ନାରିନୋଙ୍କଠାରୁ ୪-୬, ୬-୪, ୪-୬ ସେଟ୍‌ରେ ହାରିଯାଇଛନ୍ତି। ମିକ୍ସଡ ଡବଲ୍ସରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ରୋହନ ବୋପାନ୍ନା ଓ ଗାବ୍ରିଲା ଡାବୋସ୍କି ଇଭାନ ଡଡିଗ୍ ଓ ଲାଟିଶା ଚାନ୍ଙ୍କଠାରୁ ୭-୬ (୫), ୩-୬, ୪-୬ରେ ପରାସ୍ତ ହୋଇଛନ୍ତି।

# ଆନ୍ତଃ ଜିଲା ମହିଳା ଟି୨୦: ଯାଜପୁର ଚାମ୍ପିୟନ



ଚାମ୍ପିୟନ ଯାଜପୁର ମହିଳା କ୍ରିକେଟ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**କଟକ, ୯।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ରେଭେନଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଭୁବନେଶ୍ୱରକୁ ହରାଇ ଯାଜପୁର ଚାମ୍ପିଅନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୨୦ ଓଭରରେ ୪ ଉଇକେଟ ହରାଇ ୧୧୧ରନ କରିଥିଲା। ସୁଶ୍ରୀ ଦିବ୍ୟଦର୍ଶିନୀ ସର୍ବାଧିକ ୩୩ରନ କରିଥିଲେ। ଜି.ଏମ ଅଲକାନନ୍ଦା ୫୦ବଲରୁ ୨୨ରନର ଧିମା ଇନିଂସ ଖେଳିଥିଲେ। ଯାଜପୁର ପକ୍ଷରୁ ଡି. କାଳନ୍ଦି, କାଜଲ ଜେନା ଏବଂ ସୁଚିସ୍ମିତା ପଣ୍ଡାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଜବାବରେ ଯାଜପୁର ୧୮.୧ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓପନର କାଜଲ ୭୫ ଏବଂ ଅଲିପ୍ସା ବିଶ୍ୱାଳ ୩୯ ରନରେ ଅପରାଜିତ ରହି ଦଳକୁ ଟାଇଟଲ ଜିତାଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା କାଜଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରେଭେନଶା ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଡ.ଅସୀମା ସାହୁ, ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, ସିଇଓ ସୁବ୍ରତ କୁମାର ବେହେରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଜନ କୁମାର ଖୁଣ୍ଟିଆ, ସୁଶାନ୍ତ କୁମାର ମହାନ୍ତି, ଶିବବ୍ରତ ମଲିକ, ନିର୍ବାଣ ରାୟ, ବିଜୟ କୁମାର ଦାସ, ଅମିତ ବେହେରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ଏସିଆନ ପୁରୁଷ ଭଲିବଲ ଚ୍ୟାଲେଞ୍ଜ୍ କପ୍

# ବିଜୟ ସହ ଭାରତର ଅଭିଯାନ

**ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)**

ତାଇପେରେ ଚାଲିଥିବା ଏସିଆନ ପୁରୁଷ ଭଲିବଲ ଚ୍ୟାଲେଞ୍ଜ୍ କପ୍‌ରେ ଭାରତୀୟ ସିନିୟର ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତ ଶକ୍ତିଶାଳୀ ହଂକଂ, ଚାଇନାକୁ ୩:୦ (୨୫-୨୨, ୨୫-୧୮, ୨୫-୧୭)ରେ ପରାସ୍ତ କରିଛି। ଆଟାକର ଚିରାଗ, ନିୟାଶ ଓ ରାହୁଲ, ବ୍ଲକର ପ୍ରିନ୍ସ, ଅଲ୍‌ରାଉଣ୍ଡର ମନୋଜ ଏବଂ ସେଟର ସାକଲେନ ବିଜୟତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏସିଆର ୧୫ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ଭାରତ ପୁଲ୍ 'ସି'ରେ ଉଜବେକିସ୍ତାନ ଓ ହଂକଂ ଚାଇନା ସହିତ ସ୍ଥାନୀତ ହୋଇଛି। ପ୍ରକାଶଯୋଗ୍ୟ ଯେ, ଭାରତୀୟ ଦଳ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କ୍ୟାମ୍ପରେ ଟ୍ରେନିଂ ନେବାପରେ ତାଇପେ ଯାତ୍ରା କରିଛି। ଚଳିତମାସ ୧୫ରେ ପ୍ରତିଯୋଗିତା ଶେଷ ହେବ।


ମ୍ୟାଚ ଜିତିବା ପରେ ଭାରତୀୟ ଖେଳାଳିଙ୍କ ସେଲ୍‌ଫି।

## ଦିନିକିଆ ବିଶ୍ୱକପ୍ ଚୂଡ଼ାନ୍ତ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୫ ଅକ୍ଟୋବର | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅହମଦାବାଦ |
| ୬ ଅକ୍ଟୋବର | ପାକିସ୍ତାନ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୭ ଅକ୍ଟୋବର | ବାଂଲାଦେଶ ବନାମ ଆଫଗାନିସ୍ତାନ | ଧର୍ମଶାଳା |
| ୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| **୮ ଅକ୍ଟୋବର** | **ଭାରତ ବନାମ ଅଷ୍ଟ୍ରେଲିଆ** | **ଚେନ୍ନାଇ** |
| ୯ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୧୦ ଅକ୍ଟୋବର | ଇଂଲଣ୍ଡ ବନାମ ବାଂଲାଦେଶ | ଧର୍ମଶାଳା |
| **୧୧ ଅକ୍ଟୋବର** | **ଭାରତ ବନାମ ଆଫଗାନିସ୍ତାନ** | **ଦିଲ୍ଲୀ** |
| ୧୨ ଅକ୍ଟୋବର | ପାକିସ୍ତାନ ବନାମ ଶ୍ରୀଲଙ୍କା | ହାଇଦ୍ରାବାଦ |
| ୧୩ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ଲକ୍ଷ୍ନୌ |
| ୧୪ ଅକ୍ଟୋବର | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୪ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ଚେନ୍ନାଇ |
| **୧୫ ଅକ୍ଟୋବର** | **ଭାରତ ବନାମ ପାକିସ୍ତାନ** | **ଅହମଦାବାଦ** |
| ୧୬ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| ୧୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ୍ସ | ଧର୍ମଶାଳା |
| ୧୮ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| **୧୯ ଅକ୍ଟୋବର** | **ଭାରତ ବନାମ ବାଂଲାଦେଶ** | **ପୁଣେ** |
| ୨୦ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୨୧ ଅକ୍ଟୋବର | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ମୁମ୍ବାଇ |
| ୨୧ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| **୨୨ ଅକ୍ଟୋବର** | **ଭାରତ ବନାମ ନ୍ୟୁଜିଲାଣ୍ଡ** | **ଧର୍ମଶାଳା** |
| ୨୩ ଅକ୍ଟୋବର | ପାକିସ୍ତାନ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୨୪ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ମୁମ୍ବାଇ |
| ୨୫ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ଦିଲ୍ଲୀ |
| ୨୬ ଅକ୍ଟୋବର | ଇଂଲଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୨୭ ଅକ୍ଟୋବର | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ |
| ୨୮ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ବାଂଲାଦେଶ | କୋଲକାତା |
| ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| **୨୯ ଅକ୍ଟୋବର** | **ଭାରତ ବନାମ ଇଂଲଣ୍ଡ** | **ଲକ୍ଷ୍ନୌ** |
| ୩୦ ଅକ୍ଟୋବର | ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା | ପୁଣେ |
| ୩୧ ଅକ୍ଟୋବର | ପାକିସ୍ତାନ ବନାମ ବାଂଲାଦେଶ | କୋଲକାତା |
| ୧ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| **୨ ନଭେମ୍ବର** | **ଭାରତ ବନାମ ଶ୍ରୀଲଙ୍କା** | **ମୁମ୍ବାଇ** |
| ୩ ନଭେମ୍ବର | ନେଦରଲାଣ୍ଡ୍ସ ବନାମ ଆଫଗାନିସ୍ତାନ | ଲକ୍ଷ୍ନୌ |
| ୪ ନଭେମ୍ବର | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅହମଦାବାଦ |
| ୪ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| **୫ ନଭେମ୍ବର** | **ଭାରତ ବନାମ ଦକ୍ଷିଣ ଆଫ୍ରିକା** | **କୋଲକାତା** |
| ୬ ନଭେମ୍ବର | ବାଂଲାଦେଶ ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| ୭ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ | ମୁମ୍ବାଇ |
| ୮ ନଭେମ୍ବର | ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ | ପୁଣେ |
| ୯ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧୦ ନଭେମ୍ବର | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | ଅହମଦାବାଦ |
| **୧୧ ନଭେମ୍ବର** | **ଭାରତ ବନାମ ନେଦରଲାଣ୍ଡ୍ସ** | **ବେଙ୍ଗାଲୁରୁ** |
| ୧୨ ନଭେମ୍ବର | ଇଂଲଣ୍ଡ ବନାମ ପାକିସ୍ତାନ | କୋଲକାତା |
| ୧୨ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ପୁଣେ |
| ୧୫ ନଭେମ୍ବର | ସେମି ଫାଇନାଲ-୧ | ମୁମ୍ବାଇ |
| ୧୬ ନଭେମ୍ବର | ସେମି ଫାଇନାଲ-୨ | କୋଲକାତା |
| ୧୯ ନଭେମ୍ବର | ଫାଇନାଲ | ଅହମଦାବାଦ |

# ଶ୍ରୀଲଙ୍କା ବିଶ୍ୱକପ୍ କ୍ୱାଲିଫାୟର ଚାମ୍ପିୟନ


ଚାମ୍ପିୟନ ଶ୍ରୀଲଙ୍କା ଦଳ ଟ୍ରଫି ସହ।

**ହରାରେ, ୯।୭**

ନେଦରଲାଣ୍ଡ୍ସକୁ ପରାସ୍ତ କରି ବିଶ୍ୱକପ୍ କ୍ୱାଲିଫାୟରରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଶ୍ରୀଲଙ୍କା। ରବିବାର ହରାରେ ସ୍ପୋର୍ଟ୍ସ କ୍ଲବରେ ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୨୩୩ ରନ୍ କରିଥିଲା। ଜବାବରେ ନେଦରଲାଣ୍ଡ୍ସ ୧୦୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ପକ୍ଷରୁ ଦୁଇ ଓପନର ପାଥୁମ୍ ନିଶଙ୍କା ୨୩ ଓ ସମରୱିକ୍ରମା ୧୯ ରନ୍ କରିଥିଲେ। ପାର୍ଟ ଟାଇମର ବିକ୍ରମଜିତ ସିଂ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ୩ ବ୍ୟାଟର କୁଶଲ ମେଣ୍ଡିସ୍ ୪୩, ସାହାନ୍ ଆରାଛିଗେ ୫୭ ଓ ଚରିଥ୍ ଅସଲଙ୍କା ୩୬ ରନ୍ କରିଥିଲେ। ଏକଦା ୧୮୦ ରନ୍‌ରେ ୩ ଉଇକେଟ ହରାଇଥିବା ଶ୍ରୀଲଙ୍କା ପରବର୍ତ୍ତୀ ୧୦ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଦ୍ୱିତୀୟ ଦିନିକିଆ ଖେଳୁଥିବା ସାହାନ୍ ଆରାଛିଗେ ୭୧ ବଲ୍ ଖେଳି ୪ ଚୌକା ମାରିଥିଲେ। ଶେଷ ଆଡକୁ ୱନିନ୍ଦୁ ହସରଙ୍ଗା ୨୯ ଓ ମହୀଷ ଥିକ୍ସାନା ୧୩ ରନ୍ କରିବାରୁ ଶ୍ରୀଲଙ୍କା ୪୭.୫ ଓଭରରେ ୨୩୩ ରନରେ ସମସ୍ତ ଉଇକେଟ ହରାଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଲୋଗାନ୍ ଭାନ୍ ବିକ୍, ର୍‍ୟାନ କ୍ଲେନ୍, ବିକ୍ରମଜିତ ସିଂ ଓ ସାକିବ ଜୁଲଫିକର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୨୩୪ ରନ୍ ଲକ୍ଷ୍ୟରେ ନେଦରଲାଣ୍ଡ୍ସ ଆରମ୍ଭ ବେଶ୍ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ଦିଲଶାନ ମଦୁଶନକା ଘାତକ ବୋଲିଂ କରିବାରୁ ନେଦରଲାଣ୍ଡ୍ସ ୪୯ ରନ୍‌ରେ ୬ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ମାତ୍ର ୩ଜଣ ଖେଳାଳି ଦୁଇଅଙ୍କ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଓପନର ମ୍ୟାକ୍ସ ଡି ଓଡ୍ ସର୍ବାଧିକ ୩୩ ରନ୍ ସ୍କୋର କରିଥିଲେ। ମଦୁଶନକାଙ୍କ ବ୍ୟତୀତ ମହୀଷ ଥିକ୍ସାନା ୪ ଓ ୱନିନ୍ଦୁ ହସରଙ୍ଗା ଦୁଇଟି ଉଇକେଟ ନେଇଥିଲେ। ଦିଲସାନ ମଦୁଶନକାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଜିମ୍ବାୱେର ସନ୍ ୱିଲିୟମ୍ସଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ବିବେଚନା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୭.୫ ଓଭରରେ ୨୩୩/୧୦ (ସାହାନ୍ ଆରାଛିଗେ-୫୭, କୁଶଲ ମେଣ୍ଡିସ୍-୪୩, ଚରିଥ୍ ଅସଲଙ୍କା-୩୬, ଲୋଗାନ୍ ଭାନ୍ ବିକ୍-୨/୪୦, ର୍‍ୟାନ କ୍ଲେନ୍,-୨/୪୨, ବିକ୍ରମଜିତ ସିଂ-୨/୧୨)।
ନେଦରଲାଣ୍ଡ୍ସ ୨୩.୩ ଓଭରରେ ୧୦୫/୧୦(ମ୍ୟାକ୍ସ ଡି ଓଡ୍-୩୩, ଲୋଗାନ୍ ଭାନ୍ ବିକ୍-୨୦*, ମହୀଷ ଥିକ୍ସାନା-୪/୩୧, ଦିଲଶାନ ମଦୁଶନକା-୩/୧୮, ୱନିନ୍ଦୁ ହସରଙ୍ଗା-୨/୩୫)।

# ହରମନ୍‌ପ୍ରୀତଙ୍କ ଅର୍ଦ୍ଧଶତକରେ ଜିତିଲା ଭାରତ

## ପ୍ରଥମ ମହିଳା ଟି୨୦

**ମୀରପୁର, ୯।୭(ପି.ଟି.)**

ବାଂଲାଦେଶ ବିପକ୍ଷ ପ୍ରଥମ ମହିଳା ଟି୨୦ ମ୍ୟାଚରେ ଭାରତକୁ ଜିତାଇଛନ୍ତି ଅଧିନାୟିକା ହରମନ୍‌ପ୍ରୀତ କୌର ଓ ସ୍ପିନର। ପ୍ରଥମେ ଭାରତୀୟ ସ୍ପିନର ବାଂଲାଦେଶକୁ ମାତ୍ର ୧୧୪ ରନ୍‌ରେ ସୀମିତ ରଖିବା ପରେ ହରମନ୍‌ପ୍ରୀତଙ୍କ ଅପରାଜିତ ୫୪ ରନ୍ ବଳରେ ଭାରତ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା।

ରବିବାର ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ବାଂଲାଦେଶର ଦୁଇ ଓପନର ସାଥୀ ରାଣୀ(୨୨) ଓ ଶମିମା ସୁଲତାନା(୧୭) ପ୍ରଥମ ଉଇକେଟରେ ୨୭ ରନ୍ ଯୋଡିଥିଲେ। ଭାରତ ପାଇଁ ପଦାର୍ପଣ କରିଥିବା କେରଳର ମିନ୍ନୁ ମଣି ସୁଲତାନାଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ଶୋଭନା ମୋଷ୍ଟାରେଙ୍କ ସହିତ ୨୫ ରନ୍ ଯୋଡିବା ପରେ ରାଣୀଙ୍କୁ ଆଉଟ କରିଥିଲେ ପୂଜା ବସ୍ତ୍ରକାର। ଶେଷ ଆଡକୁ ଶୋରନା ଅଖତର ୨୮ ରନ୍ କରିବାରୁ ବାଂଲାଦେଶ ୧୦୦ ରନ୍ ପାର କରିଥିଲା। ଭାରତ ପକ୍ଷରୁ ମିନ୍ନୁ ମଣି, ପୂଜା ବସ୍ତ୍ରକାର ଓ ଶେଫାଳି ବର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ୫ ଉଇକେଟ ହରାଇ ୧୧୪ ରନ୍ କରିଥିଲା।

୧୧୫ ରନ୍ ଲକ୍ଷ୍ୟରେ ଭାରତର ଆରମ୍ଭ ଆଦୌ ଭଲ ରହି ନ ଥିଲା। ମାତ୍ର ୧ ରନ୍‌ରେ ଶେଫାଳି ବର୍ମାଙ୍କ ଉଇକେଟ ହରାଇଥିଲା ଭାରତ। ଦଳୀୟ ସ୍କୋର ୨୧ ରନ୍‌ରେ ଜେମିମା ରୋଡ୍ରିଗୁଏଜ(୧୧) ଆଉଟ ହୋଇଥିଲେ। ତେବେ ସ୍ମୃତି ମନ୍ଧାନା(୩୮) ଓ ହରମନ୍‌ପ୍ରୀତ (୫୪*) ତୃତୀୟ ଉଇକେଟରେ ୭୦ ରନ୍ ଯୋଡ ଭାରତକୁ ବିଜୟ ପଥକୁ ଆଣିଥିଲେ। ହରମନ୍‌ପ୍ରୀତଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୧୪/୫ (ଶୋରନା ଅଖତର-୨୮*, ସାଥୀ ରାଣୀ-୨୨, ଶୋଭନା ମୋଷ୍ଟାରେ-୨୩, ପୂଜା ବସ୍ତ୍ରକାର-୧/୧୬, ଶେଫାଳି ବର୍ମା-୧/୧୮, ମିନ୍ନୁ ମଣି-୧/୨୧)। ଭାରତ ୧୬.୨ ଓଭରରେ ୧୧୮/୩ (ହରମନ୍‌ପ୍ରୀତ୍ କୌର-୫୪, ସ୍ମୃତି ମନ୍ଧାନା-୩୮, ସୁଲତାନା ଖାତୁନ-୨/୨୫, ମାରୁଫା ଅଖତର-୧/୧୮)।


ଉଇକେଟ ନେବା ପରେ ମିନ୍ନୁ ମଣିଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଧାମ୍‌ନେ ବାଳକ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ

**ଲଣ୍ଡନ, ୯।୭ (ପି.ଟି.):** ଯୁବ ଭାରତୀୟ ଟେନିସ ଖେଳାଳି ମାନସ ଧାମ୍‌ନେ ୱିମ୍ବଲଡନ ବାଳକ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ୪୭ ର୍‍ୟାଙ୍କିଂପ୍ରାପ୍ତ ଅଷ୍ଟ୍ରେଲିଆର ୧୬ ବର୍ଷୀୟ ହେଡେନ ଜୋନ୍ସଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଧାମ୍‌ନେ ଇଟାଲୀରେ ଥିବା ପିଆଟି ଟେନିସ ସେଣ୍ଟରଠାରେ ଟ୍ରେନିଂ ନେଉଥିଲେ। ପୂର୍ବରୁ ସେ କ୍ୱାଲିଫାଇଙ୍ଗ ପ୍ରଥମ ରାଉଣ୍ଡରେ ସର୍ବିୟାର ଭିକ୍ ରାଡ୍‌ଜେନୋଭିଚ୍ଙ୍କୁ ୬-୩, ୬-୧ରେ ପରାସ୍ତ କରିଥିଲେ। ପରେ ସେ ତୁର୍କୀର ଅଟକାନ କାରାହାନ୍ଙ୍କ ବିପକ୍ଷରେ ଖେଳିଥିବା ଏକ ୩ ସେଟ୍ ବିଶିଷ୍ଟ ମ୍ୟାଚ ଜିତିନେଇଥିଲେ। ଏହି ସିଜନରେ ୧୫ ବର୍ଷୀୟ ଧାମାନେଙ୍କର ଏହା ହେଉଛି ଦ୍ୱିତୀୟ ଜୁନିୟର ଗ୍ରାଣ୍ଡସ୍ଲାମ ପଦାର୍ପଣ। ସେ ଅଷ୍ଟ୍ରେଲିଆନ ଓପନରେ ଭାଗ ନେଇଥିଲେ, କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସେ ରିଟାୟାର୍ଡ ନେଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ